

# କେତେଦୂରେ ଚନ୍ଦ୍ର

ପ୍ରଗତି ସାହିତ୍ୟ ମନ୍ଦିରର ଅବଦାନ ନଂ ୨୦

# କେତେ ଦୂରେ ଚନ୍ଦ୍ର

ଶ୍ରୀ ବ୍ରଜମୋହନ ମହାନ୍ତି

ପ୍ରକାଶକ—

ପ୍ରଗତି ସାହିତ୍ୟ ମନ୍ଦିର - ଦେଉଳସାହି, କଟକ -୧

ପ୍ରଥମ ପ୍ରକାଶନ—୧୯୬୪

ମୂଲ୍ୟ— ଟ ୧ ୫

✹

—ମୁଦ୍ରାକର—

ଶ୍ରୀ ଚନ୍ଦ୍ରମଣି ଦାସ,

ପ୍ରଗତି ପ୍ରେସ

ଦେଉଳସାହି, କଟକ—୧

✹

—ପ୍ରକାଶକ—

ଶ୍ରୀ ଉମାଚରଣ ଦାସ,

ପ୍ରଗତି ସାହିତ୍ୟ ମନ୍ଦିର, କଟକ—୧



ஸ்ரீ ______________________________

______________________________

## ପରବର୍ତ୍ତୀ ଆକର୍ଷଣ

# ନରୋଲା ଘାଟେ

ଲେଖକ—ଶ୍ରୀ ଚନ୍ଦ୍ରମଣି ଦାସ,

*

# ଅଭ୍ୟୁଦୟ

( ଘଟନା ମୂଳକ ଶ୍ରେଷ୍ଠ ନାଟକ )

ଲେଖକ—ଶ୍ରୀ କମଳ ଲୋଚନ ମହାନ୍ତି

ଗାଁ ଗହଳିର ନୁଖୁରା ଝାଙ୍କିବଣ ଭିତରେ ପୁରେଇ [illegible] ଧୋବ ଫର ଫର ଜୋଛନା ଆଲୁଅ ଟିକି ମିକି ହୁଏ । ଫୁଲ୍ [illegible] ଚହଟାଳି ପବନ ଗାଁ ତଳି ଦେଇ ବହି ଗୁଲୁଯାଏ ।

କଅଁଳ ଦିନର ସରସ୍ ଶିଖୁଣ୍ଡି ଛବି, ଦୂର ଅମ୍ବତୋଟାର ଗଛ ଗହଳ ଭିତରେ ପବନର ସାଇଁ ସାଇଁ ସୁର, ଘେଣ୍ଟ ଟିକି ପାହାଡ଼ୀ ଗାଁର ସୁଲଳିତ ଝଙ୍କାର—ତାର ବାନ୍ଧି ରଖିଛନ୍ତି ମୋର ସ୍ୱପ୍ନିଳ ମନକୁ ।

ଜନମ ମାଟିର ସୁଖ ଶରଧା ଭୁଲିବାକୁ ବହୁତ ଆଜି ଡେରି । ଏଇ ମାଟିରେ ଜନମ ମୋର, ବୟସ ଅଛି ଷୋହଳ ଟପିଲାଣି ।

ଜୀବନ ତଳର ଛୋଟ ବଡ଼ ଅବୁଝା ରହସ୍ୟ ମତେ କେତେ ଗଢ଼ିଲା ଜୀବନ-ପଥରେ ଆଗେଇ ଯାଉଛି, ଜାଣିନା ନାହିଁ ତାର ।

ଆକାଶ ପଟା ଉପରେ ଧଳା ବଉଦ ଏମିତି କେତେ ରଙ୍ଗ [illegible] [illegible] ଆଜି ଭୋର [illegible] [illegible] ଛବି ଆଙ୍କୁଛି, ତା' [illegible] [illegible] ଚିହ୍ନିଲେ କେତେ ଭାବ ବଢ଼ାଇ ଧରିବା ପାଇଁ ହୁଏତ ମନାସି ଥାଏ, ଆଜି ହୁଏ ତ ତାଙ୍କ ମନେ ପକାନାହିଁ । କିନ୍ତୁ ମୋର ହୃଦୟ [illegible] [illegible] ନୂଆ ହୃଦୟ ଉଦୟ । ସ୍ୱପ୍ନ ଉଦୟ ତ ନାହିଁ, ଜୀବନରେ [illegible] [illegible] ଆଉ ନାହିଁ ।

ବନ ପରେ ବନ ଗଛ ଯାଉଛି, ସବୁ ଦେଖୁଛି, ବୁଝୁଛି, ଦୁନିଆର ଗଛ ସହିତ ନିଜକୁ ମିଳାଇ ମିଳାଇ ବାଟ ଚାଲୁଛି ।

ଏହି କଣ ମୋର ଅଜ୍ଞ ଅନୁଭବ କରିବାର ବନ ? ମନଟା ବେଳେ ବେଳେ ଗୋଳେଇଘାଣ୍ଟି ହୁଏ ? ନିଃସଙ୍ଗ ଜୀବନରେ ମନ ଖୋଜି ବୁଲେ ଜୀବନର ନୂଆ ସାଥୀ ।

ଅଜାର ଏ ସଉଫୁଟା ଜହ୍ନପରି ତାଙ୍କର ସଜ ସୁନ୍ଦର ଉଜ୍ଜଳ ମୁହଁ ଏ ଅଭାଗୀ ଜୀବନରେ ସତେ କେବେ ହସି ଉଠିବ !

ବଣ ପାହାଡ଼ ଘେରା ଆମ ଶ୍ୟାମଳୀ ପଲ୍ଲୀ ଗାଁ ତଳେ ବହି ଯାଉଛି ଚିତ୍ରୋତ୍ପଳା ନଈ ଧାର । ଆମର ଏଇ ଛୋଟିଆ ଗାଁ ଟିର ସୁନ୍ଦର । ଦଶ କୋଶକୁ ବୋଲି ନାଁ ପଡ଼ୁଛି, କରଣ ଥିଲା ।

କେତେ ଦଅଁ ଦେବତା ପୂଜି, ଶିବ ଉପାସ କରି ଅଲୋଡ଼ା କରମକୁ ମତେ ପାଇଲା ବୋଉ । ବାପାଙ୍କର ମନ ଆହୁରି ଆନନ୍ଦ, ସାତୁଟା ପୁଅର ଗେହ୍ଲା ହେଲି ମୁଁ । ବାପା ମତେ ଶ୍ରଦ୍ଧାରେ ଡାକନ୍ତି ନୀଳ, ମୋ ନା ନୀଳାବତୀ ।

ଆମ ଗାଁ ପାଖକୁ ଦଶ କୋଶ ଦୂରରେ ମଧୁପୁର ରାଜ ନଅର । ବାପା ରଜାଘରେ ଗୁମାସ୍ତା ଚାକିରି କରନ୍ତି । ଆଠ ଦିନେ ମତେ ଥରେ ଆସି ନ ଦେଖିଗଲେ ତାଙ୍କୁ ଅନ୍ନ-ପାଣି ରୁଚେନାହିଁ ।

ଅତି ଗେହ୍ଲା ଅଳିଅଳରେ ବଢି ମୁଁ ଏତୁଟିଏ ହେଲିଣି । ଜିଦ୍ ମୋର ସବୁଠୁଁ ରହେ, ଯେତେବେଳେ ଯାହା ଅଳି କରେ, ସେହିକ୍ଷଣି ତା ପୂରଣ ନ ହେଲେ ଲହଲହୁ ମୁଁ ଦଶ ଖଣ୍ଡ କରେ । ବୋଉ କାଇଲରେ ମତେ କେତେବେଳେ ଚଟ୍କଣିଟା ପକାଇଦେଲେ, ବାପା ଆହା ବୋଲି କହି କୋଳକୁ ଆଉଜାଇ ନିଅନ୍ତି । 'ତମେ ମୁହଁ ଦଉଛ

ବୋଲି କହୁ ବୋଉ କେତେ ଥର ବାପାଙ୍କୁ ଉଆର କହେ । ବାପା ଖାଲି ହସି ଦିଅନ୍ତି, କୁହନ୍ତି ନାହିଁ କିଛି ।

ତେର ବରଷରେ ଘରେ ରହିଲି । ଲାଜ ଧୁଆଁ ଧୁଆଁ ନଇଁ ଆସିଲା କୁଆଡ଼ୁ । ମଥାରେ ଓଢ଼ଣୀ ନ ଟାଣିଲେ ପଦାକୁ କେବେ ଗୋଡ଼ କାଢ଼େ ନାହିଁ । ଅସଙ୍ଗତା ଢଙ୍ଗ ଦେଖିଲେ ବୋଉର ବାଧା ପଡ଼େ ।

ଗାଁ ମାଇନର ସ୍କୁଲ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲି । ତା'ପରେ ବୋଉ ଆଉ ମତେ ସ୍କୁଲକୁ ପଠାଇଲା ନାହିଁ । ସେତିକିବେଳେ ମୋର ସବୁଦିନ ପାଇଁ ପୋଥିରେ ଦିଆଗଲା ଡୋର ।

ସ୍କୁଲରୁ ନାଁ କଟିଲା । ଘରେ ରହି ଏଣିକି ଘର କାମ କରି ଶିଖିଲି । ରନ୍ଧାବଢ଼ା ଛଡ଼ା ଅନ୍ୟ ବଖତରେ ସିଲେଇ ଲଗେ, ହାରମୋନିୟମ ଶିଖେ ।

ସଞ୍ଜ ହେଲେ ମହିଁ ଦୁଆରେ ବସି ନିତି ଭାଗବତ ପଢ଼େ, ରାମାୟଣ ବୋଲେ । ରଜାଘରୁ ବାପା କେବେ କେମିତି ଫେରି ବୋଉ ସଙ୍ଗରେ କହନ୍ତି, ଏବେ କାଳରେ ଝିଅମାନେ ଖୁବ ପଢୁଛନ୍ତି, ନୀଳା ଆମର ପଢୁ, ଅନ୍ତତଃ ମାଇନର ଖଣ୍ଡିଟା ଶେଷ କରି ଦିଅନ୍ତା ! ବୋଉ ମୁହଁ ମୋଡ଼ି ଦିଏ । ବାପା ହାରି ମାନନ୍ତି ।

ବାପା ଯେ କାହିଁକି ମୋ ବୁଦ୍ଧିକି ତାରିଫ୍ କରନ୍ତି, ମୁଁ କିଛି ବୁଝି ପାରେ ନାହିଁ ।

ତାଙ୍କ ଆଗରେ ଅନେକ ସମୟରେ ରାମାୟଣ, ମହାଭାରତ ପଢିଲା ବେଳେ ମତେ ଯେ ବୁଝାଇ ଦିଅନ୍ତି, କହନ୍ତି—ମା, ପୁରାଣ ପଢୁଛୁ, ସୀତା ଦ୍ରୌପଦୀଙ୍କ ପରି ଆଦର୍ଶ ନାରୀ ହବୁଟି ? ଦେଖ୍, କା

ଅପାର ଆଦର୍ଶ ଗୁଣରେ ସେମାନଙ୍କର ଜୀବନ ଗଢ଼ା ହୋଇଥିଲା । ତୁ ମା, ତାଙ୍କର ଆଦର୍ଶରେ ଜୀବନ ଗଢ଼ିବାକୁ ଚେଷ୍ଟା କର ।

ସ୍ମୃତିତଳେ ବାପାଙ୍କର ନୀତି ଉପଦେଶ ଏବେ ସୁଦ୍ଧା ମୋର ଝଙ୍କୃତ ହୁଏ । କିନ୍ତୁ କଥା ଗୁଡ଼ାକ ମୋର ଏ କାନେ ପଶି ସେ କାନେ ବାହାରି ଯାଏ ।

ପୁରାଣ ଯୁଗର ସୀତା, ଦ୍ରୌପଦୀ—ଆଉ ମୁଁ ? ଆମ ଭିତରେ ତଫାତ୍ କେଉଁଠି ? ନିଜକୁ ନିଜେ ପଚାରି ବସେ । ମନ ଭିତରେ କେତେ ଓଲଟପାଲଟ ଗୋଳମାଳିଆ ଚିନ୍ତା ଅହୋରାତ୍ର ଭାସି ବୁଲେ ।

ସତେ ତାଙ୍କର ଥିଲା ପତି, ହାତ୍ୟ ମନର ଦେବତା । ମୋର ଛୋଟ ଛୋଟିକିଆ ସଂସାରଟିକୁ ରଙ୍ଗିନ୍‌ମୟ କରିବାକୁ ପତି କାହିଁ ? ମୋର ଏ ବିରାଟ ପ୍ରଶ୍ନର ଜବାବ କେହି ଦିଏ ନାହିଁ ।

ମନ କଥା ମନରେ ମରେ, ସାଙ୍ଗ ସାଥୀଙ୍କ ଆଗରେ କହିବାକୁ ଆପଣାକୁ ସରମ ଲାଗେ ।

ଦିନ ଅନେକ ଅନେକ କୁଆଡ଼େ ଚାଲି ଯାଉଛି । ବରଷକ ପରେ ପୁଣି ଆସିଲଣି କୁଆଁର ପୁନେଇଁ ।

ଦଗଦଗା ମେଘ ମଉଳା ଆକାଶତଳ ସିନ୍ଦୁରି ପାଟି ଆସିଲା । ରଙ୍ଗିନ ପେଣ୍ଡୁଲା ପରି ଡ଼ନ୍‌ଲପ୍‌ର ନରମ ଓଠରେ ନାଲିଛଟା । ତଳ ପାଖ ଘରେ ଶୋଇଥିଲି, ଶୀତଳ ପବନ ଝିର ଝିର ହୋଇ ଝରକା ବାଟେ ବହି ଆସୁଥିଲା । କି ଶାନ୍ତ ସିଗ୍ଧ ସୁଶୀତଳ ମୃଦୁ ପରଶ । ଢୁଲନ୍ତ ଆଖିପତା ମୋର ଧୀରେ ଧୀରେ ନଇଁ ଆସୁଥିଲା ଯେମିତି ।

—ବଉଳ କାହିଁ ମାଉସୀ ?

ଘର ଓଳଉ ଓଳଉ ବୋଉ କହିଲା—ଡ଼ାକ, ସେହି ଘରେ ସେ ଶୋଇଛି ।

ବଉଳର ଭୁଣ୍ଡ ବାନ୍ଧୁଥିଲା । ଜାଣି ପାରିଲି ଚଞ୍ଚଳ ଆଜି ସେ ଗାଧୋଇବାକୁ ବାହାରିଲାଣି ।

ଧୀରେ ଧୀରେ ବଉଳ ଯାଇଁ ସେ ପାଖ ଘରେ ପଶିଥିଲା । କିଛିକ୍ଷଣ ପରେ ଜାଉ କାମୁଡ଼ି ମୋ ପାଖକୁ ଝପଟି ଆସି ମୋ ଦେହରେ ହାତ ମାରିଲା ।

ଅନେଇଲି ବଉଳର ମୁହଁକୁ । ଦେହଭାର ଥରୁଛି ଗୋଟିପଣେ, କହିଲା—ମୁଁ ନ ମଲି କାହିଁକି ଲୋ !

ତା' ହାତମୁଠା ଭିତରେ ହାତରଖି କହିଲି—କିଲୋ କଣ ? ଏମିତି ମରି ଯାଉଛୁ କାହିଁକି ?

ବଉଳ କହିଲା—ଛି, ଛି, ମୁଁ ଯାଉଛି ଲୋ । ଆଉ ତୋ ଘରକୁ ଆସିବି ନାହିଁ । କୁନ ପରି ଦାଣ୍ଡରେ ଛୁଡ଼ା ହୋଇଛି । ମୁଁ ନଈ ତୁଠକୁ ଯାଉଛି । ଯିବୁ ଯେବେ ତୁ ଚାଣ୍ଡେ ଆ ।

କହିଲି—କଥାଟା କଣ କହୁନୁ ? କିଏ ଅଛି ଆମ ଘରେ, ତତେ ଖାଇଗଲା ଏତେବେଳେ

ବଉଳ ମତେ ଚାହିଁ ପଚାରିଲା—ସେ ଘରେ କିଏ ଶୋଇଛି କିଲୋ ? ମୁଁ ସିନା ଭାବିଲି ତୁ ସେ ଘରେ ଶୋଇଛୁ ? ଚାଦର ଖଣ୍ଡେ ମୁହଁଠୁ ଗୋଡ଼ ପର୍ଯ୍ୟନ୍ତ ଢାଙ୍କିଛି, ଚିହ୍ନିବ କେମିତି କିଏ ! ପାଣି ଅଞ୍ଜୁଳାଏ ନେଇ ଯେମିତି ଉପରେ ଛିଟି ଦେଇଛି—

ତା' ପାଟିରୁ କଥା ଛଡ଼ାଇ ନେଇ କହିଲି—ସେମିତି ସେ ତୋ ହାତଟିକୁ ଧରି ନେଲେ, ନୁହେଁ ?

ବଉଳ ଲାଜରେ ମୋ ହାତ ଚିମୁଟି ଦେଲା । କହିଲା—ଛି, ଛି ମନେ ମରଣ ହୁଅନ୍ତା କି ? କହିଲି ବଉଳ, ସେ ଲୋକଟା କିଏ ତମ ଘରକୁ ଆସିଛି କି ? ଭାରି ନବ ହୃନ୍ଦରିଆ ମରଦାଟିଏ, ଏତେଡ଼ ଅଭଦ୍ର ! କିଏ ଲୋ ସିଏ ?

କିଛି ବୁଝିପାରିଲି ନା ତା' କଥାରୁ । ଏତେ ରାତିରେ ଆମ ଘରକୁ ପୁଣି ଏମିତି କିଏ କୁଣିଆ ଆସିଲା ।

କହିଲି—ବୋଉ ପରା ଦୁଆର ଖୋଲଥିଲା । ସେ ତତେ କହିଲା ନାହିଁ କିଛି ?

ବଉଳ କହିଲା—ମାଉସୀ ଝାଟୁଆ ନେଇ ବାଡ଼ିପଟକୁ ଚାଲି-ଗଲେ, ମୁଁ ଏତେ କଥା ଆଉ ଜାଣିଛି ?

କହିଲି—କିଏ ମୁଁ ତାଙ୍କୁ ଚିହ୍ନି ନାହିଁ । ହଉ, ହାତ ଗଣ୍ଠି ପଡ଼ିଗଲା । ମନ କାହିଁକି ଖରାପ କରୁଛୁ ?

ବଉଳକୁ ଭାରି ଡର ମାଡ଼ିଲା, କହିଲା—ହଉ ଭଲ ହେଲା ଯା । କହୁଦବୁ, ଏକା ମାଘରେ ଶୀତ ଚାଲି ଯାଉନ ମ । ବେଳ ପଡ଼ିଲେ ମୋଠୁ ବି ସେ ପାନେ ପାଇଯିବେ ସେ—

କହିଲି—ପାନ ନା ଗୁଆ ଲୋ ?

ବଉଳ ଯିବା ପାଇଁ ଠିଆ ହେଲା । ମୁଁ ତରବର ହେଲି ନଈ ତୁଠକୁ ଯିବାପାଇଁ । ସାବୁନ୍ କେସ୍‌ଟା ହାତରେ ଧରିଲି, ଦୁହେଁ ଖଞ୍ଜା ଭିତରୁ ଦାଣ୍ଡକୁ ବାହାରିଲୁ ।

ଦାଣ୍ଡ ପିଣ୍ଡାରେ ବୋଉ ଦାନ୍ତ ଘଷିବା ପାଇଁ ପାଣିଢାଳ ଆଣି ଥୋଉଥାଏ । ଆମ ଘର କୁଣିଆଟି ଘର ଭିତରୁ କେତେବେଳେ ଆସି ଦାଣ୍ଡରେ ଯାଇଁ ବସିଲେଣି, ଆମକୁ ମୋଟେ ଜଣାନାହିଁ ।

ବୋଉ ତାଙ୍କ ସଙ୍ଗରେ ଗପ ଯୋଡ଼ିଥାଏ । ତାଙ୍କର ସେ ସ୍ୱପ୍ନ ପରି ବଡ଼ ବଡ଼ ଡୋଳା ଦୁଇଟା ବୁଲୁଥାଏ, ଆମର ଗତ ବର୍ଷ ଉପରେ ।

ସଙ୍କୁଚିତ ଭାବରେ ଓଢ଼ଣୀ ଝିଣି ଦାଣ୍ଡ ମାଙ୍କଡ଼ା-ପଥର ଉପରୁ ଓହ୍ଲାଇ ଆସୁଥିଲି. ବୋଉ କହିଲା—ଯା'ଲୋ ସେଇବାଟେ ଚାଲିଯାଅ, ଲାଜ କରୁଛୁ କାହାକୁ । ଇଏ ପରା ତୋ ଶୋଭା ମାଉସୀ ପୁଅ, ତୋ ପରେଶ ଭାଇ, କଟକ କଲେଜରେ ବି. ଏ. ପଢୁଛି । ପିଲା ହେଇଥିଲା ଥରେ ଏଠିକି ଆସିଥିଲା । ଆଜିକାଲି ବଡ଼ ଲୋକ ହେଲା, ମାଉସୀ ଏଣିକି ଗରିବ ହେଲା, ପଚାରିବ କାହିଁକି ? ମା' ତାର ତାକୁ ମନା କରୁଛି କି କ'ଣ, ବାର ବରଷ ହେଲାଣି ଏଠିକି ତାର ଦିନେ ହେଲେ ପାଦ ପଡେ ନାହିଁ ।

ଗୋଡ଼ ଟିପି ଟିପି ଚାଲିଗଲି ସେହିବାଟେ । ଅନେକ ଥର ବାପା ବୋଉଙ୍କଠୁଁ ପରେଶ ଭାଇଙ୍କ ଗପ ଶୁଣିଥିଲି, ପିଲା ବେଳର ଦେଖା ଚାହାଁ—ନ ଦେଖିଲା ପରି ।

ଯିବା ପଥରେ ମୁଁ ଶୁଣିବାକୁ ପାଇଲି, ପରେଶ ଭାଇ ବୋଉକୁ ପଚାରୁଛନ୍ତି—ଏଇ ମାଉସୀ, ମୀନ ?

ବୋଉ ସରାଗରେ ମୁଣ୍ଡ ଝୁଙ୍ଗାଉଥିଲା । କହିଲା—ମାଇନର ପରୀକ୍ଷା ଏ ବରଷ ଦେଇଥାନ୍ତା । ପଢ଼ା ତାର ମୁଁ ବନ୍ଦ କରି ଦେଲି, ଯେତେ ହେଲେ ମାଇକିନା ଝିଅ, ଚୁଲି ମୁଣ୍ଡକୁ ଯୋଗା ।

ପରେଶ ଭାଇ ବୋଉକୁ କହିଲେ—ତା' ପଢ଼ା ବନ୍ଦ କରି ମାଉସୀ ତମେ ଭଲ କଲ ନାହିଁ ।

ଏ ପାଖରେ ବକୁଳ ମତେ ଟିମୁଠି ପରେଶ ଭାଇଙ୍କ ପ୍ରକାରାନ୍ତରେ ଥଟ୍ଟା କରି କହୁଥିଲା—ମାଉସୀ ତ ପଢ଼ା ବନ୍ଦ କରି ଭଲ କଲେ ନାହିଁ, ତମେ ଏଥର ନେଇ ପଢ଼ାଅ । ହାରମୋନିୟମ୍ ତ ଶିଖିଛ, ଏଥର ନେଇ ବମ୍ବେ କି କଲିକତାରେ ସିନେମା ଷ୍ଟାର୍ କରିବ । ତା' ସଙ୍ଗେ ସଙ୍ଗେ ତମର ବି ସ୍ୱାର୍ଥ ପୂରଣ ହୋଇଯିବ । ସୁନ୍ଦରୀ, ଗୁଣରେ, ସବୁଥିରେ ପକ୍କା—

ବକୁଳ ହାତକୁ ପରିହାସରେ ଘୁଷି ଦେଇ କହୁଲା—ଛି, ଏଥା ଏତେ ଅଲଗୁକି, ମୋର ପରି ସେ ଭାଇ—

ସନ୍ଧ୍ୟା ଅଧରେ କୁନି ଆମ ସାଙ୍ଗରେ ମିଶିଲା । ସେ କିଛି ବୁଝି ନ ଥିଲା ଆମ ମଧ୍ୟର ଆଳାପ ରହସ୍ୟ ଭିତରୁ ।

ବକୁଳ ସେହିକ୍ଷଣି ମୋ ଓଠଟିକୁ ତା' ହାତରେ ହଲାଇ ଦେଇ ଥଟ୍ଟାରେ କହୁଲା—ଭାଇ ? ଆହା—ହା— ! ମରି ଯାଉଥାଏ ।...

ସେ ଦିନକ ଗଲା । ତହିଁ ଆର ଦିନ କୁଆଁର ପୁନେଇଁ । ବରଷକରେ ଗାଁ ଝିଅଙ୍କର ଏଇ ବଡ଼ ଉତ୍ସବ ।

ବାଟଘାଟ ମହକାଇ ଦେଉଛି କେନା, ରଜନୀଗନ୍ଧାର ସୁରଭି କୁଆର । ଗାଁରେ ଆନନ୍ଦ ଚହଲ । ଘରେଘରେ ହୁଳହୁଳି ଶୁଭ-ଶଙ୍ଖର ମଙ୍ଗଳ ଧ୍ୱନି ।

କଲେଜ ପଢୁଆ ପରେଶ ଭାଇ ଆଉ ଘରେ ବସିଥାନ୍ତି । ଅଣ-ଓଦିଆ ନଦରୁ ଉଠି ଗାଧୋଇ ପଜ ନୂଆ ଲୁଗା ଖଣ୍ଡେ ପିନ୍ଧି ପକାଇଲେ। ତା' ସାଥିରେ ନୂଆ ଚକଚକିଆ ବ୍ଲାଉଜ୍, ସାୟା, କାଚ ନାଇଲେ । ଚନ୍ଦନ ପାଠୀ, କଜଳ, ସୁନ୍ଦର, କସ୍ତୁରି, ଅଳତା ନାଇ ଦେଉଥିଲେ ଆମ ପଡ଼ିଶା ଘରର ନୂଆ ବୋହୂ । ଭାଉ କୁଆଡ଼େ ମୁଁ ମାନୁଥିଲି । ସୁନ୍ଦରୀ ନୂଆବୋହୂ ହସି ହସି ବୋଉକୁ ଶୁଣାଉଥିଲେ ।

ତା' ପରେ ଖଇ ଆଞ୍ଜୁଳା ଦେଲି ମୁଁ ମଝି ଦୁଆରେ । ବୋଉ ଠିଆ ହୋଇ ମୁରୁକି ମୁରୁକି ହସୁଥିଲା । ନୂଆବୋହୂ ହାତରେ ମୋର ଖଇ, ନଡ଼ିଆ, କାକୁଡ଼ି, କଂଦଳୀ ଥରକୁ ଥର ଆଞ୍ଜୁଳା ଦେଉଥିଲେ ।

ଶଙ୍ଖ ବଜେଇଲା ଆମ ଗୁକୁଡ଼ିଆ ନାଥିଆ । ନୂଆବୋହୂ ଲମ୍ବା ଗଳାରେ ହୁଳହୁଳି ପକେଇଲେ ।

ଆଞ୍ଜୁଳା ଦିଆ ସରିଲା, ନୂଆବୋହୂ ଚାଲିଗଲେ ତାଙ୍କ ଖଞ୍ଜାଆଡ଼େ । କଣେଇ ଚାହିଁଲି ପରେଶ ଭାଇଙ୍କି, ମଝିଘର ଝରକା ଉହାଳରେ ଛିଡ଼ାହୋଇ ଆମ ଆଡେ ଆଖି ପକାଇଛନ୍ତି ।

କାଲିଠୁଁ ମୁଁ ତାଙ୍କୁ ଦେଖିଲିଣି, ପଦେ କଥା ତାଙ୍କୁ ଏ ପର୍ଯ୍ୟନ୍ତ କହିନାହିଁ । ବୋଉ ଯେତେ ଗାଳି ଦେଲେ ବି ମୋ ଗୋଡ଼ ଧାଇଥା କାହିଁକି ତାଙ୍କ ଆଡକୁ ଚଲୁନାହିଁ । ମୋର ଆଉ କି ଗୁଣ ?

ଠିଆ ହୋଇଥିଲି ଏକ ପାଖିଆ ହୋଇ । ବୋଉ ମୋତେ ଆକଟି କରି କହିଲା—ଯା, ପରେଶ ଭାଇଙ୍କୁ ଦଣ୍ଡବତ ହୋଇ ଆସିବୁ । ଏ ଖଇ ଚକଟା ଭୋଗ ନେଇ ତାଙ୍କୁ ଦେଉନୁ ?

ମନ ଯେତେ ଉଚ୍ଛନ୍ନ ହେଉ ଥିଲେ ବି ଦେହରେ ସାହସ କୁଳାଉଲା ନାହିଁ । କହିଲି—ତୁ ଏ ଭୋଗ ନେଇ ଦବୁ ଯା ।

ବୋଉର ସେହି ଏକାଜିଗର । ମତେ ନେଇ ତାଙ୍କ ଗୋଡ଼-ତଳେ ପକାଇବା ପାଇଁ ।

ଶେଷକୁ ଲଜଲଜ ହୋଇ ତାଙ୍କ ପାଖକୁ ଯାଇଁ ସ୍ୱାମୀଙ୍କର ମୁଣ୍ଡି ଆଷ୍ଟିଏ ମାରିଲି । ଭୋଗ ଥାଳିଆ ନେଇ ତଳେ ଥୋଇ ଦେଇ ନୀରବରେ ଛିଡ଼ା ହେଲି ।

ପରେଶଭାଇ ହସି ହସି କହିଲେ—ମୁଁ ବଲେଇ ନୁହେଁ ମ, ମଣିଷ ପରା ! ହାତରେ ଦେଲେ ଦୋଷ ଲାଗିବାର କିଛି ସମ୍ଭାବନା ଅଛି କି ?

ବାଧ୍ୟ ହୋଇ ଶେଷକୁ ଭୋଗ ଥାଳିଆ ବଢ଼ାଇ ଦେଲି ତାଙ୍କ ହାତକୁ । ସେ ଥାଳିଆଟିକୁ ଖଟ ଉପରେ ଥୋଇ ମୋ ଶାଢ଼ୀର ପଣତ-ଟିକୁ ହାତରେ ପରଖି କରି ବସିଲେ । କହିଲେ—ଏଇଟା କଣ ଖାଣ୍ଟି ବନାରସୀ ?

ମୁଁ ମୁଣ୍ଡ ହୁଙ୍କାଇଲି ।

କହିଲେ—ତୁ ମାନ, ଏତେ ଲଜ୍ଜା କରି ଶିଖିଲୁ କେବେଠୁଁ ? ଏ ଚନ୍ଦନ ପାଟି ତଳେ କିଏ ନାଇ ଦେଇଛି, ଏକାଥରକେ ଗଙ୍ଗା, ଯମୁନା, ସରସ୍ୱତୀ, ସାକ୍ଷାତ ତ୍ରିବେଣୀ ତୀର୍ଥ ।

ମୁହଁରେ ଟିକିଏ ମୁଁ ଖାଲି ଲୁଚା ହସ ହସି ଦେଲି । ସେ ବି ମୁହଁରେ ମୃଦୁ ହସ ଫୁଟାଇଥିଲେ ।

ତା'ପର ମତେ ପଚାରିଲେ—ବାପା କେବେ ଆସିବେ ? ବାଧ୍ୟ ହୋଇ କହିଲି—ଶନିବାର ।

ମତେ ଶୁଣାଇ କହିଲେ—ତାଙ୍କ ସାଙ୍ଗରେ ମୋର ଆଉ ଦେଖା ହୋଇ ପାରିବ ନାହିଁ । ମୁଁ ଆଜି ଚାଲି ଯାଉଛି କଟକ ।

ତାଙ୍କ ଯିବା କଥାଟା ଶୁଣି ମତେ ଭାରି ଖରାପ ଲାଗିଲା । ଜାନି ବନ୍ଧୁରେ ବନ୍ଧା ହେଲି ବା ଅଳକ୍ଷ୍ୟରେ କେମିତି ଗୋଟାଏ ତାଙ୍କ ପ୍ରତି ମୋର ମାୟା ଲାଗି ଆସୁଥିଲା । କାରଣ ପଚାରିଲେ ମୁଁ ହୁଏ ତ କାହା ଆଗରେ ଖୋଲି କହି ପାରିବନି କିଛି ।

ଜୀବନ ତଳେ ଏ ଅହେତୁକ ମାୟା ଲଗିଲା କାହିଁକି ? ଏ ଟିକକ ମାୟା, ଅସୀମ ମାୟା-ଦରିଆ ଭିତରକୁ ମତେ ଠେଲି ଦବ ନାହିଁ ତ !

ମୁଁ ନୀରବ ହୋଇ ଛିଡ଼ା ହେଲି ।

ପୁଣି ଥରେ ସେ କହିଲେ—ନୀଲୁ, କେବେ ପୁଣି ଦେଖା ହେବ ? ଆମ ଘରକୁ ଯିବୁ କେବେ ?

ତଳକୁ ମୁହଁପୋତି ଭୂଇଁ ଉପରେ ଡାହାଣ ଗୋଡ଼ ବୁଢ଼ା ଆଙ୍ଗୁଠି ଘର୍ଷଣ କରୁ କରୁ ସଲଜ୍ଜ ମୁହଁରେ ଶୁଣାଇ କହିଲି—ଯେବେ ତମେ ନବ ।

ପରେଶ ଭାଇ ହସିଲେ । କହିଲେ—ହଉ, ସେତିକି ଆମ ଭାଗ୍ୟରେ ଥିଲେ—

କହିଲି—କାହିଁକି ?

ସେ ମୋତେ ଚାହିଁ କହିଲେ—ନାହିଁ ଯେତେହେଲେ ଆମର ଗରିବ ଘର । ଏମିତିକା ଧୋବ ଧାଉଳା ଘରେତ ଆମେ କରିନାହୁଁ ।

ଭାରି ମୁଁ ଲଜ୍ଜିତ ହୋଇଗଲି । ପହିଲି ଥର ତାଙ୍କ ସହିତ ମୁଁ ଆଳାପ କରୁଛି । କାଳେ କ'ଣ ଭାବି ଏଠିକି ସେବେ ପୁଣି ପାଦ ନ ପକେଇବେ, ସେଥିପାଇଁ ମୁଁ ନୀରବ ରହିଲି ।

ତହୁଁ ସେ କହିଲେ—କିଛି କହୁଛ ନାହିଁ ଯେ । ମୁଁ ଏଇ ଦାନ ଗାଡ଼ିରେ କଟକ ଯାଉଛି ।

ଧୀର ଗଳାରେ କହିଲି—ଆଜି ତମକୁ ରହିବାକୁ ହେବ···।

ପରେଶଭାଇ ମନେ ମନେ କ'ଣ ଭାବୁଥିଲେ ।

ଘର ଭିତରେ ପାଣି ଢାଳ ଥୁଆ ହୋଇଥିଲା, ହାତକୁ ଧରାଇ ଦେଇ ଭୋଗ ଖାଇବା ପାଇଁ ଇସାରା ଦେଲି ।

ସେ ଆଉ କିଛି କହୁଚଲେ ନାହିଁ । ମନ୍ତ୍ରମୁଗ୍ଧବତ ଖଟ ଉପରେ ବସି ଭୋଗ ଖାଉଥାନ୍ତି । ମୁଁ ମାରବରେ ତାଙ୍କ ଢଣରେ ଛୁଡ଼ା ହୋଇଥାଏ ।

ତା'ପର ।

ବୋଉ ମୋତେ ଡ଼ାକିବାରୁ ମୁଁ ଧୀରେ ଧୀରେ ତାଙ୍କ ପାଖରୁ ଖସି ଆସିଲି । ମନ ଭିତରେ ମୋର ଅସୀମ ପୁଲକର ଢେଉ ଉଠୁଥାଏ । ଆଜି ଦଳୁଆ ପୁଣି ପରେଶ ଭାଇ ଆମ ଘରେ ଅତିଥି ହେବେ । ଏଇ ହାତରେ ନଅ ରୁଟି, ଛଅ ଭଜା କରି ତାଙ୍କୁ ମୁଁ ଖୁସିରେ ଖୁଆଇବି । ସେ ଆଜି କେତେ ଖୁସି ହେଉଛନ୍ତି ମତେ ଅନାଇଁ । ସେ ମତେ ଛୋଟ ଭଉଣୀ ଆଖିରେ ଦେଖା କରୁଛନ୍ତି ତ ?

ସେ ବାସ୍ତବିକ୍ ମୋର ନମସ୍ୟ । ତାଙ୍କର ଚରଣ ତଳେ ମୋର ମଥା ଆଜି ନଇଁ-ପଡୁଛି କାହିଁକି ?

ଏଇ ପରେଶ ଭାଇ ସତେ କେତେ ଧୀର ସ୍ଥିର, ଭଦ୍ର, ଶାନ୍ତ-ଶିଷ୍ଟ । ଏ ଅଲାଜୁକୀ ବଉଳଟା କାଲି ତାଙ୍କୁ ବୁଝି ପାରି ନାହିଁ । କଥା କହୁ କହୁ ମୋ ଆଗରେ ତାଙ୍କୁ ଅଭଦ୍ର ବୋଲି କହି ପକାଉଥିଲା । ଆଜି ମୋ ଦେହ ଚିଡ଼ି ଉଠୁଛି ।

ବାଡ଼ୀ ଦରଜା ବାଟେ ବଉଳ ଖଞ୍ଜା ଭିତରକୁ ଯେତେବେଳେ ପଶି ଆସି କହିଲା—ମାଉସୀ, ଝିଅ କଣ ଆଜି ତମର ପଦାକୁ ବାହାରୁ ନାହାନ୍ତି ! ତାଙ୍କୁ କଣ ଡ଼ାଆଣୀ ଖାଇ ଯାଉଛି କି ?

ବଉଳ କଥା ଶୁଣି ବୋଉ କହିଲା—ନାହିଁ ଲୋ ଝିଅ, ତା' ଭାଇପାଇଁ ରନ୍ଧାବଢ଼ା କରିବାରେ ଟିକିଏ ବ୍ୟସ୍ତ ରହିଛି ।

ତା କଲି—କି ଲୋ, ଆସୁନୁ ବଉଳ ?

ସେ ମୁରୁକି ହସି ହସି ମୁଣ୍ଡ ହଲାଇ ଗୁଳିଗଲା ତାଙ୍କ ଘର ଆଡ଼କୁ ।

ପରେଶ ଭାଇ ମତେ ଡ଼ାକି ପଚାରିଲେ—ସେ ଝିଅଟି କିଏ କି ?
କହିଲି—ସେ ମୋ ବଉଳ ପରି ।

ସେ ପଚାରିଲେ—ବଉଳର ନାଁ କଣ କିଛି ନାହିଁ ?

କହିଲି—ବଉଳର ନାଁ କୁହନ୍ତି ନାହିଁ ଆମ ଗାଁରେ ।

ସେ ମୋ କଥା ଶୁଣି ହସିଲେ, କହିଲେ—ଯୁଆଙ୍କର ନା ଭଲ ?

ହସି ହସି ଉଦ୍ଧୋଘର ଭିତରକୁ ପଶିଗଲେ । ଭାବିଲି, ପୁରୁଷ ଜାତ କମ୍ ନୁହନ୍ତି । ଅଙ୍ଗୁଠି ଦେଖାଇଲେ ଏମାନେ ବାହା ଗିଳି ଦେବେ । ସାମାନ୍ୟ ଟିକିଏ ପାଣି ଛୁଇଁ ଦେଇଥିଲି ବୋଲି ଏ ଏଇଠି ବସି ସବୁ ତାର ଖବର ଅନ୍ତର କେଇ ସାରିଲେଣି । ଆଜ ପାରୁ ହେବ ନାହିଁ ଯୁଆଙ୍କୁ ?

ଘର ପାଇଟିରେ ଲାଗି ପଡ଼ିଲି ତା' ପର । ବୋଉ ରନ୍ଧା ସରଞ୍ଜାମ ଗୋଟି ଗୋଟି କରି ମୋ ପାଖରେ ଖ ଞ୍ଜି ଦେଉଥାଏ ।

ଖିଆ ପିଆର ଲୀଳାଖେଳା ଭିତରେ ଦିନ ଆସି ଗଲାଣି । କିନ୍ତୁ ସରୁନାହିଁ ମୋ ମନର ଚିନ୍ତା । କି ରହସ୍ୟ ଏହା ଭିତରେ ଲୁଚି ରହିଛି କେଜାଣି !

ଦିବା ନବାର ଦୁନିଆ ଏଇ । ଧନ ସମ୍ପଦ ହାତରେ ଧରାଇଲେ ଜନ ଜଗତ ଦେଖନ୍ତି । କିନ୍ତୁ ଯେଉଁଠି ସ୍ନେହ ସବାରର ସଦ୍ୟ ଦାଅ ନିଆ କାରବାର ତାକୁ ଦୁନିଆରେ କେହି ଦେଖିପାରେ ନାହିଁ । କିଏ ଦେଲା, କିଏ ନେଲା, ତାକୁ ଜାଣିବାକୁ କେହି ନାହିଁ । ଏ ମାଟି ଉପରେ, ମାଟିର ମଣିଷ ଦେହରେ ଏଇ ଏତକ ଲୋଭ, ମାୟା । ମମତା ଏକାଧାରେ ଠୁଳ ହେଉଛି ବୋଲି ମଣିଷ ଦୁନିଆରେ ବଞ୍ଚିଛି । ଦୁନିଆରେ ସବୁରି ଭିତରେ ସ୍ନେହ ମମତା ବସା ବାନ୍ଧି ରହିଛି ।

ଦିନ ଦୁଇଟା ଭିତରେ କଣ ମୁଁ ଦରାଡ଼ି କେଇ ସାରିଲେଣି ତା' ମୁଁ ନିଜେ ବୁଝିପାରୁ ନାହିଁ । ଖାଲି ଆଖିରେ ଯାହା ମୁଁ ଦେଖୁଛି, ପଦେ ଅଧେ ଲାଜ ମିଶା କଥା ପଦେ ପଦେ ତାଙ୍କୁ କହୁଛି ।

ମନ ଶିଖଉଛନ୍ତି ମତେ ଭଲପାଇବା । ଭଲପାଇବା ମୋ ଭିତରେ ପୂର୍ଣ୍ଣିମା ରାତିରେ ସମୁଦ୍ର ଜୁଆର ପରି ଫୁଲି ଉଠୁଛି । କେତେବେଳେ ଯେ କୂଳ ଲଙ୍ଘି ହୃଦୟକୁ ମୋର ବନ୍ୟା ପ୍ଲାବିତ କରି ଦେବ ତାହା କହି ହେଉନାହିଁ । ତାଙ୍କ ଉପରେ ମୋ ଭଲ ପାଇବା ଏତେ ନ୍ୟସ୍ତ ହେଉଛି ନାହିଁ କି ?

ଭାଇ ବୋଲି ଡାକୁଛି, ଲେଖାଲେଖି ସମ୍ପର୍କୀୟ ହେଲେ ବି ତ ଗୁରୁ ସ୍ଥାନୀୟ । ତଥାପି ଭଲପାଇବା ଭିତରେ ମୋର ଦୁର୍ବଳତା ରହୁଛି କେଉଁଠି ? ମୋର ଭଲପାଇବା ତେବେ କ'ଣ ନିର୍ଦ୍ଦୋଷ, ଅମଳିନ ନୁହେଁ ?

ନା, ସେପରି ଭାଇ ଏଠୁ ଶୀଘ୍ର ମେଲାଣି ନେବା ଭଲ । ତାଙ୍କର ଏଠାରେ ଦୀର୍ଘକାଳ ରହଣୀ କୁ ମୁଁ ଆଦୌ ପସନ୍ଦ କରୁନାହିଁ । କାହିଁକି ତାଙ୍କୁ ମୁଁ ତେବେ ଏଠାରେ ରହିବା ପାଇଁ ସଙ୍କେତ ଦେଲି ।

ସେ ଏଠୁ ଚାଲିଯିବା ଶ୍ରେୟସ୍କର । ନା, ନାଁ, ସେ ଏଠୁ ଶୀଘ୍ର ବାହାରି ଯାନ୍ତୁ । ମୁଣ୍ଡଟା ମୋର ବଥେଇ ଉଠିଲା ।

ଚାହିଁ ଚାହିଁ ପୁଣିଥରେ ବାହାର ସଞ୍ଜୁଆ ଜହ୍ନ, ପାହାଡ଼ ତଳ ଗଛ ଗହଳି ଭିତରେ ଆମ୍ବ ଟିକି ଟିକି ଚାହିଁ ହସି ଉଠିଲା । ଚାରିଆଡ଼ ଧୋବ ଫର ଫର । ବୁଢ଼ୁଣ୍ଢିଆ ବଣ, ଅରମା ଉପରେ ଯେମିତି କିଏ ବାସି ଲୁଗା ଖଣ୍ଡେ ପାରି ଦେଇଛି । ଟୁପା ଟିକିଲି ପରି ଆକାଶରେ କି ସୁନ୍ଦର ଜହ୍ନ । କିଏ ସେ ? ଶୂନ୍ୟ, ଖାଲି ଧୂସର ଧୂସର କୁହେଳି । ଦଉଡ଼ି ଯାଉଛି ମନ ଗହନର ଧୂଆଁଳିଆ ପଥ ଭେଦ କରି । ଭାସି ଯାଉଛି ନୂଆ ଚାନ୍ଦ-ମୁହଁରେ ହସ ପୁଷ୍ପାଞ୍ଜଳି ପରି, ଷଣେ ଲୁଚି ଷଣେ ଦେଖା ଦେଉଛି ଧୂଆଁଳିଆ ପରଦା ଆଢ଼ୁଆଳରେ । ହାତ ଠାରି ସଙ୍କେତ ଦେଇ ମୋ ଆଡ଼େ ନଜର ପକାଉଛି । ପୁଣି ଆଉ ଦେଖି ପାରୁନାହିଁ । ହଜି ଗଲାଣି ମୋର ସୁନାର ଚାନ୍ଦ, ହଜି ଗଲାଣି ମୋର

ନୂଆ ଦୁନିଆ । ବିରହ ବେଦନାରେ ଝରି ପଡ଼ିଲାଣି ଆଖିରୁ ମୋର ତତଲା ଲୁହ ଧାର ।

ଦିନ ମୋର କେବେ ଆସିବ ସତେ ? କେଉଁଦିନ ଏ ପାପ ନୟନରେ ସେ ଅଜଣା ଅଚିହ୍ନା ନୂଆ ଦେବତାଙ୍କୁ ଦେଖିବି ? ମୋ ହାତରେ ଛ ଗୁଣି, ନଅ ଭଙ୍ଗା ଦରି ଖାଇବାକୁ ଦେବି । ପ୍ରବାସ ଭରି ଯିବାବେଳେ ଏମିତି ଅଭିମାନରେ ଏକ ପାଖିଆ ଠିଆ ହୋଇ ଉତ୍ତର ଦେବି, ମୋ ରାଣ, ତମେ ଆଜି ଯାଅ ନାହିଁ । ମନ ମୋର ଭାରି ଦୁଃଖ ହେବ । ଠିକ୍ ଯେମିତି ପରେଶ ଭାଇଙ୍କି କହି ତାଙ୍କୁ ଅଟକାଇଲି, ଅବିକଳ ସେମିତି କହି ତାଙ୍କୁ ଅଟକାଇ ରଖିବି ?

କିନ୍ତୁ ସେ ଦିନ ଆସିବାକୁ ବହୁତ ଡେରି । ସବୁ ସ୍ୱପ୍ନ, ସ୍ୱପ୍ନର କୁହେଳି........ ।

ଆଜି କୁଆଁର ପୁନେଇଁ ବୋଲି ଝିଅମାନେ ଖେଳିବା ପାଇଁ ଆସି ଜୁଟିଲେ ହେଲେ । ମତେ ଖେଳିବା ପାଇଁ ଭଲ ଲାଗିଲା ନାହିଁ । ମୁଁ ଖଟିଆଟି ଉପରେ ନିରୋଳାରେ ଶୋଇ ରହି ଭାବୁଥିଲି ଜୀବନରେ କେତେ ଗୋପନ ରହସ୍ୟ ।

କୁଆଁର ପୁନେଇଁ ଖେଳ ଖେଳି ଝିଅମାନେ କେତେବେଳେ ଆମ ଦାଣ୍ଡରୁ ଚାଲି ଗଲେଣି, ତା ବି ମୁଁ ଜାଣି ପାରି ନାହିଁ । ନିଦ କେତେବେଳୁ ମତେ ଅକ୍ରାନ୍ତ କରି ସାରିଲେଣି ।

ତା' ଆରଦିନ କଥା ।

ସକାଳୁ ପରେଶ ଭାଇ ଆମ ଘରୁ ବିଦା ହୋଇଲେ । ସାଥିରେ ଭୀଷ୍ମ ପ୍ରତିଜ୍ଞା ପାଣିପରି କୁଆଡ଼େ ଚାଲିଗଲା । ଅଲକ୍ଷ୍ୟରେ ଆଖିରୁ ମୋର କାହିଁକି ବିଦାୟୀ କାଳୀନ ଅଶ୍ରୁ ଦି' ବୁନ୍ଦା ପୁଣି ନିଗିଡ଼ି ପଡ଼ିଲା ।

ଏଇ ଘର ଛାଡ଼ିବା ପାଇଁ ପରେଶ ଭାଇଙ୍କର ସତେ ଯେମିତି ଇଚ୍ଛା ନ ଥିଲା । ଗଲାବେଳେ ପାଦ ଦୁଇଟି ତାଙ୍କର ଯେମିତି ବାନ୍ଧି ହୋଇ ପଡୁଥିଲା । ଦାଣ୍ଡ ଦୁଆର ମୁହଁରେ ମୁଁ ନିରୋଳାରେ ଛିଡ଼ାହୋଇ ତାଙ୍କ ଗନ୍ତବ୍ୟ ପଥକୁ ଚାହିଁ ରହିଥିଲି । ମୋ ଛବି ଲିଭିଯିବା ପର୍ଯ୍ୟନ୍ତ ସେ ନାଲିମାଟିର ବନ୍ଧୁର ପଥ ଉପରେ ମତେ ବାର ବାର ଚାହିଁ ଚାଲି ଚାଲିଥାନ୍ତି ।

ଟେଛି ବୁଦ୍ଧୁ ଛ, ବଣ ପାହାଡ଼ ଭିତରେ ହଜି ଗଲେଣି ପରେଶ ଭାଇ, ଆଉ କାହିଁକି ଦିଶୁନାହିଁ ତାଙ୍କର ସୁନ୍ଦର ମୁହଁ । ଆଉ କାହିଁ ତ ଶୁଭୁନାହିଁ ତାଙ୍କ କଣ୍ଠର ଲଳିତ ସ୍ୱର ! ମନଟା ମୋର ଅତି ବିକଳ ହୋଇ ଉଠୁଛି । ଅଶ୍ରୁଳ ନୟନରେ ଘର ଭିତରକୁ ଯାଇ ତକିଆଟି ଉପରେ ମୁହଁମାଡ଼ି ଶୋଇ କାନ୍ଦି ଉଠିଲି । ଅଜଣା କୋହ ଛାତି ଭିତରେ ଲହଡ଼ି ଭାଙ୍ଗୁଥାଏ ।

ସାରା ଦୁନିଆ ମତେ ଲାଗିଲା ଶୂନ୍ୟ, ନୀରସ, ହା-ହୁତାଶପୂର୍ଣ୍ଣ ଜୀବନରେ ଆଉ ମୋର କୋଉଥିରେ ଶାନ୍ତି ନାହିଁ ।

ଆଖି ଆଗରେ ବିରାଟ ମେଘନାଦ ପାଚେରୀ ଏଇ ମଣିଷର ସମାଜ । ମଣିଷ ଖାଏ ମଣିଷର ରକ୍ତ, ମାଂସ । ମଣିଷ ମଣିଷର ଟିଟିରେ ନିର୍ମମ ଭାବରେ ମାଡ଼ ଦିଏ । ହୃଦୟରେ ଲବେ ଦୟା ମାୟା ଆସେ ନାହିଁ କାହାର ।

ପବିତ୍ର ପ୍ରୀତି ଶ୍ରେଷ୍ଠ ପ୍ରଣୟ କଣ ଲୌକିକତାର ଆଦର୍ଶ ? ସମାଜର ପରଦା ଉହାଳରେ ବ୍ୟଭିଚାରର ତାଣ୍ଡବ ନୃତ୍ୟ ଆଜି ଘରେ ଘରେ ଚାଲିଛି, କେହି ଦେଖି ତାର ତ ପ୍ରତିବାଦ କରିବାକୁ ଯାଉନାହିଁ,

ଜୀବନ ହେଉଛି ସେଇଠି ଜୀବନର କାମ୍ୟ, ଉପଭୋଗ୍ୟ ବସ୍ତୁ । ଷୋଡ଼ଶ ଉପଚାରରେ ସେଇଠି ପ୍ରକୃତ ପୂଜା କରୁଛି ତାର ଅନ୍ତରର ନିଭୃତତମ ପୁରୁଷ ଦେବତାଙ୍କୁ ।

ମୁଁ ସେହି ସମାଜକୁ ଲଜ୍ଜା ଖୋଲି ପଚାରେ, ମନ ଦେଣା ନେଣାରେ ପାପ ରହୁଛି କେଉଁଠି ? ମନର ମେଳ, ଭାବନାର ମେଳ ଯୋଉ ନାରୀ, ପୁରୁଷ ଦୁନିଆରେ ଏକ ରହି ପାରୁଛନ୍ତି ତାଙ୍କୁ ସମାଜରେ କାହିଁକି ଉଚ୍ଚସ୍ଥାନ ଦିଆ ଯାଇ ପାରିବ ନାହିଁ ? କାହିଁକି ଏଭଳି ନାରୀଙ୍କୁ ଦୁନିଆରେ ପରକୀୟା, ବ୍ୟଭିଚାରିଣୀ ବୋଲି ଆଖ୍ୟା ଦିଆ ଯାଉଛି ।

ଏ ସମାଜର ବଡ଼ ଝାପ୍‌ସା, ଅନ୍ଧାରୁଆ, ବାଟ ଘାଟ ସହଜରେ ଚାଲି ହେଉ ନାହିଁ । ଖସଡ଼ା ବାଟରେ ଥରେ ଗୋଡ଼ ଖସିଗଲେ ଏକା-ବେଳେକେ ଯାଇଁ ରସାତଳେ ।

କିଏ ପରଦା ଉହାଡ଼ରୁ ବାହାରି ମୁକ୍ତ ଆଲୋକରେ ସ୍ୱାଧୀନ ଭାବରେ ବିଚରଣ କରିବା ପାଇଁ ଚାହିଁଲେ ସଭିଏ ଠେଲିଦେବେ ନରକକୁ । ସରଳ ଜୀବନ ହେବ ବିପନ୍ନ, ସଂସାରଟା ଲାଗିବ ସାହାରା ମରୁଭୂମି ଠାରୁ ଆହୁରି ଶୁଷ୍କ—ଆହୁରି ନୀରସମୟ ।

ପରଦା ଉହାଡ଼ରେ ରହି ପହିଲିଥର ପାଇଁ ପରେଶ ଭାଇଙ୍କ ଉପରେ ମୋର ନଜର ପଡ଼ିଲା । କାହାଠୁଁ ଜୀବନରେ ଏତେ ଆନନ୍ଦ ମିଶା କଥା ପଦେ ଶୁଣି ନ ଥିଲି । କି ଅମୃତ ସତେ ତାଙ୍କ ସହିତ ଆଳାପ ଭିତରୁ ଆସ୍ୱାଦନ କଲି କେଜାଣି !

ସେ ପରକୁ ମୁଁ ପର । ତଥାପି ମନ ସବୁବେଳେ ତାଙ୍କ ପାଇଁ ଗୋଟେଇଧାଣ୍ଡି ହେଉଛି । ଏମିତି ତ ଜୀବନରେ କେବେ ମୋର ଦେଖା ଦେଇ ନ ଥିଲା । ଏ ପରିବର୍ତ୍ତନ କାହିଁକି ମୋର ଜୀବନରେ ସୃଷ୍ଟି ହେଲା ।

ମୁଁ ଯେ କାହିଁକି ଏତେ ଭୁଲ୍ କରୁଛି ତା ହୁଏ ତ ମୁଁ ନିଜେ ଜାଣି ପାରୁ ନାହିଁ । ସ୍ନିଗ୍ଧ ସ୍ନିଗ୍ଧ ଭାତ ଯୋଉ ଦେଉଛି, ଡ଼ାଲିରେ ଲୁଣ ପକାଉ ନାହିଁ, ତରକାରି ଗୁଡ଼ାକ ଲଙ୍କାରେ ପାଟିରେ ଦେଇ ହେଉ ନାହିଁ ।

ବୋଉଠୁଁ ମୁଁ ବହୁତ ଗାଳି ଶୁଣୁଛି । ତାର ମା ହୃଦୟ ମୋ ମନକଥା ହୁଏତ ବୁଝିଥିବ କି ନାଇଁ ତା' ମୁଁ ତ କାହିଁକି ଜାଣି ପାରୁ ନାହିଁ । କିନ୍ତୁ ମୋର ଯେ ପରେଶ ଭାଇଙ୍କ ପାଇଁ ଏ ଭୁଲ୍ ହେଉଛି, ତା' ମୁଁ ମର୍ମେ ମର୍ମେ ଅନୁଭବ କରୁଛି ।

ଏ ଭୁଲ୍ ପାଇଁ ଦାୟୀ କିଏ ? ଦାୟୀ ମୁଁ ନା ମୋ ବିକଶିତ ଭରା ଯୌବନ ? ଛନ ଛନ ଛଇଳ ମନ ଭିତରେ ପୁଣ୍ଡ୍ର ସୁନ୍ଦର ଛାୟାପାତ କରୁଛି କିଏ ? ନୂଆ ଆଶା ଆଲୁଅରେ ବାଟ ଚାହିଁ ଚାହିଁ ମନ୍ତ୍ରମୁଗ୍ଧ ହୋଇ ମୁଁ ସୁଦୂର ପଥରେ ବସି ରହୁଛି । ହାତରେ ମୋର ବରଣ ଢୁଙ୍କା ଡ଼ାଲା—ପ୍ରଣୟ ପୁଷ୍ପ ମାଲ୍ୟ ।

ସଞ୍ଜ ଲାଗି ଆସିଲା । ତୁଳସୀ ପାଖରେ ବୋଉ ସଞ୍ଜବତୀ ଆଣି ଥୋଇ ଦେଲା । ମନ ଭଲ ଲାଗିଲା ନାହିଁ । ଘର ଭିତରକୁ ଯାଇଁ ହାରମୋନିୟମ୍ ଟା କୁଁ କୁଁ କଲି ।

ନିଜକୁ ଖୁବ୍ ସଂଯତ କରିନେଲି । ଯାହା ମୁଁ ଭାବିବାକୁ ବସିଛି ସେ ମୋର ପୁରା ଭୁଲ୍, ଘୋର ଅଧର୍ମ । ଭୁଲିଯାଉ ଏ ଦୁର୍ବଳ ମୁହୂର୍ତ୍ତ । ଆଜି ଏ ଅସ୍ଥାୟୀ ଜୀବନଟାକୁ ପଙ୍କିଲ ବାଟରେ ଘୋଷାରି ଘୋଷାରି ଦୁନିଆରେ ଏତେ ଅପକୀର୍ତ୍ତି ଅର୍ଜିବି ନାହିଁ ।

ମନ ଭୁଲାଇବା ପାଇଁ ରସରସିଆ ଗୀତଟିଏ ଗାଇ ବସିଲି । ସଙ୍ଗୀତ ଜୀବନରେ କୁଆଡେ ଶାନ୍ତିବାଣୀ ବହିଆଣେ । ସେଥିପାଇଁ ଏବେ ସଙ୍ଗୀତର ସାଧନା ଚଳାଇଛି । ଏ ମରୁ ଅନ୍ତରରେ ସଙ୍ଗୀତ ହେଉଛି ମୋର ମରୁ-ମନ୍ଦାକିନୀ ।

କିନ୍ତୁ କାହିଁ ସେ ଶାନ୍ତି ! ତେବେବ ମନରୁ କିଣ୍ଟି ହୁଏ ହୋଇପାରୁ ନାହିଁ ଜଣକର ସ୍ନେହ ସରାଗ ।

ଏଇ ହସ କାନ୍ଦର ଅନ୍ତରତଳେ ସ୍ପଷ୍ଟ ଦେଖି ପାରୁଛି ଏକ ଅନାଭା ରୂପକାନ୍ତି—କନ୍ଦର୍ପ ଠୁଁ ଆହୁରି ତେଜୀୟାନ୍, ବୃହସ୍ପତିଠୁଁ ଆହୁରି ବଦ୍ଧ୍ୱାନ୍, ଗାମ୍ଭୀର୍ଯ୍ୟରେ ସାଗରଠୁଁ ଆହୁରି ଗରୀୟାନ୍ ।

ଅପାସୋରି ମନ-ପ୍ରତିମାଙ୍କୁ ପାଶୋରି ପକାଇବାକୁ ଅନବରତ ଚେଷ୍ଟା କଲେ ବି କାହିଁକି ମୁଁ ସହଜରେ ପାଶୋରି ପାରୁ ନାହିଁ । ଏଥିପାଇଁ ଦାୟୀ କିଏ ?-ମୁଁ ନା, ମୋ ଭରା ଯୌବନ ?

ତା' ପରଦିନ ନିଛଟ ଖରାବେଳ । ଦୁଆର ଓଳତଳ ଛାଇ ଧୀରେ ଲମ୍ବି ଆସିଲାଣି ସରୁ ପିଣ୍ଡା ତଳକୁ ଲାଗି । ବୋଉକୁ ଟିକିଏ ଛାଇ ନିଦ ଲାଗି ଯାଇଛି ।

ଖଞ୍ଜା ସେ ପଟରୁ ନୂଆବୋହୂ ଡାକ ଡାକି ଅଛିଲେ—'ମାଳ' ।

ଉତ୍ତର ଦେଲି—କ'ଣ ନୂଆବୋହୂ ?

କହିଲେ—କୁଣିଆ ପରି ବଡା ହୋଇ ଚଲେଣି, ଆଉ କଗିଛ କାହାକୁ ? ଆସମ, ଢ ଗୃହ ବାଜ ବନ୍ତି କ ଚୌଣ୍ଡିକାଇନ୍ ଖେଳିବା । ଆଉ ଦିନ କେଇଟା ଯେ, କିଏ କୁଅଡ଼େ କୋଉଠି ରହି କାହାଘର ହାଣ୍ଡିରେ ପୁଣି ଗୁଞ୍ଜଳ ପକାଇବ । ଆଉ ଏ ନୂଆବୋହୂ କଥା ମନେ ପକାଇବାକୁ ତର ପାଇଲେ ତ— ।

ନୂଆବୋହୂଙ୍କ କଥା ମନରେ ହେଜି ବି ନାହିଁ କେମିତି ! ଗୁହୁଁ ଗୁହୁଁ ଷୋଳଟି ବସନ୍ତ ଏଇଠି ଜୀବନରେ ପାରି ହୋଇ ଆସିଲାଣି ।

ଦୁନିଆରେ ବାପ, ମା ଆଉ ଝିଅଙ୍କୁ କେଉଁଠି ଦରସ୍ତ ବେଢ଼ରେ ବାନ୍ଧିବେ ? ମିଛ ତ ସେ କିଛି କହୁ ନାହାନ୍ତି ।

କହିଲି—ନୂଆବୋହୂ, ମୁଣ୍ଡଟା ବଥାଉଛି ଆଜି । କାଲିଠୁ ମୁଁ ବଗିଚର ହାଜର ହେବା ପଡ଼େ ।

ନୂଆବୋହୂ କହିଲେ—ଶୁଣୁଛ ନୀଳ । ଠିକ, ଆଉ ତମ ଭଉଣୀ ଏ ଧନ୍ଦାକି ପରା ମୁଁ ବସେଇ ଅଛନ୍ତି । ଶୁଣୁଛ ନା ପରା ମତ ବଉଳାର କାଲିଠୁ ମନ ଫାଟି ଯାଇଛି । ତମେ ଏ ସବୁ କଥା କିଛି ବୁଝି ନା ?

କହିଲି—ନାହିଁ ମ ନୂଆବୋହୂ ।

ସେ ମୋତେ କହିଲେ—ହେଲା କ'ଣ ହେଲା ! ଏତେ ସାଙ୍ଗ ହୋଇ ତମକୁ ସେ କିଛି କହି ନାହାନ୍ତି । ସେ କଣ ମୋତେ କିଛି କହୁଥିଲେ କି, ଉଡ଼ା ଚଢ଼େଇଠୁ ଶୁଣିଲି ପର କଥା ଠଉରେଇ ତାଙ୍କଠୁ ସିନା ମୁଁ ଭେଦ ପାଇଲି । ତମ ଆଗରେ କମିତ ସେ କହୁ ନାହାନ୍ତି ମ ! ଏକା ଆତ୍ମା, କ୍ଷୀର ନୀର ଠାଁ ବଲି ପରା !

କହିଲି—କାହିଁକି ଏବେ ନ କହିଥିବ ! ନର କଥା ତ ନାରୀଙ୍କ ଅଗୋଚର । ସେ ବା କାହିଁକି କହନ୍ତା ?

ନୂଆବୋହୂ ମୋ ପଣତ ଟାଣି କହିଲେ—ତମେ ଆଗେ ବସିବଟି ; ଧରୁ ମୁଁ ଧୀରେ ଧୀରେ କହିବି ।

କହିଲି—ତମେ ନ କହିଲେ ମୁଁ କି ସହଜେ ଯାଉଛି ।

ନୂଆବୋହୂ ତହୁଁ ଗପିଲେ—ତମେ କାହା ଆଗରେ କହିବନି, ନୀଳ ! କିଣ କହିବ ଗୋ, ଏସବୁ ମୋର ଅଙ୍କିଲ କାଟି । ତମ କୁଣିଆ କାଲି ବେଳବୁଡ଼େ ସେ ଖଣ୍ଡିଆ ଅଡ଼େ ଯାଉଥିଲେ । ମୋତେ ଦଣ୍ଡେ ଦେଖି ହେଲେ । ପାଖରେ ବସି କେତେ ଦୁଃଖ ସୁଖ ହେଲେ । ଭଲ ଆଗ ଯାଇଁ ମୋ ପାଖରେ ବସିଥିଲେ । ତମ ଘରେ ପଦ୍ମରେଖା ଯୋଉ ପା ଫୋପଡ଼ା କଥା, ସେ ଘଣ୍ଟା ସାଥେ ସାଥେ ମୋ କାନରେ

ଯାଇଥିଲ । ତାଙ୍କୁ ଭଲ ଯେମିତି ଦେଖି ପକାଇଲ, ତରଭର ହୋଇ ଯାଇଁ ରନ୍ଧାଘରେ ଲୁଚିଗଲ । ମୁଁ କଥାରେ କଥାରେ ପରେଶବାବୁଙ୍କ ଆଗରେ ଭଲର ବାହାଘର ପ୍ରସଙ୍ଗ ପକାଇଲି, ଭଲଟି କ'ଣ ଅସୁନ୍ଦରୀ ?

ପଚାରିଲି—କଣ ହେଲା ସେଇଠି ?

କହିଲେ—ଛି, ଛି କଣ ଆଉ ଗାଇବି ତାଙ୍କ ଗୁଣ ? ପଢ଼ାଶୁଣା କରି ଏ ଯୁଗରେ ପାଠୁଆ ପିଲଙ୍କର ପୁଣି ଏଡ଼େ ବିବେକ ? ସାମାନ୍ୟ କଥାଟାରେ କାଲି ମୋ ମୁଣ୍ଡ ତଳକୁ ହୋଇ ଯାଇଛି ।

କହିଲି—କାହିଁକି ?

ନୂଆ ବୋହୂ କହିଲେ—ପରୀ ପିଲଟାକୁ ପାଖକୁ ଟାଣି ଓଟାରି ନେଇ ମୁହଁ ଦେଖାଇଲି । ଭଲ ହାତ ଭଙ୍ଗା ପାନ ଦି' ଖଣ୍ଡ ନେଇ ତାଙ୍କ ହାତରେ ଗୁଞ୍ଜିଲି । ଖାଇଲେ କି ନ ଖାଇଲେ ସେ କଥା ମୁଁ ଆଖିରେ ଦେଖି ନାହିଁ, ଭଉଣୀ ।

ପଚାରିଲି—ତା'ପର ?

ନୂଆ ବୋହୂ ପୁଣି କଥାର ଖିଅ ଧରିଲେ, କହିଲେ—ଅସଲ କଥାଟା ମୁଁ ତମକୁ କହି ନାହିଁ । ଭଲ ତମ ସାଙ୍ଗରେ ବସି ରୁମାଲରେ 'ଭୁଲନା ପ୍ରିୟ' ବୋଲି ଗୋଲାପ ଫୁଲ ଅଗରେ ଯୋଡ଼ ଅକ୍ଷର କେତୋଟି ଅଙ୍କି ରଖିଥିଲ, ସେହି ରୁମାଲ ଖଣ୍ଡିକ ମୁଁ ନେଇ ତାଙ୍କ ହାତକୁ ଦେଲି । କହିଲି ତାଙ୍କୁ, ଏ ଖଣ୍ଡିକ ପରେଶବାବୁ ତମକୁ ସବୁ ଦିନ ପାଇଁ ଭଲ କଥା ମନେ ପକାଉଥିବ । ଭୁଲିବ ନାହିଁଟି ତାଙ୍କୁ, ତମ ଗୁରୁ ଆଖି ବାଣ । ଏଇଟି ଭଲଙ୍କର ପହିଲି ଉପହାର ତମକୁ ।

ମୁଁ ଆଉ ତାଙ୍କୁ କିଛି ପ୍ରଶ୍ନ ପଚାରିଲିନି । ଗୁହୁଁଥିଲି ତାଙ୍କର ଭାବବିଭୋର ମୁଖଶ୍ରୀଟିକୁ । କେମିତି ଉପନ୍ୟାସ ଭଙ୍ଗୀରେ ମିଳନଟିକୁ ସେ ଖଞ୍ଜିବାକୁ ବସିଛନ୍ତି ।

ତା’ପର ନୂଆ ବୋଉ କହିଲେ—କ’ଣ ଗୋଟାଏ ମୋର ଭାଗ୍ୟ ପଡିଲା ଯେ ମୁଁ ସେତିକିବେଳେ ଅନ୍ୟଆଡ଼େ ଟିକିଏ ଉଠିଗଲି । ଏ ନିଶମନ୍ତ କୁଣିଆ ତମର 'ରୁମାଲଟା ପସନ୍ଦ ହେଲାନି' ବୋଲି କହି ଥିଲା ଯୋଉ ଘରେ ଛୁଡ଼ା ହୋଇଥିଲେ ସେହି ଘରେ ସେ ପଶିଯାଇ ଦେଇଗଲେ । ଏ ବୋକୀର ତା'ପର କଣ ଦେଖିବ କାନ୍ଦଣା । କାନ୍ଦି କାନ୍ଦି ଆଖି ଦୁଇଟା ଏତେ ଫୁଲି ଗଲଣି । ବୁଝେଇ ବୁଝେଇ ମୁଁ କାଲିଠୁ ଥକି ଗଲିଣି । ଭାଗ୍ୟକୁ ଏ କଥା ଏ ପର୍ଯ୍ୟନ୍ତ କେହି ଶୁଣି ନାହାନ୍ତି । ତମ ଭାଇ ଶୁଣିଥିଲେ କି ତଳ ବୋଉ ଶୁଣିଥିଲେ ମୋର ଆଉ କି ଚୁଟି ପିଠି ରହିଥାନ୍ତା । ଯେଉଁର କଥାଟା ତମକୁ ସିନା ଖୋଲି କହିଲି, କୁନି ହେବରଙ୍କ ଆଗରେ କହିଥିଲେ ଏତେ ବେଳକୁ କଥା ସବୁ ଯାଆନ୍ତାଣି !

ଶୁଣି ଶୁଣି କହିଲି—ନୂଆ ବୋଉ । ଏତେ ବଡ଼ ରହସ୍ୟ ଘଟିଗଲା ମୁଁ ଏ କଥା ଶୁଣିବି କାହାଠୁ ? ଜାଣିବାର ମୋର ବା ଆବଶ୍ୟକ କଣ ?

ନୂଆ ବୋଉ ମଟେ ପୁଣି ଚୁପ୍‌ଚାପରେ କହିଲେ—ଦେଖ ମାଲ, ଏ ସବୁ କଥା ତଳକୁ କିଛି ପଚାରିବନି । ବେଶୀ ମନ ତାର ଦୁଃଖ ହେବ । ମୁଁ ବା ଏତେ କଥା କାହିଁକି କରିଥାନ୍ତି, ତଳର ରଙ୍ଗ ଢଙ୍ଗରୁ ବୁଝି, ଏତେ କଥା କହଇ ଶେଷକୁ ପୁଣି ଏଭଳି ଫଳ ପାଇଲି ।

କହିଲି—ବଉଳକୁ କହିଲେ ମୋର ବା ଲାଭ କ'ଣ ଅଛି ?

ନୂଆ ବୋଉ ପୁଣି ହସି ହସି କହିଲେ—ହଉ, ଯାହା ହବାର ତ ହେଲଣି, ବଉଳକୁ ତମର ନୂଆ ଭାଉଜ କରିବାକୁ ଇଚ୍ଛା ଅଛି କି ନାହିଁ କହିଲ ?

ମୁହଁରେ ଟିକିଏ ଶୁଖିଲା ହସ ଫୁଟାଇ କହିଲି—ଇଚ୍ଛା କାହିଁକି ହବ ନାହିଁ ? ଯୋଉଠି ଏତେ କରି ତମ କଥା ରହିଲା ନାହିଁ, ସେଠି ଆମ କଥା ବା କେତେ ମାନ ।

କହୁ କହୁ ନୂଆ ବୋଉଙ୍କ ହାତ ଧରି ମୁଁ ତାଙ୍କ ଘଣ୍ଟା ଅଡ଼େ ଚାଲିଲି ।

ଶପୁଡ଼ି ନୂଆ ବୋଉଙ୍କର ଅସରନ୍ତି ଗପ ସରୁ ନାହିଁ ।

ତାଂପରେ ଦୁହେଁ ଯାଇ ଘଣ୍ଟାରେ ପହଞ୍ଚିଲୁ ।

ବଉଳର ମୁହଁକୁ ନିରେଖି ଅନାଇଲି, ହସ ମଉଳା ମୁହଁଟି ତାର ପ୍ରକୃତିରେ ହାଉଁଳି ପଡ଼ିଛି । କାଲି ସକାଳର ଫୁର୍ତ୍ତି ଆଜି ନାହିଁ ତା ଠିଁ ।

ମନ ଖୋଲି ତାକୁ କିଛି ପଚାରିବା ପାଇଁ ହୃଦୟରେ ମୋର ସ୍ପୃହା ଆସୁ ନ ଥିଲା । ମନରେ ମୋର ଘନ ଘନ ପରାଘ ଲାଗୁଥିଲା ଯେମିତି ।

ଖାଲି ଉପରେ ଧରାବନ୍ଧାଗତ ଅନୁସାରେ ଚାଲିଥିଲା ତାସ୍ ଫେଣ୍ଟା, ନାଲି କଳାର ହାରଜିତ୍ ଖେଳ କିନ୍ତୁ ଭିତରେ ଭିତରେ କୁହୁଳି କୁହୁଳି ମୋର ଜଳୁଥିଲା ମନଗହ୍ୱରର ଅଜଣା ପ୍ରଶ୍ନ ଶିଖା ।

ସଂସାର ମଣିଷର ଆଖି ପଡ଼ିବା ପାଇଁ ଆଜି ବହୁତ ଡେରି । ଗୋଡ଼ ଚପି ଚପି ବାଟ ଚାଲିଲେ ଆଗକୁ କିଛି ଦଅସତ୍ ନାହିଁ । ବୁଝି ବୁଝି ମୁଁ ପହରି ଚାଲିଛି ।

ଅଶ୍ୱିନି ଯାଇଁ କାର୍ତ୍ତିକ ବି ଠେପିଲା ।

ଏ ପର୍ଯ୍ୟନ୍ତ ମେଘର ଚିହ୍ନ ବର୍ଣ୍ଣ ନାହିଁ । ଚାରିଆଡ଼େ ବାଲିଫାଟି ଯାଁ କଲାଣି ।

କାଲି ସଞ୍ଜବେଳେ ବାପା ଆସିଛନ୍ତି । ଦାଣ୍ଡରେ ବସି କାହା ସାଙ୍ଗରେ କଥା ହେଉଛନ୍ତି । ଏ ବରଷ ନିଶ୍ଚୟ ଦୁର୍ଭିକ୍ଷ ହେବ । ଦେଶରେ ମଡ଼କ ହେବ । ଅଭାବ ଅନାଟନ ତ ଦେଶ ସାରା ଲାଗି ରହିଲା । ଘର ସଂସାରର ଗୁଜୁରାଣ ହେଉଛି କେମିତି । ଗୃହୀ କୁଳ ଉଚ୍ଛନ୍ନ ହେଲେଣି । ଯେ ଯେଉଁଠି ମୁଣ୍ଡରେ ହାତ ଦେଇ ବସିଲେଣି । ଧାନ ଗଣ୍ଡାକ ସିନା ତେଲ ଲୁଣ ସଂସାର ତାଙ୍କର ତୁଲେଇ ନେଉଥିଲା । ସିଏ ତ ଆସ ଶେଷ ହେଲାଣି । ଯେଉଁ କଥା ଏବେ ଯେଉଁଙ୍କୁ ଅସମ୍ଭାଳ, ଏ ନିଅଣ୍ଟିଆ ଦିନରେ କିଏ କାହାକୁ ଚଳାଉଛି ।

ଇମିତି କେତେ ଆଉ କେତେ ଅଛିଣ୍ଡା ଗପ । ସେ ଗପ ଯେପରି ଆଉ ଶେଷ ହେବ ନାହିଁ ।

ଉତ୍ତରଙ୍କ ପରେ ଦାଣ୍ଡରେ ବସିଥିବା ଲୋକ ଦି' ଜଣ ଉଠିଗଲେ । ବାପା ଖଞ୍ଜା ଆଡେ ପଶି ଆସିଲେ । ସିଧାସିଧି ବୋଉକୁ ଡାକିଲେ, କାଲି ବୋଉ ?

ବୋଉ କହିଲା—ମୁଁ ଏଠି ପଡ଼ିଛି କାହିଁକି ।

ବାପା କହିଲେ—ସେତିକ ଜଣେ ଝିଅକୁ ଟିକେ ପାରୁନାହିଁ ? ଘର ପାଇଟି ହେଲେ ତାକୁ ଟିକିଏ ଟିକିଏ ଶିଖା ! ନୋହିଲେ ଦାଣ୍ଡରେ ତମର ନାଁ ପଡ଼ିବଟି !

ବୋଉ କହିଲା—ସେଇପା ଟିକିଏ ଝିଅକୁ ତମର ଶିଖେଇ ଦେଇ ଯାଅ । ଇଏ ବାପ ଘର ବୋଲି ସିନା ସବୁ ଚଳି ଯାଉଛି, ଅଜ ଶାଶୁ ଶଶୁର ଯାଆ ଯେଉଁଲା ପାଞ୍ଚ ପଡ଼ଶୀ ଯେବେ କୁଟୁମ୍ବରେ ଦିନେ ଭଏ ସେଠି ଚଳିବ କେମିତି ?

ବାପା କହିଲେ—ହିଁ ଅତ ଅ ର ମୂର୍ଖ ନୁହେଁ । ଯା' ହେଉ ଦି' ଅକ୍ଷର ତ ପଢ଼ିଛି । ସେ କଣ ଭଲମନ୍ଦ ବୁଝି ପାରୁ ନାହିଁ ? ଏଇଟି ଭଲକୁ ଦେଖିଲ, ସେ ଏତିକେ ମାଇକିନା ଗଣ୍ଠା ପାଣ କରିଛି,

ଏବେଠି ରାଣୀକୁ ଦେଖିଲି, ସେ ଏବେ ସାଙ୍ଗଙ୍କ ସହିତ ଗପସପ କରୁଛି, ଘରେ ରୋଷେଇବାସ କରୁଛି, ଅରଟରେ ବସି ସୂତା କାଟୁଛି, ଟିକେଇ ଶିଖୁଛି, ଯ୍ୟା'ର ପର ଗୀତ ବି ଗାଇ ପାରୁଛି ।

ତା'ପରେ ବୋଉ କହିଲା—ଖାଲି କଣ ସେତିକି । ଏବେ ପରା ହୋମିଓପ୍ୟାଥି ଔଷଧ କଣ ସବୁ ଦିଆନିଆ କଲଣି । ଏଇ ଗାଁରେ କେତେଜଣଙ୍କୁ ଔଷଧ ଦେଇ ଆରାମ କଲଣି । ଏତିକି ସେ ଭାରି ତଳ ମୁହଁ । ଅସଲ ରୂପ ଶଇତାନୀ...... ।

ବାପା କହିଲେ—ସେ ଯା'ହେଉ, ଏକାଥରେ କେହି ଲୋକ ଜଗତରେ ଭଲ ହୋଇ ପାରେ ନାହିଁ । ତଥାପି ଲୋକର ଭଲ ଗୁଣଟା ସବୁବେଳେ ଗ୍ରହଣ କରିବା ଦରକାର ।

ବୋଉ ନୀରବ ରହିଲା ।

ତା' ପରେ ଟିକିଏ ରେ ଭାବିଚିନ୍ତି କହିଲା—ଆମ ଝିଅ ଏତେ ଅପରିଚିଆଣୀ ଯେ କାହାରି କଥା ପଦେ ହେଲେ ସହି ପାରିବେ ନାହିଁ । ପଦେ କିଏ କହିଦେଲେ ସେ ଦିନଟା ଖାଇବା ଖାଇବା ଶୋଇବା ଉପାସରେ କଟିବ । ସେଇଥିପାଇଁ ଭାବୁଛି, ଏ ଯାଆ ପେଢଲା ଶାଶୂ ନଣନ୍ଦଙ୍କ ପାଖରେ ଚଳିବ କେମିତି ? କିଛି ନ ହେଲା ବେଳକୁ ଏ ନିଶ୍ଚୟ କଳାଅର ମଞ୍ଜି, ଗୁଞ୍ଜି ଖାଇ ଦବ ।

ବାପା କହିଲେ—ଖୁବ୍ ଭଲ କଥା ଝିଅକୁ ତ ଶିଖାଉଛ ! ତୁନି ହୁଅ, ତୁନି ହୁଅ । ତାକୁ ଯେମିତି ସୁ-ଶିକ୍ଷିତା ମାଆ ନା, ସେ ତମ ଠୁଁ ଶିଖି ପାରୁନାହିଁ ବୋଲି ସେଇଟା ହେଲା ତାର କସୁର । ଏ ଯୁଗର ପଢ଼ା ଶୁଣା ଝିଅଟା ହେଇ ସେ କାହିଁକି କଳାଅର ମଞ୍ଜି ଖାଇବ ।

ବୋଉ ଆଉ ବାପାଙ୍କୁ କିଛି ପ୍ରତିଉତ୍ତର ଦେଲା ନାହିଁ । ତଥାପି ବି ଦିନର କଥା ସେ ମନେକରି କହିଲି—ମୁଁ ଏବେ କେତେ

ଶୁଆ ସାରୀଙ୍କୁ ପଢ଼ାଇଲା ପରି ତାକୁ ଶିଖେଇବ । ରାନ୍ଧୁ ରାନ୍ଧୁ ଭାତ ପୋଡ଼ ଦେଉଛି, ଡାଲି ଅଲଣା କରୁଛି, ତରକାରୀ ଲୁଣି କରୁଛି ବୋଲି ଯେ, ପାଠିଂର ଠିକଏ ଦେଇ ହେଲା ନାହିଁ ସେ ଦିନ ।

ବାପା କହିଲେ—ନାହିଁ, ଏମିତ ଉଦାସିଆ ହେଲେ କେମନ୍ତ-ଦିନ ଚଳିବ । ଏ ଯୁଗରେ ନିଜ ହାତରେ ସବୁ କରିବା କଥା । ଠାକୁର ଚାକରଙ୍କ ଉପରେ ନିର୍ଭର କରିବା ନିତାନ୍ତ ଅସୁନ୍ଦର ।

ଖଣ୍ଟ ଉଠାଲରେ ଛିଡ଼ାହୋଇ ମୁହଁ ତଳକୁ ପୋତ ମୁଁ ସବୁ ଶୁଣି ଯାଉଥାଏ । କିନ୍ତୁ ଆଉ ଉତ୍ତର ଦବାପାଇଁ ମତେ ବାଟ ନାହିଁ । ଯାହା ଏଠି ଗପ ପଡ଼ୁଛି ସବୁ ମୋ ଭଲ ପାଇଁ । ଛଳ ବା କରିବି କାହିଁକି ?

ତା' ଘରେ ବୋଉ କହିଲା—ଯା' ଭିତରେ ପରେଶ ଆସିଥିଲା ତମ ଘରକୁ । ବେଭାର ଅନ୍ତର କିନ୍ତୁ ତାକୁ କରିପାରିଲି ନାହିଁ । ଘର-ସାର କରି ଲୁଗାପଠା ଦେଇ ତ ଘରେ ରଖିବ ନାହିଁ !

ବାପା ପରେଶ ଭାଇଙ୍କ କଥା ଶୁଣି ଭାରି ଖୁସି ହେଲେ । କହିଲେ—ପରେଶର ଏତେଦିନକେ ମଉସା ମାଉସୀଙ୍କ କଥା ମନେ ପଡ଼ିଲା କେମିତି ? କେତେଦିନ ଏଠି ରହିଲା ?

ବୋଉ କହିଲା—ଦିନ ଗୋଟିଏ ତ ।

ବାପା ପଚାରିଲେ—ଶୁଣି ସେ କେବେ ଆସିବାକୁ କହୁଛି ?

ବୋଉ କହିଲା—ଛୁଟି ଫୁଟି କେବେ ମିଳିଲେ । ବି. ଏ. ପଢୁଛି କଲେଜରେ ।

ଶୁଣି ଶୁଣି ବାପା କହିଲେ—ସେ ଖବର ମୁଁ ଅନେକ ଦିନରୁ ରଖିଛି । ହଉ, ଏଥରକ ଆସିଲେ ବେଭାର ଅନ୍ତର କରି ଦବ । ଘରର ପୁଅଟା, ଏଥିରେ ପେଟ ଛଡା ଭାବିବାର କ'ଣ ଅଛି ?

ବୋଉ କହିଲା—ତା' ସତ ଯେ, ତଥାପି ଦେଶାନ୍ତରଙ୍କୁ ଆପଣାର ତ ଗୋଟିଏ ବିବେକ ଅଛି ।

ତା' ପର ବାପା ମନକୁମନ ଖାଲି ହସିଲେ । ବୋଉ ବାପାଙ୍କ-ଆଡ଼େ ଅନାଇ କହିଲା—କାହିଁକି ହସିଲ ଯେ—

ବାପା ଅନ୍ୟ କଥା ବୁଲାଇ କହିଲେ ।

ବୋଉ ଜିଦ୍ ଧରି ପୁଣି ସେହିକଥା ପଚାରିଲା ।

ବାପା ଟିକଏ ରହି କହିଲେ—ଜାଣିଲ, ମାଳ ବୋଉ ! ମୁଁ ଯାହା ଭାବୁଥିଲି ତା ଯେବେ ଦୁନିଆରେ ସତ ହୋଇ ପାରୁଥାନ୍ତା, ତା' ହେଲେ ମୁଁ ଏତେଦିନ ଧରି ମାଳ ପାଇଁ ଭାବୁଥାନ୍ତି କାହିଁ ? ଏ ସବୁ ସମାଜ ବିରୋଧ-ସମାସ୍ୟା । ଶୁଣିଲେ ଘୃଣାରେ ଲୋକେ ନାକ ଟେକିବା କଥା । ତେଣୁ କାହାକୁ ଏ ସବୁ କଥା ନ କହିବା ଭଲ । ନିଜକୁ ଆଗେ ପର ମୁଲାଡ଼ା ଲାଗୁଛି ।

ବୋଉ କହିଲା—ହଁ, ଏତେବେଳେକେ ମୁଁ ତମ କଥାଟାକୁ ଧରିଲି । ଯଉଁଗଣ କଥା ତୁମ ମୁଣ୍ଡରେ ଢୁକିଲାଣି କି ? ଛି, ଛି !

ଆଉ ମୁଁ ଦଣ୍ଡେ ସେଠି ଛିଡ଼ା ହେବା ପାଇଁ ଉଚିତ ମନେ କଲି ନାହିଁ । କାମ ଛଳନାରେ ଘର ଭିତରକୁ ଚାଲିଗଲି ।

ବୋଉ ମୁହଁରେ ହସ ଫୁଟିଲା ଏଥର । କଥାଟା ସେ ଆଦୌ ପସନ୍ଦ କଲା ନାହିଁ ।

ବାପା ତା'ପର ଅନ୍ୟ କଥା ଘୋଷାରେଇଲେ, କହିଲେ—ହଉ, ଛାଡ଼ ସେ ସବୁ । କଥାରେ କହନ୍ତି, ବସିବା ଠୁଁ କାଟିବା ଭଲ । ଦାଣ୍ଡରେ ବସିଥିଲି, କଣ ଗୋଟିଏ ମୁଣ୍ଡକୁ ମୋର ଉଠିଗଲା । ହଉ, ତେବେ ଆଜ କଅଣ କହୁଚ କି ?

ବୋଉ କହିଲା—ଆଉ କ'ଣ ଦିନ ଆସୁଛି ? ଝିଅଟାକୁ ପରି ଅନାଇଁ ହେଉ ନାହିଁ । କେତେଦିନ ତାକୁ ଏମିତି ଆଉ ଦେକରେ

ବାନ୍ଧବ ? ଯା ପାଇଁ ପୁଣି କୋଉଠି ଦୁଃଖ ହଉଛି ନା ଭଲା ଘରେ ବସିଲେ ଯୁ'ଡ଼ଙ୍କା କଥା ପ'ଚଯାର ପକାଉଛ ?

ବାପା ଉତ୍ତର କଲେ—ତମେ ସେଥିପାଇଁ ବ୍ୟସ୍ତ ହୁଅ ନାହିଁ । ମୁଁ ମୋ ସୁବିଧାରେ ରହୁଛି । ଏକାବେଳେ ଦୁଇ ବାହାଘରରୁ ଛୁଟି, ଚାକିରିରୁ ଛୁଟି ।

ବୋଉ ପ୍ରତିବାଦ କରି କହିଲା—ମଲା, ଏ କି ଅଖାଡୁଆ କଥା ମ ! ଚାକିରି ପୁଣି ତମର କି ଅପରାଧ କଲା ।

ବାପା ହସି ହସି କହିଲେ—ଛାଇ ଶୀତଳ ଧୂଳିଆ ଗାଁ ଗୋହିରି ଭିତରେ ରହିଲ । ବାହାର ଦୁନିଆର ହାଉଆ ତମ ଦେହରେ ବାଜିବ କେଉଁଠୁ ? ଦୁନିଆ ଆସି ଝଲମଲ ହେଲାଣି, କଣା କହୁଛି ମେଘ ଦୁଲୁକୁଛି ।

ବୋଉ ଅତି ଆଗ୍ରହରେ ପଚାରି ବସିଲା—କଣ କହୁନା ? ମାଇପଙ୍କ ପରି ଠଙ୍ଗ ଢ଼ମାଳୀ କଣ ମିଶିଛି ଏତେ କୁହନ୍ତମ ! ଦୁନିଆ ହାଲଚାଲ କଣ ଏବେ ଟିକିଏ କହୁନା ? କୋଡିଏ ପଚିଶି ବରଷର ଚାକିରିଟା କାହିଁକି ଆମର ଛଡ଼ା ହେଉଛି ? ଏ ଯୁଗରେ ଟଙ୍କା କଣ ଆମକୁ ପିତା ଲାଗୁଛି ?

ବାପା ତାଙ୍କର କାହାଣୀ ପେଡ଼ି ଫିଟାଇ କହିଲେ—ହଉ ଶୁଣ, ଗୋରା ସାହେବଙ୍କର ଏ ଦେଶରୁ ସତଚାଳିଶ ସାଲରୁ ଆସନ ତ ଉଠିଥିଲା; ଏଥର ରଜା ରାଜୁଡ଼ା ଜମିଦାର, ସାହୁକାର ସଭିଏଁ ମୂଳ ପୋଛ ହେଉଛନ୍ତି । ଏ ଦେଶ ସରକାର ଏଥର ବୁଝିଲେଣି, ଏଇମାନେ ଦେଶର ଗୋଟିଏ ଗୋଟିଏ ଅମଙ୍ଗଳ ଧୂମକେତୁ । ରଜା ରାଜୁଡ଼ା ତ ଗଲେ ଆମ ଦାନକନା ବି ଲୋପ ହେବା ଉପରେ । ଏଟିକି ଚୂଆଁ ଟୋଇଁ ପରି ମୁହିଁ ଚୂହାଁଚୁହିଁ ହୋଇ ରହିବା କଥା ।

ବୋଉ ସଙ୍ଗେ ସଙ୍ଗେ ମନରୁ ଦୁଃଖ ଫାଢ଼ି କହିଲା—ତା' ହେଲେ ଏତିକିବେଳେ ରଜାଙ୍କଠୁଁ ସୁବିଧା ଆମର ହାସଲ କରି ନବା କଥା । ଏତେ ବରଷ ରଜାଘରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଦେହ ମେହନତ କରି ଖଟିଲ, ଝିଅ ଆମର ବାହା ହେଇ ନାହିଁ, ଆମର ମୂଲ କିଏ ବୁଝିଯିବ ?

ବାପା ବୋଉ କଥାକୁ ହସରେ ଉଡ଼ାଇ ଦେଇ କହିଲେ, ଏତେ କରିକି ମନର ଓରମାନ ଏ ପର୍ଯ୍ୟନ୍ତ ମେଣ୍ଟିଲା ନାହିଁ ଯେ ପୁଣି ରଜା ମୁଣ୍ଡଠିଁ ତମର ଆଖି ପଡ଼ିଲାଣି । ଧନ୍ୟ କହିବି ତମକୁ ।

ବୋଉ ମୁହଁ ମୋଡ଼ି ଦେଲା, କହିଲା—ବସି ପାଇଲେ ନଈ ବାଲି ସରେ । ଏମିତି କି ରୋଜଗାର ଯେ, ଦଶଟା ବର୍ଷକୁ ତ ନାହିଁ ।

ବାପା କହିଲେ—କ'ଣ ମୁଁ ରୋଜଗାର କରି ନାହିଁ ? ସମୁଦ୍ର ଲହଡ଼ୀ ଗଣା ବଂଶର ବଂଶଧର ଆମେଠି ? ଜାତିର ମର୍ଯ୍ୟାଦା ସହଜରେ ଛାଡ଼ିଦେଇଛୁ ? ଜମିବାଡ଼ି, ଘରଦ୍ୱାର, ବ୍ୟାଙ୍କ୍ ତହବିଲ ସବୁ ମନେ ମନେ ହିସାବ କରିନିଅ । ଆଚ୍ଛା, ତମ ଦେହରେ ଏ ଗହଣାଗାଣ୍ଠି ଏତକ କେତେ ଟଙ୍କାର ହେବ କହିଲ ?

ବୋଉ ବିରକ୍ତ ହୋଇ ଉଠି ଯାଉଥିଲା କହିଲା—ଉଠମ, ମୁଁ ଏଇଥି ଯାଉଛି ଶୁଣିବାକୁ ।

ତା'ପର ବାପା କଥାର ଖିଅ ଧରି କହିଲେ—ତା'ଛଡ଼ା ଝିଅକୁ ମୋର ବାହା ଦବାର କଥା, ତା' ମୁଁ ଠିକ୍ କରି ନେଇଛି । ତରଣି ଭଣ୍ଡା ପର୍ଯ୍ୟନ୍ତ ସୁନା, ଷ୍ଟିଲ ସାଇକଲ, ଘଡ଼ି, ବ୍ରାହ୍ମଣଙ୍କ ସାତଶହ ଟଙ୍କା, ଆଉ ଅନ୍ୟାନ୍ୟ ଖରଚ ବାରଚ କଥା ଛାଡ଼ିଦିଅ । ଗୋଟିଏ ମଧ୍ୟବିତ୍ତ ଶ୍ରେଣୀର ଭଦ୍ରଲୋକ, ଏ ଯୁଗରେ ଏହା ଅପେକ୍ଷା ଅଧିକ କଣ ଆଉ ଦେଇପାରେ ? ଖାଲି ତା' ଭାଗ୍ୟକୁ ସୁପାତ୍ର ଗୋଟିଏ ହୋଇଗଲେ ମିଳିବାକୁ ?

ବୋଉର୍ ପୁଣି କଥା—ଲହସରେ ବସି ପଡ଼ିଲା । କହିଲା ଭଲଲୋକ କାହାକୁ ଦେଖି ହଉଡ଼ା ଧାପଡ଼ା କରାଉଥିଲେ ସିନା ହେବ । କରଣ ଘରେ ପାତ୍ର ଯେମିତି ମିଳୁଛନ୍ତି ନାହିଁ ? କି ଗାତ ଯଉତୁକ-ରୋଗ ଦେଶରେ ଏବେ ବ୍ୟାପିଲା ଯେ ଚୂଲିଆ ବରପୋମାନେ ଖାଲି କହୁଛନ୍ତି ପୁଅଙ୍କୁ ଏତେ ପାଠ ପଢ଼େଇ ଶୁଣେଇ ଗୁଣିର କଲୁ, ଆମକୁ ଘରର ଯାନଆସନ ବନ୍ଧୀ ସବସ୍ୱ ବୋହୁ ଦିଅ । ଏବକାର କଲେଜ ପଢୁଆ ଟୋକାଙ୍କର ଏବେ କୋଉ ବୁଦ୍ଧିଶୁଦ୍ଧି ଅଛି ? ମୁଣ୍ଡରେ ଯଦି ସେତକ ଅକଲ ଖଟାଇ ପାରୁଥାନ୍ତେ, ତାଙ୍କ ପୁରୁଣା କାଳିଆ ବାପ ମାଙ୍କୁ କଣ ସେତକ ବୁଝାଇ ପାରନ୍ତେ ନାହିଁ ? କ'ଣ କାହାକୁ କହିବ ଏ ଯୁଗରେ । ଏକା ନାଉରୁ ସମସ୍ତେ ମଞ୍ଜି ପରି ।

ବୋଉ କଥାଟା, ବାପାଙ୍କ ମନକୁ ଖୁବ୍ ଦୋହଲା, କହିଲେ—ଠିକ୍ କହୁଛ—ଶୀଳ ବୋଉ । ଏ କଲେଜ ପଢୁଆ ପିଲାଙ୍କର ସେହି ହୁରୁଛି । ବାପ ଧନରେ ପୁଞ୍ଜି, ଅନ୍ୟୁସରେ ସମସ୍ୟୁ କଟାଇବାକୁ ଏ ଯୁଗର ଅଧିକାଂଶ ପିଲା ଧନ ପାଇ ନ ଥାନ୍ତି । ମୁଁ ଏଇ ଆଖିରେ ଦେଖିଛି, ଖରା ଭଡ଼ାରେ ଯା ଠିଲା ତା ଠିଲ ବୁଲି ଟିଉସନ ଖଟେଇ ଖଟେଇ କରି, ଦରଶୁଖିଲା ବଗଡ଼ା ଚୁଡ଼ାଲର ଭାତ ମୁଠା ମୁଠା ଖାଇ କେତେ କଲେଜ ପିଲା ବହୁକଷ୍ଟରେ ବି. ଏ. ଖଟେଇ ଖଟେଇ ପାସ୍ କରୁଛନ୍ତି । ଦେହରେ ଖଣ୍ଡିଏ ଧୋତି, ଖଣ୍ଡିଏ ଫଂଟ୍ଟା, ହଳଏ ଯୋତା କିଣି ପିନ୍ଧିବାକୁ ଅଣ୍ଟାରେ ପଇସାଟିଏ ନାହିଁ । ବାହାଘର-ବେଳେ ଦେଖ ତାଙ୍କର ଯଉତୁକ ଫର୍ଦ୍ଦ । ଖବର କାଗଜରେ ଯଥା ତଥା ନାଁ ଟିଏ ବାହାରିଗଲେ ନିଜକୁ ତ ସହଜେ ବୃହସ୍ପତି ମଣିଲେ । ତାପରେ ବ ସ୍ତ୍ରୀ ଖର୍ଚ୍ଚ କନ୍ୟାସମାନ ବଢି ଚାଲିଲା । ଏଇଯା କୁହଁ, ଅଟେଇଦେବା ଶଶୁରଘର ଅର୍ଥରେ ମଉଜ ମଜଲିସ୍‌ରେ ସମୟ କାଟିବା ନାଁ । ତା ପରେ ଶୁଣିବ ବାହାଘର ପରେ ପରେ କେଇଟା ଦିନରେ

କାହାର ସାଇକଲ୍ ବନ୍ଦୀ ହବ, କିଏ ଅର ସୁନା ଅଲଙ୍କାରତକ କୋଉ ମାରୱାଡ଼ି କମ୍ପାନି ଦୋକାନରେ ଲବ୍‌ଧ୍ଣ ଛପା ଭାବରେ ବନ୍ଧା ରହିଥିବ । ଏ ବ୍ରାହ୍ମଣ, କରଣ ସମାଜରେ ବର୍ତ୍ତମାନ ଯୌତୁକ ପ୍ରଥା ସଂକ୍ରାମକ ରୋଗ ଭଳି ବ୍ୟାପି ଗଲାଣି । ଏହାର ସଂସ୍କାର କରିବାକୁ କେତେଜଣ ପାଠୁଆ ଜୋଇଁ ଆଗଭର ହେଉଛନ୍ତି ? ଯୁକ୍ତି ଛଳରେ କୁହନ୍ତି, ଆମର କେବଳ ସୁଯୋଗ୍ୟା ସାଥୀଟିଏ ଦରକାର, ଯୌତୁକର ପକ୍ଷପାତୀ ଆମ୍ଭେମାନେ ନୋହୁଁ । ବବାହର ପ୍ରସ୍ତାବ ଠିକ୍ ହୋଇଗଲେ ପୁଣି କଥା ବଦଳାଇ କୁହନ୍ତି—ଆମେ କିଛି ଚାହୁଁନା, ବାପା ଯାହା କରିବେ । ଏ ଗୋଷ୍ଠୀଏ ଏ ଯୁଗର ପାଠୁଆ ବରଙ୍କର ଏକପ୍ରକାର ରାଜନୈତିକ ଚାଲ୍‌ବାଜି । ଶଶୁର ଯେତେହେଲେ ପର ମଣିଷ, ତା ଅର୍ଥ ପ୍ରତି ଏ ଯୁଗରେ କେଉଁ ହୃଦୟବାନ୍ ଜୋଇଁ ଦାନ ଯୌତୁକ ନ ନେବାପାଇଁ ସମାଜକୁ ସୁପରାମର୍ଶ ଦେଉଛନ୍ତି !

ବୋଉ ଉତ୍ତର କଲା—ଛାଡ଼, ଆମ ଜୀବନରେ ଆମର ଖାଲି ପରଘରକୁ ଦଉଡ଼ ସାର୍ । ପଇସାଟିଏ କାହା ଘରୁ ପାଇବା ଆମ ଭାଗ୍ୟରେ ନାହିଁ ।

ତା ପରେ ବାପା ବୋଉକୁ ବୁଝାଇ କହିଲେ—ଛାଡ଼ ସେ ସବୁ ଗୀଲ ବୋଉ । ଏଇ ଆମର ପୁଅ ଝିଅ । ଠାକୁର ଆମକୁ ଯେଉଁ ଜମିବାଡ଼ି ଦେଇଛନ୍ତି ସେତକ ଝିଅ ନାଁରେ ଉଇଲ କରିଦବା । ତା ପରେ ଆମ ଦୁହିଁଙ୍କର ଶେଷରେ ହରଦ୍ୱାରଠି ଶେଷ ଆଶ୍ରା । ଯୋଉ ମଠରେ ବସିବା ସେହି ଆମର ମୁକ୍ତି ତୀର୍ଥ । ସେଥିପାଇଁ ତମର ଚିନ୍ତା କଅଣ ?

ବୋଉ ଆଖିରୁ ଲୁହ ଗଡ଼ି ପଡ଼ିଲା, କହିଲା—ସତେ ଗୀଲର ଦୋଳିମୋ କହୁ ଦେଖି ଆଗରେ ମୋର ଧନ ସରିବ । ଆଉ ଭାଗ୍ୟରେ ମୋର ହରଦ୍ୱାର ଥିଲେତ ।

ବାପା ବି ଟିକିଏ ଦୀର୍ଘଶ୍ୱାସ ପକାଇଲେ ।

ଯାଉଁଳି କବାଟ ପାଖରେ ଛିଡ଼ା ହୋଇ ତାଙ୍କୁ ଅନାଇ ରହିଥିଲି । ମନେ ପଡୁଥିଲେ ଆଜି ମୋର ଘରେଣଘର । ଆଜି ନିଷ୍ଠୁର ତଣ୍ଟିରେ ତାଙ୍କର ଭାତ ଗୁଣ୍ଡାଟା ଲାଗୁଥିବ କି କଅଣ, କାଶି କାଶି ବେଦମ୍ ହେଉଥିବେ କଂସକରେ ।

ଦୂର ବାସିନୀ ଅଧାଟଙ୍କା ଗଚ୍ଛିବ ଉଇଁଶୀଟା କଥା ସତେ କଅଣ ସେ ମନେ କରୁଥିବେ ? ସାମାନ୍ୟ ଟଙ୍କାଟିଏ ଖଣ୍ଡିଏ ତାଙ୍କଠୁଁ ଆଶା କରିବା ତ ସାତ ସପନ ।

ଭିତର ପରଷ୍ଟିର କୋହ ଆଖିରେ ମୋର ଜମେଇ ଦେଉଥିଲା ଆଖିଏ ଲୁହ । ଖାଲି କଟପାଟୀ ପର ଝୁରି ହେବା ପାଇଁ କଣ ମୁଁ ଦୁନିଆରେ ଦୁଃଖିନୀ ଜନମ ପାଇଥିଲି ।

ମୋର ଏ ନୀରବ ପ୍ରଶ୍ନର ଉତ୍ତର ଏ ପାହାଡ଼ୀ ଗାଁରେ ମୁଁ କାହାଠୁଁ ପାଏ ନାହିଁ ।

ଦିନ ପରେ ଦିନ ବିତି ଚାଲିଛି ।

ପାହାଡ଼ ଆରପାଖ ଦିଗବଳୟ ତଳେ ଜହ୍ନ ନିତି ହସି ହସି ମୋ ସହିତ ଲୁଚକାଳି ଖେଳୁଛି । ଟେସୋଫୁଲା ନଈ ପାରି ଭଡ୍ରୀବେଟା ଅରମା ଡହାଡ଼ରୁ କଳକଳ ହୋଇ ଗୋଡ଼େଇ ଆସୁଛି ସଞ୍ଜବୁଢ଼ା ଶିବ-ଶିର ପବନ । ବାଉର ନାସ୍ତବ୍ଧତା ବୁକୁ ଚିରି ଭାସି ଆସୁଛି ସବିତର ପକ୍ଷୀମାନଙ୍କର କଳକୂଜନ । ଦୁଆରେ ନିସେଲାରେ ବସି ଉପଭୋଗ କରୁଛି ମୁଁ ହେନା ରଜନୀ ଗନ୍ଧର ସୁରଭି ସୁଆର ।

ଗାଁ ଦାଣ୍ଡରେ ପିଲା ବେଳର ଧୂଳି ଖେଳ ଠୁଁ ବଉଳର ମୋର ସାଙ୍ଗ । ତାଙ୍କ ସାହିଙ୍କ ଆମ ସାହି ଲାଗିଛି, ଏକାଠି ବସାଉଠା, ଖିଆପିଆ । ଦୁହେଁ ଗାଁ ମାଇନର ସ୍କୁଲରେ ଏକାଠି ପଢିଲୁ । ସିଏ ମାଇନର ପାସ୍ କଲା, ମୋ ଫଟା କପାଳକୁ ମାଇନର ଖଣ୍ଡ ପାସ୍ କରିବାତ ଦୂରର କଥା, ପରୀକ୍ଷା ହଲ୍‌ରେ ଥରେ ବସିବା ପାଇଁ ବି ଏ ଜୀବନରେ ସୁଯୋଗ ମିଳିଲା ନାହିଁ ।

ବଉଳକୁ ଦିନେ ନ ଦେଖିଲେ ମୋତେ ଅନ୍ନ ପାଣି ରୁଚେ ନାହିଁ । ବଉଳ ବି ମୋର ସେହି ଛାଞ୍ଚରେ ଗଢ଼ା ହୋଇଛି । ଘରେ ଭାତ ଖାଇ ସେ ଆସି ଏଠି କୁଳକୁଆଁ ପକାଇବା ମଣିଷ । ଏଇ କେତେଦିନ ହେଲା ତାର ଆମ ଘରେ ପାଦ ପଡୁ ନାହିଁ । ମନେ ମନେ ମୁଁ ସବୁ ଦୋଷବଧ ତାର ଉପରେଇ ନେଲିଣି ।

କ'ଣ ମୁଁ ବଉଳର କରିଛି ? ପରେଶ ଭାଇଙ୍କ ସହିତ ତା'ର ମନୋମାଳିନ ହେବାରୁ ସେ ଏକ ପ୍ରକାର ଉଦାସୀନ ରହୁଛି ।

ଅବିଚ୍ଛିନ୍ନ ଚିନ୍ତା ସହଜରେ ମନରୁ ପାଶୋରି ହୁଏ ନାହିଁ । ଆଖିରୁ ଅଜାଣତରେ ଲୁହ ବୁହେ, ହୃଦୟରେ ଘନଘନ ସ୍ପନ୍ଦନ ଉଠେ, ଶୂନ୍ୟ ଆକାଶକୁ ଅନାଇ ମଣିଷ ଅନିଶ୍ଚିତ ଆଶାର ଆଶାୟୀ ହୋଇ ନୈରାଶ୍ୟ ମୁହୂର୍ତ୍ତରେ କେତେ ସୁନେଲି କଳ୍ପନା ଗଢ଼ିବସେ । ଏ ଦୁନିଆରେ କେହି ତାର ଖବର ରଖେ ନାହିଁ ।

ଆଜି ମନ ଗହ୍ୱରର ଗହନ ଗୁମ୍ଫା ତଳେ ଅବୁଝା ଚିନ୍ତାଧାରା ରହସ୍ୟ ସୃଷ୍ଟି କରି କରି ଚାଲିଛି । ଏ ପର୍ଯ୍ୟନ୍ତ ଭେଦ ପାରିନାହିଁ ଦୁନିଆ ମଣିଷର ସନ୍ଦେହଭରା କାହାଣି ।

ଆଉ ଦିନେ ।

ସଞ୍ଜ 'ବଳୁ ଥିଲି ଗଣା ହୁଏର ଅଗଣାରେ । କୁନି ଅସି କହିଲା—ସଞ୍ଜ ବଳୁଛୁ, ନାନି ଅପା ? ଏ ପିଲା ଏଠେଇଁ ଠିକ ତମ ଯାଗାରେ ଘୁରାଇ ମଠେ ଥାଳଟିରେ ଦିଅନ୍ତୁ କି ?

ଶୀତ ପଡ଼ିଲାଣି ଖୁବ୍ । ବଡ଼ ଓଷା ଘଞ୍ଜ । ବାପା ବୁଢ଼ା ବାପାଙ୍କ ଅମଳରୁ ଆମ ଘରେ ବଡ଼ ଓଷା ହୁଏ ନାହିଁ । ଗାଁ ରେ ସବୁର ଘରେ କାଏ କେତେ ଓଷା କରନ୍ତି । କୁନି ଘର ଓଷା କରନ୍ତି ସେ ସାଇଯାକ ବୁଲି ସେ ଭୋଗ ବାଣ୍ଟୁଛି ।

ତା' ପର କୁନି କହିଲା—ହେ ମୋ ସୁଶୀଳା ପରି । ତୋ ଗୋଡ଼ତଳେ ପଡୁଛି, ଟିକିଏ ଏ ଭୋଗ ରଖ ଭଲ । ତୋର ସଞ୍ଜ-ବଳା ସରିଲାଣି, ମୁଁ ଏ ପର୍ଯ୍ୟନ୍ତ ସଞ୍ଜ ବଳି ନାହିଁ । ଏଣେ ସଞ୍ଜବେଳ ଡେରିଗଲେ ବୋଉ ଖପା ହେବ ମୋ ଉପରେ ।

ମୋତେ ଭାରି ହସ ମାଡ଼ିଲା ତା' କଥାରେ । କହିଲି—ଏଡ଼େ କାମିକା ହୋଇଗଲଣି ମ ? ବସ୍ ଟିକିଏ ।

ତା' ପରେ ସେ ହସି ହସି ମୋ ପାଖରେ ନଥିକର ବସି ପଡ଼ିଲା । କହିଲା—ହଅ, ବୋଉ ତାର ସଞ୍ଜ ବଳିବ ନାହିଁ କି ?

ମୁଁ ସଞ୍ଜବତୀ ଲଗାଇ ଲଗାଇ କହିଲି—ସେଇଥି ତ କହୁଛୁ, ଏଠିକି ଆସିଲେ ଏଠେ କାମର ପଡ଼ିଆରି ଦେଖେଇ ମରୁ କାହିଁକି ?

ସଙ୍ଗେ ସଙ୍ଗେ ସଞ୍ଜ ଦେଇ ଆସିଲି ।

କୁନି ଭାବି ଭାବି କହିଲା—ଭୁଲି ଯାଇଥିଲି ନାନି ଅପା । ଚାଲି ଯାଇଥିଲେ ତ ଅବକା ସରିଥାନ୍ତା ସବୁ । ଆଜି କହୁଥାନ୍ତି କାହାକୁ ?

ପଚାରିଲି—କଣ ମ ?

କହିଲା—କାଲି ପରା କାର୍ତ୍ତିକ ପୁନେଇଁ । କପିଳେଶ୍ୱରଙ୍କ ପାଖରେ ପରା କାଲି ବଡ଼ ଯାତରା । ହଜାର ହଜାର ଲୋକ ଭୁଆଡ଼େ

ସେଠି ବୁଣୁଥିଅନ୍ତି । ବାପାଙ୍କୁ ଟିକିଏ ଲଗାମ, ଝିଅ-ଝିଅଣୀ ସଭିଏଁ ଯାଇଁ ସତେ ଦେଖି ଆସନ୍ତେ । କାର୍ତ୍ତିକେଶ୍ୱର ମେଢ଼ସବୁ ଆଖ ପାଖ ଗାଁ ମାନଙ୍କରୁ ଆସନ୍ତି । ଝାକ୍‌ଝମକ୍ ରୋଷଣୀ, ବାଣ ଢୋ ଢ଼ା ଫୋ ଠାରେ ଯାହା ପଡ଼ିଆ ପୂରି ଉଠେ ।

ଟିକିଏ ଭାବି କହିଲି—ଦୂର ବାଟ, ବାପା ରାଜି ହେବେ କି ନାହିଁ କେଜାଣି ।

କୁନି କହିଲା—ହିଁ, ବାଟ ଏଇ ବାର ତେଡ଼ କୋଶ ଯାହା । ବଳଦ ଗାଡ଼ିରେ ସଭିଏଁ ଚାଲିଯିବା । ସକାଳୁ ଏଠୁ ବାହାରି ଗଲେ ରାତି ଘଣ୍ଟାଏ ଦୁଇ ଘଣ୍ଟାକେ ସେଠି ପହଞ୍ଚିବା । ଚିନ୍ତା କଣ ? ମୁଁ ଯାଉଛି, ଅବଶ୍ୟ ଭଲ ଅପକୁ ଲଗାଇବ । ସେ ଏସବୁ କଥାକୁ ଅଣ୍ଡିରି ଦେଇ ଯେ ଆଗେ ବାହାରିବ । ତା' ପରେ ଗାଡ଼ିବାଲା ଠିକ୍ କା ଯାହା ନବ ସଭିଏଁ ଭେଦା କରି ଦବା । ତୋ ହାତରୁ ଏକା ପଡ଼ୁ ନାହିଁ ମ ।

ହସି ହସି ମୁଁ ତାକୁ ଫୁସୁଲାଇଲି—ତୁ ଯା' ବୋଉକୁ କହିବୁ ।

କୁନି ତା' ପରେ ମୋ ବୋଉକୁ ଡ଼ାକିଲା । ମୁଁ ତାଙ୍କ କଥା କାନଡେ଼ରେ ସବୁ ଶୁଣୁଥାଏ ।

ବୋଉ ଆସି କହିଲା—କ'ଣ କଲେ ଝିଅ ?

କୁନି କହିଲା—ଖୁଡ଼ୀ, ତୋ ଝିଅ ତ ଆଉ କେଇ ଦିନେ ପର ଘରକୁ ଚାଲିଯିବ । ତାକୁ ଟିକିଏ କପିଳେଶ୍ୱର ମେଲଣ ଦେଖାଇବୁ ନାହିଁ ?

ବୋଉ ଟିକିଏ ଆଶ୍ଚର୍ଯ୍ୟ ହୋଇ କହିଲା—ମେଲଣ କେବେ କି ? ଇଲୋ ସତେ ଲୋ । ପୁନେଇଁ ତ କାଲି, ମେଲଣ କାଲି ପରା ? ତୋ ବୋଉ ଖୁଡ଼ୀ ଯାଉଛନ୍ତି ? ଯୋଉ ଖୁଡ଼େଇତ ଆଗ, ଦାଦା ଦି' ପଇସା ରୋଜଗାର କରୁଛନ୍ତି ବୋଲି ମନକୁ ତାର ଲଙ୍ଗଳା ଦଉଡି ପାଉ ନାହିଁ ଆଉ ତୋ ଭାଇ ତ ଯେମିତି ସେ ଦେଢୁଥିବ ।

କୁନି ମୁହଁ ମୋଡ଼ି କହିଲା—ଛାଡ଼ ତା କଥା । ଯାବା ତୀର୍ଥ କଥା ପଡ଼ିଲେ ମୋ ବୋଉ ନିଶ୍ଚୟ ବାହାରିବ ।' ଅଜା ଖବରବେଲେ ପରା ଆମର କଥା ପଡ଼ିଥିଲା । ଯିବା କଥା ମସୁଧା ହେଲେ ଏଇ ଗାଁରୁ କେତେ ଝିଅ ବୋହୂ ବାହାରିବେ, ତୋ କଥା କଣ କହୁଲୁ ଆଉ ।

ବୋଉ କହିଲା—ମୁ କଣ ଯିବାପାଇଁ ନାହିଁ କରୁଛି ।

ଦାଦା ନଈ ଆଡ଼େ ଯାଇଛନ୍ତି, ଅବକା ଫେରୁଥିବେ । ସେ ତମକୁ ସଙ୍ଗରେ ନବା ପାଇଁ ନିଶ୍ଚୟ ରାଜି ହେବେ ।

ମୁଁ କହିଲି—କୁନି, ଦୁ' ଖଣ୍ଡ ଗାଡ଼ି ଯେମିତି ବନ୍ଦୋବସ୍ତ ହବ । ତୁ, ମୁଁ, ନୂଆ ବୋହୂ ବଉଳ ଅପେ ସବୁ ବସିବା ଗୋଟାଏ ଗାଡ଼ିରେ । ବୋଉ, ବଡ଼ ମା' ହେଲକା ତାଙ୍କର ଆଉ ଗୋଟା ଗାଡ଼ିରେ ବସିବେ ।

ବୋଉ ମୋ କଥା ଶୁଣି ହସିଲା ।

କୁନି କହିଲା—ଖୁଡ଼ୀ, ମୁଁ ତା' ହେଲେ ଭଲ ଅପା ଘରକୁ ଯାଉଛି । ତା'ପର ନୂଆ ବୋହୂକୁ କହିବ ।

କହିଲି—ବଗିରୁ ସାହୁ ବସନ୍ତକୁ ଟିକିଏ କହି ଦେଇ ଆସିବୁ । ନଇଲେ ପଛରେ ସେ କେତେ ଅପସନ୍ଦ ମାରେବ । ହଁ, ତୁ ଯାଆ । ବାପା ଆସିଲେ ଗାଡ଼ି ବନ୍ଦୋବସ୍ତ କରିବେ, ଯେମିତି ଖବର ପଡ଼ିବା ପୂର୍ବରୁ ଆମେ ନଈ ମୁହଁ ପାର ହୋଇ ଯାଇଥିବା । ଦୂର ବାଟ, ମଠ କଲେ ଚଳିବ କେମିତି ।

କୁନି କହିଲା—ନୀଳ ଅପା, ବାଟକୁ ଫେରେ କ'ଣ ଜଳଖିଆ ତିଆରି କରି ନବା ନା ନାହିଁ ?

କହିଲି—ତୋ ପେଟ ତ ଆଗେ ଯୋଗାଇବ ।

ବୋଉ କହିଲା—କାହିଁକି ତାଙ୍କୁ ଏମିତି କହୁଛୁ ଲୋ । କାଲିକା ଟୁଆ ତମେମାନେ । ଏତେ ଗୁଡ଼ା ବାଟ, ଭୋକ କରିବ ନାହିଁ କେମିତି ମ !

ତା'ପର କୁନି ବୋଉକୁ ପିଠା ଦେଇସାରି ଥାଳି ଧୋଇ ରଖିଲା ବାହାରିଗଲା ।

ବାପାଙ୍କୁ ଲାଗିଲା ସେଇ ରାତି ରାତି ଗାଡ଼ି ଧ' ଖଣ୍ଡେ ଠିକଣା କରିଗଲା ।

ମନ ଖୁସିରେ ସାରା ରାତି ମୋ ଆଖି ପିଛୁଡ଼ା ପଡ଼ିନାହିଁ । ଏଡ଼େ ବଡ଼ ରାସ୍ତାଟା କେମିତି ଯାହିବ, ଅମେ ସବୁ ଯିବୁ କପିଳେଶ୍ୱର—ଏଇ ଗାଁ ଠୁଁ ଚଉଦ କୋଶ ଦୂର ।

ତା'ପର ।

ଭାବୁ ଭାବୁ ରାତି ପାହିଲା ।

ପାହାନ୍ତି ଘଡିରେ ଫିକା ଆଲୁଅ ଯୋଛନା ଢେଉ ଭିତରେ ମିଳାଇ ଯାଉଥିଲା । କି ସୁନ୍ଦର ଧୂସର ଆଲୁଅ ବାଟ । ଘର ସାମନା ତାଳଗଛ ସୁଅ ସବୁ ଉଛୁନ୍ନ ତଳକୁ ଗଡ଼ି ପଡ଼ିଲେଣି । ପାହାନ୍ତିଆ କାଲୁଅ ପବନରେ ଶୀତ ଟୁଙ୍ଗୁ ଥୁଙ୍ଗୁ ଦେହ ହାତ ମୋର ଶିର ଶିର ହୋଇ ଯାଉଛି ।

ଶୀତୁଆ ପାଟରେ କଅ ମୁଲେ ବୋଉ, ମୁଁ ସେହି ଶୁଣି ଗାଡ଼ୋଇ ପଡ଼ିଲି । ହାନ୍ତ ପଥର-ଘଷା ରାତି ଥାଉଁ ଥାଉଁ ଆମର ସର ଯାଇଥିଲା । ଶୀତ ପାଟରେ ବାପା ଗାଡ଼ୋଇ ପଡ଼ ପୂଜା ସାରିଲେଣି ।

ଶ୍ୟ ।

ସତ ଥାଉଁ ଥାଉଁ ମୁଣ୍ଡ କୁଣ୍ଡାଇ ସଜ ବାଜ ହୋଇ ପଡ଼ିଲି । କଟେଁଠ ଶାଢ଼ୀ ଖଣ୍ଡକ ସାୟା, ବ୍ଲାଉଜ ଉପରେ ପିନ୍ଧି ପକାଇଲି । ବୋଉ ହାତରେ ମୋର ସୁନା କାଚ, ପିନ୍ଧେଇ ଦେଲା । ଗଳାରେ ମୋର ଶ୍ରୀକୃଷ୍ଣ ପଦକ ଦିଆ ସୁନା ହାରଟି ଦୋଳାୟିତ ହେଉଥିଲା ।

ବୋଉ ଯାଇତାଇ ତା' ଶାଢ଼ୀ ଖଣ୍ଡିକ ବଦଳି ପକାଇଲା ।

ଦାଣ୍ଡରେ ଗାଡ଼ିବାଲା ହୁର ଗୁଡ଼ିଲା ।

ବାପା ହିଁ, କହି ଦାଣ୍ଡକୁ ବାହାରିଗଲେ ।

ଗାଡ଼ି ଭିତରୁ ବଉଳ ହୁର ପକାଇଲା—କିଲୋ, ବଉଳ । ତୋର କଣ କାମ ସରିବ ନାହିଁକି ? ସଭିଏଁ ପରା ଆମେ ଆସି ଗାଡ଼ିରେ ବସିଲେଣି ।

କହିଲି—ସବୁ କାମ ସରିଲାଣି ଆମର । ନୂଆ ବୋହୂ, କୁନି, ବସନ୍ତ ସଭିଏଁ ଆସିଛନ୍ତି ତ ?

ବଉଳ କହିଲା—ହିଁ, ସମସ୍ତେ ପରା ଗାଡ଼ିରେ ବସିଛନ୍ତି । ମାଉସୀ କାହାନ୍ତି ?

ବୋଉ ଘରେ ଗୃହ ପକଉ ପକଉ କହିଲା—ଯାଉଛୁ ଲୋ ଝିଅ ।

ମେଲା ଘରେ ଆମର ନାଥିଆ ଶୋଇଥିଲା । ବୋଉ ନାଥିଆକୁ ଉଠାଇ କହିଲା—ନାଥିଆ, ଆମେ ସବୁ ଯାଉଛୁ, ଘର ଦ୍ୱାର ତୋତେ ଲାଗିଲେ ।

ନିଦ ମଳ ମଳ ଆଖିରେ ନାଥିଆ କହିଲା—ମା, ସଭିଏଁ ଗଲେ, ମତେ ସାଙ୍ଗରେ ନବ ନାହିଁ ।

ବାପା କହିଲେ—ହଉ, ତୁ ଏ ବରଷ ଘର ଜଗି ରହ । ଆର ବର୍ଷକୁ ଯିବୁ ପଛେ । ତୁ ଚାଲିଗଲେ ଘରେ ପରା ରହିବାକୁ କେହି ନାହିଁ ।

ବୋଉ ନାଥିଆକୁ ଦାଣ୍ଡ ଘର ଗୁହଳ ବଢ଼ାଇଲା । ଖାଇବା ସରଞ୍ଜାମ ଧରି କୁଇଁଆ ପାଇଁ ଖଞ୍ଜି ଦେଇଗଲା । ନାଥିଆ କାନ୍ଦ କାନ୍ଦ ହେଲା । କାନ୍ଦୁଲା ନାହିଁ କହୁଛି ।

କପିଳେଶ୍ବର ମୁହାଁ ଗାଡ଼ି ଗୁଳିଲା । ଗାଁ ଗୋହିରୀ, ପାଠ ବାଲି ଭଇଁ ପୋଖରୀ, ମଶାଣି ଭୂଇଁ, ଧୋବା ଦାଣ୍ଡି, ଗାଈ ବନ୍ଧା ସବୁ ଝିପି ଆସି ଗଲାଣି । ଶଗଡ଼ ଗୁଳା ଗୁଳା ଗାଡ଼ି ଗୁଳିଛି, ଆଗରେ ଦିଶୁଛି କୁଞ୍ଜବନ ତୋଟା ।

ଗୁରିଆଡେ ଫରଚୁ ହୋଇ ଗଲାଣି । କାଉ କାଁ କାଁ ରାବ ଦେଇ ଆକାଶ ପଥରେ ପଙ୍କ୍ତି ପଙ୍କ୍ତି ହୋଇ ଉଡ଼ି ଗଲେଣି । ଦୂରରେ ପୂର୍ବ ଦିଗବଳୟ ତିରେ ସିନ୍ଦୁରା ଫାଟି ଗଲାଣି ।

କେଁ କେଁ ଶବ୍ଦ କରି ବଳଦ ଗାଡ଼ି ଗୁଳିଛି । କ୍ରମେ ତୋଟା ମୁଣ୍ଡ ଝିପି କେନାଲ୍ ବନ୍ଧକୁ ଗାଡ଼ି ବାଙ୍କିଲା ।

ରାସ୍ତା ଦି' ପାଖରେ ଘାସ ଗଛ ନଚେଇଛନ୍ତି, ଗୁରିଆଡ଼େ ଗୁଗୁଛୁଆ ଢେଙ୍ଗୁଦୁରି, କୋଳଇଖିଆ, କଣ୍ଟାମାଳ । ମାଇଲ୍ ଖୁଣ୍ଟ ଗୋଟିକ ପରେ ଗୋଟିଏ ପୋତି ଦେଇ ଯାଇଛନ୍ତି ସେ ଯୁଗର କୋଉ ଗୋରା ସାହାବ । ଧୋବ ଫର ଫର ବଗମାନେ ଦଳ ଦଳ ହୋଇ ଉଡ଼ି ବୁଲୁଛନ୍ତି ନାଳ କୂଳ ପୁଙ୍ଗୁଳା ପାଠ ବାଲି ମଝିରେ । ନାଳ ଭିତରେ କି ସୁନ୍ଦର ପହଁରୁଛନ୍ତି ବତକ ଚଢ଼େଇ । ଗେଣ୍ଡା, ପୋକ ଯୋଗ ତାଙ୍କର ହେଉଛି ଅହାର ।

ଗାଡ଼ି ଢଂ' ଖଣ୍ଡ ଗୁଳିଛି ନାଳ ଉପର ଶଗଡ଼ ଗୁଳା ମଝିଏ ମଝିଏ । ଆମର ଗାଡ଼ି ଭିତରେ ଗୁଳିଛି ଆନନ୍ଦର ଧୁମ !

କେନାଲ୍ ବନ୍ଧରେ ଖଜୁରି ଗଛର ଧାଡ଼ି । ଗାଁ ଚମାର ଝାଙ୍କି ଦେଇଛନ୍ତି, କେତେ ଖଜୁରି ଅଗରେ ମଦ ମାଠିଆ । ଆଗ ଗଛରେ ଚମାର ଗୋଟାଏ ମଦ ମାଠିଆ ଧରି ଧୀରେ ଧୀରେ ଗଛରୁ ଓହ୍ଲାଉଛି ।

ଗୁହୁଁ ଗୁହୁଁ ଗାଡ଼ି ଦଶ ମାଇଲ ରାସ୍ତା ଡେଇଁ ଆସିଲା । ଆଗରେ ପୁଣି ଦଶୁଣ୍ଟି ମାଇଲ ଖଣ୍ଡ ।

ଆମ୍ବ ଗଛ ଢାଳରେ କୋଇ ଗାଁର ନଡ଼ା ଛୁଆଣି ଘର ଗୁଡ଼ାଏ ଦିଶୁଛି । କେନାଲ ତୁଠରେ ଗାଧୋଉଛନ୍ତି ଗାଁର ଝିଅ ବୋହୂ ପଞ୍ଝାଏ ଗାଧୁଆ ତୁଠରେ ଗପ, ମାଟିଆ କେତେ ଥୁଆ ହୋଇଛି । ଥଟ୍ଟା ପରି-ହାସରେ ସମ-ବୟସୀ ଝିଅ ବୋହୂଏ ଗାଧୁଆବେଳେ ରହସ୍ୟ ଲଗାଇଛନ୍ତି ।"

ସେ ପାଖ ତୁଠରେ ଗାଁର ଟୋକାଦଳ । କି ସୁନ୍ଦର ଛଇ ଛଟକ ତେରଛା ତେରଛା ଚାହାଣି । ଝିଅ ଦଳଙ୍କୁ ଚାହିଁ ରହିଛନ୍ତି ପଲକହୀନ ଦୃଷ୍ଟିରେ ।

ଆମ ବଳଦ ଗାଡ଼ି ଡେଇଁ ଗୋଟାଏ ସାଇକେଲ ବାଲା ଘଣ୍ଟି ଦେଇ ଚାଲି ଯାଉଛି । ଟେରା ଚାହାଣିରେ ବାବୁଙ୍କର କଣ୍ଠରୁ ଫୁଟୁଥିବା ରସିକତା ଖୁବ୍ ବାହାରକୁ ଫୁଟି ପଡ଼ୁଛି । ମନେ ମନେ ଭାରି ପ୍ରଶଂସା, ସତେ ଯେମିତି ଏ ଗାଡ଼ି ଭିତରୁ ଝିଅଙ୍କର ଗୋଟା ପଣ୍ଡି ମନ ଚୋରି କରି ନେଲେଣି । ଦଶଥର ରୁମାଲରେ ମୁହଁ ପୋଛି ପୋଛି ହେଉଛି, ମଝି ବାଟରେ ସାଇକେଲ ଛିଡ଼ାକରି ଟେରି ବାଗ ହେଉଛି, ସିଗାରେଟ୍ ଖଣ୍ଡେ ସାହେବୀ ଢାଙ୍ଗିରେ ଟାଣି ହେଉଛି । ପର ଘର ବୁଢ଼ା ଏମିତିକା ଚାହାଁଟ ଚିକ୍କଣ ମହାକାଳ ଫଳ ରସିକ ନାଗରଙ୍କ ଗାଲରେ ଝିଅମାନଙ୍କର ଛିଣ୍ଡା ଚପଲର ଚୁମ୍ବନ ଖାଲି ଦରକାର । ତା' ହେଲେ ପ୍ରେମ ଭାରି ମିଠା ଲାଗିବ ତାଙ୍କୁ ଏ ଜୁଆଢ଼ିଆ ପ୍ରେମ ଥରେ 'ଚାଖିଲେ କାଳ କାଳ ପାଇଁ ମନେ ରହିବ ତାଙ୍କର ।

ଗାଡ଼ି ଭିତରେ ଆମେ ଲୋକଗୁଡ଼ାକ ଏ ଭଳି ଢଙ୍ଗ ରଙ୍ଗ ଦେଖି ଆମେ ସବୁ ମୁରୁକି ହସ୍ ହେଉଥାଉ । ଗାଡ଼ି ମନ୍ଥର ଗତିରେ ରାସ୍ତା ରାସ୍ତା ଚାଲିଛି ।

ରାସ୍ତା ତଥାପି ସରୁ ନାହିଁ, ଖରା ଝାଣରେ ବଳଦ ଥକେଇଲେଣି ଅଉ ଯୋର୍‌ରେ ବାଟ ଚାଲି ପାରୁ ନାହାନ୍ତି ।

କଂସେଇ ଗାଡ଼ିବାଲାଙ୍କର ସେହୁଥିରେ ବଳଦ ପିଠିରେ ନିର୍ଘାତଆ ପାହାର । ଗୋସାଇଁଖିଆ ଡାକରେ ରାସ୍ତା ମଝିରେ କାନ ଅଭରା ପଡ଼ୁଥାଏ ।

ବୋଉ ବଡ଼ମା ଗାଡ଼ିବାଲାଙ୍କ ଉପରେ ଭାରି ଚିଡ଼ୁଥାନ୍ତି । ଏ ପାଖରେ ଆମେ ସବୁ ହସୁ ଥାଉ ।

ଗାଡ଼ି ଚାଲିଛି ଆମର ଶଗଡ଼ ଗୁଳା ଗୁଳା । ଗାଡ଼ି ତାଟି ସନ୍ଧିରେ ପଛ ଗାଡ଼ିକି ଅନାଇଲି, ବାପା ବସିଛନ୍ତି ସେଠାରେ ।

କୋଡ଼ିଏ ମାଇଲ୍ ରାସ୍ତା ଆସି ସରିଲା । ଆଗରେ ବିରୁପା ନଈ ଧାର । ନାଳ ଉପରୁ ଧୀରେ ଧୀରେ ତଳକୁ ଗାଡ଼ି ଦୁଇଟା ଗଡ଼ି ଗଲାଣି ।

ଆଗରେ କମଳପୁର ଗାଁ ମୁଣ୍ଡ ।

ଖିଆ ପିଆ, ହସ ଖେଳ, ରଙ୍ଗ ପରିହାସରେ ବାଟ କଷ୍ଟ ପାସୋରି ପକାଉଛୁ । କୁନି ମୋଠୁଁ ଜଳଖିଆ ଛଡ଼େଇ ନେଇ ପାଟିରେ ପକାଇବାକୁ ଭୁଲି ଯାଇନାହିଁ । ଏହି ରଙ୍ଗ ରସ ଭିତରେ ଆମର ଅମାପ ଆନନ୍ଦ । ବଉଳର ମୋ ସହିତ ମନ ଅମେଳ ନାହିଁ । ଏକାଠି ଖିଆ ପିଆ, ହସ ଖେଳରେ ସମୟ କଟି ଯାଉଛି । ତଥାପି ତାର ମନ ଭିତରେ କୋଉ କ୍ଷୀଣ ଆଶାର ଅପାଶୋରା ସ୍ମୃତି ଉଙ୍କି ମାରୁଛି କି କଅଣ; ହୃଦୟ ତାର କାହିଁକି ଭଲ ଭାବେ ନାହିଁ ମୋ ନିଛଳ ହୃଦୟ ସାଥୀରେ ।

ଡାକିଲି—ବଉଳ !

ଚେହେ ମୋ ମୁହଁକୁ—ଚାହିଁଲା ।

ସରାଗରେ ପୁରୀ ଖଣ୍ଡକରୁ ଖଣ୍ଡେ ଛିଣ୍ଡାଇ ତା ପାଟିକି ଦେଲି ।

ଖାଇ ଖାଉ କେଉଁ ଅଜଣା ପ୍ରେରଣାରେ ନୟନ ଭିତରେ ତାର ଲୁହ ଜକେଇ ଆସୁଥିଲା ।

ଖିଆ ପିଆ ଶେଷରେ ପୁଣି ତା ହାତ ଧରି ପଚାରିଲି – 'ବଉଳ, ରାଗିଛୁକି ମୋ ଉପରେ । ଏଇ କେତେଦିନ ହେଲା ତୋର ମୋ ସହିତ ସେଇ ମିଳାମିଶା ଢଙ୍ଗରେ କିଛି ଜୀବନ ଥିଲା ପରି ତ ଜଣା ପଡୁନାହିଁ ।

ବଉଳ ମୁହଁରେ ଶୁଷ୍କ ହସ ଫୁଟାଇ କହିଲା—କିଛିନାହିଁ ବଉଳି । ମୁଁ ତ ବେଶ୍ ମିଶୁଛି । ବରଂ ତୋର ମୋ ଉପରେ କୌଣସି କାରଣରୁ ମାନ୍ ଅଭିମାନ ଥାଇପାରେ ।

କହୁ କହୁ ବଉଳ ଅନ୍ୟ ଆଡେ ମୁହଁ ବୁଲାଇଲା । ସମସ୍ତଙ୍କର ଅଜ୍ଞାତରେ ମୁଁ ତା' ହାତର ଆଙ୍ଗୁଠି ଗୁଡ଼ିକ ଧରି ସାଉଁଳୁ ଥିଲି ।

ସିଦ୍ଧାଣୀ ନୂଆବୋହୂ ମୁର୍କି ମୁର୍କି ହସି ଆମ ଗତିବିଧି ନିରୀକ୍ଷଣ କରୁଥିଲେ ।

ପାରି ଧାଡି ପରି ମଣିଷ ବୁଲୁଛନ୍ତି ବାଟରେ । ସବୁରି ମୁହଁରେ ହସ ଭରପୁର ।

ପିଲା, ଯୁବା, ବୁଢ଼ା ସଭିଙ୍କର ଯାତ୍ରା ଦେଖିବାରେ ଆଗ୍ରହ । ନାଲି, ନେଳି, ହଳଦୀ ରଙ୍ଗର ଶାଢ଼ି ଖଣ୍ଡେ ଖଣ୍ଡେ ପିନ୍ଧି କେତେ ମାଈପେ ବାଟ ବୁଲୁଛନ୍ତି—ଲମ୍ବ ପଣତ ଲୋଟି ଯାଉଛି ଭୁଇଁ ଉପରେ ।

ଦିନ ବୁଡ଼ିବା ବେଳକୁ କମଳପୁର ଗାଁ କୁଣ୍ଡରୁ ଗାଡି ଛାଡ଼ିଲା । ଖରାଟିକେ କଇଁ ଅସିଲାଣି, ତଥାପି ଆଗୁଆ ଖରାରେ ମୁହଁ ଉପରକୁ ବୁଲି ପଡିଲାଣି ।

ବାପା ଆଗ ଗାଡିରେ ବସିଛନ୍ତି । ଗାଡ଼ିଆଳ ଗାଡ଼ି ଅଡ଼ଉଛି ।

ଆଗରେ ଦିଶୁଛି ଘନ ଗୁଳ୍ମ ତାଳ ଖଜୁରି ମାଳ, ବଡ ଘୁମୁରି ପାହାଡର ଘନ ନୀଳିମା ଦୂର ଆକାଶର ମେଘ ରଙ୍ଗ ସହିତ ମିଶି ଯାଇଛି । ଭାରି ସୁନ୍ଦର, ବାସ୍ତବିକ୍ ଦୂର ପର୍ବତ ସୁନ୍ଦର ।

ଏତିକି ଖାଲି ପଡ଼ିଲା କେନ୍ଦାଲ, ଗାଁ ଗଣ୍ଡା, ରାସ୍ତା ଘାଟ, ଗାଡ଼ି ଦ'ଖଣ୍ଡ ଧୀରେ ଧୀରେ ଚାଲିଛି ।

ଆମ ଗାଁ ଶଗଡ଼ିଆର ବାଟରେ ଗୀତ ଲହର ଚାଲିଛି । ଛାଡ଼ ଦେଇଛନ୍ତି ଗୀତ କେତେ ରାଗ ରାଗିଣୀ ଧରି । ଗାଡ଼ିରେ ବସି ଶଗଡ଼ିଆ ଗୀତ ଆଡ଼େ ମୁଁ କାନ ଡେରିଥିଲି । ଶଗଡ଼ିଆ ଗୀତ ଗାଉଥିଲା—

ବୋଇଲାରେ........

ବେଳ ରତ ରତ ମନ୍ଦ ମରତ ବହିଲାଣି ଧୀରେ ଧୀରେ,
ହମ୍ବାରଡ଼ି ଦେଇ ଗୋଧନ ପଲ ଯେ ବାହୁଡ଼ି ଆସନ୍ତି ଘରେ ଲୋ ମାଣିକ ।
ସନ୍ଧ୍ୟା ଚମ୍ପା ଗୋରି ଚିନ୍ଧି ରଙ୍ଗ ଶାଢୀ ବାଟେ ବାଟେ ଯାନ୍ତି ଚଳି ।
ମଉକ ମରୁଛି ଅବାଡୁଅଙ୍କର ମରୁଛନ୍ତି ହୋଇ ଭଲି ଲୋ ବଉଳ ।

ଗାଡ଼ି ଭିତରେ ଆମେ ସବୁ ହସୁ ଥାଉ ।

ଏଥିଭିତରେ ଚାଲି ଆସିଲୁଣି ତେରକୋଶ ବାଟ । ସଞ୍ଜ ନଇଁ ଆସିଲାଣି । ପୁନେଇଁ ଜହ୍ନରେ ବି ଚୁଟିଆଳ କୁଟିକଟି ଅନ୍ଧାର ଦୁଉଛି, ଘନ ଜଙ୍ଗଲ ଗଛ ଡାହାଳ ଭିତରେ ।

ଘୁମ୍ପୁ ଘୁମ୍ପୁ ଅନ୍ଧାର ବାଟ ଛପିଗଲା ।

ପୁନେଇଁ ରାତିରେ ଧୋବ ଫର ଫର ଜହ୍ନ ଆଲୁଅର ଛାଇ ଫିଟି ପଡ଼ିଛି ଜଙ୍ଗଲ ରାସ୍ତାରେ । ଅନ୍ଧାର ଭିତରେ ଗଛ ଗହଳି ମଝିରେ ମନ୍ଦାଏ ମନ୍ଦାଏ ଆଲୁଅ ଛାପ । ତଥାପି ଲଣ୍ଠନ ଆଲୁଅ ଆମକୁ ଆଗରେ ରାସ୍ତା କଢେଇ ନେଉଛି ।

ଜହ୍ନ ଆଲୁଏ ଆଲୁଏ ଗାଡ଼ି ଦ'ଖଣ୍ଡ ଚାଲିଛି । ଶହ ଶହ ଲୋକଙ୍କର ବାଟରେ ଯାତାୟତ । ଟାଙ୍ଗି, ଘୋଡ଼ା, ସାଇକଲ୍‌ର ସୁମାର ନାହିଁ । ତାରପୂଟା ଆକାଶର ତାରା ମାଳା ପରି ରାସ୍ତା ଉପରେ ଖାଲି ଅଗଣିତ ମଣିଷ । ଆମରି ଭଳି ସମସ୍ତେ କପିଳେଶ୍ୱର ପଥର ଯାତ୍ରୀ ।

ଅଧ ମାଇଲ୍ ରାସ୍ତାରୁ ଦଶୁଛୁ ମେଲଣ ଆଲୁଅ !

ଅନେଇଁ ଅନେଇଁ ଗାଡ଼ି ଆମର ଆସିଗଲା ମେଲଣ ପଡ଼ିଆକୁ ।

ପେଟ୍ରୋମାକ୍ସ ଲାଇଟ୍‌ର ଆଲୁଅ ମାଳା ସତେକି ଚେଉଛି ପଖି-ଗାଇକି । ଲକ୍ଷ ଲକ୍ଷ ଲୋକ ସମାଗମରେ ଜାଗାଟା ସରଗରମ ହୋଇ ଉଠୁଛି । ଚାରିଆଡ଼େ ଖାଲି ହୋ ହୋ, ଧୋ ଧୋ, ଚିତ୍କାର ।

ଗାଡ଼ି ଠିଆ ହେଲା ଆମର ପଡ଼ିଆ ମଝି ଝାଂପୁର ବୁଢ଼ା ବରଗଛ ତଳେ । ସଭିଏଁ ଗାଡ଼ିରୁ ଓହ୍ଲାଇଲୁ ।

ଲୁଗାପଟା ସଜାଡ଼ି ସୁଳୁଡ଼ି ଗାଡ଼ି ପାଖରେ ଆମେ ସମସ୍ତେ ଠିଆ ହୋଇଥାଉ ।

ବାପା ଆମକୁ ସବୁ କହିଲେ—କ'ଣ ଅବକା ବୁଲି ଚାଲି ଦେଖିବ ନା ନାହିଁ ? ଟିକେ ଉତ୍ତର କହିଯିବା ।

ବୋଉ କହିଲା—ଝିଅ ଗୁଡ଼ାଙ୍କୁ ନେଇ ଆସିଛ, ଅବକା ଭିଡ଼ ଲାଗି ନାହିଁ । ଟିକିଏ ନେଇ ବୁଲେଇ ଆଣ ।

ମୁଁ କହିଲି—ନାହିଁ ବାପା । ଚାଲ ଅବକା ଯାଇଁ ବୁଲି ଆସିବା ।

ବାପା କହିଲେ—ହଉ ଆସ ସମସ୍ତେ । ଧୀରେ ଧୀରେ ସଭିଏଁ ବାଟ ଚାଲିବ । ଛନ୍ଦାଛନ୍ଦି ଯେମିତି କେହି ନ ହୁଅ । ଦେଖୁଛଉ କେମିତି ଭିଡ଼ ଲାଗି ଗଲାଣି ।

ବଉଳ କହିଲା—ନାହିଁ ମଉସା, ଆପଣ ଆଗରେ ଚାଲନ୍ତୁ । ଆମେ ସବୁ ଆପଣଙ୍କ ପଛେ ପଛେ ଯିବୁ ଯେ—

ବାପା ଶଗଡ଼ିଆଙ୍କ ଭିତରୁ ଜଣକୁ ଆମ ପଛେ ପଛେ ଚାଲିବାକୁ କହିଲେ । ଆଉ ଜଣକ ଗାଡ଼ି, ବଳଦ ଜିନିଷପତ୍ର ସବୁ ଜଗି ରହିଲା ।

ଭେଡ଼ ଆଗ୍ରହରେ ଆମେ ସମସ୍ତେ ବାପାଙ୍କ ପଛରେ ଭିଡ଼ ଭିତରେ ଖୁବ୍ ସାବଧାନତାର ସହିତ ବାଟ ଚାଲୁଥାଉ । ନୂଆବୋଉ ଚାଲୁଛନ୍ତି ମୋ କରେ ଧରି ।

ଦୋକାନ ବଜାର ଦିଶୁଥାଏ । କାଚ, ଆରସି, ପାନିଆ, ସ୍ନୋ, ପାଉଡ଼ର, ସାବୁନ, ଅତର, ଅଳତାଶିଶି ଦେଖି ଲୋଭ ହେଉଥାଏ କିଣିବାକୁ ।

ବାପା କହିଲେ—ଆସ, ଆଗେ ମେଢ଼ ଗୁଡ଼ିକ ଦେଖି ଆସିବା । ଗାଧୁଆ ପାଧୁଆ ସାରି ଶିବ ଦର୍ଶନ କରିବା । ତା ପରେ ଯେ ଯାହା ଯାଉଛେ କିଣାକିଣି କରିବା ।

ସମସ୍ତେ ତହିଁରେ ରାଜି ହେଲୁ ।

କାର୍ତ୍ତିକେଶ୍ୱର ମେଢ଼, କି ସୁନ୍ଦର ଗଢ଼ଣ । କଟକ କାରିଗର ଗଢ଼ିଛନ୍ତି ବୋଲି ବାପାଙ୍କ ଠୁଁ ଶୁଣିଲୁ ।

ଆଉ ଯାଇ ହେଲା ନାହିଁ ଆଗକୁ । ପାଦ ପକେଇବାକୁ ଆଉ କେଉଁଠି ଟିକିଏ ଜାଗା ନାହିଁ । ଖୁବ୍ ଭିଡ଼ ହୋଇ ଗଲାଣି ।

ବାପା କହିଲେ—ପଛକୁ ଫେରି ଚାଲ । ଆଉ ଯାଇ ହବ ନାହିଁ । ବାଜା ଖେଳ, ବନେଟି ଖେଳ ଚାଲିଛନ୍ତି । ମେଢ଼ ଯିବା ଆଗ ପଛ ନେଇ ଲୋକଙ୍କ ଭିତରେ କଳିକଜିଆ ଲାଗି ଗଲାଣି ।

ବୋଉ କହିଲା—କୁନିବୋଉ ଅପା, ଟୁଆଙ୍କୁ ଟିକିଏ ନଜର ରଖିଥା । ପିଲିପ ଗୁଡ଼ାକୁ ଅନଉଛତ । ଯାଙ୍କ ଘରେ ଟୁଆ ବୋହୁ ଅଛନ୍ତି ନା ନାହିଁ ?

କୁନି ବୋଉ ବଡ଼ମା କହିଲା—ଚାଲିବୁଟି ସାନ ବୋହୁ, ଏ ଭିଡ଼ ଭିତରକୁ ପଶିବା ଆମର ଆଗେ ଧୂର୍ବ ଭୁଲ୍ ହୋଇଛି ।

ବୋଉ କହିଲା—କିଏ ଜାଣିଥିଲା ଏତେ ଭିଡ଼ ହେବ ବୋଲି । ଖାସ୍ ଏଇଥିପାଇଁ ଟୋକାଉ ଯାତ୍ରାତୀର୍ଥକୁ ଆସିବାକୁ ମୁଁ ମନ କରେନି,

ନାହିଁ । ଏଇ ବଜାର ଲମ୍ପଟଙ୍କର ଏମିତିକା ଫ୍ରେଚ୍କାମି ଧ୍ୱଂସକ ଆସ, ଚଞ୍ଚଳ ଏଠୁଁ ପଳାଇଯିବା କେମିତି ।

ବାପା ଚଞ୍ଚଳ ଭିଡ଼ ଭିତରୁ ଆମକୁ ଟାଣିବାର କରି ଆଣିଲେ । ଠେଙ୍ଗାବାଡ଼ି ଧରାଧରି ହେଲେଣି, ଗୁଣ୍ଡା ଶ୍ରେଣୀର ଲୋକ ଗୁଡ଼ାକ । ଦେହରେ ଯେମିତି ଆମଙ୍କ ପୋଷେ ରକତ ନାହିଁ । ସେହି ଠେଲାପେଲା ଭିତରେ ଜୀବନ ନେଇ ସଭିଏଁ ଅମେ ଗାଡ଼ି ଭିତରକୁ ପଳାଇ ଆସିଲୁ ।

ବାପା ହାଲିଆ ଅଣିଏ ହୋଇ ପଚାରିଲେ—ସମସ୍ତେ ଆସିଲତ ?

ବୋଉ ଘୁଡ଼ିରୁ ଅଡ଼ତା ଖସି ପଡ଼ିଲା । ଘୁଙ୍ଗା ହୋଇ କାନ୍ଦି ପକାଇଲା—ଇଲୋ ମୋ ଝିଅ କାହିଁ ?

ସାଙ୍ଗେ ସାଙ୍ଗେ ମୁଁ ଖୋଜି ପକାଇଲି ବଉଳକୁ । କହିଲି—ବାପା, ବଉଳ କାହିଁ ?

ବାପା ଦୁଃଖରେ ବିବ୍ରତ ହୋଇ ପଡ଼ିଲେ । କହିଲେ—ସତେ ତଳ କୁଆଡ଼େ ଗଲା ?

ଅଧା ପାଗଳ ପରି 'ତଳ, ତଳ ଡାକି ଭିଡ଼ ଭିତରେ ପୁଣି ସେ ପଶିଗଲେ । ଜୀବନ ପ୍ରତି ତାଙ୍କର ଯେମିତି ମମତା ନାହିଁ । ଶଗଡ଼ଆଠା ବାପାଙ୍କ ପଛେ ପଛେ ଦଉଡ଼ି ଦଉଡ଼ି ବଉଳକୁ ଖୋଜିବାରେ ବ୍ୟସ୍ତ ।

ନାଲିପଗଡ଼ିଆ ସିପାହୀ ଗୁଡ଼ାକ ମେଳଣି ଭିତରେ ମେଳା ମେଳା ହେଉଛନ୍ତି । ବାପା କୁଆଡ଼େ ସେ ଭିଡ଼ ଭିତରେ ହଜି ଗଲେଣି ଆଉ ଦେଖାଉ ନାହାନ୍ତି ।

ଗାଁଡ଼ି ପାଖରେ କାଠ ପିଣ୍ଡୁଲା ପରି ଆମେ ସମସ୍ତେ ଠିଆ ହୋଇ ରହିଛୁ । ସଭିଙ୍କ ଆଖିରୁ ଲୁହ ଠକ୍ ଠକ ହୋଇ ଗଡ଼ି ପଡ଼ୁଛି । ଖିଆ ପିଆ, ଗାଧୁଆ କଥା ସମସ୍ତେ ଭୁଲିଗଲେଣି ଓ ପାସୋରି ପକେଇଲୁଣି ।

ବୋଉ କାନ୍ଦି କାନ୍ଦି କହିଲା—ପର ପିଲାକୁ କାହିଁକି ମୁଁ ସାଙ୍ଗରେ ଆଣି ମଲି । କାହିଁକି ଆସିବାକୁ ମନ କଲି, ମୋ ମୁହଁରେ ନିଆଁ ଲାଗିଲା ।

କୁନି ବୋଉ ବଡ଼ମାର ସେହି ଚିନ୍ତା, କହିଲା—ମୁଁ ମୋତେ ଘରୁ ଗୋଡ଼ କାଢ଼ି ନ ଥିଲି । ଏ ଟୋକା ପାଇଁ ଆଜି ସିନା ମୁଁ ବଦ୍‌ନାମ ମୁଣ୍ଡାଇଲି ।

ନୂଆବୋହୂ କହିଲେ—ସେ ମୋ ହାତଧରି ବାଟ ଚାଲୁଥିଲେ, କାହିଁକି ମୁଁ ହାତଛାଡ଼ି ମଲି ।

କାନ୍ଦି କାନ୍ଦି ବସନ୍ତର ଆଖି ଦୁଇଟା ଫୁଲି ଗଲାଣି । କହିଲା—ତା' ବୋଉ ତାକୁ ମୋତେ ପଠଉ ନ ଥିଲା । ମୁଁ ତାକୁ ଜିଗର କଲାରୁ ସେ ତାକୁ ସାଥିରେ ପଠାଇଲା ।

'ବଉଳ, ବଉଳ' ଡାକି କେତେ ମୁଁ ଦୁଃଖରେ କାନ୍ଦି ପକାଇଲି । ବୋଉ ପଣତ କାନିରେ ଲୁହ ପୋଛି ଦେଉଥାଏ ।

ଥକାମରା ହୋଇ ସଭିଏଁ ବସି ପଡ଼ିଲୁ ଗାଡ଼ି ପାଖରେ । କି ଦୁର୍ଯୋଗ ! ଭାଗ୍ୟରେ ପୁଣି ଏଇ ଅପକୀର୍ତ୍ତି ମୁଣ୍ଡେଇବାକୁ ଥିଲା ? ଯାଏବାରୁ ଫେରି କ'ଣ କହି ତା' ବୋଉ ମନରେ ଆଶ୍ୱାସନା ଦେବୁ ?

କିଛି କ୍ଷଣ ପରେ ବାପା ଆସି ପହଞ୍ଚିଲେ । ମୁହଁଟି ତାଙ୍କର ଶୁଖି ଯାଇଛି । ବଉଳର ସନ୍ଧାନ ବୋଧହୁଏ ସେ ପାଇଲେ ନାହିଁ ।

ଶଗଡ଼ିଆ ବଗୁରି ସିଗାରେଟ୍ଟା ମୁହଁ ଖୁଟେଇ ଫୁଙ୍କୁଛି ।

ବାପା ତା'ପର ଆମକୁ ବୁଝେଇ କହିଲେ—ସମସ୍ତେ ଏଇଠି ଧୀର ସୁସ୍ଥ ଭାବରେ ବସ । ପୋଲିସ ତାର ସନ୍ଧାନ ନେଉଛି । କେହି

ବ୍ୟସ୍ତ ହୁଅ ନାହିଁ । ଝିଅଟା କୋଉଠି ବୋଧହୁଏ ବାଟବଣା ହୋଇ ରହି ଯାଇଛି ।

ବୋଉ କହିଲା—ପର ଝିଅ, ତା କଥା ଶୁଣିଲାବେଳୁ ମୋ ଗୋଡ଼ହାତ ଥରି ଆଉ ଚଳୁ ନାହିଁ । କୋଉ ଗୁଣ୍ଡା ହାତୁଡରେ କାଳେ ପଡ଼ିଥିବ ।

କୁନି ବୋଉ ବଡ଼ମା କହିଲା—ଏତ ଭଉଣୀ, ଯାହା ପରବ କଥା । ସେ କଥା କିଏ ଏବେ କହିବ ?

ବାପା କହିଲେ—ତମେ ସମସ୍ତେ ଏଇଠି ଥାଅ । କେହି କୁଆଡ଼େ ଯିବ ନାହିଁ । ମୁଁ ଝିଅର ଠେଉ୍ କିଏ ।

ଗାଡ଼ିବାଲାଟି କହିଲା—ଚାଲନ୍ତୁ ବାବୁ, ଆଉ ଟିକିଏ କୁଆଡ଼େ ଯାଇଁ ଖୋଜି ଆସିବା । ଏ ମେଳା ମଉଛବକୁ ମାଙ୍ଗପଙ୍କୁ ଆଣିବା ବଡ ବେଲୁବ୍ ।

କହି କହି ସେ ବାପାଙ୍କ ପଛେ ପଛେ ଚାଲିଗଲା । ଘଡିଏ ଗଲା ।

ମଣିଷ ମେଳା ମେଳା ଭିତରେ ଅଗପଛ ଅନାଇ ମନେ ମନେ ବାଉଳକୁ ମୁଁ ଖୋଜୁଛି, ଆଖି ପଡିଗଲା ମୋର ଗୋଟା ଠେଇଁ ।

ବଉଳର ହାତଧରି ଭିଡ଼ ଭିତରୁ ଧୀରେ ଧୀରେ ଆସୁଛନ୍ତି ପରେଶ ଭାଇ । ଦେହରେ ଖାକି ପୋଷାକ ତାଙ୍କର, ଛାତି ପାଖରେ ମରି ହୋଇଛି କେଡ଼େ ସୁନ୍ଦର ବ୍ୟାଜ୍ । ଅଧ ଦୂରରୁ ତାଙ୍କ ମୁହଁ ଚିହ୍ନିଲି ।

ବୋଉକୁ ଚଞ୍ଚଳ ଦେଖାଇ ଦେଇ କହିଲି—ବୋଉ ଅନେଇ-ଲୁଣି ସିଏ ତେତେ କିଏ ?

କୁଆ ବୋଉ ପରିହାସରେ କହି ବସିଲେ—ଯେ ଯାହାର, ସେ ତାହାର ।

ଦୁଃଖରେ ସ୍ଥିତ ଘୋର କରତ ହେଲା ସତ କାନ୍ଦୁ ବଉଳକୁ ଦେଖି ମୁଁ ଭାରି ଖୁସି ହେଲି ।

ବୋଉ ଆନନ୍ଦରେ କହିଲା—ସୁନା କଣେଇ ମୋର ଏଇଠି ମୁହଁ ଛପା ଦେଇ ରହିଥିଲା । ମୁଁ ମରି ଯାଏନ୍ତି, କୋଉଠି ଥିଲା, ମୋ ଝିଅ ।

ବୋଉ ଅଗେ ବଉଳକୁ ସ୍ନେହରେ କୁଣ୍ଢାଇ ପକାଇ କେତେ କାନ୍ଦି ପକାଇଲା ।

ସମସ୍ତଙ୍କ ଆଖିରେ ଆନନ୍ଦର ଲୁହ ଝରେ ।

ବୋଉ ପରେଶଭାଇଙ୍କର ହାତ ଧରି ପକାଇ କହିଲା—ବାପାରେ ତୁ ଏ ଜୀବନ ଆଜି ରଖିଲୁ । କୋଉଠୁ ପାଇଲୁ ଏ ଧନମଣିକି । ମଉସାଙ୍କୁ ଯାଇଁ ଟିକିଏ ଦେଖ୍, ବାପା । ଅଧା ପାଗଳଙ୍କ ପରି ଏ ଯାତ୍ରା ଭିତରେ କୋଉଠି ଯାଇଁ ଖୋଜି ବୁଲୁଛନ୍ତି ।

ପରେଶଭାଇ ଆଉ ମୁହୂର୍ତ୍ତେ ବିଳମ୍ବ ନ କରି କହିଲେ, ମାଉସୀ, ହଉ ତେବେ ମୁଁ ଆସୁଛି । ଆସିଲେ ମୁଁ ସବୁ କଥା କହିବି । ତମେ ଏଠୁଁ ସବୁ କୁଆଡ଼େ ଯିବ ନାହିଁ ମାଉସୀ । ମୁଁ ଅବିକା ଫେରି ଆସୁଛି । ବୋଉ, ଉମା ନେଇକା ଆମ ଘରୁ ସଭିଏଁ ଆସିଛନ୍ତି ।

ବୋଉ ସାଙ୍ଗେ ସାଙ୍ଗେ ଆନନ୍ଦ ଗଦ୍ ଗଦ୍ ହୋଇ କହି ପକାଇଲା—କାହାନ୍ତି ସେମାନେ ?

ପରେଶ ଭାଇ କହିଲେ—ଥାଆ ମାଉସୀ, ସଭିଙ୍କର ଏଇଠି ଦେଖା ହବ । ଆଗେ ମଉସା ଆସି ଯାନ୍ତୁ ।

ପରେଶ ଭାଇ ତରତର ହୋଇ ବାପାଙ୍କୁ ଖୋଜିବା ପାଇଁ ବାହାରିଗଲେ । ମୁଁ ବଉଳ ହାତଟିକୁ ଧରି ତା ମୁହଁକୁ ବଲ୍ ବଲ୍ କରି ଅନାଇ ରହିଥାଏ ।

ବଉଳର ଆଖି ଲୁହ ଛଳ ଛଳ ହୋଇ ଯାଉଥାଏ ।

ବୋଉ କହି ପକାଇଲା—କୋଉଠି ଥିଲୁ ଲୋ ଝିଅ ! ତୁ ନ ଆସିଥିଲେ ତୋ ମା ଆଜି ଆମକୁ ରଖୁଥିଲା । କୋଉଠି ରହିଲୁ, କହିଲୁ ଟିକିଏ ?

ଶୁଣୁ ଶୁଣୁ ବସନ୍ତ ହସି ହସି ମୋ ବୋଉକୁ କହିଲା—ମାଉସୀ, ଭଲ ବୋଉ ମାଇଁ କଥା ଦୂରେ ଥାଉ ଏକା ରମେଶ ଭାଇଙ୍କି ପରା ବଲ ପାଇ ନ ଥାନ୍ତା ; କଟକରେ ପୁଲିସ୍ ଅଫିସର ନା ଆମ ସମସ୍ତିଙ୍କି ଆସି ବାନ୍ଧି ଥାନ୍ତେ । ଏ ଟୋକୀର ସିନା ଅବକା ଆଖିରୁ ଧାର ଶ୍ରାବଣ ଛୁଟିଛି, ନଇଲେ ଏ ପରା ସବୁଥିରେ ଅଣ୍ଟିଙ୍କି ଫକ ଫକ । ଏତେ ମଣିଷ ଆମେ ଥିଲୁ, କେହି ହଜାଲୁ ନାହିଁ, ଦେଖିଲ ପିଲାଟୁଆଙ୍କ ପରି ମାଇପୀଟି କେମିତି ଯାତ୍ରାଟାରେ ହଜୁଛି । ଯାଁ'ଇ ପାଇଁ ଗୋଟା ଗାଁରର ଆଜି ଦୁର୍ନାମ ହେଲ ନା ।

ବଉଲ ତଳକୁ ମୁହିଁ ପୋତି ଲହ ଗଡ଼ଉଥାଏ ।

ବୋଉ ସମସ୍ତଙ୍କୁ ଦାବି ତାକୁ ସବୁ କଥା ପଚାରି ବସିଲା ।

ବଉଲ ବେଶୀ କିଛି କହି ପାରିଲା ନାହିଁ । ଖାଲି କହିଲା—ପରେଶବାବୁଙ୍କ ପାଇଁ ଆଜି ଏ ଜୀବନ ରହିଲା ।

ବଉଳକୁ ପଚାରିଲି— ତାଙ୍କ ଭେଟ ତୁ ପାଇଲୁ କେମିତି ?

ବଉଲ ନୀରବ ହେଇ ଛିଡ଼ା ହୋଇଥାଏ । ଏ ପର୍ଯ୍ୟନ୍ତ ଭୟରେ ତାର ଛାତି ଦୁକୁ ଦୁକୁ ହେଉଛି ।

କଥା ପଡ଼ୁ ପଡ଼ୁ ବାପା, ପରେଶ ଭାଇ ଗାଁ ଶଗାଙ୍ଗଅ ସମସ୍ତେ ଏକ ସାଥିରେ ଫେରୁଥିଲେ । ଦୂରରୁ ତାଙ୍କର ତୁଣ୍ଡ ଶୁଭୁଥିଲା ।

ବାପା ତାଙ୍କୁ କହୁଥିଲେ—ସେ ଗୁଣ୍ଡାଟାକୁ ପୋଲିସ୍ ଜିମା କରି ଦେଇଛ ତ ପରେଶ, ?

ପରେଶ ଭାଇ ଉତ୍ତର ଦେଲେ—ଆମେ କ୍ୟାମ୍ପରେ ତାଙ୍କୁ କଲେଜ ପିଲା ଖୁବ୍ ଠାଟ୍ଙ୍କ ଠେଚା ଛନ୍ତି । ବାନ୍ଧିଥିବା ଯାକେ ସେ ଏ

ମାଉ କଥା କେବେ ମନରୁ ପାଶୋରି ପାରିବ ନାହିଁ । ଅଭଦ୍ର ଛୋଏ । ଆପଣଙ୍କ ପାଖରେ ପହଞ୍ଚାଇ ଦେବ ବୋଲି କହି—ଅନ୍ୟ ଆଡେ ନେଇ ଯାଉଥିଲା, ଯୋଗକୁ, ସେଦିନ ଛଲଙ୍କୁ ଆପଣଙ୍କ ଘରେ ଦେଖିଥିବା ଯୋଗୁ ଚିହ୍ନିବାରେ କିଛି ଅସୁବିଧା ହେଲା ନାହିଁ । ନୋହିଲେ ଅବସ୍ଥା ବଡ ସାଙ୍ଘାତିକ ହୋଇଥାନ୍ତା ।

ବାପା ତହୁଁ ବିସ୍ମୟରେ କିଛି ସମୟ ତାଙ୍କ ମୁହଁକୁ ଚାହିଁ କହିଲେ—ପରେଶ, ବାସ୍ତବିକ୍ ତମକୁ ଧନ୍ୟବାଦ୍ ନ ଦେଇ ମୁଁ ରହି ପାରୁନି । ଦୀର୍ଘାୟୁ କରନ୍ତୁ ଭଗବାନ୍, ତମ ଦ୍ୱାରା ଏ ଦେଶରେ ଅଶେଷ କଲ୍ୟାଣ ହେବ ।

ବୋଉ ଏ କଥା ଶୁଣି ଦୁଃଖରେ ଗୋଟାଏ ଦୀର୍ଘଶ୍ୱାସ ଛାଡି କହିଲା, ଯାହା ହବାର ଥିଲା ତାହା ତ ହୋଇଗଲା । ଆଉ ସେଥିପାଇଁ ଏତେ ଚିନ୍ତାକରି ଲାଭ କ'ଣ । ମୋ ଭଉଣୀ ପରା ଆସିଛି, ଦି' ଭଉଣୀ ଯାକ ଟିକିଏ ଦେଖାଚାହିଁ ହୋଇ ଯିବୁନାହିଁ ?

ବାପା ତା'ପରେ ପରେଶ ଭାଇଙ୍କି ପଚାରିଲେ—କ'ଣ ପରେଶ, ବୋଉ ତମର ଏ ଯାତ୍ରାକୁ ଆସିଛନ୍ତି ?

ମୁହଁରେ ମୃଦୁ ହସ ଫୁଟାଇ ପରେଶ ଭାଇ କହିଲେ—ଆଜ୍ଞା ହଁ, ବୋଉ, ଉମା ସମସ୍ତେ ଆମ ଘରୁ ଆସିଛନ୍ତି । ଟାଁ ମୁଣ୍ଡ ସ୍କୁଲ ଘରେ ରହିବା ପାଇଁ ତାଙ୍କର ମୁଁ ବନ୍ଦୋବସ୍ତ କରି ଦେଇଛି ।

ବାପା କହିଲେ—ହଉ, ଭଲକଥା । ଯୋଗସାଠା କ'ଣ ଆଟରେ ଦିଶୁଛି । ସଭଏଁ ବେଗାବେଗି ଗାଧୁଆ ପାଧୁଆ ସାରି ଆଗେ ଶିବ ଦର୍ଶନ କରି ଆସନ୍ତୁ । ତା' ପରେ ଦେଖାଚାହାଁ, କଥାବାର୍ତ୍ତା ଯାହାକିଛି ପଛେ ହେବ ।

ପରେଶ ଭାଇ କହିଲେ—ମାଉସୀ, ମୁଁ ପଛେ ଜଳଖପର ଏଠି କଟି ବସୁଛି । ସମସ୍ତେ ଏକ ସାଙ୍ଗରେ ଯାଇଁ ଗାଧୋଇ ଆସନ୍ତୁ ।

ବାପା ତହୁଁରେ ରାଜି ହେଲେ । ସମସ୍ତେ ଆଟରେ ଧଣୁଥିବା ଧଳ ପୋଖରୀରେ ଯାଇଁ ବୁଡ଼ ପକେଇ ଆସିଲୁ । ପରେଶ ଭାଇ କାଡ଼ା ପାହାରା ରଖିଥାନ୍ତି, ଆମ ଜିନିଷପତ୍ର ଜଗିରେ ।

ନୂଆ ବୋହୂ ତାଙ୍କୁ ଚାହିଁ ମୁର୍କି ମୁର୍କି ଭାରି ହସୁ ଥାନ୍ତି । ବାପା ନ ଥିଲେ ସେ ତାଙ୍କୁ ଝିଅ ପରିହାସରେ କେତେ କ'ଣ କହି ସାରନ୍ତେଣି ।

ବଉଳ ଟେରେଇ ଟେରେଇ ପରେଶ ଭାଇଙ୍କୁ ଚାହିଁ ହସୁଛି । ତାର ହାତ ପରଶ ପାଇଛନ୍ତି ଆଜି ମୋର କଲେଜ ପଢୁଆ ପରେଶ ଭାଇ ।

ବାପା ଆଉ ବେଶୀ ସମୟ ଅପେକ୍ଷା କଲେ ନାହିଁ । କହିଲେ, ସମସ୍ତେ ଲୁଗାପଟା ପିନ୍ଧି ସାରିଲ, ଆସ ଆଗେ ଠାକୁର ଦର୍ଶନ କରି ଆସିବା । ପରେଶ, ଥାଅ ତମେ ଏଇଠି ?

ବୋଉ କହିଲା—ନାହିଁ, ସେ ଆମ ସାଙ୍ଗରେ ଆସୁ । ତମେ ଯୋଉ ହାଉଳିଆ ମଣିଷ, ଭିଡ ଭିତରେ କେବେ ନେଇ ପାରିବ ନାହିଁ । ତମ ଯୋଗୁ ଭଲ ସିନା ଭିଡ଼ରେ କୁଆଡେ ହଜିଲା ।

ବାପା ଯାହାରେ ବୋଉକୁ କିଛି କହିଲେ ନାହିଁ । କହିଲେ, ହଉ, ପରେଶ ଆସିବ ।

ତା'ପରେ ଗାଡିଆଳ ଦୁହିଁଙ୍କୁ କହିଲେ—ଆଗରେ ତମେମାନେ ଠାକୁର ଦର୍ଶନ କରିବ ଆସ ।

ସମସ୍ତେ ତା'ପରେ ଯାଇଁ ଶିବ ମନ୍ଦିରରେ ମିଳିଲୁ । ସକାଳ ଓଳି ଭାରି ଭିଡ଼ । ପରେଶ ଭାଇଙ୍କ ହାତଟିକୁ ଧରି ଧରି ଭିଡ଼ ଭିତରେ ମୁଁ ଚାଲିଥାଏ । ତା'ପରେ ଯାଇଁ ଶିବ ମନ୍ଦିର ଭିତରେ ପଶିଲୁ । ବଉଳ ଧରିଥାଏ ମୋ ଲୁଗା କାନିକି, କିନ୍ତୁ ମନରେ ତାର ଭାରି ଚିନ୍ତା, ମୁହଁଟାକୁ ତଳକୁ ଓହଳାଇ ଦେଇଛି । ଜଣଙ୍କ ପଛେ ଜଣେ ଯାଇ ଠାକୁର

ଦର୍ଶନ କଲୁ । ବାପା ପଛରେ ପଣ୍ଡାଙ୍କ ହାତରେ ଭୋଗ କଟାଇ ଆଣିଲେ ।

ଠାକୁରଙ୍କୁ ଭକ୍ତିରେ ଯାଇଁ ମୁଣ୍ଡି ଆଟିଏ ମାରିଲି । ମନ ଭିତରେ କେତେ ଚିନ୍ତା ମୋର ଖେଳେଇ ହୋଇ ଯାଇଥିଲା । ଭାବୁଛି, ମୋର ମନର ବେଦନା ସବୁ ସେହି ଠାରଙ୍କୁ ଜଣା । ପରେଶ ଭାଇ ମୋ ପାଖକୁ ଲାଗି ଠିଆ ହୋଇ ଥିଲେ । ତାଙ୍କୁ ଚାହିଁଲି, ସେ ନୀରବରେ ଆଖିବୁଜି ହାତଯୋଡ଼ି ଠିଆ ହୋଇଛନ୍ତି, ମନେ ମନେ ଠାକୁରଙ୍କୁ କ'ଣ କହୁଛନ୍ତି ।

ମୋ ପରି ମୋ ସାଙ୍ଗ ବଉଳ ଠାକୁରଙ୍କୁ ଚାହିଁ ଏକ ଧ୍ୟାନରେ କ'ଣ ମିନତି ଜଣାଉଛି । ମନେ ମନେ ଭାବିଲି, ଆଉ କ'ଣ ପରେଶ ଭାଇଙ୍କ କଥା ତା' ମନରେ ଉଙ୍କିଲାଣି କି ? ତା' ନ ହେଲେ ଏତେ-ବେଳଯାକେ କ'ଣ ମନରେ ଟୁପୁ ଟୁପୁ କରି ମନାସୁଛି ?

ନୂଆ ବୋହୂ ଠାକୁରଙ୍କୁ ଦଣ୍ଡବତ ହେଉ ହେଉ ଆମ ଗଣ୍ଠିବନ୍ଧା ଦେଖି ବସନ୍ତକୁ ଚୁପ୍‌ରେ ଚିମୁଟୁ ଥିଲେ । ଏତେ ଲୋକପରୀ ହୃଦରୀ ମଣିଷ ସେ, ଏତେ ମଣିଷ ଭିତରେ ମଧ୍ୟ ଆଖିଠାର ମାରୁଥିଲେ । ପରେଶଭାଇ କାନ୍ଦୁ ବୁଝିଛନ୍ତି ଏ ସବୁ ଗୋପନ ରହସ୍ୟ । ନୂଆ ବୋହୂଙ୍କୁ ଆଡ଼େ ଅନାଇ ମନେ ମନେ ସେ ଭାରି ହସୁଥିଲେ ।

ବଡ଼ ପଣ୍ଡା ଆମ ସମସ୍ତଙ୍କ ହାତକୁ ପାଦୁକ ଦେଲା, ଭୋଗଟାଗ କାମ ସରିଲା । ଦକ୍ଷିଣା ଦେଇ ସମସ୍ତେ ମନ୍ଦିରରୁ ଫେରିଲୁ ।

ଯିଏ ଯାହା ଭାବନ୍ତୁ ପଛେ, ପରେଶ ଭାଇଙ୍କ ହାତ ଲୋକ ଗହଳି ଭିତରେ ମୁଁ ଧରି ଧରି ଚାଲିଛି । ଏଥିରେ କାହାର କିଛି ସନ୍ଦେହ କରିବାର କାରଣ ନାହିଁ, କାହିଁକି ନା ସଂସାରକୁ ସେ ମୋର ମାଉସୀ ପୁଅ ଭାଇ । ଏ କଥା ଜନ ଜଗତରେ କାହାକୁ ବା ଅଛପା ଅଛି ?

ଏ ସବୁ ପରିସ୍ଥିତିରେ ଦୁନିଆ ଆଖିରେ ଅନ୍ଧ ପୁଟୁଳି ବାନ୍ଧିବାକୁ ହୁଏ । କେହି କାହାରିକୁ ସନ୍ଦେହ କରିବା ପାଇଁ ବାଟ ପାଏ ନାହିଁ । ଫଳରେ ନୂଆ ଉଦୟାଚଳର ନୂଆ ଆଲୁଅ ଝିଲିମିଲି ହୋଇ ଚହଟି ଯାଏ ସବୁଜ ଜୀବନର ରଙ୍ଗ ଆଶାତିଳେ । ପ୍ରଣୟୀ ପ୍ରଣୟିନୀ ଆନନ୍ଦରେ ବିଭୋର ହୋଇ ପଡନ୍ତି । ନୂଆ ପ୍ରଣୟ ଅଙ୍କୁରଟି ଯେତେବେଳେ ଦୁନିଆରେ ବିରାଟ ଦ୍ରୁମ ହୋଇ ଛିଡ଼ା ହୋଇଯାଏ ସେତେବେଳେ ସମସ୍ତଙ୍କର ଚେତା ଭାଙ୍ଗେ । ଶକ୍ତିଶାଳୀ ସମାଜ-ପାଚିରି ସେତେବେଳେ ଧୂଳିସାତ୍ ହୋଇ ମାଟିରେ ମିଶିଯାଏ ।

ଆଜିକାଲି ନୂଆ ଦୁନିଆରେ ଏମିତି ଅସୁମାରି ଘଟଣା ଘଟି ଯାଉଛି । ଆଖିଖୋଲି ନଜର ପକାଇଲେ ସଭିଙ୍କ ଆଖିରେ ଜକ୍‌ଜକ୍ ଦିଶିବ ନର୍କପୁରୀ, ପାପ ତା'ପର ଲୀଳାକ୍ଷେତ୍ର । ଆଖି ବୁଜି ଦେଲେ ସବୁ ପୁଣ୍ୟ, ନୂଆ ଯୁଗର ଆଦର୍ଶ ସଂସ୍କାର । ଯେଉଁଥିରେ ଭାବିବାର ବିଷୟ କିଛି ନାହିଁ ।

ପରେଶ ଭାଇଙ୍କ ହାତ ଧରି ବାଟ ଚାଲିଲାବେଳେ ଦେହ ମୋର କାହିଁକି ଶୀତେଇ ପଡୁଥିଲା । ଅଭିଆଡ଼ୀ ପୁରୁଷଙ୍କର ହାତଛୁଆଁ ପରଶ ଅନୁଭବ କରିବା ଏଇ ମୋର ପହିଲି ଅଭ୍ୟାସ । ଘୁଡ଼ାତଳେ ଗୋପନ ପୁଲକ ଅନୁଭବ କରିବା ଏଇ ମୋର ନୂଆ ଦିବସ ।

କେହି କା'ହାରିକୁ କିଛି କହିବାକୁ ସୁବିଧା ପାଉନାହୁଁ । ଖାଲି ଗୋପନରେ ମୁଁ ଯାହା ଅନୁଭବ କରୁଛି ମଧୁର ପରଶ, ଅକୁହା ମଧୁର ଅନୁଭୂତି, ବେଳକୁବେଳ ଘନଘନ ସ୍ପନ୍ଦନ ଉଠୁଛି, ଦେହ ଥରୁଛି । ତଥାପି କାହିଁକି ହାତ ଭିତରୁ ମୋ ହାତଟିକୁ ଛଡ଼ାଇ ଆଣିବା ପାଇଁ ମନ ଯମା ହେଉ ନାହିଁ । ଖେଳି ଯାଉଛି ମୋ ଦେହସାରା ଆନନ୍ଦର ଶିହରଣ । ଗୋପନ ଭାବର ମୃଦୁ ଶିତ୍କାର ।

ନୂଆବୋହୂ, ବସନ୍ତ, କୁନି ସମସ୍ତେ ମନେ ମନେ ହସିଲେଣି । ବଉଳ ମୁହଁରୁ ମୋର ହସ ମଉଳି ଯାଇଛି ।

ଖଣ୍ଡେ ଦୂରରେ ଠିଆ ହୋଇ ବୋଉକୁ ପରେଶ ଭାଇ କହିଲେ— ମାଉସୀ, ଦେଖ ଅନେଇଲଣି ଗୋ ତୋଉକୁ ।

ବୋଉ ଆନନ୍ଦରେ କହିଲା—କାହାଁନ୍ତି ସେମାନେ ?

ମାଉସୀ ପରେଶ ଭାଇଙ୍କି ଦେଖି ଆମର ଆଡ଼େ ମୁହଁ ଲେ। ପରେଶ ଭାଇଙ୍କୁ ଦେଖି କହିଲେ—କୁଆଡ଼େ ବୁଲୁଛୁ ଏତେବେଳ ଯାଏ, ମନ୍ଦିରକୁ ଟିକିଏ ବୁଲେଇ ଆଣିବୁ ବୋଲି ଯାଉଛି ଆସି ବୁଲୁଛୁ !

ବୋଉ ଆଡ଼େ ମାଉସୀଙ୍କର ନଜର ପଡ଼ି ନ ଥିଲା । ପରେଶ ଭାଇ ସଙ୍ଗେ ସଙ୍ଗେ କହି ପକାଇଲେ—ବୋଉ, ଦେଖିଲୁଣି କିଏ ଏମାନେ ?

ହାତ ଛୁଟିଗଲା ପରେଶ ଭାଇଙ୍କର ।

ମାଉସୀ ସଙ୍ଗେ ସଙ୍ଗେ ବୋଉକୁ କୁଣ୍ଢାଇ ପକାଇ କାନ୍ଦ ପକାଇଲେ କହିଲେ—ମିନି, ତତେ ଆଉ ଜୀବନରେ ଦେଖିବି ବୋଲି ଆଶା କରି ନ ଥିଲି । ପନ୍ଦର ବରଷ ତଳେ ତୋ ସହିତ ଯେତିକି ଦେଖା ହୋଇଥିଲା । ସେତିକି । ବାପ ଘରେ ତ ସବୁତ ମରିହଜି ଗଲେ, ଆଉ କୋଉ ଦେଖାଭାଇ କମାଇଛେ ଯେ ତୋଲିରେ ଆମକୁ ନେଇ କେତେ ଆଉ ଡୋଲି କରାଇବ ।

ବୋଉ ବି ମାଉସୀଙ୍କି ସ୍ନେହରେ କୁଣ୍ଢାଇ ପକାଇ କାନ୍ଦ ପକାଇଲା ।

ପରେଶ ଭାଇ ଭାରି ଚିଡ଼ି ଉଠିଲେ, କହିଲେ—ଧନ୍ୟ କହିବ ଏ ମାଈପୀ ଜାତିଙ୍କି । ରାସ୍ତା, ଘାଟ, ଯାତ୍ରାତୀର୍ଥ ଏମାନଙ୍କର କିଛି ବିଚାର ନାହିଁ । ବାଟ ମଝିରେ ଏ କେପାର କାହିଁକି ? ଚାଲ, ସମସ୍ତେ ସ୍କୁଲ

ଘରକୁ । ଏ ବାଟେ ବାରଲୋକ ପଶି ଯା’ ଆସ କରୁଛନ୍ତି ? କ’ଣ ଲୋକେ କହିବେ କହିଲ ?

ବାପା ପରେଶ ଭାଇଙ୍କ କଥାରେ ଜୁଆ ଦେଲେ । ସମସ୍ତେ ତୁନିତାନ୍ ହୋଇ ରହିଲେ ।

ବାଟ ଚାଲିଛନ୍ତି ସଭିଏଁ । କିନ୍ତୁ ବୋଉ ମାଉସୀଙ୍କର ପେଟ ଭିତରେ କୋହ ଡିଣା ପିଟି ନାହିଁ । ଦୀର୍ଘ ପନ୍ଦର ବରଷ ପରେ ଦୁଇ ଭଉଣୀଙ୍କର ଏକାଠି ଦେଖାଚାହିଁ, ଏକା ମା ପେଟର ଦୁଇ ଝିଅ । ମନ ଆପେ ଅପେ ସ୍ନେହ ସମ୍ବଳରେ ନରମି ଉଠୁଛି ।

ଆମେ ଚାଲିଛୁ ତାଙ୍କ ପଛେ ପଛେ । ଚାଲି ଚାଲି ଆମେ ସମସ୍ତେ ଆସି ସ୍କୁଲ୍ ଘରଟି ମିଳିଲୁ ।

ଉମା, ପରେଶ ଭାଇଙ୍କ ସାନ ଭଉଣୀ । ମତେ ଅନାଇ ପରେଶ ଭାଇଙ୍କି କହିଲା—ଭାଇ, ଇଏ କିଏ କି ?

ପରେଶ ଭାଇ କହିଲେ—ତା ମୁହଁକୁ ଭଲ କରି ଚାହିଁଲୁଣି ?

ଉମା କହିଲା—କିଏ କହୁନା ?

ନୂଆବୋହୂ ହସି ହସି କହିଲେ—ଭାଇଙ୍କି ତମର ପଚାରିବା ଅପେକ୍ଷା ମତେ ପଚାର ? ମୁଁ ତାଙ୍କୁ ଭଲଭାବେ ଚିହ୍ନାଇ ଦେବି ।

ଉମା ଟିକିଏ ଅପ୍ରସ୍ତୁତ ହୋଇ କହିଲା—କିଏ କହୁନା ?

ନୂଆବୋହୂ ତୁନି ତୁନି କହିଲେ—ଇଏ ପରା ତମର ନୂଆ ଭାଉଜ । କଣି ପସନ୍ଦ ହଉନି ?

ବାପା ଟିକେ ପଛରେ ଥିଲେ । ପରେଶଭାଇ ମୋ ପାଖରେ ଛିଡ଼ା ହୋଇଥିଲେ । ଲାଜକୁଳିଲତା ପରି ଲାଜରେ ସଙ୍କୁଚି ଗଲେ ।

ବୋଉର ଦୁଃଖିଲା ମନ ଉପରେ ଟିକିଏ ସରସତା ଦେଖା ଦେଇଥିଲା । କହିଲା—ଏ ଦୋହଁରା କଥା ଆଉ ହଉ ନାହିଁ । ତୋ ପୁଅଝିଅଙ୍କୁ ଏକାଠି ବାନ୍ଧିବା କରିଦେବୁ ଯେ ଘର ଝିଅ ଘରେ ବୋହୂ ହବ, ଆଉ ପର ଘରକୁ କାହିଁକି ପଠାଇବୁ ।

ହସି ହସ ନୂଆଁବୋହୂ କହିଲେ—ଖୁଡ଼ୀ, ମୁଁ ଯାହା କହୁଛି ନାକରି କହୁନାହିଁ ମ, ଦେଖିଲ ଯୁଆଁଙ୍କ ଦେହେବଲୁ ତାଙ୍କ ଦେହେବା କେମିତି ସୁନ୍ଦର ମାନୁଛି । ସାକ୍ଷାତ୍ ତ ରାମ ସୀତା ।

ମାଉସୀ ବୋହୂକୁ ପଚାରିଲେ—ଏ ବୋହୂଟି କିଏ କି ?

ବୋଉ ମାଉସୀଙ୍କି ନୂଆଁବୋଉଙ୍କୁ ଚାହିଁଲାଇ ଦେଇ କହିଲା—ଇଏ ପରା ମୋ ପୁତୁରା ବୋହୂ ।

ମାଉସୀ ନୂଆବୋହୂଙ୍କୁ ଆଉଁସିଲେ । କହିଲେ ପୁଅ ଝିଅ କଅଣ ?

ବୋଉ କହିଲା—ପୁଅ ଝିଅ ଯୋଡ଼ାଏ । ମାମୁଁଘରେ ରହି ତେଣେ ଭଡିଆ ପଢ଼ୁଛନ୍ତି ।

ପରେଶ ଭାଇ କହିଲେ—ବୋଉ, ତମେ ସବୁ ଥା' । ମୁଁ କ୍ୟାମ୍ପକୁ ବାହାରିଲି । କଲେଜ ପିଲାମାନେ ଖୋଜୁ ଥିବେ ।

ନୂଆଁବୋହୂ ପରିହାସରେ କହିଲେ—ଆଉ ଯୁଆଁଙ୍କୁ କ୍ୟାମ୍ପକୁ ନେଇ ଯାଉନା ? ଦରକାର ବେଳେ କର୍ମକୁ ଆସିବେ ।

ମୁଁ ନୂଆବୋହୂଙ୍କୁ କେଳେଇରେ କୁଟେଇ ପକାଇଲି । କହିଲି—ଏତେ ବେହେଲ ମଣିଷ !

ଉମା କହିଲା—ଭାଇ, ନାଲି ଅପାକୁ ଆମ ଘରକୁ ନେଅନ୍ତୁ; ଆମ ଘରକୁ ସେ ମୋଟେ ଯାଇନି ।

ପରେଶ ଭାଇ କହିଲେ—ନାଉନୁ ! ମୁଁ କଣ ତାକୁ ଯିବା ପାଇଁ ନାହିଁ କରୁଛି ।

ମୁଁ ତା ପରେ ବୋଉ ମୁହଁକୁ ଅନାଇଲି । ବୋଉ କହିଲା—ଏ ଯାତ୍ରାଟାରୁ କାହିଁକି ତାକୁ ନବୁ । ଭାଇ ବାହାଘର ହେଉ, ତାକୁ ପଛେ ନେଇଯିବୁ । ମାସେ ପନ୍ଦରଦିନ ପଛେ ତମ ଘରେ ରହି ଆସିବ । ନୂଆ ଭାଉଜର ମୁହଁ ଦେଖିବ ।

ମାଉସୀ ବାଧା ଦେଇ କହିଲା—ତୁ ମନା କାହିଁକି କରୁଛୁ ମିନ ? ନୀଳ କଣ ମୋର ଝିଅ ନୁହେଁ କିଲୋ ? ତୁଆଙ୍କର ଯେତେ-ବେଳେ ତା'ଠି ଶ୍ରଦ୍ଧା ଅଛି, ତୁ ସେ ଶ୍ରଦ୍ଧା ଆଉ ଭାଙ୍ଗି ଦେ'ନା ।

ବାପା ଏଥିଭିତରେ ଆସି ସବୁକଥା ଶୁଣୁଥିଲେ ।

ପରେଶଭାଇ କହିଲେ—ମଉସା, ନୀଳକୁ ବୋଉ ଆମ ଘରକୁ ନେଇ ଯାଉଛି । ଦି' ଚାରିମାସ ରହି ପୁଣି ଫେରିବ ପଛେ ।

ବାପା ଟିକିଏ ହସିଦେଇ କହିଲେ—ଦେଖିଛ ତ ବାପା, ଆମର କେମିତିକା ଏକାଟିଆ ଘର । ଯିବ ପଛେ ଯାଉ, ମୁଁ ନାହିଁ କରୁ ନାହିଁ । କିନ୍ତୁ ମାସେ ଦୁଇ ମାସ ରଖି ଗାଁରେ ଆମର ଛାଡି ଦେଇ ଆସିବ । ବୁଢ଼ା ମଣିଷ, ଏତେ ବାଟ ମୁଁ ଯାଇ ଅସି ପାରିବି ନାହିଁ ।

ବୋଉ ଲାଜ ଲାଜ ହୋଇ ପରେଶ ଭାଇଙ୍କି କହିଲା—ମଉସାଙ୍କୁ କହ; ଯେମିତି ଶାଳଗାଁ ଯିବେ । ଦୂରବାଟ ହେଲା, ବନ୍ଧୁ ବାନ୍ଧବ ସବୁ କାଟି ଦେଲେ । ହଁ ଯେତେବେଳେ ତିନି ବନ୍ଧୁରେ ବନ୍ଧୁ, ଗରିବଘର, ତାଙ୍କ ପାଦ ଆଉ କାହିଁକି ପଡିବ ତମ ଘରେ ।

ବାପା ହସି ହସି କହିଲେ—ଦୁନିଆରେ ବଡ଼ ଲୋକ କିଏ ଅଛି ? ସମସ୍ତେ ଗରିବ । ସବୁବେଳେ କାର୍ଯ୍ୟ ବ୍ୟସ୍ତ ଯୋଗୁଁ ବନ୍ଧୁ-ବାନ୍ଧବଙ୍କ ଘରଆଡ଼େ ଯିବାପାଇଁ ସମୟ ଟିକିଏ ପାଏ ନାହିଁ । ହଉ ମାନମାଡ଼ି କହିଲଣି ଯେତେବେଳେ, ଏଥର ନିଶ୍ଚୟ ଯିବି ।

ନୂଆବୋହୂ ମତେ ଚୁପ୍ ଚୁପ୍ କହିଲେ—ଯାଉଛ ନୀଳ ! ମନେ ରଖିଥିବ । ସବୁଦିନ ପାଇଁ ଯେମିତି ସିଆଡ଼େ ବସାବାନ୍ଧି ନ ରୁହ ।

ବାପା, ପରେଶ ଭାଇଙ୍କ ସହିତ କେତେ କଥା ହଉଥାନ୍ତି । ମୁଁ ନୂଆ-ବୋହୂଙ୍କ ପରିହାସରେ ଖାଲି ଚମ୍କୁଥାଏ ।

ଝମା କହିଲା—ନୂଆବୋହୂ, ମାଲ ଅପା ଯେବେ ଆମର ଭଉଣୀ ନ ହୋଇଥାନ୍ତା ମୁଁ କଣ ସତରେ ତାଙ୍କୁ ମୋର ଭାଉଜ କରନ୍ତି ନାହିଁ କି ?'

ବସନ୍ତ ମୁହଁରେ ଲୁଗାଦେଇ ଫେଁ ଫେଁ ହୋଇ ହସିଲା । ନୂଆ ବୋହୂ କହିଲେ—ଅବକା ଭାଉଜ କରୁନା ? ତହିଁରେ କ୍ଷତି ଅଛି କଣ ? ଝମା ଭାରି ହସୁଥାଏ ।

ବଉଳର ମୁଁ ଶହେ ଷାଠିଏ ଖାଇଛି କି କଅଣ କିଛି ଆମ କଥାରେ ସେ ତୁଣ୍ଡ ଫିଟାଉ ନାହିଁ । ପରେଶ ଭାଇଙ୍କି ସେ କଣେଇ କଣେଇ ଚାହୁଁଛି ।

ନୂଆବୋହୂ ଭାରି ଡ଼ବ ଡ଼ବ । ବଉଳକୁ କହିଲେ—ତମେ ଅ ଜ କାହିଁକି ମୁହଁ ଫଟେଇଛ, ତମ ଅଧିକାର ତାଙ୍କ ହାତକୁ ଗଲାଣି ।

ବଉଳ ନୂଆବୋହୂଙ୍କ ଉପରେ ଭାରି ଚିଡିଲା । ପରେଶଭାଇ ଚାହିଁ ଥାନ୍ତି ବଉଳ ଆଡ଼େ ।

ତା'ପରେ ସେ କହିଲେ—ବେଳାବେଳ ପରି ସମସ୍ତେ ଗାଁକୁ ଯିବ ? ଗାଡିଆଳ ସବୁ ଖାଇଲେଣି କି ନାହିଁ ? ଭୋଗରାଗ ଯାହା ସବୁ କରିଥିଲ, ଏଇଠି ଆଗେ ଖିଆ ପିଆ କରନ୍ତୁ ।

ମାଉସୀ କହିଲା—ହଉ ମୁଁ ଦଉଛି । ମଉସା, ତୁ ଆଗେ ବସିଲ ?

ବୋଉ କହିଲା—ଏ ଭୋଗକୁ ବି ସେଥିରେ ମିଶାଇ ଦିଅ ।

ମାଉସୀ ନାହିଁ, ନାହିଁ, କରୁଥିଲା । ବୋଉ କିନ୍ତୁ ମାନିଲା ନାହିଁ ତା'କଥା । ଆଗେ ବାପାଙ୍କୁ ପରେଶ ଭାଇଙ୍କି ଦେଇ ବସିଲା ।

ବାପା କହିଲେ—ଆମକୁ କଣ ଆଗେ ଦେଉଛ, ଆଗେ ସେ ଗାଡିଆଳମାନଙ୍କୁ ଦେଇ ଦିଅ । ସଦାରେ ଅପେକ୍ଷା କରୁଛନ୍ତି ସେମାନେ । ସେମାନେ ମୂଲିଆ ମଜୁରିଆ ହେଲେ ବି ଆମର ପରି ତାଙ୍କର ଜୀବନ

ଅଣ୍ଟ । ତା'ପରେ ସେମାନେ ସବୁବେଳେ ନାନା ପ୍ରଶଂସା ଲୋକଙ୍କର ଗାଇ ବୁଲନ୍ତି ।

ପରେଶ ଭାଇ ବାପାଙ୍କଠୁ କଥା ଶୁଣି ଶୁଣି ଭୋଗ ନେଇ ଆଗେ ଗାଡ଼ିଆଳମାନଙ୍କୁ ଦେଇ ଆସିଲେ । ତା'ପରେ ଦୁହେଁ ଗୋଟିଏ ପଦାଂରେ ବସିଲେ ।

ଆମେ ସବୁ ସେଇଠି ଏକାଠି ବସି ଭୋଗ ପାଇଲୁ ।

ତା'ପର । ପରେଶ ଭାଇ କ୍ୟାମ୍ପକୁ ବାହାରିଗଲେ । ସାଢ଼େ ଚାରିଟା ପୂର୍ବରୁ ଆମକୁ ସବୁ ଗାଁକୁ ନେଇଯିବେ ବୋଲି ମାଉସୀଙ୍କି ବାର ବାର କରି କହିଗଲେ ।

ଘଡ଼ିକ ପରେ ବାପା କହିଲେ— ନୀଳ ତା'ହେଲେ ଉଠୁ । ଆସ ଆମେମାନେ ବାହାରି ଯିବା । ସହଳ ସହଳ ଗାଡ଼ି ଫାନ୍ଧି ଦେଲେ ବାଟରେ ଆମକୁ ଅସୁବିଧା କିଛି ହବ ନାହିଁ । ବଣ ଜଙ୍ଗଲ ବାଟ, ଛୁଆ ପିଲା ସାଙ୍ଗରେ ଅଛନ୍ତି , ଆଉ ଗାଡ଼ିଆଳଟାଙ୍କୁ ପୁଣି ସେଥିରେ ଅନ୍ଧାର କଣା, ବାଟ ନ ଦିଶିଲେ ଅନ୍ଧାରରେ ବାଟ ଦରିଣ୍ଡି ହେଉଥିବ ।

ବୋଉ ସାଙ୍ଗେ ସାଙ୍ଗେ କହିଲା—ନାହିଁ ଚାଲ । ଘର ଦୁଆର ଛାଡ଼ି ଦେଇ ଆସିଛୁ ! ବୁଢ଼ାଟା ତେଣେ ହଇରାଣ ହେଉଥିବ । ଗୋରୁ-ଗାଈ ଧନ୍ଦା ବୁଝିବ ନା ତେଣେ ବାଡ଼ି ଘର ଦେଖାଦେଖି କରିବ ।

ମାଉସୀ ଆଉ କିଛି କହିଲେ ନାହିଁ । ତା'ପରେ ସମସ୍ତେ ଯିବା ପାଇଁ ଛିଡ଼ା ହେଲେ ।

ମୁଁ ଅନେଇଛି, ବୋଉ କୋଉ ଅଞ୍ଚିରେ ବାପାଙ୍କୁ ଠାରି ଦେଲା ।

ବାପା ସଙ୍ଗେ ସଙ୍ଗେ ପକେଟରୁ ପାଞ୍ଚଟଙ୍କା ବାହାରି କରି ଯାନା ଖରଚ ଉମା ହାତରେ ଧରାଇ ଦେଲେ ।

ଉମା ଭାରି ଜାଣିସିଆଣୀ । ଆଗରୁ ଖସି ପଳାଇ ଯାଉଥିଲା ଆମ ପାଖରୁ । ବାପା ବାଧ କଲାରୁ ପୁଣି ମନକୁମନ କରି ପାଞ୍ଚ ଟଙ୍କା ଶେଷକୁ ଧରିଲା ।

ଗଲାବେଳେ ନୂଆ ବୋଉ, ବସନ୍ତ, ବଉଳ ହେଉଛନ୍ତି ମାଉସିଙ୍କି ଦଣ୍ଡବତ ହେଲେ । ଉମା ମୋ ବୋଉ, ବାପାଙ୍କୁ ଦଣ୍ଡବତ ହେଲା ।

ମାଉସୀ ବୋଉର ବେକ ଧରି କେତେ କାନ୍ଦିଲା । ବୋଉର ପେଟ ଭିତରୁ ଏତେ ଦୟା ଉଠିଲା ଯେ ସେ କହିଁ କହିଁ ହେଉଥାଏ ।

ଧନ୍ୟ ଏ ମାୟା ସଂସାର ! ରକ୍ତ ମାଂସର ଦେହ କେବେ ସମ୍ଭାଳି ହେଇ ରହି ପାରେ ନାହିଁ ।

ତା ପରେ ସମସ୍ତେ ବିଦା ହେଇଗଲେ । ବଉଳ ମୋର ଏତେ ପାଖ ହେଇ ଗଲାବେଳେ ମୋତେ କଥା ପଦେ କହିଲା ନାହିଁ । ଏତେ ଅକାଠ ସେ କାହିଁକି ହେଲା କେଜାଣି ।

ସ୍କୁଲ ଘର ଭିତରେ ପଡ଼ିଥିବା ଛୋଟ ସତରଞ୍ଜି ଖଣ୍ଡିକ ଉପରେ ବସି ଉମା ସାଙ୍ଗରେ ମୁଁ ଦୁଃଖ ସୁଖ ହେଲି । ମାଉସୀ ବରଣ୍ଡା ଉପରେ ଠିଆ ହୋଇ ବୋଉର ଯିବା ବାଟକୁ ଲୁହ ଛଳ ଛଳ ଆଖିରେ ଅନାଇ ଏକ ଲୟରେ ଛିଡ଼ା ହୋଇଥାଏ ।

ଏଡ଼େ ବଡ଼ ସଂସାରଟା ଖାଲି ମାୟାରେ ଛନ୍ଦା ହୋଇଛି । ଆଖି ବୁଜିଲେ କିଏ କାହାର ? ଦୁନିଆରେ ବଞ୍ଚି ଥିବାଯାଏ କିଏ କାହାପାଇଁ କେତେ ତଳେ ଲୁହ ଢ଼ାଳି ଉଗ୍ର ସଗ୍ର ହେଇ ଧାନ ଝାଡ କାନ୍ଦୁଛି ! ଆଜି ଦୁନିଆରୁ ନାଁ ଲିଭିଗଲେ କିଏ କାହା କଥା ମନେ ପକାଉଛି ।

ସତରଞ୍ଜି ଉପରେ ବସି ମୁଁ କେତେଆଡ଼ୁ କେତେ କଥା ଭାବୁଛି, ଉମା ଚିଣ୍ଡାରୁ ଆସି କହିଲା—ନୀଳ ଅପା, ଭାବୁଛ କଅଣ ? ତମ ଗାର ସେ ଡଲମୁହିଁ ଝିଅଟା କିଏ କହିଲେ ? ଶ୍ୟାମଳ ମଠ ବର୍ଣ୍ଣ ତାର, ବେକରେ ତାର ହାର ନାହିଁ, ମାଛି ହଲକ ଟା ନାକରେ ହୁଳୁ ହୁଳୁ ମ !

ପଚାରିଲି—କାହିଁକି, ତୋର ସେ କଣ ମନକୁ ଗଲା ନାହିଁ ? ଉମା କହିଲା—ନାହିଁ ମ, ସେ ଝିଅଟାତ ଜମା ମେଳାପୀ ନୁହେଁ ।

ହସି ହସି କହିଲି—ତୁ ଶୁଣିନୁ କି ? ସେ ଝିଅ ପରି ଆଜି ଯାତ୍ରାରେ ହଜି ଥିଲା, କୋଉ ଗୁଣ୍ଡା ତାକୁ ଧରି ନେଇ ଗଲା ଯେ ପରେଶ ଭାଇ ତା'କୁ ଉଦ୍ଧାର କରି ଆଣିଲେ । ଆଜି ସେ ମୋର ବଉଳ ପରି । ତାକୁ ଭାଉଜ କରୁନୁ, ଭାରି ଭଲ ହେବ ମ ।

ଉମା କହିଲା—ତୋ ଭଲ ସପା ଘୋଷ ଝିଅ ତମ ଗାଁରେ ଆଉ ନାହାନ୍ତି ଅପା ?

କହିଲି—ଇଏ ମାଇନର ପା'ଶ କରିଛି, ସିଲେଇ ଜାଣେ, ହୋମିଓପାଥି ଔଷଧ ଗାଁରେ ବାଣ୍ଟେ । ତାକୁ ପୁଣି ନା ପସନ୍ଦ କରୁଛୁ ?

ଉମା ଝିଅଟି ମୁହଁ ମୋଡ଼ି ଦେଲା ।

ମୁଁ ତୁନି ପଡ଼ିଲି ।

ଅନାଇଲି ପରେଶ ଭାଇ ଯା'ଡ଼କୁ ଆସୁଛନ୍ତି । ହାତରେ ତାଙ୍କର ଗୋଟାଏ ଗଛ ଆରସି, ସ୍ନୋ, ପାଉଡର, ସାବୁନ୍ କେସ୍, କାଚ, ଅଳତା ଶିଂଶି ।

ମାଉସୀ ତାଙ୍କ ସଙ୍ଗରେ ଆମ ପାଖକୁ ଆସିଲେ । ପରେଶ ଭାଇ ସଙ୍ଗେ ସଙ୍ଗେ ସେତକ ଆଣି ମୋ ହାତରେ ଦେଲେ । କହିଲେ, ଉମାର ତ କଣାକଣି ସରିଛି, ତୋ ପାଇଁ ଏତକ ମାଲ ଆଣିଛି । ଦେଖିଲୁ, ଏ କାଚ ତୋ ହାତକୁ ହବ, କି ନାହିଁ ?

ଭଦ୍ରତା ଖାତିରରେ କହିଲି—ମୁଁ କଣ ରହିଲି ତମକୁ ତଣ୍ଡାଇବା ପାଇଁ ? ଏତକ ନ କିଣିଥିଲେ କଣ ଚଳି ନ ଥାନ୍ତା ? ମୋ ସକାଶେ ମିଛରେ ଏତେ ଖରଚାନ୍ତ ହେଲ କାହିଁକି ?

ପରେଶ ଭାଇ କହିଲେ—କ'ଣ ହାତୀ ଘୋଡ଼ା କିଣି ଦେଲା ଭଳି କଥା କହୁଛୁ ? ଦେଖିଲୁ ମାଲ ? ଏ କାଚ ତୋ ହାତକୁ ହବ କି ନାହିଁ ? ନୋହିଲେ ମତେ କହି ଦେ, ସୁ'କୁ ବଦଳାଇ ଆଜି ମୁଁ କାଚ ଦେଇ ଆସିବି ।

ଲାଜ ଲାଜ ହୋଇ ହାତରେ କାଚ କଣ୍ଟା ବସିଲା, ଠିକ୍ ମୋ ହାତକୁ ଗଢ଼େଇଲା ଭଳି ସୁନ୍ଦର ଦିଶିଲା । କହିଲି—ତମେ ଯେତେ-ବେଳେ ଆଣିଛ, ସେ ପୁଣି ମୋ ହାତକୁ ହବ ନାହିଁ ?

ତା ପରେ ପରେଶ ଭାଇ କହିଲେ—ଏ କାଚ ଫେରେ ତୋ ମନକୁ ପାଉଛି ତ ?

କହିଲି—ଥରେ ପଖ କହିଲି ତମେ ଯେତେବେଳେ ଆଣିଛ—

ମୋ ପାଟିରୁ କଥା ଛଡ଼େଇ ଦେଇ କହିଲେ—ଏ ସବୁ କହିବା ଢ଼ଙ୍ଗ, ପ୍ରାୟ ସମସ୍ତେ କୁହନ୍ତି । ହଉ, ଆଉ କଣ କିଣିବୁ ?

କହିଲି—କିଛି ମୋର ଆଉ ଦରକାର ନାହିଁ ।

ପରେଶ ଭାଇ, ତା ପରେ ମୋ ମୁହଁକୁ ଚାହିଁ ହସିଲେ । କହିଲେ, ଆଉ କ'ଣ ମାଲ ? ଏଥର ଆମ ଗାଁକୁ ଯିବା କଥା । ତମ ଗାଁ ସିନା ବଣ ପାହାଡ଼ମୟ । ଆମ ଝାଡ଼ କିନ୍ତୁ ସବୁ ସମତଳ । ଭଲ ଲାଗିବ ନାଁ ନାହିଁ ?

ତାଙ୍କ କଥା ଶୁଣି ମୁଁ ମୁର୍କି ମୁର୍କି ହସୁ ଥାଏ ।

ଉମା ଦରହସି କହିଲା—ଭାଇ, ମାଲ ଅପା ସାଙ୍ଗରେ ତା ହେଲେ ବାଘ, ଭାଲୁଙ୍କର ଖୁବ୍ ବନ୍ଧୁତା ଥିବ । ମାଲ ଅପା, ତୁ ଚିଡ଼ିବୁ ନାହିଁ ଲୋ । ତତେ ମୁଁ ଡାକିବ ବଣୁଆଣୀ ଅପା ।

ମାଉସୀ ତାକୁ ଆଖି ଦେଖେଇଲା । ଉମା ଚଟିଗଲା ତା କଅଁଟରେ ।

ମୁଁ କହିଲି—ମାଉସୀ, ତମେ ତାକୁ ଗାଳି ଦେଉଛ କାହିଁକି ? ମୁଁ କ'ଣ ତା କଥାରେ ଚିଡୁଛି କି ଆମ ଝାଡ଼ କଣ ମୋଗଲବନ୍ଦୀରେ ଯାଏ ନାହିଁକି ? ତାଙ୍କ ଝାଡ଼ତ ପୁଣି ଜଙ୍ଗଲ ପଛରେ, ଛୁହାଡ଼ ପାହାଡ ତାଙ୍କ ଗାଁ ଠୁ କେତେ ଦୂର କି ? ମୁଁ ବି ତାକୁ ଡାକିବି ଜଙ୍ଗଲୀ ।

ତା ପର ଆମର ଗୃଳିଲି ହସ ।

ପରେଶ ଭାଇ ସେମିତ ଛୁଡ଼ା ହୋଇ କୌତୁକ ଦେଖୁଥାନ୍ତି । ତା ପର ମୁଁ କହିଲି—ଭାଇ, ସେତେବେଳେ କଣ ଦ'ଠା ଖାଇଥିଲ, କଳଖିଆ ମୁଁ ବାଛୁଛି, ଖାଇନାଅ ଆଗ । ପେଟ ପରା ଲାଗି ଯାଉଛି ।

ପରେଶ ଭାଇ କହିଲେ—ଆଜ 'ଇଗ୍ଲୁ ନାହିଁ କିଛି ଖାଇବା-ପାଇଁ । ଏଣୁ ଖାଇ ପିଇ ଗଲି, ତା'ପରେ ଆମ କ୍ୟାମ୍ପ୍‌ରେ ତଉରସିଆ ଗ୍ଲାସଟାଏ ଢ଼ ପଡ଼ିଲା ।

ତାଙ୍କ କଥା ଶୁଣି ମତେ ଭାରି ଖରାପ ଲାଗିଲା । କହିଲି—କମ୍ ଖାଇଲାବାଲା କି ?

ପରେଶ ଭାଇଙ୍କ ମୁହଁରେ ହସ ଉକୁଟି ଉଠିଲା ।

ମାଉସିଁ ଚିଡ଼ିଲା ଭାରି, କହିଲା—ଡାଆଣା ? ଏ ଗୁଣ୍ଡା କ'ଣ ସବୁବେଳେ କହୁ ।

ଆମେ ସମସ୍ତେ ହସୁଥାଉ ।

ଉମା କହିଲା—ଭାଇ, ଆମେ ଆଉ ଯିବା କେତେବେଳେ ?

ପରେଶ ଭାଇ କହିଲେ—ସେ ପାଖ ଗଛମୂଳେ ଗାଡ଼ିଆଳା ପରା ବଳଦ ପେଉଛି । ତମର ସବୁ ଜିନିଷପତ୍ର ବନ୍ଧାବନ୍ଧି ସରିଲାଣି ?

ମାଉସୀ କହିଲା—ହଁ ସେ ସବୁ ସରିଛି । ତୋ ମଉସା ହେବକା ଗଲେଣି ?

ପରେଶ ଭାଇ କହିଲେ—ଏତେବେଳଯାଏ ଆଉ ସେମାନେ ଅଛନ୍ତି ? ଗାଡ଼ି ତାଙ୍କର ଜଙ୍ଗଲ ପାରି ହେଇ ନାଳ ବନ୍ଧ ଧରିବଣି । ହଉ, ତମ ଜିନିଷ ପତ୍ର ବାହରକୁ ବାହାର କର, ମୁଁ କ୍ୟାମ୍ପ୍‌ରେ ଟିକିଏ ପିଲାଙ୍କୁ କହି ଦେଇ ଆସେ ।

ତା ପରେ ସେ ଶୀଘ୍ର ବାହାରିଗଲେ ।

ସଞ୍ଜ ନ ବୁଡୁଣୁ ଗାଡ଼ି ଫାନ୍ଦ ଆମ୍ଭେ ସାଲ ଗାଁ ଧରିଲୁ । ଉମା

ପରେଶ ଭାଇଙ୍କ ଗାଁ ମୁଣ୍ଡରେ ପହଞ୍ଚିଲା ବେଳକୁ କାଉ କା'କା' କରୁଥିଲା ।

ସେତିକି ବେଳେ ରାସ୍ତାଘାଟ ସବୁ ଫିଙ୍ଗରୁ ହୋଇ ଆସିଲା ।

ସାଲ ଗାଁ—ତାଲ୍‌ଚେର ରେଳଲାଇନ୍ କଡ଼ରେ ଗାଁ ରେଳ ଷ୍ଟେସନ୍ । ରେଲ୍‌ଗାଡ଼ିର ଶବ୍ଦରେ କାନ ଅତଡ଼ା ପଡୁଛି । ତୋଟା ଆମ୍ବଗଛ ଗହଳ ଭିତରେ ସକାଳେ ସଞ୍ଜେ ଗାଡ଼ି ଦିଶୁଛି ।

ଏଇ ଗାଁକୁ ଆସିବାର ମୋର ଆଠଦିନ ହୋଇ ଗଲାଣି । ଉମା ଆଉ ଗାଁର କେତେ ଝିଅ ମୋର ବେଶ୍ ସାଙ୍ଗ ହୋଇ ଗଲେଣି । ବଙ୍ଗଳା, କୁନି, ନୂଆବୋହୂଙ୍କ କଥା ଖୁବ୍ କମ୍ ସମୟ ମନେ କରୁଛି । କେଜାଣି କାହିଁକି ଏଇ ଗାଁଟା ମତେ ଭାରି ଭଲ ଲାଗୁଛି । ମନ ମୋଟେ ଆଉ ଛାଡୁନାହିଁ ଏଇ ଗାଁରୁ । ସବୁ ଲୋଭ ମାୟା ମମତା ଏଇ ଗାଁରେ ମୋର ଏକାଥରେ ଠୁଳ ହୋଇ ଗଲାଣି ।

ପରେଶଭାଇ ସେଦିନୁ ଆସି ଘରେ ରହିଲେଣି । ଏ ବର୍ଷ ବି. ଏ. ପରୀକ୍ଷା କୁଆଡ଼େ ଦେବେ, ପରୀକ୍ଷା ତାଙ୍କର ଆସି ମୁଣ୍ଡ ଉପରେ, ତଥାପି କାହିଁକି କଲେଜ ଯିବାକୁ ନାହାନ୍ତି ।

ଦିନ କେଇଟା ପାଇଁ ଯା'ଙ୍କ ଘରକୁ ମୁଁ କୁଣିଆ ହୋଇ ଆସିଛି । କଟକ ଯିବାକଥା ପଚାରିଲେ ସେ କାଲେ କଣ ଭାବିବେ । ପର ଘରେ ମଙ୍ଗଳବାର କରିବା ମୋର କି ଦରକାର ।

ଅନୁମାନ କରେ, ମୋତେ ସେ ଭାରି ଭଲ ପାଉଛନ୍ତି । ଆଗ ଅପେକ୍ଷା ଆହୁରି ଯେମିତି ମୋତେ ଲୋଭ କରୁଛନ୍ତି ।

ଘର ଭିତରେ ସେ ସଦାବେଳେ 'ମାଳ, ମାଳ' ହୁଅନ୍ତି । ମୁଁ ସତେ ଯେମିତି ହେଉଛି ତାଙ୍କର ଶୟନ ସ୍ୱପନର ଜପାମାଳି । ମୁଁ

ଖାଇବାକୁ ନ ଦେଲେ ତାଙ୍କର ଯେମିତି ମନ ତୃପ୍ତି ହୁଏନା । ଝୁନି ମନେ ମନେ ଭାରି ହସେ, ମାଉସୀ କିଛି କୁହନ୍ତି ନାହିଁ ।

ଖରାବେଳଆ ନିତି ତାଙ୍କରି ଘରେ ଆମର ତାସ୍, କଚେରୀ ଲାଗେ । ପରେଶଭାଇ ବସି ଆମ ଝିଅଙ୍କ ସାଙ୍ଗରେ ତାସ୍ ଖେଳନ୍ତି । କିନ୍ତୁ ସବୁଥର ସେ ମୋର ବିପରୀତ ପାଖରେ ବସନ୍ତି । ମୋତେ ସବୁବେଳେ ଖେଳରେ ଜିତାଇ, ମୋ ଠୁଁ ବୋକଖାଇ ସେ ଯେମିତି ଖୁବ୍ ଆନନ୍ଦ ପା'ନ୍ତି । କିଛି ମୁଁ ବୁଝିପାରେ ନାହିଁ ତାଙ୍କ ରହସ୍ୟରୁ । କିନ୍ତୁ ଭାରି ମୋତେ ତାଙ୍କ ଭଲ ଲାଗେ ।

ତା' ପରେ ଥରେ ଉମା ମୋତେ କହିଲା—ନୀଳ ଅପା, ତତେ ଘରି ଭଲ ଗୀତ ଗାଇ ଆସେ । ଥରେ ଆମକୁ ତ କାହିଁ ଶୁଣାଇଲୁ ନାହିଁ ?

କହିଲି—ହାରମୋନିୟମ୍ କାହିଁ ? ତା' ପରେ ପରେଶ ଭାଇ କଟକ ଚାଲିଯାନ୍ତୁ, ମୁଁ ଗାଇବି ଯେ ତୁ ବସି ଶୁଣିବୁ ?

ଉମା ବଡ ଅସ୍ତବ୍ୟସ୍ତ କଲା ସେଦିନ । ତୁନି ତାନି ଯାଇ ମେଲାଘର ଦେଖି ଆସି କହିଲା—ଭାଇ କୁଆଡ଼େ ବୁଲି ଗଲେଣି, ଏଇଠି ଆମ ହାରମୋନିୟମ୍ ଥୁଆ ହୋଇଛି, ତୁ ଆଗେ ଟିକିଏ ଗୀତ ଗାଇଲୁ ଅପା ?

ତା' ସ୍ନେହ ଶରଧାକୁ ମୁଁ ଭାଙ୍ଗି ପାରିଲି ନାହିଁ । ଉଠିଲି ହାରମୋନିୟମ୍ଟା ପାଖକୁ ଟାଣିଆଣି ରିଡ଼ ଦେହରେ ଅଙ୍ଗୁଳି ଚାଲନା କରି ରେକର୍ଡ଼ ଗୀତଟିଏ ଗାଇ ବସିଲି—"ବନ୍ଧୁରେ ମନେ ପଡ଼େ ଗଲା ଦିନ କଥା"—

ଗୀତ ଲହର ଚାଲିଛି ମୋର ମଞ୍ଜୁ ରାଗିଣୀ ତୋଳି । ଅସରନ୍ତ ବ୍ୟଥାର ସୁର ଅସୀମ ପଥରେ ଝରଣା ଖେଳାଇ ଦେଇଛି । ସେତେ-ବେଳେ ମୁଁ ଆତ୍ମବିଭୋର ହୋଇ ଭୁଲି ଯାଇଛି ନିଜକୁ । ।

ଘର ଭିତରେ ସମସ୍ତେ ଏକ ଦୃଷ୍ଟିରେ ଚାହିଁ ରହିଛନ୍ତି ମୋ ମୁହଁକୁ । ଉମା ମୋ ଲହ ଛଳଛଳ ଆଖିଆଡ଼େ ଅନାଇ ଭାରି ହସୁଛି ।

ସିମ୍ଫାଡୁ ଗୋଡ଼ ଟିପି ଟିପି ଆସିଲେ ପରେଶ ଭାଇ । ମୋ ଗୀତର ସୁର ତାଙ୍କ କାନରେ ବାଜୁଛି । ବଡ଼ ଅପ୍ରତିଭ ହୋଇଗଲି ମୁଁ ସାମନାରେ ।

ପରେଶ ଭାଇ କହିଲେ—ମାଳର ତ ଭାରି ମଧୁର କଣ୍ଠ ଅଛି । ସବୁଥିରେ ଜିତାପଟ । ସହରେ ହାଉଅରେ ବଢିଥିଲେ କଟକ ରେଡ଼ିଓରେ ସେ ନିଶ୍ଚୟ ଗୋଟାଏ ସୁଗାୟିକା ହୋଇଥାନ୍ତା । ମଉସା ରାଜି-ହେଲେ ମୁଁ ତାକୁ ରେଡ଼ିଓରେ ଗୀତ ଦେବାର ସୁବନ୍ଦୋବସ୍ତ କରି ଦଅନ୍ତି ।

ଉମା କହିଲା—ଭାଇ, ରେଡ଼ିଓରେ ଗୀତ ଦେଲେ ପରା ଟଙ୍କା ମିଳେ ?

ପରେଶ ଭାଇ ଉତ୍ତର କଲେ—ଖାଲି ତ ଟଙ୍କା ନୁହେଁ । ମାନ ସମ୍ମାନ ସବୁ ସେଥିରେ ରହିଛି ।

ମାଉସୀ ପରେଶ ଭାଇଙ୍କ କଥାରେ ମୁହଁ ମୋଡ଼ି ଦେଲା ।

କହିଲା—ଆଜି ତ କିଛି ନାହିଁ । ସହରରେ ଝିଅ ବୋହୂଙ୍କୁ ନେଇ ନଚେଇଲେ ବାପ, ମା ଯାଇଁ ସରଗରେ ବସି ଯିବେ । ଉଠ୍ ମ, ଯା'ର କଥା ମୁଁ ଶୁଣୁଛି ।

ମୁଁ ଲଜରେ ସେ ଘରୁ ଉଠି ପଳାଇଲି । ଉମା ଚିଡ଼ାଇବା ପାଇଁ ମୋ ପଛେ ପଛେ ଗଲା ।

ପରେଶ ଭାଇ ଭାରି ହସୁଥିଲେ ।

ତା' ଆର ଦିନ ସକାଳେ ।

ପରେଶ ଭାଇଙ୍କି ଦାଣ୍ଡରେ ଦାନ୍ତ କାଠି ପାଣି ଦେଇ ଆସିଲି । ସେ ବସି ଦାନ୍ତ ଘଷିଲେ ।

ମାଉସୀ ମୋତେ ନିରିଖି ନିରିଖି ଚୁହୁଁଥିଲେ ।

ରୋଷାଇଘର ବାରଣ୍ଡାରେ ଛିଡାହୋଇ ମୁହଁରେ ଟିକିଏ ଶୁଖିଲା ହସ ଫୁଟାଇ କହିଲେ—ଆଗେ କି ସୁନ୍ଦର କଲେଜକୁ ଯାଉଥିଲା । ବି. ଏ. ପରୀକ୍ଷା ଆସି ମୁଣ୍ଡ ଉପରେ ହେଲାଣି । ମନରେ ତା'ର ଚିନ୍ତାଦିକ ଟିକିଏ ନାହିଁ । ଏ ଥରକ ଏଇ ଝିଅ ମୋର ଆସିଲା ଦିନୁଁ, ସେ କାହିଁ ତ କଲେଜ ଯିବା ନାଁ ଧରୁ ନାହିଁ ।

କଥାଟା ମତେ ଅଣ୍ଟାଅଣ୍ଟି ହୋଇଗଲା । ମୁହଁ ମୋର ସଙ୍ଗେ ସଙ୍ଗେ ଫିକା ପଡ଼ିଗଲା । ଏଠିକି ଆସି ଏଇ ଦୁର୍ନାମ ମୁଣ୍ଡାଇବା ପୁଣି ମୋ ଭାଗ୍ୟରେ ଥିଲା । ଭାରି ମୋତେ କାନ୍ଦ ମାଡିଲା, ଦୁଃଖ ଲଜ୍ଜାରେ ମୁହଁଟାକୁ ଲୁଚାଇବା ପାଇଁ କଣ ଘରେ ଯାଇଁ ପଶିଲି, ମୋ ବାପ ମା'ଙ୍କ ସାଙ୍ଗରେ ସିଧାତେ ନ ଯାଇ ବନ୍ଧୁଦ୍ୱାରକୁ ଆସି କାହିଁକି ମୁଁ ଏତେ-ବଡ଼ ଅପମାନ ଶୁଣିଲି ।

ଆଖିରୁ ମୋର ସେତିକିବେଳେ ଧାରଶ୍ରାବଣର ଝର ଫିଟିଗଲା ।

ତୁଣ୍ଡ ଶୁଭୁଥାଏ ବାହାରୁ । ଉମା ମାଉସୀକି କହିଲା—ତୁ ବୋଉ ସତେ କେଡ଼େ ଅମଣିଷ । ନିଜ ପୁଅର ଦୋଷ ନ ଦେଇ ପର ଝିଅର ଦୋଷ ଦେଲୁ କାହିଁକି ? ଝିଅ କଣ ତାକୁ କଲେଜ ଯିବାକୁ ମନା କଲା ।

ମାଉସୀ କଥା ବାଆଁରେଇ କହିଲା—ମୁଁ କ'ଣ ତା' ଦୋଷ ଦେଉଛି । ପରେଶର ତା' ପ୍ରତି ଟିକେ ସ୍ନେହ ସରାଗ ଅଛି ବୋଲି ମୁଁ କଥା ବାଟକୁ ସିନା କହିଲି । ଏମିତି କହିଲେ କାଳେ ମୋ ଝିଅ, ତାକୁ କଲେଜ ଯିବା ପାଇଁ କହିବ ।

ଉମା ଉତ୍ତର ଦେଲା—ହଉ, ଝିଅ ମନତ ବର୍ତ୍ତମାନ କଷ୍ଟ ହେଲାଣି, ଏବେ ଆଗ ସମ୍ଭାଳ । ଭାଇଙ୍କ କାନକୁ ଏ ସବୁ ଗଲେ ସେ

ଏ ଘର ପୋଡ଼ି ଦେବେ ନା ନାହିଁ ? ସାଙ୍ଗେ ସାଙ୍ଗେ ପୁଣି ବାପାଙ୍କ ପାଖକୁ କଣ ନାହିଁ କଣ ଲେଖି ବସିବେ । ତାଙ୍କ ଗୁଣ ଜାଣିଛୁଟି ?

ମାଉସୀ ସାଙ୍ଗେ ସାଙ୍ଗେ ମୋ ପାଖକୁ ଆସି ମତେ ଅଉଁସି ଦେଇ କହିଲା—ମା, ତୁ ମନ କଷ୍ଟ କରୁଛୁକି ? ତୋଟି ମୁଁ କାହିଁକି ଦୋଷ ଲଦିବି କହିଲୁ ? ତୁ ଥିଲୁ ବୋଲି ସିନା ମୋର ଏ ଘର ପୂରି ଉଠୁଛି ।

ସାଙ୍ଗେ ସାଙ୍ଗେ ଦୁଃଖ ଚପାଇ ଦେଇ ମୁହଁରେ ଶୁଖିଲା ହସ ଫୁଟାଇଲି । କହିଲି—ଏ କିଛି କଥାଟାରେ ମୋ ମନ କାହିଁକି ଖରାପ କରିବି ।

ମାଉସୀ ମୋତେ ପାଟୁପର୍ଯ୍ୟନ୍ତ ପାଖାଳା—ସାର୍ମିଳା କରି ଭୁଲାଇବାକୁ ଚେଷ୍ଟା କରୁଥିଲା । ଉମା ବି ଆସି ମୋତେ ବହୁତ ପ୍ରକାର ବୁଝାଇଲା । ମୁଁ ଉପରେ ଉପରେ ସଭିଙ୍କି ମଧୁର ବଚନ କହି ମନର ଦୁଃଖ ମନରେ ମାରିଲି । ଯେତେ ଯାହା କଲେ ବି ମନରୁ ଦୁଃଖ ଲିଭିଲା ନାହିଁ । ଗୋଲପଣ ସ୍ୱର୍ଗ ଅପମାନ ରହିଲା ମୋର ପରେଶ ଭାଇଙ୍କ ଠିଁ ।

ଠିକ୍ ମୁଁ ବୁଝିନେଲି, ତାଙ୍କର ମୋ ପ୍ରତି ଅତ୍ୟନ୍ତ ଭଲପାଇବା ତାଙ୍କୁ ବାହାରକୁ ଟିକିଏ ପକେଇ ଦେଇଛି । ଏ ଘରେ ଉମା ମାଉସୀ ଆମକୁ ସନ୍ଦେହ କଲେଣି, ଏ ଭଲ ପାଇବା ଆମର କେମିତି ଗୋଟାଏ ଅନ୍ୟ ପ୍ରକାର । ଦୁନିଆର ସାଧାରଣ ଭଲ ପାଇବା ଠୁଁ ଏ ଅଲଗା ।

ତଥାପି ବି ମୁଁ ନିରୁପାୟ ।

ବର୍ତ୍ତମାନ ଯେବେ ସେ ପାଠ ନ ପଢ଼ନ୍ତି ସେଥିପାଇଁ ଦାୟୀ ନିଶ୍ଚୟ ମୁଁ । ପାଠ ପଢିବା ମଣିଷର ଏକ ବିଳାସ ସୌଖିନ୍ ଦ୍ରବ୍ୟ ଧ୍ୟାଙ୍କର ସେ ପ୍ରତି ଆସକ୍ତ ଛୁଟୁଛି କାହିଁକି ? ଆଜି ସେ ପାଠ ପଢି ମଣିଷ ହେଲେ ସମାଜରେ ଏକ ବିଦ୍ୱାନ ପୁରୁଷ ହୋଇ ଛିଡ଼ା ହେବେ,

ତଇ ପାହୁଯ୍ଯା କର୍ମଗୁଣ ନହେଲେ ତାଙ୍କ ଭୂଷଙ୍ଗଷଂତ -ପଥ ଜଞ୍ଜାଳ ହେବ ।

ମୁଁ ତ ଦୁନିଅରେ 'ସାମାନ୍ୟ ନାରୀ । ମୋର ରୂପ--ଲବଣ୍ୟ ତାଙ୍କ ଆଖି ଆଗରେ ଏତେ ପ୍ରିୟ ହୋଇ ଉଠିଛି କଆଁ ? ମୁଁ ତାଙ୍କୁ ଏ ପର୍ଯ୍ୟନ୍ତ କ'ଣ ବା ଇସବ ଦେଇଛି, ସତେ ତାଙ୍କର ଘର ବନ୍ଦ ହେଲେ ମୋତେ ଏମାନେ ତ ପୁରା ଦୋଷୀ କହିବେ !

ଆଜ ମାଉସୀ ନ କହୁ ନ କହୁ ଯେଉଁ ମଧୁରଭଙ୍ଗୁଆ କଥା ଧ' ପଦ ମନକୁ ଲଗାଇ କହୁଛନ୍ତି, ଇଏ ତ ଅତି ସାମାନ୍ୟ, ତୁଚ୍ଛ, ଦୁନିଅରେ ସହସ୍ର ସହସ୍ର ଜିହ୍ୱାରେ ଏଇ ନିନ୍ଦା ଅପବାଦ ରଟନା ହେବ । ଏଥିରେ ମୁଁ ହେବି ଦୋଷୀ । ଏହା ନାରୀ ଜାତି ପ୍ରତି ଘୋର ନିନ୍ଦା, ଗୋଟିଏ ନାରୀ ପାଇଁ ଗୋଟିଏ ପୁରୁଷର ଜନ୍ମତ-ପଥରେ ଚିର-କାଳ ପାଇଁ ଯେତେବ ପୂର୍ଣ୍ଣଚ୍ଛେଦ ଟଣା ହୋଇଯିବ ଏହାଠୁ ବଳି ଦୁନିଅରେ ଆଉ ଅପବାଦ କଣ ଅଛି ? ଛି, ଛି, ଏ ନିନ୍ଦାଠୁଁ ମରଣ ଶତ ଗୁଣେ ଶ୍ରେୟସ୍କର ।

ଭାତ ମୁଠାକ ଭଲ କରି ମୋର, ପେଟକୁ କହୁଁକ ଗଲା ନାହିଁ । ଝରକା ଗୁଡ଼ାକ ବନ୍ଦ କରି ଦେଇ ମାଉସୀଘରର ଘର ଭିତର ଖଟ ଖଣ୍ଡିକରେ ଶୋଇ ରହିଲି । ସିନେମା ଛବି ପରି ମନ ଭିତରେ ଅଛିଣ୍ଡା ଚିନ୍ତା ଗୋଟିକ ପରେ ଗୋଟିଏ ଭାସି ଚାଲିଥାଏ ।

କାନ ପାରିଲି ବାହାରକୁ । ଦାଣ୍ଡ ମେଲା ଢଙ୍ଗରେ ପରେଶ ଭାଇଙ୍କର ସାଇକଲ୍ ଘଣ୍ଟି ଟିଂ ଟିଂ ବାଜିଲା । ଦ' ଆଖି ପୋଛିଲି ବେଳ, ବାବୁ କୋଉ ଗସ୍ତରେ ଯାଇଥିଲେ କେଜାଣି, ଧନ ଦୁଇଟା ଦେଳକୁ ଘରକୁ ଫେରୁଛନ୍ତି । ଭାତ ଶୁଖି ଚଣା ଗୁଡ଼ଳ ହେଲଣି ।

ସିଧ୍ୟାଭୁ ଟତେ ହୁର ଛାଡ଼ଲେ—'ଗୀଳ'

ମାନ ଅପମାନ ମାର ବିତୃଷ୍ଣାରେ ମୁଁ ଘାଲି ପଡ଼ିଲି । ଦୁଆର ମୁହଁ ବିରକ୍ତା ସେମିତି ଦର ଆଉଜା ହୋଇଥାଏ ।

ସଙ୍ଗେ ସଙ୍ଗେ ସେ ଝୁଁକି କବାଟ ହଲକ ଖୋଲି ଦେଇ ଡାକିଲେ, ମିଲି, ଶୋଇ ପଡ଼ିଲୁଣି କି ? କ'ଣ ଟିକେ ଖାଇବାକୁ ଦେଇଥାନ୍ତୁ ।

ତଥାପି ମୁଁ ତାଙ୍କ ଡାକ ଶୁଣିଲି ନାହିଁ ।

ସେ ଘୁଞ୍ଚିବାର ପାଏ ନୁହଁନ୍ତି, ସଙ୍ଗେ ସଙ୍ଗେ ଗୃହଆଡ଼କୁ ଗୃହଁ ଗୃହରଙ୍କ ଘର କନ କନ ହୋଇ ଆସି ମୋ ଦେହରେ ତାଙ୍କ ହାତ ମାରିଲେ ।

ଦେହ ମୋର ଶିବ୍ ଶିବ୍ ହୋଇ ଶୀତେଇ ଉଠିଲା । ଅନାଇଲି, ତାଙ୍କ ସାରା ଦେହଟା ହାଲ ସର ସର । ବିଞ୍ଚଣା ଖଣ୍ଡିକ ଆଣି ବିଞ୍ଚି ଟିକିଏ ଦେବାପାଇଁ ମନରେ ମୋର ଆଜି ଦୟା ହେଲା ନାହିଁ । ସିଧା ସିଧା ତାଙ୍କୁ ଶୁଣାଇ ଦେଲି, ଉମାକୁ ଡାକ ସେ ତମକୁ ଖାଇବାକୁ ଦେବ । ମୁଁ ଅବକା ଉଠି ପାରିବି ନାହିଁ ।

ପରେଶ ଭାଇ କହିଲେ—ଉମା ତ କାହିଁ ଦିଶୁ ନାହିଁ । ବୋଧହୁଏ ଶୋଇଥାଉଥା ଯାଇଛି ।

ତା'ପରେ ତାଙ୍କୁ କହିଲି—ଆର ଘରେ ମାଉସୀ ଶୋଇଛନ୍ତି, ତାଙ୍କୁ ଯା' ଉଠାଇବ । ମୁଁ କିଛି ତମର ଖରିଦଦାର ମଣିଷ ନୁହେଁ ।

ସେ ଆଉ ମୋ କଥ ନ ଶୁଣି ସଙ୍ଗେ ସଙ୍ଗେ ମୋ ଉପରେ ହାତ ମାରି କହିଲେ—କ'ଣ ଟିକେ ଆଜି ଦାନା ମିଳିବ ନି ?

ଆଜି ମୋ ମୁହଁରେ ହସ ନାହିଁ । ନାଲି ଆଖିଟେ ଦେଖାଇ ତାଙ୍କୁ ଦି' ପଦ କଡ଼ା କଥା ଶୁଣାଇ ଦେଇ କହିଲି—ମତେ ଆଜି ନେଇ ଘରେ ଛାଡ଼ି ଦେଇ ଆସ । ଗଙ୍ଗା ଦର୍ଶନ କରିବାକୁ ଆସି ମୁଁ ଏଠି ଖୁବ୍ ଫଳ ପାଇଲିଣି । ରାଗରେ ତାଙ୍କ ହାତ ମୁଁ ଛିଞ୍ଚାଡ଼ି ଦେଲି ।

ସେ ଅତି ଶାନ୍ତ ଶିଷ୍ଟଟି ପରି ମତେ ଡ଼ାକିଲେ—ନୀଳୁ ! ଏତେ ଆଜି ମନରେ ଝୋଷା କାହିଁକି ? କିଏ କ'ଣ କହୁଛି ?

ସଂଗରେ କହିଲି—ନୀଳୁକୁ ତମେ କ'ଣ ବୋଲି ଭାବଛ ? ବେଶ୍ୟା ନା ଆଉ କିଛି ? ଏତେ ଧନ ଦେଲି ତମେ କଣ ପାଇଁ କଲେଜ ଯାଉନା ? ଏଇ ରକ୍ତ ମାଂସ ଦେହରେ ରୂପ ଲବଣ୍ୟ ତମକୁ ବୋଧହୁଏ ପାଗଳ କରୁଛି, ନାହିଁ ? ବହୁ ଦିନରୁ ତମକୁ ମୁଁ ଲକ୍ଷ୍ୟ କରି ଆସୁଛି । ତମେ ଜାଣ, ଏ ଜୀବନ ଅସ୍ଥାୟୀ, ଏଥିରେ ଖାଲି ପୁଞ୍ଜ ରକ୍ତ ଭରି । ପଚି ସଢ଼ା ହୋଇ ନିଶି ଯିବ ଶେଷରେ ଏଇ ମାଟି ଦେହରେ । କିଛି ନୁହେଁ ଏ ଜୀବନ । ତା'ପରେ ଏତେ ଗୁଡ଼ାଏ ପାଠ ଶାଠ ପଢି ତମର ପୁଣି ଏଇ ବୁଦ୍ଧି ? ପାପ ପୁଣ୍ୟର ବିଚାର ନାହିଁ ତମ ପାଖରେ ! ଛି, ଛି, ତମେ ଏଡ଼େ ଅଭଦ୍ର । ତମର ଟିକିଏ ହେଲେ ଅକଲ ନାହିଁ ?

ପରେଶ ଭାଇ ଅବାକ୍ ହୋଇ ମୋ ମୁହଁକୁ ଚାହିଁ ରହିଥିଲେ । କେତେବେଳେ ମତେ କହିଲେ—ନୀଳୁ, ମୁଁ ବିଂଶ ଶତାବ୍ଦୀର କଲେଜ ପଢ଼ୁଆ ଯୁବକ, ଇଂରେଜୀ ଅନର୍ସ ନେଇଛି, ମତେ ଏ ଶାସ୍ତ୍ର ଉପଦେଶ ଆଉ ଦେଏ ନା । ମୁ ବିଲ୍ୱମଙ୍ଗଳ କି ତୁଳସୀ ଦାସଙ୍କ ପରି ସିଦ୍ଧ ସାଧକ ହେବା ପାଇଁ ଚାହେଁନା । ମୁଁ ପୂର୍ଣ୍ଣ ସଂସାରୀ ।

ମୁଁ ତାଙ୍କୁ ସେହିପରି ବିଷ ଦୃଷ୍ଟିରେ ଚାହିଁ ରହିଥାଏ ।

ମାଉସୀର ଶାଣିଦିଆ କଟୁ ବଚନରେ ମନ ମୋର ଡହ ଡହ ହୋଇ ପୋଡୁଥାଏ । ପୁଣି ତାଙ୍କୁ ରାଗ ତମ ତମ ହୋଇ ଧମକାଇଲି, ଦେଖିବ, ମାଉସୀଙ୍କୁ ଡ଼ାକି ସବୁ କଥା ଶୁଣାଇବି ? ଖବରଦାର, ଏଣିକି ଦୂରେଇ ରୁହ ।

ସେ ଆଉ ମୁହୂର୍ତ୍ତେ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ମୁହଁ ଶୁଖାଇ ମୋ ପାଖରୁ ଚାଲିଗଲେ । କାନ୍ଦିଲା କାନ୍ଦିଲା ମୁହଁ ତାଙ୍କର, ଛାତିରେ ତାଙ୍କର ଆସିଗଲା ମୋ ପ୍ରତି ପ୍ରାଣାନ୍ତକ ଭୟ ।

ମୁଁ ଶାନ୍ତିରେ ଟିକିଏ ନିଃଶ୍ୱାସ ମାରିଲି । ଏଇଟା ମୋର ତାଙ୍କ ପ୍ରତି ପହିଲି ପରୀକ୍ଷା । ମନ ଭିତରେ ସ୍ନେହ ରଖି ଉପରେ ମିଣିପଙ୍କୁ ଆଖି ଦେଖାଇଲେ ସେମାନେ ଚପି ଯିବେ ।

ମୁଁ ଭଲ ଭାବରେ ଜାଣେ, ଏତିକି ଆଖି ମୁଁ ନ ଦେଖାଇଲେ ସେ କେବେ ହେଲେ ବି, ଏ, ପରୀକ୍ଷା ଦେବେ ନାହିଁ । ସେ ମୋତେ ଯାହା ଆଜି ଭାବି ଥାଆନ୍ତୁ ପଛେ, ମୁଁ ତାଙ୍କୁ ଶିକ୍ଷିତ ମହଲରେ ଛତ୍ରେ କରି ଛିଡ଼ା କରିବାକୁ ଚାହେଁ । ମୋର ଏଇ ଧମକ, ନାଲି ଆଖି ଯେବେ ତାଙ୍କୁ ବି. ଏ. ପରୀକ୍ଷାରେ ପାସ୍ କରେଇ ପାରିଲା, ତା'ହେଲେ ମୁଁ ଦୁନିଆରେ ମହା ସୁଖିନୀ, ମହା ଭାଗ୍ୟବତୀ ।

ଆଜି ଯାକେ ସେ ମୋର ମୁହଁ ଶଙ୍କା ପାଇ ଆସିଛନ୍ତି, ଆଜିଠୁଁ ତାଙ୍କର ପଢ଼ା ସରିବା ଯାଏ ଏଣିକି ତାଙ୍କ ପ୍ରତି ମୁଁ ପେଟରେ ଶଙ୍କା ରଖିବି । ତା'ହେଲେ ଦୁନିଆରେ ସେ ନିଶ୍ଚୟ ମଣିଷ ହେବେ । ଦଶେ ନିଶ୍ଚୟ ମତେ ପ୍ରଶଂସା କରିବେ ।

ଅଧଘଣ୍ଟା ପରେ ମନଟା ମୋର କାହିଁକି ଗୋଳେଇ ଘାଣ୍ଟି ହେଲା । ଆଉ ସ୍ଥିର ହୋଇ ଶୋଇ ପାରିଲି ନି । ସତେ ସେ କଣ ରାଗ ଅଭିମାନରେ ଏଠୁ ଉଠି ଚାଲିଗଲେ ।

ମୁଁ କଣ ଆଉ କରିବି, ସେ କେତେ ମୋତେ ପ୍ରାଣଠୁ ଭଲ ପାନ୍ତି । କାହିଁକି ମୁଁ ତାଙ୍କର ସରଳ ହୃଦୟରେ ଏତେ ବଡ଼ କଟୁକଥା କହି ଆଘାତ ଆଜି ଦେଲି । କୁଆଡେ ଏଠୁ ସେ ଚାଲି ଗଲେଣି । ସକାଳ ପହରୁ ସେ କିଛି ଖାଇ ନାହାନ୍ତି । ଖରା ତରରେ ବୁଲି ବୁଲି ଦେହ ମୁଣ୍ଡ କଳାକାଠ ପଡ଼ି ଯାଇଛି । ଥପ୍ ଥପ୍ ହୋଇ ତାଙ୍କର ସୁନ୍ଦର ମୁହଁରୁ ଝାଳ ନିଗିଡ଼ି ପଡ଼ୁଥିଲା । ମୁଁ କାହିଁକି ତାଙ୍କୁ କଟୁ କଥା କହି ମଲି । ଦୁନିଆରେ ମୋର ବା ତାଙ୍କ ଉପରେ କି ଅଧିକାର ଅଛି । ସେ ପରକୁ ମୁଁ ପର । ମୋ ମନଟା ତାଙ୍କ ପ୍ରତି ଏତେ କାହିଁକି

ଗୋଲେଇଯାଣ୍ଟି ହେଉଛନ୍ତି । ମୋର ତାଙ୍କ ଉପରେ ଏତେ ହାକମ୍ କାହିଁକି ?

ଉଡଗଲା ଚଢେଇର ପକ୍ଷୀ ଗଣିଦେବା ମଣିଷ ମୁଁ । ଯାହା ଆଜି ଏ ଘରେ ହେଉଛନ୍ତି ମୋତେ କିଛି ଅଛପା ନାହିଁ ।

ନିଦ ମଳ ମଳ ଆଖିରେ ମାଉସୀ ଆର ଘରୁ ଉଠି ଆସି ମୋତେ ପଚାରିଲା—ମା, ପରୁ ଆସିଲା ପର ମୋତେ ଲାଗିଲା, କଣ ଖାଇଲାଣି କି ନାହିଁ ? କୁଆଡେ ଛତରଖିଆ ସକାଳୁ ନ ଖାଇ ନ ପିଇ ଏତେ ବୁଲୁଛନ୍ତି ?

ଭିତରେ ରହସ୍ୟ ଗୁପ୍ତି ରଖି କହିଲି—ମୋତେ ଟିକିଏ ଘୁଇନିଦ ଲାଗି ଯାଇଥିଲା । ବୋଧହୁଏ ଡାକୁଥିଲେ ମୋତେ । ସ୍ୱର ଟିକିଏ ଯାହା ବାରୁଥିଲି ।

ମାଉସୀ କହିଲା—ତାହାହେଲେ ପୁଅ ମୋର ଗଲା କୁଆଡେ ! ଏ ଛତରା ଯାଙ୍କ ସାଇରେ କୋଉଠି ବସିଥିବ । ଭାଇଟା ଖାଇ ନାହିଁ, ତାର କ'ଣ ସେତିକି ଚିନ୍ତା ଦକ ଅଛି ?

ଫେରେ ତାଙ୍କ କଥାଟା ଆଘାତ ଦେଲା ଛାତିରେ । ଘରେ ମା' ଝିଅ ଯୋଡାଏ ଅଛନ୍ତି, ମୁଁ ପରଶିଲେ ହେବ, ନହେଲେ ନାହିଁ ।

ମନ ମାରି ରହିବା ଛଡ଼ା ଆଉ ମୋର ଉପାୟ କ'ଣ ଅଛି ? ପରେଶ ଭାଇ ଏତେବେଳେ ଆଉ ଗଲେ କୁଆଡେ । ମାଉସୀ ତାଙ୍କୁ ଖୋଜିବା ପାଇଁ ଯାଉଥିଲା, ଦେଖିଲା ସେ ମେଲାଘରେ ଶୋଇଛନ୍ତି ।

ମୋର ଆଉ ତାଙ୍କ ପାଖକୁ ଯିବାପାଇଁ ଗୋଡ଼ ଚଳିଲା ନାହିଁ । ଆଉ କୋଉ ଅଲାଜୁକୀ ମୁହଁରେ ତାଙ୍କ ପାଖରେ ହସ ହସ ମୁହଁ ଦେଖାଇବି । ସେ ଭାରି ଅଭିମାନୀ ପିଲା । ମୋ କଥାରେ ତାଙ୍କର ଭାରି ଛଳ ।

ତା’ପର ମାଉସୀ ତାଙ୍କୁ ଉଠାଇ କହିଲା—କରେ ଖାଇବୁ ଆସୁନୁ ? ଆସି ପରା ଥୁଇ ଲେଉଟିଲିଣି । କୁଆଡେ଼ ଯାଇଁ ଏତେବେଳଯାଏକ ବୁଲୁଥିଲୁ ? କଲେଜ ତ ଗଲୁ ନାହିଁ, ଅକାରଣେ ସେ ପାଖରେ କଲେଜବାଲା ଯାହା ଠକା ଖାଉଛୁ ।

ପରେଶ ଭାଇ କହିଲେ—ମୋ ପାଖରେ ସେମିତି ଚବର ଚବର ଲଗା ନା । ଦେହ ମୋର ଆଜି ଭଲ ଲାଗୁ ନାହିଁ । ଆଜି ମୁଁ କିଛି ଖାଇବି ନାହିଁ ।

ମାଉସୀ ତାଙ୍କୁ ଫେଟେରେଇ ପଚାରିଲା—ଦେହ ତୋର କ’ଣ ଲାଗୁଛି ? ଆ, ମ । ଖାଲି ପେଟରେ ପେଟ ଚକଟି ମନ୍ତି ହେଉଥିବ । ତୁ ଆଜି ଖାଇନ ବୋଲି ଭଉଣୀ ଧ’ଠା କିଛି ଖାଇ ନାହାନ୍ତି ପରା । ଉଠିଆ, ମୋ ବାପାଠା ପରା ।

ଜାଣି ନଥିଲି ପରେଶ ଭାଇ ଏତେ ଏକ ଜିଦଆ ପିଲା ବୋଲି । ଚିଡ଼ି ଉଠି କହିଲେ—ମୁଁ ଥରେ କହିଲି—ଆଜି କିଛି ଖାଇବି ନାହିଁ । ତୋର ଏତେ ଜିଦ୍ କାହିଁକି ?

ମାଉସୀ ଭାରି ସନ୍ଦେହୀ । ସେ ସକାଳ କଥା ମନେ କରି ତୁନି ତୁନି ମତେ ପଚାରିଲା—ମା, ସକାଳ କଥା ଆଉ କଅଣ ତା କାନରେ ପଡ଼ିଛି କି ?

ମୁଁ କହିଲି—ମାଉସୀ, ମୁଁ କ’ଣ ଏତେ ଅବିବେକୀ ହୋଇଛି ! ଏ ସବୁ ବାଜେ କଥା ତାଙ୍କ କାନକୁ ଯିବାଠା କ’ଣ ଭଲ କଥା ?

ସେହିକ୍ଷଣି ଉମା ଆସି ପହଞ୍ଚିଲା, କହିଲା—ବୋଉ, ଭାଇ ଆସି ଖାଇଲେଣି ?

ମାଉସୀ ତାଙ୍କୁ ଆଖି ଠାରି ଦେଲା । ସେ ଯାଇଁ ଖୋସାମଦ କରି ଡାକିଲା, କହିଲା—ଭାଇ, ଖାଇବ ଆସୁନ ?

ପୁଣି ତାଙ୍କର ସେହି କାନ୍ତି ବାଣୀ, ଯେମିତକା ଅକାଠ ଶବ୍ଦର ।

ଉମା ତାଙ୍କର କୋପମୂର୍ତ୍ତି ଦେଖି ଘର ଭିତରୁ ପଦାକୁ ଚାଲି ଆସିଲା । ମାଉସୀ ବିରକ୍ତ ହୋଇ ଅନ୍ୟ କାମରେ ଚାଲି ଗଲା ।

ଗୋଡ ଚିପି ଚିପି ମେଲା ଘର ଭିତରକୁ ପଶିଗଲି । ଅନାଇଲି ମୁଣ୍ଡ ଉପରେ ହାତ ରଖି ଖଟ ଉପରେ ସେ ଶୋଇ ରହି କ'ଣ ଭାବୁଛନ୍ତି । ଘର ଭିତରେ ଆଉ କେହି ନାହିଁ ।

ଧୀରେ ଧୀରେ ଯାଇ ତାଙ୍କ ହାତଟିକୁ ମୁଣ୍ଡ ଉପରୁ କାଢି ଦେଲି । କହିଲି—କ'ଣ ଏ ସବୁ ତମର ପିଲାଳିଆ ଢଙ୍ଗ ? ଦାଣ୍ଡରେ ମତେ କାହିଁକି ଏମିତି ଲୋକହସା କରୁଛ ଶୁଣେ ! ତମ ମନରେ ଯଦି ଏତେ କଥା ଥିଲା ମୋତେ କାହିଁକି ଏଠିକି ନେଇ ଆସୁଥିଲ ? ମୋତେ ଚଞ୍ଚଳ ନେଇ ଆମ ଘରେ ଛାଡ଼ିଦେଇ ଆସ, ନୋହିଲେ ତମ ହାତରେ କଅଣ ଟୋଲ କର ଦିଅ ମୁଁ ସେଇଟା ପିଇ ଦେଇ ଚିରଦିନ ପାଇଁ ଶୋଇ ପଡ଼େ । ମୁଁ ଆଉ ଏତେ ତମ ପାଇଁ ଲୋକହସା ହୋଇ ପାରିବି ନାହିଁ ।

ପରେଶ ଭାଇ ଆଉ ମତେ ପାଟି ଫିଟେଇଲେ ନାହିଁ । ଆଖିରେ ତାଙ୍କର ଲୁହ ଟଳମଳ ।

ମୋ ପଣତ କାନରେ ତାଙ୍କ ଆଖିରୁ ମୁଁ ଲୁହ ପୋଛି ଦେଲି । କହିଲି—ମୋ ରାଣ, ଉଠ, ଖାଇବ ଆସ । ଏଭଳି ନନାଟା କାହାକୁ ହଉଛି କହିଲ ?

ବାହାରେ ଉମା ଖଣ୍ଡିକାଶ ମାରିଲା । ତରତର ହୋଇ ବରଣ୍ଡାକୁ ଉଠି ପଳାଇଲି । ଉମାକୁ ବାଆଁରେଇ ଦେଇ କହିଲି— ଉମା, ଭାଇଙ୍କି ଉଠା, ମୁଁ ଯାଉଛି ଭାତ ବାଢିବି ।

ଉମା ତା'ପରେ ଡାକିଲା—'ଭାଇ ?'

ପଟେଇଶ ଭାଇ କହିଲେ —କଅଣ ?

ଉମା ଭାଇଙ୍କୁ ଶେଷରେ ଉଠାଇଲା, କହିଲା—ଆଜି ତମ ପାଇଁ ପରା ସମସ୍ତେ ଖାଡ଼ା ଖାଡ଼ା ଓପାସ୍ ।

ରନ୍ଧା ଘରେ ଯାଇ ଭାତ ଖାଉଥିଲି । ମାଉସୀ ମୋ ପାଖକୁ ଯାଇ କହିଲା—ସବୁ ଉଠିଲାଣି ?

କହିଲି—ଉମା ତାଙ୍କୁ ଉଠାଉଛି ।

ମାଉସୀ କହିଲା—ଝିଅଟେଳେ ଆସି ସମସ୍ତଙ୍କୁ ଉଠାଉ ଥିଲା, କେହି ନ ଉଠିଲେ ବୋଲି ବାବୁଙ୍କର ଘୋଷା । ତା କ'ଣ ସୁ ବୁଝି ପାରୁ ନାହୁ ?

ସଙ୍ଗେ ସଙ୍ଗେ କହିଲି—ହଁ ମାଉସୀ । ସେଇଥିାତ । ମତେ ଗୁଇନ୍ଦା ଲାଗିଲା ବେଳେ ତାଙ୍କ ତୁଣ୍ଡ ଟିକିଏ ଟିକିଏ କାନରେ ବାଜୁଥିଲା ।

ତା'ପରେ ମାଉସୀ କହିଲା—ହଉ, ଯା ଧ ଭଉଁଣୀଯାକ ତାଙ୍କୁ ଖୋଇ ଦେଇ ଦେବ । ବଗିବ ନାହିଁ, ରାଗିଲେତ ସେ ଏକାଥରେ ନାଅଁ ବାଣ ।

ଡରଭର ହେଇ ଭାତ ଦ'ଟା ବାଡି ଦେଲି । କଣ ମନକୁ ପାଞ୍ଚ ଗୁଣ୍ଡା ଦ' ଗୁଣ୍ଡା ଖାଇକେଁ । କିନ୍ତୁ ମୋ ଭାଗ୍ୟ ଭଲ ଯେ, ଏତେ କଥାରେ ପଦାକୁ ମୁଁ ଧରା ପଡ଼ିଲି ନାହିଁ ।

ସେହିକ୍ଷଣି ସଭିଙ୍କର ଖିଆ ପିଆ ସରିଲା ।

ସେଦିନ ଗୋଟାକ ମତେ ସେ ଭଲଭାବରେ କଥା ବାର୍ତ୍ତା କଲେ ନାହିଁ । ମୁଁ ଭାବିଲି, ଯେମିତି ମୁଁ ଏ ଘରର କେହି ନୁହେଁ ।

ସଞ୍ଜ ନଇଁ ଆସିଲା । ଆଲୁଅ ମାଳା ଗୁହିଆରେ ବନ୍ଦୁଜ ହେଇ ପଡ଼ି ଥାଏ । ଏ ଗାଁଟା ମତେ ଆଉ ସମା ଭଲ ଲାଗୁ ନାହିଁ ।

କାହିଁ କି ମୁଁ ଏ ଅପକୀର୍ତ୍ତି ଅର୍ଜି ବସିଲି ? କେଇଦିନ ହେଲା ଏଠି ରହି ମୁଁ ସ୍ୱର୍ଗସୁଖ ଭୋଗ କରୁଥିଲି ।

ଆଉ ଅନ୍ୟ କିଛି ମୋର ସହସ୍ତ ନାହିଁ । ଉମାକୁ ଫୁସୁଲେଇଲି, ଓଁ ସାଙ୍ଗ ଭିତରୁ କାହାକୁ ଡାକୁ, ଭାଇ ଅଛନ୍ତି, ଦ ଗୁହିବାଜ ତାସ୍ ଖେଳନ୍ତେ । ମିଛରେ କହିଲି—ସେ ସବାକୁ ପସ୍ଥ କଟକ ପିଏବ ।

ଉମା ମୋ ମନକଥା ଜାଣୁଥିଲା କି ନାହିଁ ମୋତେ ସେ ବିଷୟ ଜଣା ନାହିଁ । ସେ ସବୁବେଳେ ମୋ ପଛେ ପଛେ ଲାଗି ରହୁଥିଲା । ତାସ୍ ଖେଳରେ ତାର ଖୁବ୍ ସଉକ୍ । ବଡ଼ ଚଟକ ।

ମାଉସୀଙ୍କି ଯାଇଁ କହିଲା—ବୋଉ, ରାତକି ତ ଜଳଖିଆ କରୁଛୁ । କାମଧନ୍ଦା ତ କିଛି ନାହିଁ । ତାସ୍ ଗୁହିବାଜ ଆମେ ଖେଳନ୍ତୁ । ଭାଇ ପରା କଟକ କାଲି ପଳାଉଛନ୍ତି ।

ମାଉସୀ ଖୁସି ହୋଇ କହିଲେ—ସବୁବେଳେତ ତାସ୍ କଟାସ୍ତି ଲଗେଇଛ । କେତେବେଳେ ମୁଁ ତମକୁ ନାହିଁ କରୁଛି ?

ସାଟେଥ ସାଟେଥ ଉମା ଯାଇଁ ତା' ସାଙ୍ଗ ଗାରୁ ଗୋଟାଇ ଆଣିଲା । ସତରଞ୍ଜି ପାରି ଆଗେ ତାସ୍ ଫେଣ୍ଟି ବସିଲା । ମତେ କହିଲା—ନାଳଅପା ତୁ ଯାଇଁ ଭାଇଙ୍କି ଡ଼ାକ୍ ।

ସଞ୍ଜବେଳେ ସେ ବସିଥିଲେ ସେହି ମେଲା ଘରେ । ମୁହଁଟା ଦିଶୁଛି ଠିକ୍ ଧାନଭଙ୍ଗା ହାଣ୍ଡି ପରି । ମନରେ ଟିକିଏ ହେଲେ ହରଷ ନାହିଁ । ଟେବୁଲ୍ ଉପରେ ବତୀଟା ଜଳୁଛି ମିଞ୍ଜି ମିଞ୍ଜି ହୋଇ ।

ଧୀରେ ଧୀରେ ଯାଇଁ ତାଙ୍କ ମୁହଁକୁ ଅନାଇଲି, କହିଲି ସେମିତ ତପସ୍ୟାରେ ବସିଥିବ ନାଁ କଅଣ ? ଉଠମ, ଆସ ? ଦ'ଗୁହିବାଜ ତାସ୍ ଖେଳିବା । ଉମା ହେଇକା ତାସ ଫେଣ୍ଟିଲେଣି ପରା !

କେତେବେଳକେ କହିଲେ—ମୋ ମନ ଭଲ ଲାଗୁ ନାହିଁ । ମୁଁ ଆଜି ଖେଳିବି ନାହିଁ ।

ଜିଦ୍ ଧରି କହିଲି—ନାହିଁ, ତମକୁ ଯେ କୌଣସି ମତେ ଖେଳିବାକୁ ହେବ । କହିଲି, ମୁଁ ଯାହା କହୁଛି ସେ ସବୁ ତମର ଭଲ

ପାଇଁ ନୁହେଁ ? ଆଉ ସେ ସବୁ । ଆସ ଖେଳିବ ଆଗ । ତମକୁ ମୋ ରାଣ, ମୁଁ ମରେଛି ।

ତାଙ୍କ ହାତ ଧରି ଉଠାଇଲି । ସେ ବାଧ୍ୟରେ ଯାଇଁ ଆମ ସହିତ ବସିଲେ ।

ସବୁଦିନ ପରି ମୁଁ ବି ଆଜି ତାଙ୍କର ବିପରୀତ ପକ୍ଷ । କିନ୍ତୁ ଯେତେ ଯାହା ହେଲେବି ତାଙ୍କ ମନ ଆଉ କୋଉଥିରେ ଭୁଲିବାକୁ ନାହିଁ । ମନ କାହିଁ କୁଆଡେ ଯାଇଁ ଉଡୁଛି । ବାୟାଙ୍କ ପରି କଣ ନାହିଁ, କଣ ସେ ଖେଳରେ ତାସ୍ ପକାଉଛନ୍ତି ।

ସଭିଁଏ ତାଙ୍କ ଖେଳ ଦେଖି ହସୁଛନ୍ତି । ମୁଁ ଖାଲି ଉପରେ ଉପରେ ହସିଲେ କଣ ହେଲା, ହୃଦୟରେ ଅଶେଷ ଶେଲାଘାତ ଅନୁଭବ କଲି ।

ଆଜି ତାଙ୍କର ଆଖି ଦୁଇଟା ପିଆଜ ପାଖୁଡ଼ା ପରି ଲାଲ ଲାଲ ଦିଶୁଛି । ବାଳ ଗୁଡ଼ାକ ଫୁର୍ ଫୁର୍ ଉଡୁଛି, ବେଶ ପରିପାଟୀରେ ଆଜି ତାଙ୍କର ଯତ୍ନ ନାହିଁ ।

କିଛିକ୍ଷଣ ପରେ ସେ ତାସ୍ ଥୋଇ ଦେଇ ଖେଳରୁ ଉଠି ପଳାଇଲେ । କହିଲେ—ଦେହ ମୋର ଭଲ ଲାଗୁ ନାହିଁ । ଗିଲାସେ ପାଣି ଆଣି ଦବୁଟି, ଉମା ?

ତା'ପରେ ସେ ଯାଇଁ ମେଲାଘର ଖଟିଆଟି ଉପରେ ଶୋଇ ପଡ଼ିଲେ । ଉମା ପାଣି ଗିଲାସେ ଧରାଇ ଦେଇ ତାଙ୍କ ଦେହରେ ହାତ ମାରିଲା । ସିଏ [illegible] ହୁରି ପକାଇଲା—ବୋଉ, ଭାଇଙ୍କି ଜର ।

ମାଉସୀ ତାଙ୍କୁ ଅଉଁସି ଦେଇ ଦେଇ କହିଲେ—ଏ ପାଣି ଧରିଲା ତାକୁ । ନ ଖାଇ ନ ପିଇ ଖରା ତରାରେ ବୁଲୁଛି । କାହା କଥା ସେ ମାନୁଛି ଯେ !

ଉମା କହିଲା—ବୋଉ, ଭାଇଙ୍କି ଆଜି ସାବୁ ଦେବା ।

ପରେଶ ଭାଇ ଆଉ କିଛି କହିଲେ ନାହିଁ ।

ଝିଙ୍କୀମୁଖର ଗମ୍ଭୀର ରାତ । ନିଶା ସାଇଁ ସାଇଁ ଗର୍ଜୁଛି । ସମସ୍ତେ ନିଦ୍ରାରେ ବିଭୋର । ଆଖି ମୋର ଆଜି ଜମା ପଡୁ ନାହିଁ । ରାତ ସାରା ଗୋଟିଏ ବିଛଣାରେ ତାଙ୍କ ଦେହକୁ ଲାଗି ବସିଛି ।

ଜରରେ ଦେହ ତାଙ୍କର ଖଇ ଫୁଟୁଛି, ଶୋଷରେ ତଣ୍ଟି ଶୁଖି ଯାଉଛି, ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡୁଛି, ସେହିଥିରେ ମୋ ହାତ ପାପୁଲିଟିକୁ ଅଣ୍ଡାଳୁଛନ୍ତି କେଡେ ଶ୍ରଦ୍ଧାରେ ।

ସାରାରାତ ମୁଁ ଅନିଦ୍ରା ହୋଇ କେତେ ଦିଅଁ ଦେବତାଙ୍କୁ ଡାକୁଛି—ମୋ ଦେହ ପଛେ ଖରାପ ହେଉ, ପରେଶ ଭାଇ କେମିତି ସୁରୁଖୁରୁରେ ଭଲ ହୋଇ ଯାନ୍ତୁ । ହେ ମହାବିନାୟକ, ହେ ଅଖଣ୍ଡଳମଣି, ହେ ଧବଳେଶ୍ୱର, ତମେ ତାଙ୍କୁ ଘଣ୍ଟ ଘୋଡ଼େଇ ରଖ ।

ପଦାକ କଥାରେ ମଣିଷଙ୍କ ପେଟରେ ଏମିତ ଜର ହୁଏ ! ମନଟରେ ମୋର ଟୋଠାଏ ବଡ ଚିନ୍ତା ହୋଇଗଲା ।

ସେଦିନ ଅଖିଆ ଅପିଆ ତାଙ୍କର ମୁଁ ଖୁବ୍ ସେବା କଲି । ସେ କି ନିଜେ ଜାଣିଲେ, ଅନୁଭବ କଲେ ।

ତାଙ୍କର କାୟା ସାଥିରେ ଛାୟା ପରି ମୁଁ ନିଦ୍ରିତର କୋଉ ଅଜଣା ଶକ୍ତି ବଳରେ ଉଠାର ହୋଇ ହୋଇ ଚାଲି ଯାଉଛି । ଏ ସ୍ୱପ୍ନ ସତେ କଅଣ ? ମୋ ମନ ଭିତରେ ତାଙ୍କର ଲୋଭନୀୟ ଛବି ଏତେ ଦୋଦୁଲ୍ୟମାନ ହେଉଛି କାହିଁକି ?

ଦୁଇଦିନ ପରେ ।

ପରେଶ ଭାଇ ସଂପୂର୍ଣ୍ଣ ଭଲ ହୋଇଗଲେ ।

କିନ୍ତୁ ସେହିଦିନ ରାତି ତାଳଚେର ପାସେଞ୍ଜରରେ ସେ କଟକ ଚାଲି ଗଲେ ।

ଗଲାବେଳେ ତାଙ୍କୁ ମୁଁ ତୁଣ୍ଡ ଖୋଲି ପଚାରିଲି—କେବେ ଫେରିବ, ଭାଇ ?

ରଙ୍ଗିଲା ମୁହଁରେ ତାଙ୍କର ତଥାପି ପୂର୍ବ ଉଜ୍ଜ୍ୱଳତା ଭରି ଆସୁ-ନ ଥିଲା । କହିଲେ—ଯେତେବେଳେ ଯାହାର ଅନୁକମ୍ପା ମୋତେ ଟାଣି ଆଣିବ ଅଳକାପୁରୀ କଲେଜ ମହଲରୁ ।

ଗଲାବେଳେ ତାଙ୍କୁ ଗୁହୁଁ ମୁଁ ନମସ୍କାର କଲି । ସେ ବି ତାଙ୍କ ହାତରେ ମୋ ଓଠଟିକୁ ଧୀରେ ଟେକି ଦେଇ ନରମ ଗଳାରେ କହିଲେ—ନମସ୍କାର !

ଲାଜରେ ତଳକୁ ମୁହଁଟାକୁ ମୁଁ ଓହଳାଇ ଦେଲି ।

ଗୁହୁଁ ଗୁହୁଁ ଯୁ' ଭିତରେ ପନ୍ଦର ଦିନ ଗଡ଼ିଲାଣି ।

ଶୀତ ଦିନ ଆସିଲାଣି । ପାଚିଲା ଧାନ କିଆରିରେ ଶିଶିରଭିଜା ଲମ୍ବ ଲମ୍ବ ଧାନ ଗଛ ହଳଦିଆ ଗର ଗର ପତ୍ର ଝୁଞ୍ଜକ ଲମ୍ବାଇ ଦେଇଛନ୍ତି ବିଲ ହୁଡ଼ା ଉପରେ । ଧାନ କଟାକଟି ଏ ଗାଁରେ ଜୋର ସୋର୍‌ରେ ଲାଗି ଗଲାଣି । ଗାଁ ମୂଲିଆ ଧାନ କାଟିବା ପାଇଁ ହାତରେ ଦାଆ ଧରି ବିଲକୁ ଗଡ଼ିଲେଣି । ପୁଷ୍ପମାସିଆ ରଶ୍ମିକୁ ଧକ୍କି ଦୂର ଦିଗ୍‌ବଳୟ ତଳେ କଳା ହିମର ଗୁନ୍ଦୁଆ ଆଜି ଢାଙ୍କି ଦେଲାଣି ।

ବାଡ଼ିଆଡ଼ ଘାସ ଅରମା ଭିତରେ ପୁଷମାସିଆ ଝର କାକର ବୁନ୍ଦା ବୁନ୍ଦା ପଡ଼ି ମୁକ୍ତା ପରି ଦିଶୁଛନ୍ତି ଆଖିକି ।

ଗଛବୁରୁଛ ଉପରେ ସୁନା ଖୋଲସିଆ ଖରା ପଡ଼ିଲାଣି । ଖୁସି ଲାଗିଲା ମତେ ମଣ୍ଡପରେ ବସି ଖରା ପୁଇଁବା ପାଇଁ । ଏକାକିଆ ବସି ଖରା ପୁଇଁ ପୁଇଁ ଭାବୁଥିଲି—

କେତେ ମଧୁର ସମୟ ଧରି ଭୁଇଁକା ଆସିଲାଣି । କାହିଁକି ଲୋକେ ଯେ ଏ ଜାତ ଧନକୁ ଖରାପ ବୋଲି କୁହନ୍ତି ମୁଁ ସହଜରେ ବୁଝିପାରେ ନାହିଁ । ଏ ଧନଟି କିନ୍ତୁ ମତେ ଭାରି ଭଲ ଲାଗୁଛି ।

ନୀରବରେ ଖରା ପୁଅଁ ପୁଅଁ କାନ ପାତିଲି ଗାଁ ତୋଟା ଆଡ଼େ । ଏକାଠିଆ ବସି ବସି ଭାରି ଭଲ ଲାଗିଲା—ସଂସାରର କଳ କୋଳାହଳ ଆଡ଼େ କାନ ଡେରିବା ପାଇଁ ।

ଅଦନ କୋଇଲି କେଉଁ ଦୂର ବିଟପୀ ଶାଖାରେ ବସି ଗାଉଛି କୁହୁ କୁହୁ ସଙ୍ଗୀତ ।

କାଠହଣା, କୁମ୍ଭାଟୁଆ ଚଢ଼େଇଙ୍କର ଏ ପର୍ଯ୍ୟନ୍ତ ତାଙ୍କର ପ୍ରଭାତ ସଙ୍ଗୀତ ସରି ନାହିଁ ।

ବଣି, କଜଳପାତି ରବ ଦେଇ ପର ଝାଡ଼ି ଉଡ଼ି ଯାଉଛନ୍ତି ପଂକ୍ତି ପଂକ୍ତି ହୋଇ ।

ଦୁନିଆରେ ଶାନ୍ତସ୍ନିଗ୍ଧ ଶୀତଳ ବାଆ ତଳେ ଘୂରି ଘୂରି ପ୍ରକୃତ ଶାନ୍ତି ପାଉଛନ୍ତି ଏଇ ସ୍ୱତନ୍ତ୍ରା ପକ୍ଷୀ ଜାତି ।

କି ସୁନ୍ଦର ତାଙ୍କର ଏକତା ଅଛି । ସେମାନେ ସ୍ୱାଧୀନ ଭାବରେ ବିଚରଣ କରି କେତେ ସୁଖରେ କାଳାତିପାତ ନାହାନ୍ତି !

ପରେଶ ଭାଇଙ୍କ କଥା ହଠାତ୍ ଭାବି ପକାଇଲି । ଅସୁସ୍ଥ ପାଇଁ 'ନୀଳ'କୁ ନ ଅଙ୍କାଲେ ତାଙ୍କୁ ଶାନ୍ତି ଲାଗୁ ନ ଥିଲା । ପନ୍ଦରଦିନ ହେଲା ତାଙ୍କ ମୁହଁ ଦେଖିଲିଣି—ଏ ଗାଁରୁ ।

ସତେ ଆଉ କାହିଁକି ଏ ଗାଁଟା ମତେ ଭଲ ଲାଗୁ ନାହିଁ । ପରେଶଭାଇଙ୍କ ବାଡ଼ି ପଟ କଅଁବୁଢ଼ା ମଳିରେ ମଳିରେ ବାଘଙ୍କ ଗଛ, ନାଗଫେଣୀ ଝାଡ଼ର ବାଡ଼ ଲମ୍ବି ଯାଇଛି ଗୋହିରୀ ବାଟ ଯାଏ, 'ନୀଳ' ସେ ପାଖକୁ ଗାଁର ସଦର ରାସ୍ତା ।

ବାଡ଼ରେ ବସିଥିଲା, ତୁଣ୍ଡ ଶୁଭିଲା ବୋଉ ପର ଗାଁ ମଣିଷର ।

ବାଡ଼ ସନ୍ଧରେ ନିରୀକ୍ଷି କରି ଅନାଇଲା । ଦେଖିଲା, କିଏ ଜଣେ ପିଠିରେ ଶକତ ବୋଝଟିଏ ପକାଇ ଯାଉଡ଼କୁ ଠପାଳୁଛି । ରାସ୍ତାରେ କାହାକୁ ପଚାରୁଛନ୍ତି—ମା, ଶାଳ ଗାଁ ମୁକୁନ୍ଦ ପଟ୍ଟନାୟକଙ୍କ ଘର କୋଉଠା ?

ଦୂରରେ ରହିଥିଲା ଟିକିଏ । ଚିହ୍ନି ପାରିଲା ନାହିଁ ଭଲ କରି ।

ପୁଣି ସେ କହିଲା—ମୁକୁନ୍ଦମଣି ପଟ୍ଟନାୟକ—ତାଙ୍କ ପୁଅ ପରେଶବାବୁ, କଟକ କଲେଜରେ ପଢୁଛନ୍ତି ।

ଖଞ୍ଜା ଭିତରକୁ ଚଞ୍ଚଳ ପଶି ଆସି ଉମାକୁ ଡାକିଲା । କହିଲା, ଉମା, ଦେଖିଲୁ କିଏ ଜଣେ ମଉସାଙ୍କ ନାଁ, ପରେଶ ଭାଇଙ୍କ ନାଁ ଧରି ଓଳିଏ ହେଲା ଡାକୁଛନ୍ତି ।

ଉମା କହିଲା—ତାହିଁ ଲୋ ସେ ?

ବହୁଁଙ୍କା ବହେଁ ଦାଣ୍ଡକୁ ବାହାରିଲେ । ମଣିଷଟି ବେଣ୍ଟ ପୋଖରୀ ତେଇଁ ଆସି ଓଳି ମୂଳେ ଛିଡ଼ା ହୋଇଥିଲା ।

ଉମା ଡାକିଲା—କିଏ ଡାକୁଛ, ଦାଣ୍ଡକୁ ଆସ ।

ଲୋକଟି ଧୀରେ ଧୀରେ ରାସ୍ତା ଉପରେ ଅସୁ ଥାଏ । ଚିହ୍ନି ପକାଇଲା ତାକୁ ୧ଥର ଅଧ ଦୂରରୁ । କହିଲା—ନାଥିଆ କରେ ? କେମିତି ଏକା ଅସିଲୁ ?

ନାଥିଆ ମତେ ଦେଖି ଭାରି ଖୁସି ହୋଇଗଲା । କହିଲା—ମୋ ମାଆ ଲୋ ! ସାତ ସମୁଦ୍ର ତେର ନଈ ଡେଇଁ ତମେ ଦେଇ ଅସି ଏଠି ଜୁଟିଲଣି ?

ତା କଥା ଶୁଣି ମତେ ଭାରି ହସ ମାଡିଲା ।

ଉମା ତାକୁ ଦେଖି ଥଟ୍ଟା କଲା, କହିଲା—ଏ ପର୍ଯ୍ୟନ୍ତ ବର୍ଷୁଆ ଗାଳ ଚୋଠ ଘୁଞ୍ଚ ନାହିଁରେ । ସାତ ସମୁଦ୍ର ତେର ନଈ ଦେଖିଛୁ ନା ଖାଲି ତା ନାଁଟା କୋଉଠି ଶୁଣିଛୁ ବ'। ?

ନାଥିଆ ହସି ଦେଇ କହିଲା—ଦେଖ, କୋଉ ଘରଟା ତାଙ୍କର ? ମାଉସୀ ତୁଣ୍ଡ ଶୁଣି ଦାଣ୍ଡକୁ ଆସିଲା । ସକାଳୁ କଏ ଭାର ଘିଡ ପହଞ୍ଚିଲଣି । କେତେବେଳୁ ତାଙ୍କ ଘରୁ ବାହାରିଥିଲ ? ଆସ, ଏଇ ଘର ଭିତରକୁ ଆସ ।

ସମସ୍ତେ ଅନେ ଘର ଭିତରକୁ ଆସିଲେ । ନାଥିଆ ଦୁଆର ପିଣ୍ଡାରେ ଭାର ଥୋଉ ଥୋଉ ନଇଁ କରି ବସି ପଡିଲା । କହିଲା, ମା' ଏଇ ରାତି ଗାଡିରେ ଆସିଲି । ଘୁଞ୍ଚ ଅନ୍ଧାରରେ ଘର ଠଉରେଇ ପାରିବ କି ନାହିଁ ଚିନ୍ତେ ଶୋଇ ପଡ଼ିଲୁ ଏଇ ତମ ଗାଁ ରେଲ ଇଷ୍ଟେସନରେ ।

ବୋଉ କହିଲା—ହଉ ଭଲ କଲୁ । ଯା, ଦାନ୍ତପଦ ଘସି ପକା । କଣ ଅଗେ ଦୋର୍ଉଠି ଖାଇ ନେ ।

ନାଥିଆ କହିଲା—ମା' ବାରିକଆ ମଣିଷ, ତେଲ ଟିକାଏ ଦିଅ, ଏଇ ପୋଖରୀରେ ଗାଧୁଆ ପାଧୁଆ—ଦାନ୍ତଘଷା ଅଦ ସବୁ କାମ ସାରିଦେଇ ଦେଇ ପଖାଳ ଦୋର୍ଉଠି ଖାଇବ । ବଣ ଚଢଣୀ କି ପିଠା ଶୁଖୁଆ ପୋଡ଼ା ହେଲେ ମୋର ସବୁ ଚଳିଯିବ ।

ମାଉସୀ କହିଲା—ରହ, ତୁଅ ଦୁହେଁ ଅଛନ୍ତି, ଆଳୁ ବାଇଗଣ ଦ'ଟା କଣ ସନ୍ତୁଳା କରି ଦେବେ । ତୁଛା, ଖାଇବୁ କେମିତି ।

ନାଥିଆ ମନା କଲା । ଉମା ତା କଥା ଶୁଣି ଖାଲି ହସୁ ଥାଏ ।

ତା ପରେ ସେ ଗୁଣେଁ ଗୁଣେଁ ଗପିଲା—ମା, ବାବୁଯାକ ରଜାଘରେ ବସିଛନ୍ତି । ମୁଁ ତ ତାଙ୍କ ଚାକର, ଗୁହର ବାଡର ସବୁ । ଘାଇ ମୁହଁକୁ ପଠାର ପନ୍ଦ୍ରୁଅ ମୁଁ । ପରେଶ ବାବୁ ଗଲା ଶନିବାର ଦିନ ଯାଇଥିଲେ

ଆମ ଗାଁକୁ । ଗୋଟିଏ ଦିନ ରହି ବାବୁ କଟକ ପଳେଇଲେ । କାନଗୋଇ ଘର ଘନେଶବାବୁ ତାଙ୍କ ଘର ଭଲ ଦେଖି ସନ୍ଧିଏ ତାଙ୍କ ସାଙ୍ଗରେ ସେଦିନ କଟକ ଗଲେ । ଲୁଗା ସେଦିନ ସଜାଲ ହୋଇ ପାରିଲା ନାହିଁ, ନହେଲେ ସେଦିନ ମା ତାଙ୍କୁ ବେଭାର କରାଇ ଛାଡ଼ିଥାନ୍ତେ । କାଲି ଗୁଡ଼ିଆ ଡାକି ମିଠାଇ ତିଆରି କରେଇଲେ । ମୋତେ ତା ପରେ କହିଲେ—ନେଇଯା ତୁ ଅଗେସାଲ ଗାଁରେ ବେଭାର ଦେଇ ଆସିବୁ । ଏଠିକି ତ, ମା ବାଟ ଘାଟ ମୁଁ କିଛି ଦେଖିନାହିଁ । ଘରପାଖରୁ ପଚାରି ପଚାରି ଇସ୍ଟେସନ ଆସିଲି । ବାଟରେ ଗାଡ଼ିରୁ ଓହ୍ଲରି ହୋଇ ଆସି ପହଞ୍ଚିଲି ତ ଆପଣଙ୍କ ଘରେ ।

ପଚାରିଲି—ବଉଳ କଟକ କାହିଁକି ଯାଇଛି କିରେ ?

ନାଥିଆ ତା' ବଟୁଆରୁ ଚିଠି ଖଣ୍ଡେ ବାହାର କରି ମୋ ହାତକୁ ବଢ଼ାଇ ଦେଲା । କହିଲା—ଦେଖ, ନୂଆବୋହୂ ତମର ସେଥିରେ କ'ଣ ଲେଖିଥିବେ ଅବା ।

ମାଉସୀ ତା'ପରେ ତେଲ ଆଣିଦେଲେ । ନାଥିଆ ଦେହରେ ତେଲ ବୋଳି ହୋଇ ପୋଖରୀ ତୁଠକୁ ଗଲା ।

ତା'ପରେ ମୁଁ ନୂଆବୋହୂଙ୍କ ଚିଠି ଖୋଲି ପଢ଼ି ବସିଲି । ନାଥିଆ ଖାଇବା ପାଇଁ ଜମା ବେଗ ଘରେ ଯାଇଁ କଣ କରି ବସିଲା । ମାଉସୀ ଭାବି ଭାବି କହିଲେ—ମୋ ମନେ ମନେ ପୁଅ ମୋର କଲେଜରେ ପଢ଼ୁଛି । ପୁଅ ଯାଇଁ ହେଲାଣି ତାଙ୍କ ମାଉସୀ ଘରେ । କ'ଣ ଏଥିରେ କରିବ ଯା'କୁ ?

ପରେଶ ଭାଇଙ୍କ ଦୋଷ ଘୋଡ଼େଇ କହିଲି—ବୋଉ କାଲେ ତାଙ୍କ ପାଖକୁ ଖବର ଅନ୍ତର ଦେଇଥିବ, ସେ ଯାଇଥିବେ । ନୋହିଲେ ସେ ତ ସେଭଳି ପିଲା ନୁହନ୍ତି । ଆଉ ଥର ଅଢ ବାଢରେ ଦିନ ଗୋଟାଏ କେମିତି ଆମ ଘରେ ରହିଥିଲେ ।

ମାଉସୀ ଆଉ କିଛି ହୁଁ ଚୁଁ କଲେ ନାହିଁ ।

ତା'ପରେ ସେ ଅନ୍ୟ କାମରେ ଚାଲିଗଲେ ।

ନୂଆବୋହୂଙ୍କ ଚିଠି ଖଣ୍ଡିକ ପଢ଼ିଲି ମନ ଧ୍ୟାନ ଦେଇ । ରହସ୍ୟ-ମୟୀ ଏତେ ବାଟରୁ ଲେଖିଛନ୍ତି—ହଇ ଗୋ ଲୀଳାବତୀ ? ଭଲ ତ ଲୀଳା ଲଗେଇଲଣି ସେ ପାଖରେ । ଅଜଣା କାଉଠୁଁ ଆମେ ଏଠି ବାରତା ନେଲଣି ଯେ—ତାସ୍ ଖେଳରେ କୁଆଡ଼େ ଭାରି ଜତାପଟ୍ଟ ନଅଛ ? ଏଠି ଆମଠୁଁ କାଳି ଛକା ଖାଇଲେ କଣ ହେଲା, ଭଲ ଲୋକଙ୍କ ଖେଳରେ ହାରି ତାଙ୍କ ଗାଲରେ ତମେ କାଳି ବୋଲି ଦେଇ ଥିବାରୁ ଆମେ ଭାରି ଖୁସି । ହେଲେ ପୁଣି ଏଠି ପାଦ ପଡ଼ୁଛି ନା ମୁଁ ଯାହା କହୁଥିଲି ସେହିଆଡ଼େ ପୁଣି ନୂଆ ବସା ବାନ୍ଧୁଛ । ହଉ, ଯାହା ପଛେ ହେଉ, ଆମ ପକଲି ଆମ୍ଭକୁ ଅଦିନିଆ କାଉ ନ ଝାମ୍ପିଲେ ରକ୍ଷା' ।

ତମ ଦଉଳ ଦ'ଦିନ ହେଲା କଟକ ଚାଲି ଗଲେଣି । କୋଉଠି ଅଲଗା କମ୍ପାନି କାରଖାନାରେ ପଚିଶ ଟଙ୍କା ଷ୍ଟାଇପେଣ୍ଡ ପାଇଁ ସେଠି ଦରକାରୀ କାମ ଶିଖିବେ । ତମ ସ୍ନେହର ପରେଶଭାଇ ସେତିକି ସୁବିଧା କରେଇ ଦେଇଛନ୍ତି । ରମେଶ ସଙ୍ଗରେ ସେ ନିକି ଏତିକି ପଢ଼ୁଥିଲେ, ସମସ୍ତେ ସାଙ୍ଗ ହୋଇ ଯାଇଛନ୍ତି ଏଠୁ ।

ଚଞ୍ଚଳ ଚାଲି ଆସିବାକୁ ଚେଷ୍ଟା କରିବ । ସାଙ୍ଗ ଭିତରେ ଏଠି ଏକାକେ ମୋର କୁନି, ସତେ ମୋତେ ଭଲ ଲାଗୁନାହିଁ ମୋଟେ ।

ତମାକୁ ମୋର ଭଉଜୁ, ଭଉଜୁ । ମାଉସୀଙ୍କୁ ମୋର ପ୍ରଣାମ । ବୋଉ ନମର ଭଲ ଅଛନ୍ତି । ଆଉ ସବୁ ଭଲ । ଗାଳି ଦେବ ନାହିଁ ସଖୀ । ମନେ କରୁଥିବ । ଆଜି ଏତିକି ଆଉ । ଇତି ।

ତମର

ନୂଆବୋହୂ

ଉଦ୍‌ଭ୍ରାନ୍ତ ମନ ନେଇ ଶୂନ୍ୟ ଆକାଶକୁ ଅନାଇ ରହିଲି । ଭାବିଲି, ବଉଳ ପୁଣି ଯା' ଭିତରେ ମିଳେଇ ଟ୍ରେନିଂ ନବ ବୋଲି କଟକ ଚାଲି ଗଲାଣି । ତା' ଜୀବନର ପଥରେ ପଥ ଦେଖେଇ ଦେଉଛନ୍ତି ଏଇ ପରେଶଭାଇ ?

ଛି-ଛି, ଏ ପୁରୁଷ ଜାତିଟା ଏତେ ସ୍ୱାର୍ଥପର ? ନାରୀର ଜୀବନ ନେଇ ଖେଳ ଖେଳିବାକୁ ଏମାନଙ୍କୁ ଖୁବ୍ କୌତୁକ ଲାଗେ । ଗୋଟିଏ ନାରୀର ଅନ୍ତର ଭିତରୁ ରକ୍ତ ନିଗୁଡ଼ି ତାର ପଞ୍ଜରାମାଳ ଦେଖେଇ ମଧ୍ୟ ଯା'ଙ୍କର ମନର ସାଧ ମେଣ୍ଟେ ନାହିଁ [illegible]ରେ ଖୋଜି ବୁଲୁଥାନ୍ତି ଆଉ କୋଉ କିଶୋରୀଙ୍କର ସରମଭୋଳା ଆଖି ଠାର ।

ପରେଶ ଭାଇ ଏମିତି ପୁଣି ଖେଳକୁ ଖେଳିଲେ ? ବଉଳ ପୁଣି ହେଲା ତାଙ୍କର ଏତେ ପ୍ରିୟ । ମୁଁ ତାଙ୍କର ଏତେ ମନ ଜଗି ବାହିଁ ତ ପ୍ରିୟ ହୋଇ ପାରିଲି ନାହିଁ । କୋଉ କାରଣରୁ ମୁଁ ତାଙ୍କର ପସନ୍ଦ ହେଲି ନାହିଁ ?

ପାଖରେ ଥିଲେ ସମସ୍ତେ ମୋ'ର ମୋର, ଗୋଟି ପଣ ଶିକର । ଆଖି ଆଗରୁ ଅନ୍ତର ହୋଇଗଲେ କିଏ କାହାକଥା ମନେ କରୁଛି ? ଦୁନିଆଟା ସିନା ଏଇଆ ? ବିଶେଷତଃ ପୁରୁଷଜାତି ଦୁନିଆରେ ଭାରି ଅବିଶ୍ୱାସୀ । ନିକ୍ତି କଥାରେ ଭୁଲିଇ ପାରନ୍ତି ଖୁବ୍ ।

ଆଉ ନୂଆବୋହୂ କଥା ? ଏତେ ଚତୁରେଇ ହୋଇ ଲେଖୁଛନ୍ତି ମୋ ପାଖକୁ । ସେ ବଉଳକୁ ପରେଶ ଭାଇଙ୍କ ସହିତ ମିଳାଇବା ପାଇଁ କେତେଥର ମୋତେ କଥା ପ୍ରସଙ୍ଗରେ କହୁଥିଲେ, ସେହିମାନେ ବୋଧହୁଏ ବସାଇବା ପାଇଁ ତେଣେ ଆଗ [illegible] କଟକ ଯିବା ମୂଳଦୁଆ ପକାଇଲେଣି, ଏଣିକି ଘର ଛାଡ଼ା ହେବ, ଇ·· ବାନା ଉଡ଼ିବ ଫର ଫର ହୋଇ । ଜନ ଜଗତ ବଡ଼ଲ ଆଖିରେ ଦେଖିବ । ମୁଁ ଠିକ୍ ଚୁପ ହୋଇନାହିଁ

ସେ ମୋତେ କିଏ କଥାରେ ଭୁଲାଇ ଦେବ ? ସବୁ ମୁଁ ବୁଝିଲିଣି, କଣ ମିଳିବ କାହା କଥାରୁ ?

ସତ୍ୟ ମୁଁ ଏକା ହତଭାଗିନୀ । ବଡ଼ ଦୁଃଖମାନଙ୍କ ଜନମ ଦେଇ ଥିଲେ ବାପ, ମା । ଅଧା ପାଟୋଳି ହୋଇ ରହିଲି । କରମ ବି ମୋର ଏତେଣି ଦୂର ପଡ଼ିଲା ନାହିଁ ।

ଆଉ କାହିଁକି ମିଛରେ ସାଙ୍କ ଘରେ ରହିବି ? ନାଥିଆ ହାତରେ ବୋଉ ପାଖକୁ ଖବର ଦେବି, ବାପାଙ୍କୁ ଯେମିତି ଚିଠି ପଠାଇ ମୋତେ ଏଠୁଁ ନେଇଯିବେ । ମତେ ଭଲ ଲାଗୁ ନାହିଁ ଏଠି ।

କି ଅପରାଧ ମୁଁ ବା ତାଙ୍କର କରିଛି । ମୋତେ ନିନ୍ଦା, ଅପମାନ ହେଲା ତ, ପରେ ଦି' ପଦ ତାଙ୍କୁ ସିନା ରାଗରେ କହିଦେଲି । ଦୁନିଆର ଯାହାର ଯାହାଠି ଅହଙ୍କାର ଥାଏ, ସେ ତା'ଠି ସବୁତ ଫେରେ ରାଗ ଟିକ ସାରେ । ସେଥିପାଇଁ ତ ଝଗଡ଼ା ମାଡ଼ିଲି । ସବୁ ମାନ, ଅପମାନ ତ ମିଳାଇ ଗଲା । ପୂର୍ବ ପ୍ରେମ ସମ୍ପର୍କ ମତେ ଦେଖେଇଲେ । ପୁଣି ତାଙ୍କର କଣ ରାଗ ରହିଲା ମୋଠି ?

ଏତେ କଥା ହେଲେ ମୋତେ ଯଦି ସେ କହିଲେଇ, ବଦ୍‌ରାଗି ହୋଇ ମନରେ କିଛି ନା କରିଥାନ୍ତେ ତା'ହେଲେ ମୁଁ ନାଗିର ।

କହିବି ଆଜି କାହାକୁ, ସବୁ କଥା ଅଙ୍ଗେ ନିଭେଇବାକୁ ପଡ଼ୁଛି ଏଠି । ସେଦିନ ବେଳବୁଡ଼ । ନାଥିଆ ବସି ବନ୍ଧଅରୁ ପାନ ଭାଙ୍ଗୁଥିଲା ।

କହିଲି—ବୋଉକୁ କହିବୁ ବାପାଙ୍କୁ ପଠେଇ ମତେ ଏଠୁ ନେଇଯିବ ।

ନାଥିଆ କହିଲା—ବାପା ସିନା ଆସିଲେ ଏଠିକି ଆସିବେ ? ଅହେବା ସେ କାମରେ ବ୍ୟସ୍ତ । ଇଲାକାରେ ଧାନ କଟା କଟି ବେଳ । ସହଜେ ତ ପୁଣି ଝଗଡ଼ାଘର କଥା

ନାଥିଆ କହିଲା—ହେଇ, ମନ କାହିଁକି ଖରାପ କରୁଛ ? ଘରକୁ ଫେରିବ, ଆଉ କଣ ? ପରେଶ ବାବୁ ନେଇ ଛାଡ଼ି ଆସିଲେ ଭଲ ହୁଅନ୍ତା ନାହିଁ ? ଭାଇ ସାଙ୍ଗରେ ଗଲେ ଲାଜ ସରମ କଣ ?

ମାଉସୀ ଶୁଣି ଶୁଣି କହିଲା—ଏତେ ଦିନ ତ ଗଲାଣି। ସୋମବାର ଦଶମୀଟା ଯାଉ, ପରେଶ ନେଇ ଛାଡ଼ି ଦେଇ ଆସିବ।

ମୁଁ କହିଲି—ନାହିଁ, ମାଉସୀ। ମୁଁ ଏତେ ଦିନ ଏଠି ରହିବି ନାହିଁ। ମୋ ବୋଉ ପରା ସେଠେଣେ କାନ୍ଦୁଥିବ।

ନାଥିଆ ହସି ହସି କହିଲା—ମା, ଉମା ଦେଈ ଯାଉନ୍ତୁ ଦେଈଙ୍କ ସାଙ୍ଗରେ। ଆମ ବଣରାଇଜ ଟିକିଏ ଦେଖି ଆସିବେ ଭଲ କରି।

ଉମା କହି ହସିଲା—ହଇରେ ତମ ଗାଁରେ ସବୁ କୁଆଁରେଢ଼ା ଗୋଡ଼ ଝୋଳ କରି ଖାଅ ?

ହସି ହସି ନାଥିଆ କହିଲା—ଆମେ ତ ଖାଉନା, ଯୋଉ କୁଣିଆ ଆମ ଗାଁକୁ ଯାଆନ୍ତି, ତାଙ୍କୁ ହିଁ ଗୋଡ଼ ଝୋଳ ଖାଇବାକୁ ଦେଉ।

ଉମା ଖିଲ ଖିଲ ହୋଇ ହସି ଉଠିଲା।

ନାଥିଆ କହିଲା—ଆଉ ସେ ଯୁଗ ନାହିଁ ଦେଈ ! ବଣ ଜଙ୍ଗଲ ସଫା ହୋଇ ଗଲାଣି। ଥରେ ଥରେ ଗଲେ ଆଉ ଆମ ଗାଁରୁ ଆସିବାକୁ ତମର ମନ ଛୁଇଁବ ନାହିଁ। ନାଲି ମାଟିର କାନ୍ଥ ହେଲେ ଭଣ ହେଲା, ଭିତରେ ଖାଲି ପଥରମୟ। ମୋ ଗେଲବଦଅଙ୍କଠୁଁ ଆମେ ଠେର ଭଲରେ ଅଛୁ ?

ଉମା ଭାରି ହସୁଥାଏ, କହିଲା—ହଉ, କେବେ ଥରେ ଯିବି। ଏବକା ମିଳ ଅପା ସଙ୍ଗରେ ଯାଇ ପାରିବି ନାହିଁ।

ପଚାରିଲି—ଅଫିସରଙ୍କର ପୁଣି କେବେ ଆମ ଗାଁରେ ରହଣି ହେବ ?

ଅମ୍ବା କହିଲା—ଆଲୋ ମତେଇ ଥଟ୍ଟା କରୁଛୁ କଣ ? ମୋର ସେତେବେଳେ ଇଚ୍ଛା ହବ ପିବ ନା, ମୁଁ କଣ କାହା କଥାରେ ଅଛି ?

ସେ ତ ଅସଲ ଇହଗ୍ଧି ଖଟେଶ୍ରୀ । କିଛି କହିଲ ନାହିଁ ଆଉ ତାକୁ ।

ନାଥିଆ ତା’ପର କହିଲା—ମା, ଆଉ ରହିବ କାହିଁକି ? ଗୋରୁ ଗାଈ ଧନ୍ଦା ବୁଝିବାକୁ କେହି ନାହିଁ । ଧାନ କଟା ସମୟ ଏଇଟା । ସବୁ ଆଉ କାମର ଚପଟ । ଏକାଠିଆ ମଣିଷ ମା’ ଆମର ବଡ ଧନ୍ଦରେ ହେଇ ଯିବେଣି । ଟିକେ ସଅଳ କେମିତି ପଳେଇ ଯାଆନ୍ତୁ, ମା । ଗାଡି ଟାଇମ୍ ହେଇ ଯିବ ।

ମାଳତୀ କହିଲା—ତା’ହେଲେ ଜଳଖିଆ ଦୋଓଟି କଣ ଖାଇ ଦେଇ ଯାଅ । ଟେସନ ଯିବା ବାଟରେ ଉଛୁର ହେବ ।

ନାଥିଆ ଖାଇବାକୁ ମନାକଲା । କହିଲା—ମା, ପେଟରେ ପଶୁ ଅଭ ଯାଗା ଟିକିଏ ନାହିଁ । ଏଇ ଯାହା କହିଲ, ସେ କ’ଣ ମୋ ଖାଇବା ହେଲା ନାହିଁ ।

ଉମା କହିଲା—ବୋଉ, ତାକୁ ପଚାରୁଛ କଣ ? ବାଟକୁ କିଛି ଟାକୁ ଦେଇ ଦେ । ବାଟରେ ଇଷ୍ଟେସନରେ ଓହ୍ଲାଇ ସେ ଖାଇବ ନାହିଁ ?

ମାଳତୀ ବେଲସାର ସେଇଆ କଲା । ଆମ ଘର ଭାର ହାଣ୍ଡି ଭିତରୁ ଜଳଖିଆ କାଢି ତା’ ଗାମୁଛାରେ ଜବରଦସ୍ତି ବାନ୍ଧି ଦେଲା ।

ତା’ ପରେ ସେ ଟଙ୍କା ପାଞ୍ଚଟି ଆଣି ତା’ ହାତରେ ଧରାଇଲା । କହିଲା—ଆଉ କିଛି ମନେ କରିବୁନି, ଏତିକିରେ ସନ୍ତୋଷ ହେଇ ଯାଅ । ଆଜ ମନି ର ମହିରେ ଏତିକି ଆୟୁ ଥିଲା ।

ନାଥିଆକୁ ନବାର ଫିକର ଖୁବ୍ ଅଛି । ତଥାପି ଉପର ଉପରେ କହିଲା—ମା, ଘରର ଗୁହରଟା ମୁଁ । ମୋତେ ନ ଦେଇଥିଲେ

ଉମା କହିଲା—ଆରେ ମତେ ଥଟ୍ଟା କରୁଛୁ କଣ ? ମୋର ଯେବେ ଇଚ୍ଛା ହବ ଯିବ ନା, ମୁଁ କଣ କାହା କଥାରେ ଅଛି ?

ସେ ତ ଅସଲ ଉହସ ଖରେ । କିଛି କହିଲ ନାହିଁ ଆଉ ତାକୁ ।

ନାଥିଆ ତା'ପର କହିଲା—ମା, ଆଉ ରହିବ କାହିଁକି ? ଗୋରୁ ଗାଈ ଧନ୍ଦା ବୁଝିବାକୁ କେହି ନାହିଁ । ଧାନ କଟା ସମୟ ଏଇଟା । ସବୁ ଆଉ କାମର ଚପଟ । ଏକାଟିଆ ମଣିଷ ମା' ଆମର ବଡ ଦକ୍‌ଦାର ହେଇ ଯିବେଣି । ଟିକେ ସଅଳ କେମିତି ପଳେଇ ଯାଆନ୍ତି, ମା । ଗାଡ ଛାଇନ୍ ହେଇ ଯିବ ।

ମାଉସୀ କହିଲା—ତା'ହେଲେ ଜଳଖିଆ ଦୋଓଟି କଣ ଖାଇ ଦେଇ ଯାଆ । ବୋଷାଇ ହଉ ହଉ କାଲେ ଉଚ୍ଛୁର ହେବ ।

ନାଥିଆ ଖାଇବାକୁ ମନାକଲା । କହିଲା—ମା, ପେଟରେ ପସ୍ତି ଆଉ ଯାଗା ଟିକିଏ ନାହିଁ । ଏଇ ଯାହା କହିଲ, ସେ କ'ଣ ମୋ ଖାଇବା ହେଲା ନାହିଁ ।

ଉମା କହିଲା—ବୋଉ, ତାକୁ ପଚାରୁଛ କଣ ? ବାଟକୁ କିଛି ତାକୁ ଦେଇ ଦେ । ବାଟରେ ଇସ୍‌ଟେସନରେ ଓହ୍ଲାଇ ସେ ଖାଇବ କଣ ?

ମାଉସୀ ବେଲସାର ସେଇୟା କଲା । ଆମ ଘର ଭାର ହାଣ୍ଡି ଭିତରୁ ଜଳଖିଆ କାଢି ତା' ଗାମୁଛାରେ ଜବରଦସ୍ତି ବାନ୍ଧି ଦେଲା ।

ତା' ପରେ ସେ ଟଙ୍କା ପାଞ୍ଚଆଟି ଆଣି ତା' ହାତରେ ଧରାଇଲା । କହିଲା—ଆଉ କିଛି ମନେ କରିବୁନି, ଏତକରେ ସନ୍ତୋଷ ହେଇ ଯାଅ । ଆଉ ମଝିରେ ମଝିରେ ଏଠିକି ଆସୁଥିବୁ ।

ନାଥିଆକୁ ନବାର ଫିକର ଖୁବ୍ ଆସେ । ତଥାପି ଓପରର ଓପରେ କହିଲା—ମା, ଘରର ଗୁଲ୍ଲକରଟା ମୁଁ । ମୋତେ ନ ଦେଇଥିଲେ

କଣ ଚଳି ନ ଥାନ୍ତା ! ଆପଣଙ୍କୁ ଘରୁ କିଛି ନ ନବା ପାଇଁ ବାବୁଆଣୀ ମୋତେ ମନା କରିଥିଲେ ।

ମାଉସୀ କହିଲେ—ଖୁସିରେ ତତେ ଦେଉଚି, ତୁ ନବୁ ନାହିଁ କାହିଁକି କହିଲୁ ? ନୀଳ ଏଇଠି ମୋ ପାଖରେ ତ ଅଛି । ମା ତୋର ବ୍ୟସ୍ତ ହେଉଛି କାହିଁକି ?

ନାଥିଆ କହିଲା—ହଉ ସବୁ କହିବି ।

ତା’ ପରେ ସେ ମୋ ଆଡ଼େ ଅନାଇଲା, କହିଲା—ଚିଠିପତ୍ର କ’ଣ ଦବ ଦେଇଁ ?

ଲଫାପାରେ ଚିଠି ମୁଦି ସାରିଥିଲି, କହିଲି—ଏ ଚିଠି ଖଣ୍ଡିକ ନୂଆବୋହୂଙ୍କୁ ଦବୁ । ମୁଁ ଲେଖିଛି, ଅଳ୍ପଦିନ ଭିତରେ ମୁଁ ଗାଁକୁ ଯାଉଛି । ଆଉ ବାପା ଆସିଲେ ତାଙ୍କୁ ଚଞ୍ଚଳ ଆସିବାପାଇଁ କହିବୁ ।

ଉମା କହିଲା—ନୂଆବୋହୂଙ୍କ ପାଖକୁ ଚିଠି ଲେଖିବାକୁ ମତେ ଡର ନାହିଁ । ତାଙ୍କୁ ମୋର ଭଉଠୁ ଭଉଠୁ କହିବୁ, ମାଉସୀଙ୍କ ମୋର ନମସ୍କାର ଜଣାଇବୁ । ଆଉ କହିଦବୁ, ନୀଳ ଅପା ଆଉ ତମ ଗାଁ ମଞ୍ଜିବ ନାହିଁ । ଆମେ ତାକୁ ଏଇଆଡ଼େ ରଖିବାକୁ ବନ୍ଦୋବସ୍ତ କଲୁଣି । ଆଉ ତମର ସେ ତଳମୁହିଁ ପରୀ କଂଠକ ଗୁଳିଗଲାଣି ରେ ?

ନାଥିଆ ହସି ହସି ଗଡ଼ିଗଲା । କହିଲା—କିଏ ଭଲ ଦେଇଁ ? ତାଙ୍କୁ ତମେ ପୁଣି ତଳମୁହିଁ ପଦ ଦେଲଣି । ଆମ ଘରେ ପରୀ ଭୁଟ୍‌ଭାଟ୍ ହେଲେଣି ତାଙ୍କୁ ତମର ନୂଆ ଭାଉଜ କରିବେ ବୋଲି ?

ଉମା ନାକ ଟେକି କହିଲା—ଛିଃ, ଛିଃ । ସେଇଟା ପୁଣି ମୋ ଭାଉଜ ଲାଗି ? ମୋର ଯେବେ ଭାଉଜ ହେବ ତାକୁ ମୁଁ କେବେଁ କଥା କହିବ ନାହିଁ ।

ମାଉସୀ କହିଲା—କାହିଁକି ସେମିତି କହୁଛୁ ଲୋ ? କରମ କଥା କିଏ କହିବ ?

ଝମା କହିଲା—ହଇରେ ନାଥିଆ, ଆମର ଏ ଗାଲି ଅପା ପରି ତମ ଗାଁରେ ଆଉ ସୁନ୍ଦରିଆ ଝିଅ ଅଛନ୍ତି ନା ନାହାଁରେ ? ଥିଲେ ବୁଝିବୁ ତ ?

ନାଥିଆ ତା କଥାରେ ହସି କହିଲା—ଯାଉଚ୍ଛି ଦେଇ । ବେଳ ନାହିଁ ମତେ ତମ କଥାର ଉତ୍ତର ଦେବାପାଇଁ । ହଉ, କହୁଛ ଯଦି, ମୁଁ ବୁଝିବି ପଚ୍ଛେ ।

ନାଥିଆ ତା'ପରେ ବାସ୍ତା ବାସ୍ତା ଇସ୍‌ଟେସନ୍ ମୁହାଁ ଗୁଲିଲା । ସାମନା ଡାଳ ଗଛ ସୁଆ ସତରେ ଉଆଣିଆ ଖସି ଚକ୍ ଚକ୍ ମାରୁ ଥାଏ ।

ଅନନ୍ତ ଅନନ୍ତ ମାସେ ଗଡ଼ିଲାଣି ।

ଠିକ୍ ଦଶମୀ ପରେ ପରେ ମୁଁ ବାପାଙ୍କ ସାଙ୍ଗରେ ଆମ ଗାଁକୁ ଗୁଲି ଆସିଲି । ମାଉସୀ ଘର ଗାଁ, ଗଛ ବୁଛୁଛ, ନଈ ବନ୍ଧ, ରେଲ-ଲାଇନ୍ ସବୁ କୁଆଡ଼େ ଲୁଚି ଗଲାଣି । ଆସିଲାବେଳେ ଝମା ଝୁଆଁଙ୍କ ପରି ଭେଁ ଭେଁ ହୋଇ କାନ୍ଦୁଥିଲା । ମାଉସୀ ଆଖିରେ ଲୁହ ଭରି ଯାଇଥିଲା ।

ଆସିଲା ବେଳେ କିନ୍ତୁ ପରେଶ ଭାଇଙ୍କ ସାଙ୍ଗରେ ମୋର ଦେଖା ହୋଇ ନାହିଁ । ସେ ଯାଇଁ କଟକରେ ଥିଲେ । ଆଉ ବେଶି ଦିନ ସେଠି ଅଟକି ରହିବାକୁ ମନ ମୋର ମୋଟେ ଡେକିଲା ନାହିଁ ।

ବାପାଙ୍କ ସାଥିରେ ଆସି ଘରେ ଗୋଡ଼ ଦେଇଚ୍ଛି କି ନାହିଁ ନୂଆବୋହୁଙ୍କ ଆନନ୍ଦ କହିଲେ ନ ସରେ । ସଙ୍ଗେ ସଙ୍ଗେ ଆସି କହିଲେ—ଟୁଣ୍ଡୀ, ଦୁବ ବରକୋଳି ପତ୍ର କାହିଁ, ଶଙ୍ଖ କାହିଁ, ହେଇ ମୁଁ ଧୂପ, ଦୀପ ଧରି ଆସିଲିଣି, ହୁଳହୁଳି ପକାଉଚ୍ଛି ।

ଦାଣ୍ଡରେ ଆଉର ବେଙ୍ଗଲା ପଡ଼ୁଥିଲା । ଧାନ ହେଲା ସବୁ ମୂଲଆମାନେ ବିଲରୁ ମୁଣ୍ଡେଇ ଆଣି ଖଳାରେ ଯମା କରୁଥିଲେ । ମୁଁ ଆଗରେ ମଞ୍ଜିକୁ ପଶି ଆସିଲି । ଆସୁ ଆସୁ ବାପା ଠିକ୍ ଏ ଦାଣ୍ଡରେ ଛିଡ଼ା ହୋଇଗଲେ ।

ଏ ନୂଆବୋହୂଟା ଗୋଟାଏ ଅସଲ ନବହୁନ୍ଦରୀ ! ସତକୁସତ ଦୁବ ବରକୋଳି ପତ୍ର କେଇଟା ମୋ ଉପରେ ପକାଇ ଦେଇ ହସି ହସି ଚଉଡ଼ା ଗଳାରେ ହୁଲହୁଲିଟା ପକାଇ ଦେଲେ ।

ପୁଣି ବନ୍ଦାପନା କରିବାକୁ ସଜ ହେଉଥିଲେ । ମୁଁ ତାଙ୍କ ଉପରେ ଚିଡ଼ି ଉଠି ଗୁଟିପିଟି ହୋଇ ଆର ଘରକୁ ପଳାଇ ଆସିଲି । କହିଲି—ମରଣ ନାହିଁ ଆଁ'ଙ୍କୁ । ତମକୁ ମଣିଷ ଦେଖା ଯାଉଛି ନା ନାହିଁ, ଦାଣ୍ଡରେ ପର ମଣିଷ ଗୁଡ଼ା ।

ନୂଆବୋହୂ କହିଲେ—ମଲି, ମୁଁ କଅଣ କରୁଛି କି ? ତମେ ପର ପୁଅଣି ହୋଇ ଆସିଛ ?

ତାଙ୍କ ଉପରେ ମୁଁ ଭାରି ଖପା ହୋଇଗଲି ।

ବୋଉ ହସି ହସି କହିଲା—ଆଉ ଏ ବୋହୂର ତ କିଛି କାମ ନାହିଁ । କେଉଁଦିନ ହେଲା ସାଙ୍ଗ ଛଡ଼ା ହୋଇ ଯାଇଥିଲା, ଏଣିକି ତଳ ଉପର ଦୁଇ ଭଉଣୀ ପରି ସବୁବେଳେ ଲଗାଲଗି ହେଉଥିବେ ।

ନୂଆବୋହୂ କହିଲେ—ଖୁଡ଼ୀ, ମୋ କଥାକୁ ତମ ଝିଅ କାହିଁକି ଚିଡ଼ୁଛନ୍ତି, କହିଲ ଠିକେ ।

ବୋଉ ହସିଲା ।

ତା'ପର ସେ ମତେ କ'ଣ ଖାଇବାକୁ ଦେବାକୁ ଯାଉଥିଲା, ନୂଆବୋହୂ ମତେ ଟାଣି ନେଇ କହିଲେ—ନୀଳ, ଆସ ଆଜି ମୋ ସାଙ୍ଗରେ ଖାଇବ ।

ବାପା ତା ପର ଘର ଆଡ଼କୁ ପଶି ଆସି କହିଲେ—ନାଥିଆ କୁଆଡ଼େ ଗଲା ? ଦାଣ୍ଡରେ ଏମାନଙ୍କୁ କ'ଣ ମୁକୁଳା ଦେଇ ଯାଉ । ହେଲା

ମୁଁ ଚିନ୍ତିଲି କେତେବେଳୁ ଏମାନେ ଆସିଲେଣି । ଆସି ଯାଇ ଲେଉଟିଲେଣି; ଏମାନେ ଘରକୁ ସବୁ ଯିବେନା ବସିବେ ଏଇଠି ?

ନାଥିଆ ବାଡିରେ ସଜନାଛୁଇଁ ପାଡୁଥିଲା । ସିଆଡୁ ବେକାଏ ଛୁଇଁ ନେଇ ଆସି କହିଲା—ମା, ଦେଈ ଆସିଲେଣି କି ?

ଠିଆ ହୋଇଥିଲି ଏବୁଣ୍ଡି ବନ୍ଧ ଉପରେ ଗୋଡ଼ଟିକ ରଖି । ନାଥିଆ ହସି ହସି କହିଲା—ଦେଈ, ଆମ ବଣି ଗାଁକୁ ସେ ଜମା ଦେଈଙ୍କି ଟିକିଏ ଆଣିଲ ନାହିଁ ? ଟିକିଏ ଦେଖି ଯାଇଥାନ୍ତେ ଯୁଆଡ଼କା ମୁଲକ ।

ତା'ହାତରୁ ଛୁଇଁ ବେକାକ ନେଇ ଘରେ ରଖୁ ରଖୁ କହିଲି—ଅସିଲା ତ ନାହିଁ ଆଉ କ'ଣ ତାଙ୍କୁ ମୁଁ କାଖେଇ ଆଣିଥାନ୍ତି ?

ନାଥିଆ ହସୁଥାଏ ମୋ କଥାରେ ।

ବାପା ଡାକିଲେ—ଯୁଆଡ଼େ ମକୁଲ ଦେଇଗଲୁ, ନାଥିଆ ?

ନାଥିଆ କହିଲା—ଯାଉଛି, ଆଜ୍ଞା ।

ନୂଆବୋହୂ ମୋ ପାଖରେ ଛିଡ଼ା ହୋଇ ମତେ ସାଲ ଗାଁ କଥା ପଚାରୁଥିଲେ । ଘରଦ୍ୱାର କେମିତି, ମାଉସୀଙ୍କ ସ୍ୱଭାବ ଚରିତ୍ର କେମିତି, ଆସିଲା ବେଳେ ଜମା କ'ଣ କହୁଥିଲି, ପରେଶ ଭାଇ ଗାଁକୁ ଆସିଥିଲେ କି ନାହିଁ ।

ଠିକେ ଠିକେ ସବୁ ତାଙ୍କୁ ଉତ୍ତର ଦେଲି । ତା'ପରେ ମତେ ସେ ପଚାରିଲେ—ଚିଠି ପାଇଥିଲ ?

କହିଲି—ନ ପାଇବି ବା କେମିତି ?

ହସି ହସି କହିଲେ—ଚିଠିଟା ମୋର ମନକୁ ଗଲା ନା ନାହିଁ ?

କିଛି ନ କହି ମୁହଁରେ ଗାମ୍ଭୀର୍ଯ୍ୟ ଫୁଟାଇଲି ।

ତା'ପରେ ମୁଁ ପଚାରିଲି—ବଉଳ ଖବର କଣ ?

ନୂଆବୋହୂ ହସି ହସି କହିଲେ—ସେ ଆଉ ବଉଳ ନାହାନ୍ତି ଗୋ ଅଜେ ।

କହିଲି—ସତେ କ'ଣ କୁହମ ଟିକେ !

ନୂଆବୋହୂ କହିଲେ—ସେ ଧ'ଦାନ ହେଲା କଟକରୁ ଆସି ପଢ଼ୁଅଛନ୍ତି । ତାଙ୍କୁ ଦେଖିଲେ ବଟେଲ ଜାଣି ପାରିବ ନାହିଁ ?

କହିଲି—ତମର ଯୋଉ କଥା ? ସଭିଁଙ୍କ ମୁହଁରେ ତାର ପ୍ରଶଂସା, ତମେ ତାଙ୍କୁ ପୁଣି ନିନ୍ଦା କେମିତି କରୁଛ ମ ?

ସେ କହି ବସିଲେ—ଯେ ନିନ୍ଦାର ପାତ୍ର, ତାଙ୍କୁ ନିନ୍ଦା ନ କରି ଆଉ କଣ ପ୍ରଶଂସା କରିବି । ସେ ସବୁ ମିଳାମିଶା, ହସ ଖେଳ, ଆଗଭଳି ସବୁ ରହିଛନ୍ତି ଯେ କେବଳ କଟକ ହାଉଆ ବାଜି ଟିକେ ଢଙ୍ଗ ଢାଙ୍ଗ ବଦଳି ଯାଇଛନ୍ତି ।

ହାତେଇ ସାତେଇ ଉତ୍ତର କଲି—ସେ ତ ଅତି ମାମୁଲି ଧରଣର । ଗାଁରେ ରହିଲେ ସେଇ ମଳି କୋଚଟ ଲୁଗା ଖଣ୍ଡେ ଖଣ୍ଡେ ପିନ୍ଧି ଘର କୋଣରେ ବସି ରହିବାକୁ ପଡେ । ସହରରେ ରହିଲେ ବାସୀ ଲୁଗା ନିତ ପିନ୍ଧି, ଚହଟ ଚିକ୍କଣ ନ ହେଲେ ପଦାକୁ ବାହାରୁଛନ୍ତି କିଏ ? ତା' ପର, ତାର ଭାଇ, ଭାଉଜ କଟକରେ ଅଛନ୍ତି, ସେ ନ ହେବ ବା କାହିଁକି ? ତମେ ହେଇଥିଲେ କଣ ହୁଅନ୍ତ ନାହିଁ ?

ନୂଆବୋହୂ କହିଲେ—ମୋ ଆଡ଼କୁ ଟିକିଏ ଆସୁଛନ୍ତି କାହିଁକି ମ ? ଆମେ ପରା ସେ ପାହାଚ ଡେଇଁ ଆସିଲୁଣି, ଏଣିକି ତମ କଥା କହିଲେ ସୁନ୍ଦର ହେବ ।

ହସି ହସି କହିଲି—ହଉ ହେଲେ ହେଲା ଯା ।

ତା'ପରେ ନୂଆବୋହୂ କହିଲେ—ହଉ ଆଗେ ଆସି ବସି, ଖାଇ ସାର, ଆଉ ସବୁ କଥା କହିବି ।

ଲୁଗା ଖଣ୍ଡିକ ପାଲଟାଇ ଯିବା ପାଇଁ ସଜ ହେଉଥିଲି, ଦାଣ୍ଡରେ ନାହାଆର ପାଟି ଶୁଭିଲା । ବାପା ଦରଖିଆ ହୋଇ ଭାତ ଥାଳି ଛାଡି ଦେଇ ପଦାକୁ ଉଠି ଗଲେଣି । ନୂଆବୋହୂ, ମୁଁ ଦୁହେଁ ଦାଣ୍ଡ କବାଟ

କଣରେ ଛୁଡ଼ା ହେଇ ତାଙ୍କ କଥା ଶୁଣୁଥାଉ । ରାଗରେ ନାଥିଆର ମୁହଁ ଲାଲ ପଡ଼ିଗଲାଣି ।

କଥା ବୁଝି ନେବାକୁ ତ ମତେ ଆଉ ଡେରି ଲାଗିଲା ନାହିଁ । ବେଙ୍ଗ ମା ଧୋବଣୀ ମୁକୁଳ ନଇ ନଇ ନାଥିଆକୁ ଆମର ପଚାରିଲା, ହଇରେ ନାଥ, ଏ ମାଳ କୁଆଡେ ସାଲ ଗାଁରେ ବାହା ହେଉଛି ?

ନାଥିଆ କହିଲା—ନାହିଁ ତ, ସେମିତି ତ କିଛି ଶୁଣାଗୁଣା ନାହିଁ ।

ବେଙ୍ଗମା କହିଲା—ଲୁଚାଉଛୁ ନା ଗୋଡ଼ ଦ'ଟା ଦଉଛୁ । ଧାଣ୍ଡରେ ହାଟରେ କଥା ପଡ଼ି ଗଡଗଡ଼ଉଛି, ତୁ ସାହୁକାରର ଝିଅ ବୋଲି କାହିଁକି ଏତେ ଘୋଡ଼େଇ ପକଉଛୁ ମ ?

ନାଥିଆ କଥା ନବା ପାଇଁ ପଚାରିଲା—ସାଲ ଗାଁରେ କିଏ ସେ ? ମୁଁ ତ କିଛି ଜାଣି ନାହିଁ !

ବେଙ୍ଗମା କହିଲା—ଆଜି ବିଲ ମଝିଁଠାରେ କଥା ପଡ଼ିଥିଲା । ସେ ଝିଅ କୁଆଡ଼େ ସଜ ହୋଇ ତା ମାଉସୀ ପୁଅ ଭାଇ କୋଉ ପରିଆକୁ ବାହା ହେଉଛି । ପରିଆ ତାକୁ କୁଆଡେ ଅଜାଠଉଁ ନେଇ ତାଙ୍କ ଗାଁରେ ରଖିଲାଣି ।

ନାଥିଆର ଗୋଡ଼ଠଉଁ ମୁଣ୍ଡ ପର୍ଯ୍ୟନ୍ତ ତାତି ଗଲା । କହିଲା—ମୁହଁ ସମ୍ଭାଳି କଥା କହ, ତୋ ମୁଣ୍ଡ ଛତୁ କରି ଦେବି । ତୋର ଏତେ ଧମାକ୍ ! ତୁ ମୋ ମୁହଁ ଉପରେ ମୋ ସାହୁକାର ଝିଅ ନାଁରେ ଏଡ଼େ ବଡ଼ କଥାଟା ବଖାଣ କରୁଛୁ ? ଜାଣିନୁ କି ମୁଁ କିଏ ? ମୁଁ ତାର ନିମକ୍ ଖାଉଛି । କଣ ହେଲାଣି କି ତମେ ? ତମ ଛୋଟ ଲୋକ ଗୁଡ଼ାକଙ୍କର ମୁହଁ ବଢିଗଲାଣି ଏ ଯୁଗରେ । ସଜ ମାଛରେ ତୁ ପୋକ ପକଉଛୁ ? ଜାଅଲ୍ ପଟଛ ଯିବ ଏ କଣ୍ଟା ବାଉଁଶୀ ଠେଙ୍ଗାରେ ତୋ ଖାଲ ମଁ ଢ ଫାଲ କରି ଦେବି ।

ବେଙ୍ଗ ମା ଡ଼ର ଗଲାଣି, ଗୋଟାପଣି ଥରୁଛନ୍ତି । କହିଲା—ମୁଁ ତତେ ରପୁତରେ ପଚାରୁଥିଲ, ତୁ ଏତେ କାନେ କଲୁ ।

ନାଥିଆ ଗଟରେ କଥା କହି ପାରୁ ନାହିଁ । ସମସ୍ତେ ମହିଁରେ ହାଁ ହାଁ କଲେ ।

ବାପା ସବୁକଥା ବୁଝି ମନରେ କଣ ପାଞ୍ଚିଲେ କେଜାଣି । କହିଲେ—ଦେ ଆଗ ତାକୁ ମୁକୁଲ ଦେଇ ବିଦା କରି ଦେ !

ନାଥିଆ ଗୁମ୍ ମାରି ଦଣ୍ଡେ ପିଣ୍ଡା ଉପରେ ବସିଗଲା ।

ବେଙ୍ଗମା ଆଗରୁ ତାର ମୁକୁଲ ନେଇ ସାରିଥିଲା । ବୋଝ ମୁଣ୍ଡେଇ ଯାଉଁ ଯାଉଁ କହିଲା—ଏ ଯୁଗ ପରା ଖରାପ । ଗରିବ ମାଇପ ସବୁରି ଶାଳୀ । ଗୋଟାଏ ପାଟିକି ସିନା ମାଡ ଧମକ ଦେଇ ବନ୍ଦ କରି ଦେବ, ଗାଁ ସାରା ଏ ଯୋଉ ଭୁଟ୍ ଭାଟ୍ ଚୁପ୍ ଚାପ୍ ହେଲେଣି ତାଙ୍କୁ ତ କେହି କିଛି କହି ପାରୁ ନାହିଁ ।

ବୋଉ ଭିତରୁ ଗଟରେ ଜାଳ ଜାଳୁଥିଲା, କହିଲା—ଏତେ କହିଲାବାଲା ସେ କିଏ ମ, ଏ ଗାଁରେ ?

ବାପା ଚଞ୍ଚଳ ବୋଉକୁ ଆସି ବନ୍ଦ କଲେ, କହିଲେ—ଯାହା ହବାର ହେଲାଣି, ତୁନି ପଡ଼, ତୁନି ପଡ । କାହାକୁ କିଛି କୁହ ନାହିଁ, ଆମେ ନିଜେ ଠିକ୍ ତ ଦୁନିଆ ଠିକ୍ ।

ବେଙ୍ଗମା ରାସ୍ତା ଉପରେ ମୁକୁଲ ମୁଣ୍ଡେଇ ଯାଇ ଯାଇ କହିଲା, ମୋ ମାଆ ଲୋ, ତୁଚ୍ଛାକୁ ଏ ଗାଁଡ଼ ଉଠିଲାଣି 'ବଡ଼ ଘରେ ବଡ଼ ଗୁମର କଥା ।

ତା'ପରେ ସେ ଅଦୃଶ୍ୟ ହୋଇଗଲା ।

ନାଥିଆ ରକତ ଗୁଡ଼ାଳ ଗ୍ରେବାଉ ଥାଏ ।

ଖଳାରେ ଆମର ବେଙ୍ଗଳା ପଡୁଥାଏ । ଲୋକେ କହୁଥାନ୍ତି, ଛତ୍ରକୁ, କଣ ମିଳିବ ଏ ମାଇପୀ କଥାରୁ ।

ବାପା ନାଥିଆକୁ ଘରକୁ ଡାକି ବୁଝାଇ ଦେଲେ । ନାଥିଆ ତହୁଁ ତୁନି ପଡ଼ିଲା ।

ମୋତେ ଯୁଁାଡ଼େ ବାଆଁରେଇ ନୂଆବୋହୂ ତାଙ୍କ ଖଞ୍ଜାଆଡ଼େ ଡାକି ଆଣିଲେ ।

ମନେ ମନେ ଭାବୁଥାଏ ଆମ କଥା ଚନ୍ଦ୍ର, ସୁରୁଯକୁ ଅଗୋଚର । ଏ ଗାଁରେ ଆସି ଗୋଡ଼ ଦେଇଛି କି ନାହିଁ, ଏ ସବୁ କଣ କାନରେ ପଡୁଛି ।

ନୂଆବୋହୂଙ୍କୁ ମୁଁ ତହିଁର ଭେଦ ପଚାରିଲି ।

ନୂଆବୋହୂ ହସି ହସି କହିଲେ—ବାଘା ବାଇଦ କୋଶେ, ତୁଣ୍ଡ ବାଇଦ ସହସ୍ର କୋଶ ।

ପଚାରିଲି—ସତେ ନୂଆବୋହୂ । ମୁଁ ଏ ସବୁ ରହସ୍ୟ କିଛି ବୁଝି ପାରୁ ନାହିଁ ।

ତା'ପରେ ସେ କହିଲେ—ଏ ଅଲଣା କଥାର ମୂଲ୍ୟ କିଛି ନାହିଁ । କଣ ମିଳିବ ଏ ଗୁଳିଖଟି ମାଳ ସିର ଗପରୁ କହିଲ ? ଯାତ୍ରା ଭିତରେ ଦରେଗଙ୍କ ହାତ ଧରି ଦିନେ ବୁଲିଥିଲ, ମନେ ଅଛି ନା ତମର ? ଏତେ ଦିନ ପୁଣି ତାଙ୍କ ଘରେ ରହିଲ, ତାଙ୍କ ସଙ୍ଗରେ ପୁଣି ମଜାରେ କୁଅଡ଼େ ବସି ତାସ୍ ଖେଳିଲ । ଏଇ କଥା ଏକାଠି ମାଇପେ ତିଳରୁ ତାଳ ପ୍ରମାଣ କରୁଛନ୍ତି । ଆଉ କଣ ?

ଦେହ ମୋର ସହିଲା ନାହିଁ । କହିଲି—କିଏ ଏଠି ଦୁର୍ନାମ ଦେଉଛନ୍ତି ?

ନୂଆବୋହୂ କହିଲେ—ତମର ଯେ ଅଦାଲତ ଥିବେ । ମୁଁ ଏବେ ସେ ଖବର କେମିତି କହିବି ।

କହିଲି—ଆଉ କଣ ବଳିଲା ମୋର ଅଣ୍ଟିରେ ପଶି ତଣ୍ଟି କାଟୁଛି ।

ନୂଆବୋହୂ କହୁଥିଲେ— ବଉଳର ସେ ଗୁଣ ନାହିଁ । ତଥାପି ମନର କଥା ନାରାୟଣଙ୍କୁ ଅଗୋଚର । ତମେ ଏବେ ଚିଡୁଛ କାହିଁକି ? ତମର ପରା ସେ ଭାଇ । ମୋ ମାଆଲେ, ଏଇଠି ଅବକା କେତେ କାନେ ହୋଇଯିବ । ମୁଁ ଏଣିକି ସୁରେଶଙ୍କ କଥା କହି ତମକୁ ଆଉ ଚିଡ଼ାଚିଡ଼ି କରିବି ନାହିଁ । ବେଳସାରେ ମୋ ଠେଇଁ ପୁଣି ବାଡ଼ିଆ ଲଗିଯିବ ।

କହିଲି—ନାହିଁ ମ, ନୂଆବୋହୂ । ମୁଁ ଆଉ ତମ କଥାକୁ ଛଳ କରିବି କାହିଁକି ?

ନୂଆବୋହୂ କହିଲେ—ଏ ସବୁ କଥାକୁ ବେଙ୍ଗାଡର ଭଳି ଗୋଡ଼େଇରେ ଅଡ଼େଇ ଦିଅ । ତନେ ଅଟେ ଆସିବଟି । ସାଙ୍ଗ ହୋଇ ଦି'ଟା ଖାଇବା । ଛୁଟ୍ଟାହାରେ ଏତେ ପରବ ଆଜି ସକାଳୁ ଲାଗି ଗଲଣି, ଦିନ ଯାକ ପୁଣି ତ ଅଛି ।

ତା'ପରେ ନୂଆବୋହୂ, ମୁଁ ଦିହେଁ ସାଙ୍ଗ ହୋଇ ଖିଆପିଆ କଲୁ । ମୁସି ବିଲେଇଟି ଏ ପଟ ସେ ପଟ ହୁର ମୋ ଦେହ ହାତ ଗୁଡ଼ି ଚକର ଦେଉଥାଏ । ମ୍ୟାଉଁ ମ୍ୟାଉଁ କରି ଭାତ ମୁଠିଏ ମୁଠିଏ ଆନନ୍ଦରେ ଖାଉଥାଏ ।

ଦିନ ତିନିଟା ବେଳକୁ ବଉଳ ଆସି ନୂଆବୋହୂଙ୍କୁ ଡାକିଲା । ନୂଆବୋହୂ, ମୁଁ ଦିହେଁ ତାଙ୍କ ଘର ଭିତରେ ଶୋଇ ଗପ ଯୋଡ଼ି ଥାଉ ।

ନୂଆବୋହୂ ମୋତେ ଆଖି ଠାରି ଦେଲା ।

ଅନାଇଲି—ଚଟି ଚପାମା ମାଲିନୀ ବଉଳ ମୋର ଠିଆ ହୋଇଛନ୍ତି ସାମନାରେ ।

ମୋତେ ଚାହିଁ କହିଲା—ନମସ୍କାର, ବଉଳ !

ମୁଁ ତାକୁ ପ୍ରତି ନମସ୍କାର ଜଣାଇଲି ।

ବଉଳ ବାସ୍ତବିକ କେଇଟା ଦିନରେ ଅନାମତ ବଦଳି ଯାଇଛି । ଦେହରେ ତାର ଖଦଡ଼ ଶାଢ଼ୀ, ସ୍ୱଦେଶୀ ବୁଣା ବ୍ଲାଉଜ୍ । ବାନପୁରୀ ହାଇ ହିଲ୍‌ର ସ୍ୟାଣ୍ଡେଲ୍ ହଳେ ଗୋଡ଼ରେ ମାଡ଼ି ମସ୍ ମସ୍ ଶବ୍ଦତୋଳି ଆମ ପାଖରେ ଆସି ଛିଡ଼ା ହେଲା । ଫୁରୁ ଫୁରୁ ବାଳ କେରାକ ପଛ ଆଡ଼କୁ ମୁକୁଳା ଛାଡ଼ି ଦେଇଛି । ତା'ପର ତାର ଆଖିରେ ରୋଲ୍ଡ଼ ଗୋଲ୍ଡ଼ ଫ୍ରେମର୍ ଚକଚକିଆ ଚଷମା । ଖଦଡ଼ ଲୁଗାରୁ ବୁଝିଲି ସେ କେଇଟା ଦିନରେ ଦେଶ କର୍ମିଷ୍ଠୀ ପାଲଟି ଗଲାଣି ।

ବଉଳ କହିଲା—ତୋ ଆସିବା ଖବର ପାଇ ତମ ଘର ଆଡ଼େ ବୁଲି ଯାଇଥିଲି । ତତେ ନ ପାଇ ମୁଁ ଫେରିଲି ବେଳକୁ ହେଇ ତତେ ଆସି ଏଠି ହାବୁଡ଼ିଲିଣି ।

କହିଲି—କଣ ଛୁଟି ନେଇ ଆସିଛୁ ?

ବଉଳ କହିଲା—ହଁ, ଛୁଟି ନୁହେଁ ଆଉ କଣ ? ଦି'ଚାରିଦିନ ରହି ବୁଲିଚାଲି ଯିବି ।

ପଚାରିଲି—କଟକ ଖବର ତୋର ସବୁ ଭଲ ତ ?

କହିଲା—ଭଲ ନୁହେଁ ଆଉ କଣ ? ସିତମତ ଅରଟରେ ସୂତା କଟା ଚାଲିଛି, ସିଲେଇ ଚାଲିଛି, ଗାଲିଚା ଇତ୍ୟାଦି ବୁଣି ଶିଖିଲିଣି, ସଙ୍ଗୀତର ଅଭ୍ୟାସ ରଖିଛି, ଫୁର୍‌ସତ ସମୟରେ ଔଷଧପତ୍ର ଦିଅନିଆ କରେ ।

କହିଲି—ଟଙ୍କା ପାଉଛୁ ପରା ।

ବଉଳ କହିଲା—ହଁ, ସେତକ ତୋର ପରେଶ ବାବୁଙ୍କ ସୁପାରିଶ୍‌ରୁ । ବିଚାରା ଭାରି ସୁନ୍ଦରଲୋକ । ତାଙ୍କର ଆମମାନଙ୍କ ପ୍ରତି କେମିତି ଗୋଟାଏ ସ୍ନେହ ଆସି ଯାଇଛି ।

ମୁଁ ଆଉ କିଛି କହି ପାରିଲି ନାହିଁ । ତା' କଥା ଶୁଣି ନୂଆବୋହୂ ଭାରି ହସୁ ଥାନ୍ତି ।

ବଉଳ କହି ପକାଇଲା—ନୂଆବୋହୂ, ତମେ ସିନା ହସୁଛ, କିନ୍ତୁ ମୁଁ ସତ କଥା କହୁଛି । ପ୍ରଥମେ ପରେଶ ବାବୁଙ୍କ ଉପରେ ମୋର ସୋଉ ଧାରଣା ଥିଲା ଏବେ କିନ୍ତୁ ବଦଳି ଗଲାଣି । ତାଙ୍କ କଲେଜ ବୋର୍ଡ଼ିଂ ପାଖରେ ଆମ ଭାଇଙ୍କ ବସା । ଭଲ ଫିଲ୍ମ ଆସିଲେ ଭାଇ, ମୁଁ, ନୂଆବୋହୂ ସିନେମା ଦେଖି ଯାଉ । ଭାଇ, ପରେଶ ବାବୁଙ୍କୁ ବହୁ ଜଗର କରି ସଙ୍ଗରେ ନିଅନ୍ତି । ତାଙ୍କର ଏକା ଭାରି ସୁନ୍ଦର ବ୍ୟବହାର ଦିନେ ଦିନେ ସେ କାଠଯୋଡ଼ୀ କୂଳ ହାଉଦା ଉପରେ ସଞ୍ଜବେଳେ ବସି ଏକୁଟିଆ ହାଉଆ ଖାଉଥାନ୍ତି । ଆମେସବୁ ପହଞ୍ଚିଲେ ସୁଖ ଦୁଃଖ କେତେ କଥା ପଚାରନ୍ତି । ଅନ୍ୟ କଲେଜ ଛାତ୍ରଙ୍କ ପରି ସେ ଫେରଙ୍ଗାମିଆ ନୁହନ୍ତି । ବେଳେ ବେଳେ ମୋତେ ଖୁବ୍ ସେ ନୀତି ଉପଦେଶ ଦିଅନ୍ତି । ବାସ୍ତବିକ ତାଙ୍କ କଥା ଗୁଡ଼ାକ ଭିତରେ କେମିତି ଓଜନ ରହିଛି । ମୋତେ ତାଙ୍କୁ ଭାରି ଭଲ ଲାଗେ ।

ବଉଳ ଏ ସବୁକଥା କାହିଁକି ମୋ ଆଗରେ ଏତେ ଗପୁଛି ! ମୋତେ ଯେମିତି ସେ କେଉଁ ଅଳକାପୁରୀ କୁହୁକ ରାଇଜ ଭିତରୁ ଧକ୍କା ମାରି ପଦାକୁ ଓଟାରି ନେଇ ଆସୁଛି । ମୋ ମନ ତଳେ ଯା'ର ସୁନାର ସ୍ୱପ୍ନ ଉଦୟ ହେଉଛି, ସେ ଆଜି ତାଙ୍କ ସହିତ ସିନେମା ହଲ୍‌ରେ, କାଠଯୋଡ଼ୀ, ମହାନଦୀ କୂଳରେ ବସି ବେଶ୍ ଫୁର୍ତ୍ତି, ବେଶ୍ ଆନନ୍ଦରେ ସୁଖରେ ଦିନ କାଟି ନେଉଛି । ପରେଶ ଭାଇଙ୍କି ସେ ଚିହ୍ନିବା ଆଗରୁ ମୁଁ ଭଲକରି ଚିହ୍ନିଛି । ମୋ ପାଖରେ ଆଜି ସେ ଯେମିତି ଭଦ୍ରାମି ଦେଖାଇ ମୋଠୁ ଦୁନିଆରେ ଖାଣ୍ଟି ଭଦ୍ରଲୋକ ବୋଲି ସମସ୍ତଙ୍କ ପାଖରେ ଅଭୟ ନେଉଛନ୍ତି, ବଉଳ ପାଖରେ ଯେ ସେ ସେହିପରି ଭଦ୍ରଲୋକ ନ ହେଉଥିବେ ଏହାର ପ୍ରମାଣ କଣ ? ପ୍ରକୃତରେ ବିଶ୍ୱାସ ନାହିଁ ଦୁନିଆରେ କୋଉ ପୁରୁଷଙ୍କୁ !

ପରେଶ ଭାଇଙ୍କ କଥା ନେଇ ତାକୁ ମୁଁ ତୁଣ୍ଡ ପିଟେଇଲି ନାହିଁ । ନୀରବ ରହିଲି ।

ନୂଆବୋହୂ ଛାଡ଼ିବାର ପାତ୍ରୀ ନୁହଁନ୍ତି । ହସି ହସି କହିଲେ, ଖୁବ୍ ତ କାହିଁକି ଠେକିଲଣି ପରେଶ ବାବୁଙ୍କୁ ? ସିଏତ କଣ ତମ ମୁଖ ଦେଖି ତାଙ୍କ ଦୁଃଖ ପାଶୋରି ଯାଉଛନ୍ତି କି ? ହଉ ବସିବ, ଆସ । କଟକିଆଣୀ ହେଲ, ଆଉ ଆମ ମଫସଲିଆଣୀଙ୍କ ପଚ୍ଛୁରେ କିଏ ?

ବଉଳ ମୁହଁ ଫିକା ପଡ଼ି ଯାଇଥିଲା । ଉପରେ ଉପରେ ଖାଲି ହସୁ ଥାଏ ।

ଠିକିଏ ରହି କହିଲା—ବଉଳକୁ ଏକା ସେ ଭାରି ପ୍ରଶଂସା କରନ୍ତି ।

ନୂଆବୋହୂ ତା' ପାଟିରୁ କଥା ଛଡେଇ ନେଇ କହିଲେ, ଆପଣା କଥା ନ କହି ବଉଳ ଯା'ଡ଼େ ପୁଣି କଥା ବୁଲେଇଲ କାହିଁକି ?

ମନର ରିହ ମନରେ ମାରି କହିଲି—ଯା' ହେଉ ନୂଆବୋହୂ, ଏତେବେଳେ ପଦେ କଥା କହିଲ ।

ସଙ୍ଗେ ସଙ୍ଗେ ବଉଳର ମୁହଁ ଟିକେ ହୋଇଗଲା । ଖରା ମଉଳା ଗୋଲାପ କଢ଼ି ପରି ସଜ ମୁହଁଟା ତାର ସାଙ୍ଗେ ସାଙ୍ଗେ ସେତା ପଡ଼ିଗଲା ।

ନୂଆବୋହୂ ଅଜାଣତରେ ମତେ ଯା'ଡ଼େ ଚାହିଁ ଥା'ନ୍ତି । ମୁଁ ବଉଳର ମୁହଁଆଡ଼େ ଚାହିଁ ରହିଥାଏ ।

ସୁନାମ, ଦୁର୍ନାମ—ଦୁଇଆରେ ଦୁଇଟି ଗୁଣ । ସମୟର ଗତି ଭିତରେ ଇଏ ଯିଏ ଯିଏ ମଣିଷକୁ ଛୁଇଁ ଯାଏ । ଭଲ ମନ୍ଦ କିଛି ଜାଣିପାରେ ନାହିଁ ମଣିଷ ।

ନିନ୍ଦା ପ୍ରଶଂସା ଶୁଣିବା ପାଇଁ ମଣିଷର ଜନମ । ଭଲମନ୍ଦ ଯାହା କହୁଛନ୍ତି ସେ କଥା ମତେ ଜଣା । ଝିଅଟି ପଡ଼ି ଜୀବନ ଉପରେ କେତେ ଝଡ଼ ବତାସ ବହି ଗଲାଣି—ଏମିତ ବି ଗଲାବ । ନିଦା ପଥର ବୁକୁ ଉପରେ ଦେଖାଇଦେଇ କରି ମୁଁ ସବୁ ହସି ହସି କୁଆଡ଼େ ଉଡାଇ ଦେଉଛି । ମଥା ନୋଇଁ ନାହିଁ ମୁଁ କାହା ପାଖରେ ।

ଗାଁ ଆମ୍ବ ତୋଟାରେ ଟୋକାଙ୍କର ଗଛପଦକୁ ଦେଖାଇ ମୋ ନେଇ ଯୋଉ ରଙ୍ଗ ପରିହାସ, ଗାଧୁଆ ତୁଠରେ ମାଇପୀ ମହଲରେ ଯୋଉ ଢଗ ଢମାଲି, ସମବୟସୀ ଝିଅ ବୋହୂଙ୍କର ଯୋଉ ଟେଲ ଟାପରା ଆଜି ସେ ସବୁ ଯୋରରେ ଉଠି ପାରୁ ନାହିଁ । ସବୁ ଗଲାଣି ଥମି । ଗୋଡ଼ ଘଷା ତୁଠ ପଥରଟି ବଳି ସବୁ ମୁଁ ସହି ନେଉଛି ମଥା ପାତି ।

ଉପରେ ଖୁବ୍ ଆତ୍ମବିଶ୍ୱାସ ଦେଖାଇ ଧୀରେ ସୁସ୍ଥେ ମୁଁ ବୁଝି ବୁଝି ଗଲାଣି ! ସମୟ-ସୁଅ ମୁହଁରେ ପହଁରି ପହଁରି ଗଲାଣି । ଆଶା-ମରୀଚିକା ଆଗରେ ସ୍ୱପ୍ନନେଲି ବରଣ ଧାରଣ କରି ଟଳ୍‌ଟଳ୍ କରୁଛି । ପାଖେଇ ଯାଉଛି- ମୁଁ ଅତି ନିକଟତମ ବାଟକୁ । ପୁଣି ଦେଖୁଛି ରଙ୍ଗରଙ୍ଗିଆ ସପନ-ବୋଇତ । ମାସ୍ତୁଲ ଉଡ଼ାଇ ଅକୂଳ ଜୀବନ-ଦରିଆ ଭିତରେ କୂଳକୁ ଭାସି ଭାସି ଆସୁଛି ମୋତେ ଭସାଇ ନେବା ପାଇଁ । ଉପର ଆକାଶରେ ସଞ୍ଜଫୁଟା ତାରା-ଫୁଲ, ଜହ୍ନ ଉଇଁଛି ନେଳିଆ ଆକାଶରେ । ସପନ-ବୋଇତ ଭିତରେ ହୀରାନୀଳା ମୋତି ମାଣିକ୍ୟ ଝୁଲା କେତେ ସୁନ୍ଦର ଫୁଲ ଦୋଳି । ଦୋଳି ଉପରେ ମୋର ବରେଣ୍ୟ ସାଥୀ ଜୀବନ-ନାୟକ, ମୋର କମନୀୟ କର କମଳ ଧରି ଆନନ୍ଦରେ ହସି ହସି ଝୁଲୁଛନ୍ତି, ଜନ୍ମେ ଜନ୍ମେ ସାଥି ଯାଚୁଛନ୍ତି ।

ଏଇ ପାହାଡ଼ୀ ଗାଁ ଭିତରେ ମୋର ସ୍ୱପ୍ନରେ ସ୍ୱପ୍ନରେ ଏମିତି ଦିନସବୁ କଟିଯାଏ ।

ବଉଳ ଯୁା' ଭିତରେ କେତେଥର ଟାଁକୁ ଆସି କେତେଥର କଣ୍ଠକ ଗୁଳି ଯାଉଛି ଏକା ଏକା । ତା' ତୁଣ୍ଡ କାହାରି ସନ୍ଦେହ ନାହିଁ, କାରଣ ସେ ଆଉ କାହାକୁ ମୁହଁ ଲୁଚଉ ନାହିଁ । ସବୁ ଲାଜ ସରମ ତେଜ୍ୟା କରି ଦେଲଣି ଏବେ ।

ତା'ର ଏ ସବୁ ଢଙ୍ଗ ଢାଙ୍ଗ ତାଙ୍କ ଘର ଲୋକଙ୍କର ଦେହ-ସୁହା ହୋଇ ଗଲଣି । ମୋ ବାପ, ମା'ଙ୍କ ପରି ତା' ବାପ ଭାଇଙ୍କର ତା' ପ୍ରତି ଏତେ କଡ଼ା ଦୃଷ୍ଟି ନାହିଁ । ସହରରେ ରହି ସେ ଆଜିକାଲି ଖୁବ୍ ଆଧୁନିକା ହୋଇ ପଡ଼ିଛି । ମୁଁ କିନ୍ତୁ ସଭିଙ୍କ ଡ଼ରି ଡ଼ରି ବାଟ ଚାଲୁଛି ।

ମୁଁ ସେହି ମାଇନର ଚାରି କ୍ଲାସ୍ ମାତ୍ର ବାପ ମା'ଙ୍କ ଉପରେ ପୁରା ମଫସଲିଆଣୀ.ପାଲଟିଛି ।

× × × ×

ସେ ଦିନ ବାପା ବସିଥାନ୍ତି ଦୁଆର ପିଣ୍ଡାରେ । ଡ଼ାକବାଲା ଖବର କାଗଜ ଆଣି ଦେଇଗଲା । ମୁଁ ରୋଷାଇ ଘରେ ଧୂଆଁ ପଠଲ ଭିତରେ ବସି ଚୁଲି ଫୁଙ୍କୁଥାଏ ।

ବାପା ଖବର କାଗଜ ଖଣ୍ଡିକ ପଢୁ ପଢୁ କହିଲେ—ନୀଳବୋଉ ଶୁଣିବ ଆସ ? ପରେଶ ତିମିର ବି. ଏ. ପାସ୍ କରିଛି ଇଂରେଜୀ ଅନର୍ସରେ ।

ବୋଉ ଶୁଣି ଖୁସିଠାଏ ହୋଇଗଲା ।

କହିଲା—ମନେ ମନେ ମୁଁ ଠାକୁରଙ୍କୁ ଯେହୁଥି ଡାକୁଥିଲି । ହଉ, ଠାକୁରଙ୍କ ପାଖରେ କ'ଣ ଆଗେ ଭୋଗ ରାଗ କରିଦେବି । ପୋଥିପୁଜାଟିଏ କଲେ ଏକା ଭଲ ହେବ ।

ବାପା ଖବର କାଗଜ ଖଣ୍ଡିକ ପଢ଼ୁ ପଢ଼ୁ କହିଲେ—ନୀଳ ବୋଉ, ଶୁଣିବ ଆସ ? ପରେଶ ତମର ବି.ଏ. ପାସ୍ କରିଛି ଇଂରେଜୀ ଅନର୍ସରେ ।

ବୋଉ ଶୁଣି ଖୁସିଠାଏ ହୋଇଗଲା ।

କହିଲା—ମାନେ ମନେ ମୁଁ ଠାକୁରଙ୍କୁ ସେହିୟା ଡାକୁଥିଲି । ହଉ, ଠାକୁରଙ୍କ ପାଖରେ କଣ ଅଟେ ଭୋଗବାଗ କରି ଦେବି । ପୋଥି ପୂଜାଟିଏ କଲେ ଏକା ଭଲ ହେବ ।

ବାପା ଭାରି ଖୁସି ହୋଇ କହିଲେ—ପିଲାଟାକୁ ଦେଖିଲେ ମନରେ ମୋର ଭାରି ଆନନ୍ଦ ଅସେ । ଏ ଯୁଗରେ ଠାକୁର ବି ଖୁବ୍ ଅଛନ୍ତି ।

ତା'ପର ବାପା ହସିଲେ ।

ବୋଉ କହିଲା—କଣ ଏମିତି ମନକୁ ଗଲା ଯେ ଭାରି ତ କାହିଁକି ହସୁଛ ?

ବାପା କହିଲେ—ନାହିଁ କିଛି ନାହିଁ ।

ତାଙ୍କ ମନ କଥା ଜାଣି ବୋଉ କହିଲା—ମୁଁ ସବୁ ବୁଝିଛି ଯେ । ଏତେ ସୁନ୍ଦା ବି ଚେତିଲ ନାହିଁ । ସଂସାରରେ କଣ ତମ ଝିଅ ପାଇଁ ଆଉ କୋଉଠି ବରପାତ୍ର ନାହିଁ ? ସେହି ଏକା ଜିଦ୍ ତମର ।

ବାପା ଥାଇ ଥାଇ କହିଲେ—ଛାଡ଼, ସେ ସବୁ କଥା । ପିଲାଟା ସହିତ ବହୁତ ଦିନ ତଳେ ଦେଖା ହୋଇଥିଲା, ହେଲେ ଏବେ ତା' ସହିତ ଦେଖା ହୋଇ ପାରୁ ନାହିଁ ।

ବୋଉ କହିଲା—ଆସୁ, ମୁଁ କଣ ନାହିଁ କରୁଛି ? କିନ୍ତୁ ତମେ ଯେଉଁ କଥା ଭାବୁଛ, ସେ କଥା ମୋ ମନକୁ ପାଉ ନାହିଁ । ତା'ପର ଧର୍ମ କର୍ମକୁ ତ ପୁଣି ବଡ଼ୁର ଅଛୁ । ଲୋକେ କହିବେ କଅଣ ? ମୁଣ୍ଡଟେକି ଅଟେ ଦାଣ୍ଡରେ ବାହାରି ଚାଲି ପାରିବ ନା ?

ବାପା କହୁଲେ—ମୁଁ ସେ ସବୁ ଶାସ୍ତ୍ର ଉପଦେଶ ଜାଣେ। ରଖ ରଖ। ବୋଉ ମୁହଁ ମୋଡ଼ି ଦେଲା।

ପରେଶ ଭାଇଙ୍କ ପାସ୍ ଖବର ମୋ ଅମୁହାଁ ମନ—ଦେଉଳ ଭିତରେ ତେଢେବେଳେ ଉଙ୍କି ମାରୁଥାଏ। ପରେଶ ଭାଇ ବି.ଏ. ପାସ୍ କଲେଣି, ଏଣିକି ଡେପୋଟି ହେବେ। ଦେଶରେ ତାଙ୍କର କେତେ ବଡ଼ ନାଁ ପଡ଼ିବ। ଅଫିସର ବୋଲି ଲୋକେ ତାଙ୍କୁ କେତେ ଖାତିର କରିବେ।

କିନ୍ତୁ ମୋତେ ଆଉ ସେ ପଚାରିବେ ତ!

ମେଘ ମଉଳା ଧୂଆଁଳିଆ ଆକାଶ ମଝିରେ ଭାସି ଚାଲିଥିଲା ଚଲା ବଉଦମାଳା। ସେପାଖଘର ଚାଳ ଛିଦ୍ର ଦେଇ କଟିକଟିଆ କଳା ଧୂଆଁ ଠା ମୁଣ୍ଡେକି ଉଠି ଯାଉଥିଲା ଆକାଶ ମଝିକି।

ଦି ଦିନ ପୁଣି ଗଡ଼ିଲା।

ପରେଶ ଭାଇଙ୍କ ପାସ୍ ପାଇଁ କାଲି ରାତିରେ ଆମ ଘରେ ସତ୍ୟପୀର ପୂଜା ହୋଇ ଯାଇଛି। ଗାଁରେ ସମସ୍ତେ କାଲି ଭୋଗ ପାଇ ଯାଇଛନ୍ତି। କିନ୍ତୁ ପୂଜାର ଉଦ୍ଦେଶ୍ୟ କାହାକୁ କିଛି କୁହା ହୋଇ ନାହିଁ। ଅଜଣା ଆଶାର ପଥିକା ହୋଇ ମୁଁ ଭାରି ଖୁସି। ଗୋଡ଼ ମୋର ପାଞ୍ଚ ହାତରେ ପଡ଼ୁଥାଏ।

ବଉଳର କଥା ପଡ଼ିଲେ ମନ ମୋର ଏତେ ଭାଙ୍ଗି ପଡ଼ୁଛି। କିନ୍ତୁ ଆଶା ମୋତେ ଟାଣି ନେଉଛି ଅଦୂର ତାଙ୍କର ନିକଟତମ ବାଟକୁ।

ଯେତେ ଯାହା କଲେ ବି ଆଶା ନିଭୁ ନାହିଁ ମୋ ମନରୁ । ଏ ନାରୀ ହୃଦୟର ରହସ୍ୟ ଦୁନିଆରେ ବଡ଼ ଦୁର୍ବୋଧ । ଯୋଉ ବାଟଟିକୁ ନାରୀ ପହିଲି ଆବୋର ବୟସେ, ସେହି ବାଟଟି ତା'କୁ ସିଧା ସଳଖ ଦିଶି ଯାଏ । ପୁରୁଷ ଭୁଲିଯାଇ ତାକୁ ଫାଙ୍କି ଦିଏ, ନାରୀ ଭୁଲେ ନାହିଁ ତାକୁ ।

ପୂର୍ବ ସ୍ନେହ ସହାଗ ସବୁ ବସା ବାନ୍ଧି ରହିଲାଣି ମୋ ମନରେ । ବିବେକର କଡ଼ା ନଜରରେ ସେ ଆଉ ଯମା ପଛଉ ନାହାଁନ୍ତି । ଆହୁରି ଲାଗି ଆସୁଛନ୍ତି ମୋ ପାଖକୁ । ଅତି କରୁଣ ଅତି ମିନତିଭରା ଗୁହାରିର ଠାଣି ଧରି ଅପରାଧୀ ପରି ଯେମିତି ଆସି ସେ ମୋ ରକ୍ତ ଜର ଜର ଆଖି ଆଗରେ ଠିଆ ହେଉଛନ୍ତି । ସେହି ହେଏ କଥା "ମୁଁ ବିଲ୍ୱମଙ୍ଗଳ କି ତୁଳସୀ ଦାସଙ୍କ ପରି ସିଦ୍ଧ ମାଧକ ନୁହେଁ, ମୁଁ ସଂସାର ।"

ଆଉ ପୁଣି ସେ ଦିନ ତାଙ୍କ ଗଲା ବେଳର କଥା—'ଫେରି ଆସିବି ନୀଳ, ଯେତେବେଳେ ଯାହାର ଅନୁକମ୍ପା ମତେ ଟାଣି ଆଣିବ ଅଳକାପୁରୀ କଲେଜ ମହଲରୁ ।"

ଆଜି ସେ ମୋ ପାଖରେ ନାହାଁନ୍ତି, ନିର୍ଜନରେ ବସି ମୁଁ ତାଙ୍କର ମର୍ମନ୍ତୁଦ ବିରହ ବେଦନା ଭୋଗ କରୁଛି । ମୁଁ ସେ ବିରହ ବିଧୁରା ପଲ୍ଲୀ କିଶୋରୀ ଲୀଳାବତୀ ।

ଯା' ଭିତରେ ବାପା ପରେଶ ଭାଇଙ୍କ ନିକଟ ଚିଠି ଲେଖିଲେଣି ଏଠିକି ଆସିବା ପାଇଁ । ଶୁଣା ପାଇଛି ସେ ଗାଁକୁ ନ ଯାଇ କଟକରେ ରହିଛନ୍ତି ।

ଧୂଳି ଆ ଗାଁ ମାଟିରେ ଏଇ ମାଟିର ଦେହ ବଞ୍ଚି ରହିଛି ଖାଲି ତାଙ୍କ ସ୍ନେହ ସହାଗ ପାଇବା ଆଶାରେ । ମନ ଭିତରେ ଚହଟି ଯାଉଛି ଝିଲିମିଲି ସୁନେଲି ଆଶା-ଆଲୁଅ । ଆଶାୟୀ ପ୍ରାଣ ଚାତକୀ ପ୍ରାୟ ଚାହିଁ ରହିଛି ତାଙ୍କର ପ୍ରତୀକ୍ଷାରେ ।

ସେଦିନ ଯୋଚ୍ଛନା ଧୂସର ମହଲଣି ସଞ୍ଜ । ପରେଶଭାଇ ଆସି ଆମ ଘରେ ପହଞ୍ଚିଲେ । ବାପା ଘରେ ସେଦିନ ଥାନ୍ତି । ତାଙ୍କୁ ଦେଖି ଭାରି ଆନନ୍ଦ ହୋଇଗଲେ ।

ବୋଉ କହିଲା—ସତ୍ୟପୀରଙ୍କର ତା' ହେଲେ ଖୁବ୍ ମହିମା । ଦେଖ, ପୂଜା ହେଉ ହେଉ ପୁଅ ମୋର ଆସି ଘରେ ପହଞ୍ଚିଲାଣି ।

ସତ୍ୟପୀର ପୂଜା ଆମ ଘରେ ହେଉଥିବା ଶୁଣିପରେଶଭାଇ ଭାରି ଖୁସିହେଲେ ।

ବୋଉ ତାଙ୍କ ହାତରୁ ବ୍ରିଫ୍‌କେସଟା ନେଇ ନେଇ ବେଗ୍ ଭିତରେ ତାର ନଜର ପଡ଼ିଲା ବନାରସୀ ଶିଲ୍‌କ ଶାଢ଼ୀ ଉପରେ ।

ସେ ସଙ୍ଗେ ସଙ୍ଗେ କହି ପକାଇଲା—ବାପା, ଚାକିରି ବାକିରି ପରି କରନ୍ତୁ ? ଭଉଣୀକି ଦବାବେଳ ତୋର କଣ କୁଆଡ଼େ ଚାଲି ଯାଉଥିଲା ? କାହିଁକି ଏତେ ଖର୍ଚ୍ଚାନ୍ତ ହେଲୁ ?

ହସି ହସି ପରେଶଭାଇ କହିଲେ—ପନ୍ଦର ଦିନ ହେଲା ଗୋଟାଏ ସରକାରୀ ଅଫିସରେ କିରାଣୀ ଚାକିରି ଖଣ୍ଡେ ପାଇଲାଣି ପରି, ମାଉସୀ ।

ବୋଉ ଆଖିବୁଜି ମନେ ମନେ ଠାକୁରଙ୍କୁ ଡ଼ାକୁଥିଲା । କହିଲା, ବାପା, ସବୁ ସେହି ସତ୍ୟ ନାରାୟଣଙ୍କ ମହିମା । ତା' ନ ହେଲେ ହିନ୍ଦୁ, ମୁସଲମାନ୍ ଉଭୟ କାହିଁକି ତାଙ୍କୁ ମାନିଥାନ୍ତେ ?

ଘଡ଼ିଏ ଗଲା ।

ତା'ପରେ ପରେଶ ଭାଇ କହିଲେ—ମାଉସୀ, ମିଲି କାହିଁ ତ ଦିଶୁ ନାହିଁ ?

ବୋଉ କହିଲା—ହେଇ ଛିଡ଼ା ହୋଇଛି ସେ ଦୁଆର ପିଣ୍ଡାରେ ।

ଏ ଅପବାଦଟା ମୋ ନାଁରେ ଲାଗିଲା ଦିନୁ ମୁଁ ହାତେଇ ମାପି ଚାଲିଚଳନ ଚଳୁଛି । ନିନ୍ଦା ସ୍ତୁତି କି ମୋର ଭାରି ଡ଼ର । କଥାରେ କୁହନ୍ତି—ନ ଦେଖିଲେ ଝୁରି ହେଉ ଥାଏ, ଦେଖିଲେ କଥା ନ କୁଟେ । ମୋର ଆଜି ଅବିକଳ ସେହି ଦଶା ।

କାଲିକ ତ ସେ ଏଠି ଅଛନ୍ତି । ଭଲ ଭାବରେ ପୁଣି ଥରେ ମରମକୁ ଲଗାଇ କହୁ ତାଙ୍କୁ ଚେତାଇ ବି ଦେ ! ସମସ୍ତଙ୍କ ଆଗରେ ଏ ସବୁ କଥା ପ୍ରକାଶ କରିବା ନିହାତି ଅସୁନ୍ଦର । ହାଠ ମଧ୍ୟରେ ବି ବ୍ରହ୍ମଜ୍ଞାନ ଶାସ୍ତ୍ର ଲିଭୁଛି । ଏତେ ସେ ସଉକ ହେଲେଣି, ମତେ ନ ଜଣାଇ, ମୋ ପରାମର୍ଶ ନ ନେଇ ଏଇ ଗାଁର ଗୋଟାଏ ଅଜଣା ଅଶୁଣା ଝିଅକୁ ନେଇ ପୁଣି କଟକରେ ଟ୍ରେନିଂ ଦିଆ ଯାଉଛି !

ମରମ ଖାଲି ଏ କଥା ଶୁଣିଲା ବେଳକୁ ପୋଡୁଛି । ସବୁ କଥା ବଳେ ବାହାରେ ଖାଲି କୋଉଠି ମାଟେଲାରେ ଆମର ଗୁହରଟାକୁ ଥରେ ଏକ ହୋଇଯାଉ......... ।

ପଛକଥା ପଛକୁ ପକେଇ ଆଗେ ତାଙ୍କ ଚର୍ଚ୍ଚା କରିବାକୁ ବାହାରିଲି । ସଙ୍ଗେ ସଙ୍ଗେ ମୁଣ୍ଡରେ ଓଢ଼ଣୀ ଦେଇ ହାତରେ ପାଣି ନୋଟାଟି ଧରି ତାଙ୍କ ଆଗରେ ଥୋଇ ଦେଲି ।

ବାପା କହିଲେ—ଯା, ବାପା । ଆଗେ ଗୋଡ଼ ହାତ ଧୋଇ ପକା ?

ପରେଶ ଭାଇ ମତେ ଅନାଇଁ କହିଲେ—ମୁଁ ନ ଥିଲା ବେଳେ ଏତେ ଚଞ୍ଚଳ କାହିଁକି ଆମ ଘରୁ ଚାଲି ଆସିଲୁ ମାଳା ?

ଭୁଣ୍ଡରୁ ଆଜ ମୋର କଣ୍ଠ ଭାଷା ପଇଠିଲା ନାହିଁ ।

ବୋଉ କହିଲା—ଏତେ ଦିନ ତ ତମ ଘରେ ରହିଲା । ଫେରେ ମନ ତାର ଯେବେ ହେବ ପୁଣି ଚାଲିଯିବ । ମା'ର ଅଧ ମାଉସୀ । ମାଉସୀ ଘରକୁ ଯିବାକୁ ତାକୁ କିଏ ମନା କରୁଛି ?

ପରେଶ ଭାଇ ଟିକିଏ ହସି ଦେଇ ଗୋଡ଼ ହାତ ଧୋଇବାକୁ ଚଲେ ।

ପିଣ୍ଡାରେ ତାଙ୍କ ପାଇଁ ଭାତ ବାଢ଼ିଥିଲି । ସେ ଖାଇ ପିଇ ରୁମାଲ୍‌ରେ ମୁହଁ ପୋଛିଲେ ।

ଖୁସି ଆଳାପରେ ସମସ୍ତଙ୍କର ରାତିଟି କଟିଲା ।

ଏଣେ କିନ୍ତୁ ରାତିଟି ମୋର ପାହୁ ଆସିଲା—ଗୋଳମାଳିଆ ଭାବନା ଗୁଡ଼ିକ ଖଞ୍ଜି ଖଞ୍ଜି ।

ତହିଁ ଆରଦିନ ନିଛାଟିଆ ଦୁମୁ ଦୁମା ଖରାବେଳ ।

ବାପା ଖାଇସାରି ମେଲା ଖଟ ଉପରେ ନିଘୋଡ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି । ବୋଉ ତାର ପୁତୁରାକୁ କ'ଣ ଭଲ ଜିନିଷ ଖାଇବାକୁ ଦେବ ବୋଲି ପିଠାପଣା ତିଆରିରେ ବ୍ୟସ୍ତ ରହିଛି । ନାଥିଆକୁ ସଉଦାପତ୍ର ଆଣିବା ପାଇଁ ସେ ହାଟକୁ ପଠାଇଲାଣି ।

କଣ ଘରେ ଶୋଇ ମୁଁ ବହି ଖଣ୍ଡେ ଓଲଟ ପାଲଟ କରୁଥିଲି, ଧୀରେ ଧୀରେ ପରେଶ ଭାଇ ଯାଇଁ ପହଞ୍ଚିଲେ ମୋ ପାଖରେ ।

କହିଲେ—କ'ଣ କରୁଛୁ, ନୀଳ ?

ତୁଣ୍ଡ ନ ଫିଟାଇ ଧଡ଼ପଡ଼ ହୋଇ ଉଠି ବସିଲି । ରାଗ ଗର୍‌ଗର୍‌ରେ ମୁଁ ମୁହଁ ଫୁଲେଇ ଥାଏ ।

ତା'ପର ସେ ବଲେ ବଲେ ଯାଇ ପାଖରେ ବସିଲେ ମୋର । କହିଲେ—ମତେ ନ ପଚାରି ଆମ ଘରୁ ଚାଲି ଆସିଲୁ, ନୀଳ ? ଆଉ ପୁଣି ଯିବୁ କେବେ ?

ଗମ୍ଭୀର ହୋଇ କହିଲି—କାହିଁକି ?

ପରେଶ ଭାଇ କହିଲେ—ଆରଥର ପୁଣି ଯାଇଥିଲୁ କେମିତି ?

ହସ ମାଡ଼ିଲା ନାହିଁ ମୋତେ, କହିଲି—ତେତେବେଳେ ମୋର ଇଚ୍ଛା ହୋଇଥିଲା ।

କଥା ଲେଉଟାଇ ସେ କହିଲେ—ଅବକା ଆଉ ତା'ହେଲେ ତୋର ଇଚ୍ଛା ନାହିଁ ?

ସିଧା ସଳଖ ଯବାବ ଦେଲି—ନା ।

ତା'ପର ସେ ନୀରବ ହୋଇଗଲେ । ବୋଧହୁଏ ମୋ' ଠାଇଁ ଠାଇଁଆ ବାଚୁଳ ଭଲିଆ କୁହ କଥା ପଦକ ମନ ଭିତରେ ତାଙ୍କୁ କାରଣ ଖୋଜଉ ଥିଲା ।

କିଛିକ୍ଷଣ ପରେ ମାନଭରା କଣ୍ଠରେ କହିଲି—କେମିତି ଫେରେ ମୁରୁଛି ଆସିଲ ?

ପରେଶ ଭାଇ ଟିକିଏ ଶଙ୍କି ଯାଇ କହିଲେ—କାହାକୁ ? କିଛି ମୁଁ ବୁଝି ପାରୁ ନାହିଁ ତୋ କଥାରୁ ।

ସଙ୍ଗେ ସଙ୍ଗେ କହିଲି—ବି. ଏ. ପାସ୍ କଲଣି । ଏଥର 'ଲ' ପାସ୍ କର । ଧଳାକୁ କଳା, କଳାକୁ, ଧଳା କର ଦୁନିଆ ଆଖିରେ ଅନ୍ଧ ପୁଟଲି-ପକାଇବ । ମାଲି ମକଦ୍ଦମା ବେଳେ ଖାଣ୍ଟି ସତ କଥା ଗୁଡ଼ାକୁ ମିଛ ବନେଇ ନିରୀହ ଗରିବ ଲୋକ ଗୁଡ଼ାଙ୍କୁ ଛଟପଟ କରି ମାରି ଟଙ୍କା ଲୋଭରେ ଦୋଷୀମାନଙ୍କୁ ଖଲାସ କରିଦେବ । ତା'ପରେ ମୋ ଭଳି ଦୂର ମଫସଲ ପଲ୍ଲୀ ଗାଁର ସରଳା ଅଧା ପାଠୋଇ ଝିଅଙ୍କର ଜୀବନ ସାଥିରେ ଖେଳ ଖେଳି ଦେଇ ଶେଷରେ ଭଲ ଭାବରେ ତାଙ୍କୁ ଗଳା କାଟି ପାରିବ । ସେତେବେଳେ ତମର ଆଇନ୍ ବେବସାୟୁ ଉଭୟ ଭାଗରେ ଗ୍ଲଳିବ ସୁରୁଖୁରୁରେ ।

ପରେଶ ଭାଇ କହିଲେ—କିଛି ମୁଁ ବୁଝି ପାରୁ ନାହିଁ ମାଳ ! କହିଲି—ମୁଁ ଖାଣ୍ଟି କଞ୍ଚା ଓଡ଼ିଆରେ କହୁଛି । ଇଂରେଜ, ତେଲଗୁ କି ଉର୍ଦ୍ଦୁ ଭାଷାରେ ତମ ସହିତ ମୁଁ ଆଳାପ କରୁନାହିଁ । ତମେ ନିଜେ ନିଜେ ଭାବ, କାହା ସାଙ୍ଗରେ ତମର ଗୁପ୍ତ ଘନିଷ୍ଠତା ଏତେ ଘନେଇ ଉଠିଛି ।

ପରେଶ ଭାଇ ହେଜା ହେଜା କହିଲେ—ହଁ, ବୁଝିଲି ଏତେ-ବେଳେ । ଲିଲ କଥା ତୋର ମନରେ ବଢ଼ି ହୋଇ ଉଠିଛି, ନାହିଁ ? ଛି, ଛି, ତମେ ସ୍ତ୍ରୀ ଜାତି ପୁରୁଷଙ୍କୁ ଏତେ ସନ୍ଦେହ ଚକ୍ଷୁରେ ଦେଖ କାହିଁକି ?

ଉତ୍ତର କଲି—ଏ ମୋର ସନ୍ଦେହ ନୁହେଁ, ଏ ଖାଣ୍ଟି ନିସ୍ପଷ୍ଟ ସତ କଥା । ତା ନ ହୋଇଥିଲେ ତା' ଜୀବନ ଗଢ଼ିବାରେ ତମର ସ୍ୱାର୍ଥ କଣ ?

ଆପଣା ଦୋଷ ଘୋଡ଼େଇ ହସି ହସି କହିଲେ—ସ୍ୱାର୍ଥ ? ସ୍ୱାର୍ଥ ଏଥିରେ ମୋର କିଛି ନାହିଁ । ଏ ସବୁ ଜନତାର କଲ୍ୟାଣ ପାଇଁ ମଣିଷ ଦମାଜସୀ ଇଚ୍ଛା କରିଥିଲେ ତତେ ମୁଁ ରେଡ଼ିଓ ନାୟିକା କିମ୍ବା ଚଳ-ଚିତ୍ର-ତାରକାରେ ଅଭିଷିକ୍ତ କରି ଦେଶର କଲ୍ୟାଣ କରାଇ ପାରିଥାନ୍ତି ।

ମୁଁ କହିଲି – ପଦାକୁ ଗୋଡ଼ କାଢ଼ି, ମୁଣ୍ଡରୁ ବେଣୀ କାଢ଼ି, ସରମ ଛଡ଼ା ଜୀବନ ଗଠନ କରିବା ମୋର ଉଦ୍ଦେଶ୍ୟ ନୁହେଁ ।

ତା ପରେ ପରେଶ ଭାଇ କହିଲେ—ରମେଶ ସହିତ ମୋର ଅନେକ ଦିନରୁ ବନ୍ଧୁତା ଥିଲା । ଆଇ. ଏ. ପାସ୍ କରି ସେ ପୋଲିସ୍ ଏସ୍. ଆଇ. ହେଲା । ତମ ଘରକୁ ଆସି ମୁଁ ଚିହ୍ନିଲି ଏ ଲିଲ ରମେଶର ଭଉଣୀ । ବହୁ ସମୟରେ ରମେଶ ଲିଲର ବୈଷୟିକ ଶିକ୍ଷା ପ୍ରତି ଉଚ୍ଚାକାଙ୍କ୍ଷୀ ରହିଛି ବୋଲି କଥା ଛଳରେ ମୋତେ କହୁଥିଲା । ଦୈବାତ୍ ମୋର ଶିଳ୍ପ ବିଭାଗର କର୍ତ୍ତୃପକ୍ଷଙ୍କ ସହିତ ବନ୍ଧୁତା ହେଲା । ରମେଶ ସାଙ୍ଗରେ ତମ ଘରକୁ ଆସି ଲିଲକୁ ସାଥିରେ ନେଇ ସେଠାରେ ପହଞ୍ଚାଇ ଦେଇଛି । ଟଙ୍କା ପଚାଶିଟି ମାସରେ ସେ ପାଏ । ଆଉ ଏଥି' ଭିତରେ ସ୍ୱାର୍ଥ ମୋର କଣ ? କିଛି ମୁଁ ବୁଝି ପରୁ ନାହିଁ ଲାଳ ।

ମୁଁ କହିଲି—ସିନେମା ହଲ୍, କାଠଯୋଡ଼ୀ, ମହାନଦୀ କୂଳ ସଞ୍ଜ ହାଓଆରେ ବେଶ୍ ସ୍ଫୂର୍ତ୍ତି ତ ଉପଭୋଗ ହଉଛି ।

ସୁରେଶ ଭାଇ କହିଲେ—ଛି, ଛି ଏ ସବୁ ବାଜେ କଥା । ତୁ ପୁଣି ଏତେ ନିମ୍ନସ୍ତରକୁ ଖସି ଆସିଲୁ, ନୀଲ ! ଏଇ ଅବିଶ୍ୱାସ-ଝଞ୍ଜା ପବନ ବହିଲେ ସାରା ଜୀବନ ମଧୁମୟ ହୋଇ ପାରିବ ତ ?

ମୁଁ କହିଲି—ସେ ପଛେ ଯାହା ହେଉ । ସେ ପିଆଡ଼େ କଟକରେ ରହିଲେ ମୁଁ ସ୍ତ୍ରୀଠେଇଁ ସହିପାରୁ ନାହିଁ । ମୋର ତା' ପ୍ରତି ଭାରି ଇର୍ଷା ହେଉଛି ।

ସୁରେଶ ଭାଇ ବଲ୍ ବଲ୍ କରି ମୋତେ ଅନାଇ ରହିଥାନ୍ତି ।

ମୁଁ ସେଇ ଏକା ଜିଦ୍ ଧରି ତାଙ୍କୁ ସଂକ୍ଷେପରେ କହିଲି—ମୁଁ ପଲ୍ଲୀ ଗାଁର ଅଧା ପାଠୋଇ ଟୁଅ । ଏତେଦୂର ଶାସ୍ତ୍ର ପାଠରେ ଆଗେଇ ନାହିଁ । ମୋର ସେଇ ଗୋଟିଏ କଥା । ତମେ କଟକରୁ ଯାଇ ଆଉ କୋଉଠି ରୁହ, ନଇଲେ ସେ ଗଞ୍ଜଲ ଗାଁକୁ ଫେରିଆସୁ । ତା ହେଲେ ମୋର ଜିଦ୍ ରହିବ । ମୋ କଥାରୁ କେବେ ହଲ୍‌ଚଲ୍ ହୋଇ ପାରିବ ନାହିଁ ତମେ ?

ସୁରେଶ ଭାଇ ହସିଲେ, କହିଲେ—ଏ ତ ଆଚ୍ଛା ମୁସ୍କିଲ୍ । ଆଚ୍ଛା ଯେତେଦୂର କରାଯାଇ ପାରେ, ମୁଁ ଯଥାସାଧ୍ୟ ଚେଷ୍ଟା କରିବି ।

ମୁଁ ମୁହଁ ଫୁଲେଇଲି । ଆଖିରୁ ମୋର ଲୁହ ଗଡ଼ି ପଡ଼ୁଥାଏ ।

ତା' ପର ସେ ସ୍ନେହରେ ମୋ ହାତଟିକୁ ଧରିପକାଇ କହିଲେ, ହଉ, ତା ପର ?

ମୁଁ ସେମିତି କହି ଚାଲିଥାଏ—ତମେ କୋଉ ଯୋଗୀ ଋଷି ନୁହଁ । ବୈଦେହୀଶ ବିଳାସରେ ପଢ଼ିଛି ରଘୁଶଙ୍କ ପରି ମୁନି ସେ ପୁଣି ଲତିକା ବେଶ୍ୟାର ପ୍ରେମରେ ପଡ଼ିଲେ । ତାଙ୍କଠୁ ତମେ ବେଶୀ ଜିତେନ୍ଦ୍ରିୟ ନୁହଁ ।

ପରେଶ ଭାଇ ମୋ ଆଡ଼େ ହସି ହସି କହିଲେ—ତୋତେ ଥରେ କହିଛି ପରା ସେ ପୁରାଣ ଶାସ୍ତ୍ର କଥା ମତେ କିଛି କହିବୁ ନାହିଁ ।

ମୁଁ କହିଲି—ଆହା ? ଖୁବ୍ ଜିତେନ୍ଦ୍ରିୟ ପୁରୁଷ ଏମାନେ ? ରମେଶ ଭାଇ ଥରେ ନୂଆ ବୋହୂଙ୍କ ଆଗରେ ଗପୁ ଥିଲେ, କୋଉ ମାଷ୍ଟ୍ରାଣୀ ସହିତ ତମଠୁଁ ବଳି ଜଣେ ଏମ୍. ଏ. ପଢୁଆ ଯୁବକ ଦୀର୍ଘ ଊଣେଇଶ ବରଷ ପ୍ରଣୟ କରି ଶେଷରେ ତାକୁ ଛାଡି ଦେଇ ଆଉ ଠାଏଁ ବାହା ହେଲେ । ଭାତ ହାଣ୍ଡିରୁ ଗୋଟିଏ ଚିପି ପରୀକ୍ଷା କରାଯାଏ ।

ପରେଶ ଭାଇ କହିଲେ—ହଉ । କିନ୍ତୁ ସମସ୍ତେ ଏକା ଭଳି ଏକା ପ୍ରକାରର ନୁହନ୍ତି । ପାଞ୍ଚ ଆଙ୍ଗୁଠି ସମାନ ନୁହେଁ ।

ମୁଁ ତା'ପରେ ତାଙ୍କୁ ଦି'ପଦ କହି ଚେତାଇଲି—ଆଜି କାଲି-କାର ଚହଟ ଚିକଣ ରୂପ-ଲାବଣ୍ୟ, ଠିକ୍ ଲାଲ ଟହ ଟହ ଝିକଜକିଆ ନିଆଁ କୁଢ଼ ପରି । ନିରୀହ ପତଙ୍ଗ ନିଜକୁ ହରାଇ ଅଜଣା ଆଶା-ମରୀ-ଚିକାରେ ଭୋଳ ହୋଇ ଡେଇଁ ପଡେ ନିଆଁ ମଝିକି । ଉହ ଉହ ନିଆଁରେ ଦେହ ପୋଡ଼ି ଯାଏ, ଛଟପଟ ହୋଇ ଉହଲ ବିକଳ ହୋଇ ମରିପଡେ ତହିଁରେ । ଆଧୁନିକତାର ବଜାର ଠାଣିରେ ଆଗପଛ ନ ବିଚାରି ଏମିତି ତମରି ପରି ନିରୀହ ଯୁବକ ଲମ୍ଫ ଦିଅନ୍ତି । ଜୀବନ ହୁଏ ବଡ଼ ଦହଗଞ୍ଜିଆ, କଲବଲ । କହିବାର ଜିନିସ ଏ ସବୁ ନୁହେଁ, କହିଲେ କାହା ମନ ହୁଏତ ବିଶ୍ୱାସ ଯିବ ନାହିଁ, ସବୁ ହେଉଛି ଭାବିବାର ଜିନିସ ।

ପରେଶ ଭାଇ ମନେ ମନେ ହେଜୁ ଥିଲେ, ତାରିଫ୍ କରୁଥିଲେ ମୋ ବୁଦ୍ଧିକୁ ।

କହିଲି—ଦେଖ, ଗାଁରେ ବଢ଼ିଲା ଥିଲାବେଳେ କେଡ଼େ ସରଳ, ଛନ୍ ଛନ୍ ଥିଲା । ଏବେ ଗଲଣି ତା ଚୁଲିକି । ତମର ସେ କଣ ହିମାଳେ ହେବଣି ବୋଲି ତମେ ତାକୁ ଖୁବ୍ ଠେକିବ, ହିମାଳୟ ଠାରୁ ଅଧିକ

ଓଜ କରିବ ତା ବୁଦ୍ଧି ଶୁଦ୍ଧି କା । କିନ୍ତୁ ଆମ ଗାଁରେ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ କେହି ତାକୁ ପସନ୍ଦ କରିବ ନାହିଁ । କେତେ ଠେକାରେ ସେ ପାଣି ପିଇବ ସେଇଥି ଦେଖିବାକୁ ଆମେ ଖାଲି ଚାହିଁ ରହିଛୁ ।

ପରେଶ ଭାଇ କହିଲେ—ଛି, ଛି ଗୋଲ ! ପର ନିନ୍ଦା କରିବା ଭାରି ଅନ୍ୟାୟ ।

କହିଲି—ହଉ, ସବୁତ ମୋର ଭୁଲ୍ । ତମେ ନୂଆବୋହୂଙ୍କଠୁଁ ଯାଇଁ ସବୁ ବୁଝିଆସ । ମୋର କଣ ଅଛି ? ଯେ ଯେମିତି ହେବ ସେ ସେମିତି ଫଳ ପାଇବ ।

ପରେଶ ଭାଇ କହିଲେ—ଯାଉ, ଆପେ ଠିକ୍ ତ ଦୁନିଆ ଠିକ୍ ଉଡ଼ା ଖବରରେ ମୂଲ୍ୟ ନାହିଁ କିଛି ।

ତା'ପରେ ବୋଉ ମୋତେ କାହିଁକି ଡ଼ାକିଲା । ମୁଁ ଉଠି ଗଲି ବାହାରକୁ ।

ପରେଶ ଭାଇ ଘର ଭିତରେ ସିଗାରେଟ୍ ଲଗାଇ ଯୋତାର ମାଡ ମସ୍ ମସ୍ ଶବ୍ଦ ତୋଳି ଚାଲିଗଲେ ଦାଣ୍ଡକୁ । ଜାଣି ନେଲି, ଏ ଗସ୍ତଟା ତାଙ୍କର ବୋଧହୁଏ ନୂଆ'ବୋହୂଙ୍କ ପାଖକୁ ।

ତା'ପରେ ମୁଁ ବୋଉକୁ ଘର କାମରେ ଖୁବ୍ ସାହାଯ୍ୟ କଲି । ବୋଉ ପୁତୁରାର ଚର୍ଚ୍ଚାରେ ନୁଟି କୋଉଠି ସେ ରଖୁ ନାହିଁ ।

ତା' ଆରଦିନ ପରେଶ ଭାଇ ଆମ ଘରୁ ବିଦା ହୋଇଗଲେ । ବାପା ତାଙ୍କ ସହିତ ଷ୍ଟେସନ୍ ପର୍ଯ୍ୟନ୍ତ ଗଲେ । ମନ ମୋର ଆଦୌ ଭଲ ଲାଗିଲା ନାହିଁ ।

ମନ ମୋର ଭୁଲାଇବା ପାଇଁ ନୂଆବୋହୂଙ୍କ ପାଖକୁ ଟିକିଏ ଚାଲିଗଲି । ମତେ ଦେଖି ନୂଆ'ବୋହୂ ହସି ହସି କହିଲେ—କିହୋ, ଭାରି ତ କାହିଁକି ଏବେ ଆକଟିଲଣି ?

ଈଷତ୍ ବିରକ୍ତ ହୋଇ ଥଙ୍ଗାରେ କହିଲି—ହେଉ୍ ।

ନୂଆବୋହୂ କହିଲେ—ହଉ, ଦେଖିଛ। ଫଳରେ ଯେ ! ଇଏ କଟକିଆଣୀ, ମଫସଲିଆଣୀଙ୍କ ଭିତରେ କଏ ଜିତାପଟ ନେଇଛନ୍ତି ।

ଭାବିଲି—ଛି, ଛି ! ଏ ପରେଶ ଭାଇ ସତେ କି ଅଭଦ୍ର । ମୋ କଥା କଣ ସେ ନୂଆବୋହୂଙ୍କ କାନରେ ଫୋଞ୍ଚି ଦେଲେଣି । ସତେ ସେ କ'ଣ ଭାବୁଥିବେ ମତେ ?

ନୂଆବୋହୂ କହି ବସିଲେ—କାଲି ଦିନଯାକ ଏ ଘରେ କାହିଁକି ଗୋଡ଼ ପଡୁ ନ ଥିଲା ?

ଝିଙ୍କାରି ଉଠି କହିଲି— ଛି, ଛୋପଡ଼ି । ସେ ବେହେଲା କଥା ଗୁଡ଼ାକ ମୋ ଦେହରେ ଯିବ ନାହିଁ ।

ନୂଆଁବୋହୂ କହିଲେ—ହଉ ଥାଉ, ଥାଉ । ଏଥର ତୁଣ୍ଡରେ ପଡ଼ିଛି ଆମର ଶହେ ଚଉବାଳିଶ ଧାରା··· ।

ଟିକିଏ ଗମ୍ଭୀର ପଚାରିଲି—ନୂଆଁବୋହୂ ! କାଲି ପରେଶ ଭାଇଙ୍କ ସଙ୍ଗରେ ତମର କି କଥା ପଡ଼ିଥିଲା କି ?

ନୂଆଁବୋହୂ କହିଲେ—ଏତେ ବେଳକୁ ପୁଣି ନୂଆବୋହୂକୁ ପଚାରିବ ନୁହେଁ ?

କହିଲି—ନ କହିଲେ ନାହିଁ ତେବେ ।

ସେ ମୋ ପଣତ କାନି ଭିଡ଼ି ଧରି ବସାଇଲେ, କହିଲେ—ବସ, ବସ, ତମକୁ ତାଙ୍କ ଆଖି ବାଣ । ତମେ ଭାବୁଥିବ, ପରେଶ ତମ କଥା ମୋ ଆଗରେ ଖୋଲି କହିଛନ୍ତି, ତା କେବେହେଁ ନୁହେଁ ? କାଲି ଖାଇବେଳେ ତମ କଣ ଘର ଯାଉଁଳି କବାଟ ପାଖରେ ଚୁପ୍ ଚାପରେ ଛିଡ଼ା ହୋଇ ତମ ଦିହିଁଙ୍କ କଥାବାର୍ତ୍ତା ମୁଁ ନୀରବରେ ଶୁଣୁଥିଲି ସେଠି । ମନରେ କିଛି ଭୟ କରନା । ମୁଁ ତମକୁ କେବେହେଁ ବୁଡ଼ାଇ ଦେବି ନାହିଁ । ମୁଁ ପରା ତମର ଗୋଟିପଣି, ଲାଜରେ ମୁଣ୍ଡ ମୋର ତଳକୁ ହୋଇଗଲା ।

ଆଉ ମୁଁ ତାଙ୍କୁ ଲଜ୍ଜରେ କିଛି କହିପାରିଲି ନା । ସେ ମୋ ପଛେ ପଛେ ଲାଗିଥାନ୍ତି । ମୁଁ କାଲିକାଲିଆ ହୋଇ ଦଉଡ଼ି ଆସିଲି ଆମ ଘରକୁ ।

ଏଡ଼େ ବଡ଼ ଗୁପ୍ତ କଥାଟା ଆଜି ତୃତୀୟ ଜଣକ ପାଖରେ ପ୍ରକଟ ହୋଇଗଲା ବୋଲି ପେଟକୁ ଆଉ ମୋର ଦାନା ଗଲା ନାହିଁ ।

ଛି, ଛି, ଏ ପ୍ରୀତି କି ବିଷମ ପରୀକ୍ଷା ।

ଦିନ ଅନେଇଁ ଅନେଇଁ ଆଠଦିନ ଗଡ଼ି ଗଲାଣି । ଜୀବନର ଧାରା ସମାନ୍ତର ହୋଇ ସମୟ ସାଥିରେ ପ୍ରତିଯୋଗିତା ଚଳେଇଛି ।

ଗଲାଦିନ, ପରେଶ ଭାଇ ଆମ ଘରକୁ କେବେ କେମିତି ଚିଠି ଖଣ୍ଡେ ଖଣ୍ଡେ ଦଅନ୍ତି । ମୁଁ ସିଧା ସଳଖ ଭାବେ ତାଙ୍କ ପାଖକୁ ଚିଠିପତ୍ର ଲେଖାଲେଖି କରେ ନାହିଁ । ସବୁ ଚିଠି ମୋର ବୋଉ ନାଁରେ ଯାଏ । ମନଟା ବେଶୀ ମୋର ବିକଳ ହୁଏ ।

ଉମା ଚିଠି ଦିଏ ସାଲଗାଁରୁ । ଭାଇ ତିନି ଚାରିମାସ ଗାଁକୁ ଯାଉ ନାହାନ୍ତି । ଟଙ୍କା ପଇସା ପଠାଇବା ତ ଦୂରର କଥା ।

ମାଈପୀ ମନଟି ମୋର ଫିକା ପଡ଼ିଯାଏ । ଦୂରରେ ରହିଲେ ମଣିଷ ମଣିଷକୁ ସିନା ଏମିତି ପାଶୋରି ପକାନ୍ତି ।

ବାପା ମଧୁପୁର ଜମିଦାରୀ ଛାଡ଼ି ପନ୍ଦରଦିନ ହେଲା ଆସି ଗାଁରେ ବସିଲେଣି । ଦେଶରୁ ସରକାର ଜମିଦାରୀ ଉଠାଇ ଦେଲେଣି । ସବୁ ଜମିଦାରୀ ସରକାରଙ୍କ ହାତକୁ ଗଲା । ଯା ଭିତରେ ତାଙ୍କର ଗୋଟା କେଉଁଠୁଁ ପରୱାନା ଆସିଥିଲା—ପାଞ୍ଚଶ ଟଙ୍କା ନଗଦ ଜମା, ହଜାର ଟଙ୍କାର ଜାମିନାମା ଦେଲେ, ପଚିଶ ଟଙ୍କାର ଚାକିରୀ ମିଳିବ ।

ବାପା ଦେଖିଲେ ଏଣିକି ଆଉ ସେ ଇନ୍ଦିବାସୀ ଅମଳର କାମ ଚଳିବ ନାହିଁ । ବିପଦ ଅଛି ଏଥିରେ ।

ସେଥିପାଇଁ ମୂଳରୁ ସେ ନାହିଁ କରି ଦେଇ ଆସିଲେ । ଠାକୁରେ ଯାହା ଆମକୁ ଦେଇଛନ୍ତି ଏଣିକି ବାପା ଗୁଜର ନ କଲେ ବା ଚଳେ ।

\+ + + +

ସେଦିନ ସଞ୍ଜବୁଡ଼ । ବାପା ଶିବେ ପୂଜା କୂଳରୁ . ଫେରିଏ ବୁଲି ଆସି ମତେ କହିଲେ—ମା, ଆଜି ତୋ ହାରମୋନିୟମ ଧରି ଗୋଟିଏ ଜଣାଣ ବୋଲିଲୁ ।

ସଙ୍ଗେ ସଙ୍ଗେ ବାପାଙ୍କ କଥା ମାନିଲି ।

ହାରମୋନିୟମ୍ ରେ କାଳି ବାବୁଙ୍କର 'ଟଙ୍କା ତୋଳା କମ୍ପା ଊକା, କମ୍ପା ଊକା ନ ଶୁଣି' ଗୀତଟି ଗାଇ ବସିଲି । ବାପା ଆଖି ବୁଜି ଆନନ୍ଦ ଗଦ୍ ଗଦ୍ ହୋଇ ଆତ୍ମବିଭୋର ହୋଇ ଯାଉଥିଲେ ।

ବୋଉ ଦୁଆର ମୁହଁରେ ବସି ଲଣ୍ଠନ ଆଲୁଅରେ ପାନ ଭାଙ୍ଗୁଥାଏ ।

ନାଥିଆ ଦାଣ୍ଡରୁ ବାଲ୍‌ଟି ଦୁଇଟା ଧରି ଆସି କହିଲା—ମା', ଗାଈ ଦୁହିଁ ଦେଲିଣି । ଦୁଧ ଦୁଇବ, ଡେକଟା ଟିକିଏ ବଢ଼େଇ ଦିଅ ।

ବୋଉ ତା' ହାତକୁ ବଢ଼ାଇ ଦେଲା । ନାଥିଆ ଗୁହାଳ ଆଡ଼େ ମୁହାଁଇଲା ।

ମୋର ଗୀତ ବୋଲା ସରିଥିଲା ।

ବସୁ ବସୁ ବୋଉ କହିଲା—ଭଲ ଆଉ ତୋ ସଙ୍ଗରେ ଏବେ ଆଉ ସାଙ୍ଗ ହେଉ ନାହିଁ କିଏଲେ ?

କହିଲି—ଦି 'ଦିନ ହେଲା ଆସିଲଣି, ଘରୁ କାହିଁ ତ ବାହାରୁ ନାହୁଁ ?

ବୋଉ ଆମକୁ ଶୁଣାଇ କହିଲା—ପାଠ ଦି'ଅକ୍ଷର କଣ ପଢ଼ନ୍ତି ବୋଲି ଏ ଟୋକାଟା ଏବେ ଭାରି ମନମୋଟି ହେଲାଣି । ପଢ଼ି ସାରିଲେ ବୋଧହୁଏ ଏ ଗାଁଟାକୁ ଓଲଟାଇ ପକାଇବ ।

ବାପା କହିଲେ—ଛାଡ଼, ପର କଥାରେ ଆମର ଯାଏ ଆସେ କଣ ?

ବୋଉ କହିଲା—ତମେ ସବୁ ତାକୁ ଏତେ ଟେକୁଥିଲ ? ଦେଖ, ପଦାକୁ ଗୋଡ଼ କାଢ଼ିଲେ ଝିଅ ଏମିତି ଫାଙ୍କଲମି ଦେଖାନ୍ତି । କୋଉ ଦଟପାଟି, କଲେଜରେ ଏ ହାତ ଧରିବ କେଜାଣି ?

ବାପା କହିଲେ—ବାସ୍ତବିକ ତା ପ୍ରତି ମୋର ଆଗେ ଖୁବ୍ ଭଲ ଧାରଣା ଥିଲା ।

ବୋଉ ତା'ପର କହି ବସିଲା—ଶୁଣି ନା କି ? ଆଜି ତାଙ୍କର ମା ଭାଇ ଭଉଣୀ ସଭିଏଁ କୁହା କୁହି ହେଉଥିଲେ ଏ ଝିଅ କୁଆଡେ ପୁଣି ବାହାରିଲାଣି କଲିକତା । କ'ଣ କି ବୃତ୍ତି ନେଇ ସେଠି ଶାନ୍ତି ନିକେ-ତନରେ ପଢ଼ିବ ।

ବାପା କହିଲେ—ହଁ, ଶାନ୍ତି ନିକେତନ ଭାରତରେ ଗୋଟିଏ ଆଦର୍ଶ ଅନୁଷ୍ଠାନ । ସବୁ ପ୍ରକାର ବୈଷୟିକ ଟ୍ରେନିଂ ପାଇବାର ସେଠି ସୁବିଧା ରହିଛି । ଚରିତ୍ର ନିର୍ମଳ ରଖି ପାରିଲେ ସବୁଠି ମଣିଷ ପ୍ରଶଂସାର ପାତ୍ର ହେବ । ଦେଶରେ ଦେଖ କେତେ ବଡ ବଡ଼ ନାରୀ କର୍ମୀ ବାହାରୁଛନ୍ତି ।

ବୋଉ, ବାପଙ୍କୁ କହିଲା—ତମେ କାହାକୁ ନେଇ କାହା ସାଙ୍ଗରେ ଯୋଡୁଛ ! ଏ ଛଳ ଯେମିତି ଢ଼ଙ୍ଗ ଧଇଲାଣି ସେ ଫେଟରେ କୋଉ-କାଳେ ଦେଶକାମ କରିବ ।

ବାପା କହିଲେ—ତମେ ଏମିତି ଖାଲି ହସରେ ଉଡ଼ାଇ ଦେଲେ ହେବ ।

ବୋଉ ପୁଣି କଥା ନଧରେଇ କହିଲା—ଆମ ପରେଶ ବାବୁ ଯାଉଛନ୍ତି ତାଙ୍କୁ କଲିକତାରେ ଛାଡ଼ି ଦେଇ ଆସିବାକୁ ।

ବାପା ଟିକିଏ ଆଶ୍ଚର୍ଯ୍ୟ ହୋଇ କହିଲେ—ପରେଶ !

ବୋଉ କହିଲା—ହଁ, ହଁ, ଆମ ପରେଶ । 'ଜାଣିଛ, ସାପ ବଢିଲେ ଚକ୍ର ବଢୁଛି । ଦୁନିଆରେ ବିଶ୍ୱାସ ନାହିଁ କାହାକୁ । ଭିତରେ ଭିତରେ ବୁଢ଼ା ବୁଢି ପଢ଼ୁଥିରେ ପରେଶ । ତାକୁ ଏ ପର୍ଯ୍ୟନ୍ତ ଚିହ୍ନି ନ ଥିଲ ମଣିଷ । ବଡ଼ ଭଲ ମୁହାଁ କାଙ୍କ ସିଏ । ତା' ଲାଗି ମୋ ଝୁଅ ନାଁରେ ସିନା ଏ ଗାଁରେ ଦୁନାମ ରହିଲା । ଆଜିକା କାନରେ ସଭିଙ୍କର ବାଜୁଛି ଯେ— ।

ବାପା କହିଲେ—ଗୃହିଣୀ ବାକ୍ୟର ଛୁଆ ପରେଶ ଯାଉଛି କଲିକତା । ସେ କୁଆଡ଼େ ପରୀ "ଲ" ପଢୁଛି ?

ବୋଉ କହିଲା—ତମେ ନିଷ୍କପଟି ମଣିଷ । ଏତେ ଛନ୍ଦ କପଟରେ ପଶିବ କାହିଁକି ? ଝିମା ପରା ଚିଠି ଲେଖିଛି—ଷାଠିଏ ଟଙ୍କା ଦରମା ପାଉଛି, ପଇସାଟିଏ ଦେଉନାହିଁ ; ଚୌଦମାସ ହେଲା ଘର ବୋଲି ନା ଧରୁ ନାହିଁ । ଚିଠିପତ୍ର ତ ବିଲକୁଲ୍ ବିବର୍ଜିତ । ଖଣ୍ଡେ ଅଧେ ଏଠିକି ଚିଠି ଦେଉଥିଲା, ମାୟା ଲଗାଉଥିଲା ମନରେ । ସେ ବି ତ ହେଲା ସାତ ସପନ । ଆଉ ପରେଶ କଥା କ'ଣ କହୁଛ, ଅସଲ ମଉନ ମୁହାଁ ସେ ?

ବାପା ବିସ୍ମିତ ହୋଇ କହିଲେ—ତାହେଲେ ପରେଶ କ'ଣ··

ବୋଉ କହିଲା—ଦେଖ, ବୋଉ ପାଣି କୁଆଡ଼େ ବହୁଛି । ଏଇଠ ମୁଁ ଗୋଟ ଚୁଲି ମାଉସୀଠା ବଖାଣୁ, ମତେ ଏମାନେ ଟିକିଏ ପଚାରୁ ନାହାନ୍ତି ।

ବାପା ଅତି ବିବ୍ରତ ହୋଇ ପଡ଼ି ଡାକିଲେ—ନାଥିଆ ?

ନାଥିଆ ଦୁଆ ବଢାଠା ବୋଉ ହାତକୁ ଠେକି ଦେଇ ଦେଇ କହିଲା—ଆଜ୍ଞା ?

ବାପା କହିଲେ—ଶୀଘ୍ର ଲଣ୍ଠନଟା, ଆଉ ବାଡ଼ି ଖଣ୍ଡେ ଧର୍ । ମୋ ସାଙ୍ଗରେ ଆସିବୁଟି, ବଡ଼ ଅନ୍ଧାରୁଆ ହୋଇଛି । ମୁଁ ଅବଶ୍ୟ ଯାଇଁ ରମେଶକୁ କହି ଦେଇ ଆସୁଛି, ପରେଶ ଆମର କଲିକତା ଯାଇ ପାରିବ ନାହିଁ । ସେ ବର୍ତ୍ତମାନ ପାଠ ପଢୁଛି, ତା'ର ଅନନ୍ତ ଭବିଷ୍ୟତ ଆଖି ଆଗରେ । ମୁଁ ବଞ୍ଚିବା ଯାଏ ଏ ଭଳି ଛତରା ଝିଅ ସହିତ ପରେଶର ସମ୍ବନ୍ଧ କେବେହେଁ କରେଇ ଦେବି ନାହିଁ ।

ବୋଉ ତା'ପର ବାପାଙ୍କୁ କହିଲା—ଏ ଗୁଡ଼ାକ ତମର କି ବାଜେ ପ୍ରକୃତି ? ଗାଁ ଭିତରେ ନିଜ ନିଜ ଭିତରେ ମନାନ୍ତର କି ମତାନ୍ତର ହେବ, ଏଇଟା କଣ ଦାଣ୍ଡକୁ ସୁନ୍ଦର ଦିଶିବ ? ପରେଶ ପର ପୁଅ, ଆମର ତା' ଉପରେ କଣ ଅଧିକାର ଅଛି ? ଆମେ ତା' ବାପ ମା'ଙ୍କୁ ଲେଖି ଜଣାଇ ଦେବା ପଛେ ।

ନାଥିଆ କହିଲା—ବାବୁ ସେଇୟା ପଛେ କରନ୍ତୁ ।

ବାପା ବିରକ୍ତ ହୋଇ କହିଲେ—ବେଶ୍, ମୁଁ ସେଇୟା ପଛେ କରିବି । ପରେଶର ତରଫରେ ମୁଁ କେବେହେଁ କଳଙ୍କ ଦେଖିବି ନାହିଁ ।

ନାଥିଆ କହିଲା—ମା, ଭଲ ହେଲା କଣ କଲିକତା ବାହାରିଲେଣି ? କାଲି ସକାଳୁ ଭାଇ ଭଉଣୀ ଦୁହେଁ କଟକ ଯାଉଛନ୍ତି । କଟକ ପଢ଼ା ତାଙ୍କର ସରିଗଲା ପରା !

ବାପା କହିଲେ—ତୁ ବି ଏକଥା ଶୁଣିଛୁ ?

ନାଥିଆ ଜବାବ ଦେଲା—ଆଜ୍ଞା ହଁ ।

ବାପାଙ୍କ ମନ ଦୋ'ଖଣ୍ଡ ହୋଇଗଲା । କିଛି ସମୟ ପରେ ମୋତେ କହିଲେ—ମା, ଗୁ ଠିକେ କରିଆଣି ମୋତେ ଦେଲୁ ?

ମୁଁ ତା'ପର ଗୁ ଆଣିଦେଲି ।

ସାରା ରାତିଟା ତାଙ୍କର ଚିନ୍ତାରେ କଟିଲା ।

ଭାବନାରେ ମୋର ଆଦିଅନ୍ତ ନାହିଁ । ଭାବ ଭାବ କେତେ-ବେଳେ ଆଖିକୁ ମୋର ନିଦ ଆସି ଯାଇଛି, ତା' ମୋତେ ଜଣା ନାହିଁ ସେଦିନ ।

ଦି'ମାସ ଗଡ଼ିଲା ।

ଆମ ଗାଁ ପାହାଡ଼ ତଳେ ଫାଙ୍କାଳିଆ ବରଗଛଟିଏ କୋଉ ମାନଧାତା ଅମଳରୁ ମୁଣ୍ଡ ଟେକି ଛିଡ଼ା ହୋଇଛି । ତା'ର ମୂଳେ ଘେରିଆ ଘେରିଆ ଗୋଲ ଖଣ୍ଡିଏ ପେଲଖା ତିଆରି ହୋଇଛି, ଏଇଟି ଆମ ଗାଁ ହାଟ । ହାଟ ପାଳି ପଡ଼େ ପ୍ରତି ଶନିବାର, ମଙ୍ଗଳବାର । ଆଖ ପାଖ ଗାଁ ଗଣ୍ଡାରୁ କେତେ ହାଟୁଆ ଆସନ୍ତି । ହାଟ ପାଳି ଦିନ ହୋ' ହୋ' ଘୋ' ଘୋ' ରେ ଗାଁ ଦାଣ୍ଡ ଫାଟି ପଡ଼େ ।

ଦି'ମାସ ପରେ ଏଇ ଆମ ଗାଁ ହାଟରେ ବାପା ଆମର ଗୋଟିଏ ଧାନ କଳ ଆଣି ପକେଇଛନ୍ତି । ସରକାରଙ୍କ କୃଷି ବିଭାଗରୁ ଅଧା ଦାମ୍‌ରେ ଧାନ କଳଟି କିଣିଛନ୍ତି । ଭାରି କାମ ଦେଉଛି ଆମକୁ ।

ମୋର ଆଜି କାଲି କ'ଣ ହେଉଛି କେଜାଣି, ମୁଁ ନିଜେ ବି ବୁଝି ପାରୁ ନାହିଁ । କେଉଁଆଡ଼କୁ ମୋର ମନ ନାହିଁ । ମନରୁ ସବୁ ସରସତା ଯେମିତି କୁଆଡ଼େ ଉଭେଇ ଗଲାଣି ।

ସେଦିନ ସକାଳୁ ଶୁଣିଲି, ବଉଳ ଘର ଗୋକର ଟୋକା ଫେରିଛି କଟକରୁ । ପରେଶଭାଇ କୁଆଡ଼େ କଲିକତା ଯାଇଛନ୍ତି ବଉଳକୁ ଛାଡ଼ିବା ପାଇଁ । କଥାଟା କେବେ ମିଛ ନୁହେଁ । ଖାଣ୍ଟି ସତ ।

ଆମ ବାଡ଼ି ବଡ଼ କୋଳିଗଛ ଛାଇତଳେ ବସିଥିଲି । ସାମ୍ନାରେ ଦିଶିଲା ବିଲ ପଡ଼ିଆ ମାଳ । ଦି'ଚାରିଖଣ୍ଡ ବିଲ ମଝିରେ ହଳଦୀ

ଗୁରୁଗୁରୁ ସୋରଷ ଫୁଲ ଧାରି ପବନ ହୁଲ୍ଲୋଳରେ ଲହଡ଼ୀ ଭାଙ୍ଗୁଛି ।
ଦିଗ୍‌ବଳୟ ତଳେ ତଳେ ଖରା ଚିକ୍ ଚିକ୍ ଦିଶୁଛି ଆଖିକି ।

ନାଥିଆ ବିଲରୁ ଫେରିଲା ସେହି ବାଟେ । ମୋତେ ଅନାଇ କହିଲା—ଦେଈ, ଘର କ'ଣ ନାହିଁ ! ଏ ଖରବେଳୁଟାରେ ଏଠି ଏକାଠିଆ ବସିଛ କାହିଁକି ?

କହିଲି—ଟିକିଏ ଭଲ ଲାଗୁଛି, ବସି ପଡ଼ିଛି ଏଠି ।

ନାଥିଆ ବୁଝି ସାରିଲାଣି ମୋ ମନ କଥା । ଏଇ ଘରେ ଖଟି ଖଟି ସେ ଆସି ବୁଢ଼ା ହେଲାଣି । ପୁଅ, ଝିଅ, ଭାରିଜା ସବୁ ତାର ବାଟ କାଟି ଚାଲିଗଲେ ହଇଜାରେ । ଘର ଉଢ଼ ଖଣ୍ଡିକ ନିଲାମ କରିନେଲା ଜମିଦାର । ଅଉ ତାର ଆପଣାର ବୋଲି ଦୁନିଆରେ କେହି ନାହିଁ । ଆମରି ଘରେ ମୁଣ୍ଡ ପାତି ରହି ରହି ତା'ର ଜୀବନ ଆସି କଟି ଗଲାଣି । ଅମେ ବି ତାକୁ ପର ମଣିଷ ବୋଲି ଦିନେ କେବେହେଁ ଭାବି ନାହୁଁ । ନାଥିଆ ଆମର ଘରର ମଣିଷ, ସେ ନ ଥିଲେ ଆମ ଘର ଅନ୍ଧାର ।

ମୋ ପାଖରେ ଛିଡ଼ା ହୋଇ ମୋତେ କହିଲା—ଦେଈ ?

ଅନାଇଲି ତା' ମୁହଁକୁ ।

କହିଲା—ତୁମକୁ ଅନାଇଲେ ମୋର ଦିଶଣିର ଦୁଇ ହୋଇ ଆସୁଛି । କୋଳରେ କାଖରେ ଧରି ତମକୁ ମୁଁ ମଣିଷ କରିଛି । କ'ଣ ହେଲାଣି ଏ ଚେହେରା କୁହ ତ ?

କିଛି ଆଉ କହି ପାରିଲି ନାହିଁ ତାକୁ ।

ସେ ମୋତେ ବୁଝେଇ କହିଲା—କୁହ, ମତେ ତମର କ'ଣ କହିବାର ଅଛି । ବାପା, ବୋଉ କେହି ତମର ଜାଣି ପାରିବେ ନାହିଁ । ପଦେ ମୋତେ କେବଳ ଯିବାପାଇଁ କହିବ । ତା' ହେଲେ ମୁଁ କୋଉ ଠାକୁରାଣୀରେ ହେଲେ ଦିନକ ପାଇଁ ଏଠୁ ଖସି ଚାଲିଯିବ । ବୁଢ଼ା ଆସି ହେଲେଣି ଏ ଘରେ, ପରେଶବାବୁ କ'ଣ ଏ ବୁଢ଼ା କଥା ରଖିବେ ନାହିଁ ? ସୁନ୍ଦର, ଗୁଣରେ କୋଉ କଥାରେ ଝିଅର ଆମର ଊଣା ଅଛି ?

ପହିଲି ତାକୁ ମୁଁ ଯିବା ପାଇଁ ନାହିଁ କଲି ।

ତା'ପର ତାକୁ କହିଲି—ନାଥିଆ, ଆଜି କାହିଁକି ସେ କଥା ଭାବୁଛୁ ? ସେ ସହଜ କଥା ନୁହେଁ । ବୋଉର ସେଥିରେ ଆଦୌ ରାଜି ନାହିଁ, ବାପାଙ୍କ ମନ କଥା କିଛି ଧରି ହେଉ ନାହିଁ । ତା'ପର ବାବୁଙ୍କ ରାସ୍ତା ତ ଅନ୍ୟ ପ୍ରକାର ଦେଖୁଛୁ ?

ନାଥିଆ କହିଲା—ସଂପର୍କ ଗୋଟାଏ କଏ ଦେଖୁଛି ଏ ଯୁଗରେ । ମୁସଲମାନ୍ ଘରେ ତ ସେ ପ୍ରଥା ସେଠରେ ଆଗରୁ ରହିଛି । ଆମରି ପରି ରକ୍ତମାଂସ ଦେହ ତ ତାଙ୍କର । ଦୁଧ ବାରଣରେ ସବୁ କଥା । ତା'ପର ତମେ ବା କୋଉ ତାଙ୍କର ସହୋଦରୀ ଭଉଣୀ ହେଉଛ ଯେ ! ମନ ସଫା ଥିଲେ ସବୁ ଆଖିକି ସୁନ୍ଦର । ହଉ, ପରେଶ ବାବୁଙ୍କ କଥା ମୋତେ ଲଗିଲା ଦେଉଛି । ତମେ ଦୁଃଖ କରନା ମନରେ ।

'ସହାନୁଭୂତି ପାଇବା ଆଶାରେ ତା ମୁହଁକୁ ଶ୍ରଦ୍ଧାରେ ଅନାଇଲି ।

ତା'ପରେ ସେ ମୋତେ ପଚାରିଲା—ତା'ହେଲେ ମୁଁ କଠକ ଯାଉଛି ?

କହିଲି—ହଉ ତୋ ଇଚ୍ଛା । ତେବେ ମାସେ ପନ୍ଦରଦିନ ଛାଡ଼ି ଦେଇ ଗଲେ ଭଲ ହୁଅନ୍ତା । ଅବଶ୍ୟ ସେ କଲିକତାରୁ ଫେରିଥିବେ କି ନାହିଁ ସନ୍ଦେହ ।

ନାଥିଆ ମୋର ପ୍ରକୃତରେ ଭାରି ବିଶ୍ୱାସୀ । ତାଁ ଋଣ ମୁଁ ଜୀବନରେ ପରିଶୋଧ କରି ପାରିବି ନାହିଁ । ମୋ ଠିଁ ତା'ର ଭାରି ସ୍ନେହ ।

ତା'ପରେ ସେ ମୋ କଥାରେ ରାଜି ହେଲା । ଆଜି ମୋତେ ବାଞ୍ଚରେ ବସେଇ ଦେଲା ନାହିଁ । କହିଲା—ଦେଉଛି, ଘର ଅଡ଼େ ବୁଲି, ମୋତେ ପରା ସୁନ୍ଦର ଦିଶୁ ନାହିଁ ଏଇଠା ।

ଆଉ ତା' କଥାରେ ହଁ ଚିଁ କିଛି ନ କହି ଉଠି ଆସିଲି ଘର ଆଡ଼କୁ । ଘର ଗୃହରେ ଲୋଟଣୀ ପାରଟି ତା' ବସା ଭିତରେ ବସି ଘୁମୁଚୁ ଥିଲା । ଚନ୍ଦ୍ରାକ୍ରାନ୍ତ ଅବଶ ଦେହଟି ମୋର ଦୁଃଖରେ ଥର ଥର ହେଉଥିଲା ।

ବାଇଙ୍କ କାମ ଏ ଘରେ ଲାଗି ରହିଛି । ନାଥିଆ ଉପରେ ଘରର ସବୁ ଦାୟିତ୍ୱ । ତାକୁ ଡର ମିଳୁଛି କେଉଁଠି ?

ନାଥିଆକୁ କଟକ ଯିବା କଥା ମନେ ପକାଇ ଦେବାକୁ ମୋତେ ସରମ ଲାଗେ । ଭରସି କିଛି କହି ପାରେ ନାହିଁ ।

ଅନଉଁ ଅନଉଁ ଚୈତ୍ରମାସ ଆସି ପୂରିଲା ।

ଏବେ ଦିନେକେ ନାଥିଆ କଟକ ବାହାରିଛି । ଏଥର ପଦ୍ମିଙ୍କ ସବୁ ଠିକଣା କରି ଦେଇ ଆସିବ ବୋଲି ମୋତେ ଗଲାବେଳେ ସାନ୍ତ୍ୱନା ବାଣୀ ଶୁଣାଇ ଦେଇଛି ।

ବାପାଙ୍କୁ କହି ସେ କଟକ ଗଲା । ବୋଉ ଶଙ୍କିବ ବୋଲି କିଛି କହି ନାହିଁ ତାକୁ ।

ଗତ ଅଭିମାନରେ ଚିଠି ଆଉ ତା' ହାତରେ ଦେଲି ନାହିଁ । ମୁଁ ଭଲ ଭାବରେ ଜାଣେ ସେ ପଥର ହୃଦୟ ଆଉ କାହା ଚିଠି ଖଣ୍ଡିକରେ ଏଣିକି ତରଳି ଯିବାର ନୁହେଁ ।

ମନରେ ପରେଶ ଭାଇଙ୍କ ପ୍ରତି ମୋର ସନ୍ଦେହ ଲୁଚିଲା ଦିନୁ ମୁଁ ଆଉ ମୋ ହସ୍ତାକ୍ଷର ତାଙ୍କ ପାଖକୁ ପଠାଉ ନାହିଁ । ଭାରି ଡର ମାଡୁଛି ମୋତେ । ନିଜ ନାଁରେ ତାଙ୍କ ପାଖକୁ ଚିଠି ଲେଖିଥିଲେ ଅବସ୍ଥା ମୋର ଆସି ଶେଷ ହୁଅନ୍ତାଣି ।

**ନାଥିଆ** ଏଥର କଟକ ଗଲା, ଚୈତ୍ର ଦିନ ଭିତରେ ଫେରିବ ବୋଲି ମତେ କଥା ଦେଇ ଯାଇଛି । କଣ କରୁଛି କେଜାଣି !

ଅନାଇ ରହିଛି ମୁଁ ନାଥିଆର ଆସିବା ବାଟକୁ । ସବୁ ଦେଖି ଆସିବ ସେଠି । ଟଙ୍କା ପଇସା ହିସାବର ଢେର୍ ନେବ, ବଉଳ ବଣସ୍ତୁ ନେଇ ତାଙ୍କ ସଙ୍ଗ ସାଥୀଙ୍କଠୁ ବହୁତ କଥା ଶୁଣି ଆସିବ । ବଉଳ ସଙ୍ଗରେ ଯେବେ ତାଙ୍କ ହାତ ମିଳିଥିବ, ସେ ଖବର ବି ସେଠୁ ବୁଝି ଆସିବ ।

ନାଥିଆ ମୋତେ କିଛି ଲୁଚାଇବ ନାହିଁ । ଠିକ ନିଖି ସବୁ ସେ ଗପିବ ମୋ ଆଗରେ ।

ନାଥିଆ ଗଲା ଦୁଇଦିନ ପରେ, କଟକରୁ ବାପାଙ୍କ ପାଖକୁ ଗୋଟାଏ ଟେଲିଗ୍ରାମ ଆସି ପହଞ୍ଚିଲା—"ଚଞ୍ଚଳ କଟକ ଆସନ୍ତୁ । ପରେଶ ବାବୁଙ୍କ ଅବସ୍ଥା ଶୋଚନୀୟ, ଉମା ଦେଈ ପ୍ରଭୃତି ସମସ୍ତେ ଏଇଠି ଅଛନ୍ତି । ଭ୍ରମର—ନାଥ ।"

ଟେଲିଗ୍ରାମଟା ପାଇ ବାପା ବ୍ୟସ୍ତ ହୋଇ ପଡ଼ିଲେ । ବୋଉକୁ ଡାକି କହିଲେ—ଶୁଣିଲଣି ନୀଳା ବୋଉ ? ପରେଶ ଭାରି ଅସୁସ୍ଥ । ନାଥିଆ ଟେଲିଗ୍ରାମ ପଠାଇଛି । ନ ଗଲେ ନ ଚଳେ । ଉମା, ଆଉ ତମ ଝିଅଁଣୀ ହେରିକା କଟକରେ । ତମ ଭେଣେଇଙ୍କ ପାଖକୁ ତାର ବୋଧହୁଏ ଯାଇ ନାହିଁ ।

ବାପାଙ୍କଠୁଁ ଖବର ଶୁଣି ମୁଁ ବ୍ୟସ୍ତ ହୋଇ ପଡ଼ିଲି । ସକାଳ ପହରୁ ଡାହାଣ ଆଖିଟା ଡେଉଁଛି । ହାଡ଼ୀଆଟିଟା ବି ଡେଇଁଲଣି ମୋ ମୁଣ୍ଡ ଉପରକୁ ।

ବୋଉ ବାପାଙ୍କୁ କହିଲା—ଯାହା ମନରେ ଯାହା ଥାଉ ପଛେ ତମେ ଚଞ୍ଚଳ ଯାଅ । ଝିଅଁଣୀଟା ମୋର ନାଥିଆ ହାତରେ ଏ ଟେଲିଗ୍ରାମ

କରାଇଛୁ । କଥାରେ କହିଛୁ, ନଈ ଅଲ ଦଏ, ବନ୍ଧୁ ବଳ ଦଏ । ସେତେବେଳେ ଦୁଅରେ ଠିଆ ହେବା ନାହିଁତ ଆଉ ଠିଆ ହେବା କେତେବେଳେ ।

ପିଣ୍ଡାରେ ଛିଡ଼ାହୋଇ ବାପା ଦାନ୍ତ ଖୁଣ୍ଟୁ ଥିଲେ । କହିଲି, ବାପା, ମାଉସୀ ଜମା ହେଉନି । ସବୁ କଟକରେ ଅଛନ୍ତି । ମୁଁ ଟିକିଏ ତମ ସାଙ୍ଗରେ କଟକ ଯାଇ ବୁଲି ଆସନ୍ତି ।

ବୋଉ କାନରେ ପଡିଲାକ୍ଷଣି ସଙ୍ଗେ ସଙ୍ଗେ କହି ବସିଲା, ପୁଅ ବେମାରରେ ମା' ମନ ପୋଡ଼ି ଯାଉଥିବ, ତୋ ଖବର ଅନ୍ତର ସେଠି ବୁଝିବ କିଏ ?

ଡ଼ରି ଡ଼ରି ମୁଁ କହିଲି—ମୁଁ ପିଲାବେଳେ ଥରେ କଟକ ଯାଇ-ଥିଲି । ବାପା ଯେତେବେଳେ ଯାଉଛନ୍ତି, ମୁଁ ଟିକେ ଯାଇଁ ବୁଲି ଆସନ୍ତି ।

ବାପା ତହୁଁ କହିଲେ—ହଉ, ତାକୁ ଆଉ ବାଧା ଦିଅନା । ଦିଅ, କେଇଖଣ୍ଡ ପିନ୍ଧିଲା ଲୁଗା ତାର ସୁଟ୍‌କେଶ୍ ଭିତରେ ସଜାଡି ଦିଅ । ସେଠି ସେ ରହିବ କାହିଁକି, ସାଙ୍ଗରେ ମୁଁ ତାକୁ ନେଇ ଆସିବି ପଛେ ।

ବୋଉ ଶେଷକୁ ମତେ ପଠାଇବାକୁ ରାଜି ହେଲା ।

ବାଡ଼ି ଦରଜା ବାଟେ ନୂଆବୋଉ ପଶି ଆସି କହିଲେ—କ'ଣ କଟକ ଯାଉଛ, ମାଲି ?

ମୁହଁରେ ଶୁଖିଲା ହସ ଫୁଟାଇ କହିଲି—ହଁ ।

ବୋଉ ତା'ପର ନୂଆବୋଉଙ୍କୁ ବରାଦ ଦେଲା—ମା' ତୋ ମା' ଅଖିଆଣି । ଟିକେ ଯା'ର ମୁଣ୍ଡଟା କୁଣ୍ଡାଇ ଦିଅନୁ କି ? ମୋ ମୁଣ୍ଡ ବନ୍ଧା ତ ତାର ମନକୁ କେବେ ଯାଏ ନାହିଁ ।

ବାପା କହିଲେ—ମା' ଝିଅଟି ଠିକେ ତୋ କାମ ତୁ ସାରି ପକା । ଗାଡ଼ି ଟାଇମ୍ ହୋଇଯିବ ।

ମନ ଏବେଶେ ପୋଡ଼ି ଯାଉଛି ଦୁଃଖରେ । ସଉକି ହେବା ପାଇଁ ମନ ଖାଲି ମାଡ଼ି ପଡୁଛି ? ବୋଉ ଉପରେ ସେଇଟି କାଁ, ଭାଁ ମୁଣ୍ଡିଟା ବାନ୍ଧି ପକେଇଲି । ସବୁ ଲାଗିଲା ମୋତେ ନିଆଁ ଗଦା ପରି ।

କଥାବାର୍ତ୍ତା କାହା ସଙ୍ଗରେ କରିବା ପାଇଁ ମୋତେ ଆଜି ଭଲ ଲାଗୁ ନାହିଁ । ମନ ରହିଲାଣି ପରେଶ ଭାଇଙ୍କ ପାଖରେ । କେମିତି ତାଙ୍କୁ ଯାଇଁ ଥରେ ଦେଖିବି, ନୟନ ମୋର ସାର୍ଥକ ହେବ ।

ସାମାନ୍ୟ ଜରରେ ସେଦିନ ବାଗୁଲା ପରି ହେଉଥିଲେ । ଆଜି ତାଙ୍କୁ କି ବେମାର ଧରିଛି ! ନାଥିଆ ତ ଟେଲିଗ୍ରାମରେ କିଛି ଆଉ ଖୋଲି କରି ଲେଖିଲା ନାହିଁ ।

ଅଧା ପାଗଳୀ ପରି ବାସୀ ଲୁଗା ଖଣ୍ଡିକ ପିନ୍ଧି ପକାଇ ବାପାଙ୍କ ସଙ୍ଗେ ବାହାରି ପଡିଲି । ଖାଇବା ପିଇବା କୋଉଥିରେ ଆଉ ମୋର ଧ୍ୟାନ ନାହିଁ ।

ନୂଆବୋହୂ, ଚାହିଁ ରହିଥାନ୍ତି ମୋ ଗତିବିଧି କୁ । ପ୍ରେମରେ ପଡିଲେ ଲୋକେ ଜଣଙ୍କ ପାଇଁ ଏମିତ ବାୟାଣୀ ହୋଇ ରାସ୍ତା ଘାଟ କିଛି ମାନନ୍ତି ନାହିଁ । ମୋତେ ହୁଏତ ସେ ସେହିପରି କିଛି ମନରେ ଭାବୁଥିବେ ।

ସଞ୍ଜ ଅନ୍ଧାରରେ ଆମ ଶଗଡ଼ ଗାଡ଼ିଟି ଚାଲିଥାଏ; ଷ୍ଟେସନ ମୁହାଁ ।

ଆମ ଗାଡ଼ି ଠେପି ଆସିଲାଣି ବାଟ କୋଶକ ପରେ । ଆଗରେ ଦିଶୁଛି ଷ୍ଟେସନ ଆଲୁଅ, ସିଗ୍ନାଲ୍ ଖୁଣ୍ଟ, ରେଲଲାଇନ୍, ମୁସାଫିର-ଖାନା ।

ବାପା, ମୁ ଦଦେ ଯାଇ ଇସ୍‌ଷ୍ଟେସନ୍‌ରେ ପହଞ୍ଚିଲୁ । ମତେ ମାଈପଙ୍କ ପାଖରେ ବସେଇ ଦେଇ ବାପା ଟିକେଟ୍‌ କିଣି ଆସିଲେ ।

ହୁଇସିଲ୍ ପରେ ପରେ ବାଷ୍ପ ମୂର୍ତ୍ତିରେ ଗାଡ଼ି ଆସି ଠିଆ ହେଲା । ସୁବିଧାରେ ମତେ ନେଇ ବାପା ଗାଡ଼ିରେ ବସାଇଲେ ।

ଚଳନ୍ତା ଗାଡ଼ି ଭିତରେ ଚାହିଁ ରହିଥାଏ ପଦାକୁ । ଆଉ କେତେ କେତେ ବାଟ । ଅଳପ ବାଟ ଏତେକ ବି ମୋର ଆଜି ସରିବାକୁ ନାହିଁ ।

ହେଲେ ଶୋଷ ନାହିଁ ମୋତେ । ଵିବ୍ରତ ହେଇ ପଡ଼ୁଛି ମୋର ଦୁଖିଲା ମନ । ପରେଶ ଭାଇ ମୋର କେତେ ବାଟରେ, କେତେ ଦୂରେ, କେତେବେଳେ ଆଉ ତାଙ୍କର ଚନ୍ଦ୍ରବଦନ ଦେଖିବି ?

ମାଇନର କ୍ଲାସରେ ଇତିହାସରେ ପଢ଼ିଥିଲି, "ହୁମାୟୁନ୍ ବେମାର ପଡ଼ିଥିଲବେଳେ ପୁଅ ବଞ୍ଚିଲା ବାବର ତାଙ୍କର ରୋଗ ବିଛଣା ଶୁଲ୍କ-ପାଖରେ ଘୁରି ଭଗବାନଙ୍କୁ ଡାକ କହୁଥିଲେ—"ହେ ଭଗବାନ, ପୁଅ ମୋର ଭଲ ହୋଇଯାଉ, ତା ରୋଗ କଷ୍ଟଟା ମୁଁ ପଛେ ଭୋଗ କରେ ।"

ଫଳରେ ଭଗବାନ ସେଇଆ କଲେ । ରୋଗରେ ଘାଣ୍ଟି ହୋଇ ହୋଇ ବାବର ନେତ୍ରକୁ ଆଖି ବୁଜିଲେ, ପ୍ରାଣପ୍ରତିମ ହୁମାୟୁନ୍ କିନ୍ତୁ ଭଲ ହୋଇଗଲେ ।

ଆଜି ମୁଁ ଜୀବନରେ ପରେଶ ଭାଇଙ୍କ ପାଇଁ ଦୁଃସାଧ୍ୟ ରୋଗ ଆଲିଙ୍ଗନ କରିବା ପାଇଁ ଗୁହେଁ । ପରେଶ ଭାଇ ମୋର ଶୀଘ୍ର ଭଲ ହୁଅନ୍ତୁ । ସେ ମୋର ଜୀବନର ସ୍ୱର୍ଗ, ନନ୍ଦନର ପାରିଜାତ । ଭଗବାନ୍ ମୋର ଏଇ ଦୁଃଖ ଗୁହାରି ଶୁଣନ୍ତୁ । ଦୁନିଆରେ ଆଜି ମୋର କୌଣସିଥିରେ ସୁଖ ଇଚ୍ଛା ନାହିଁ । ସଂସାର ମାୟା ମମତାରୁ ବିତୃଷ୍ଣା ଆସି ଗଲାଣି ।

ଭାବି ଭାବି ବ୍ୟସ୍ତ ହୋଇ ପଡିଲି ଗାଡି ଭିତରେ ।

ସେଇ ଘଣ୍ଟାକେ କଟକ ଷ୍ଟେସନରେ ଗାଡ଼ି ଲାଗିଲା । ଗାଡ଼ିରୁ ଓହ୍ଲାଇ ବାପା ମୁଁ ଦୁହେଁ ପ୍ଲାଟଫର୍ମ ଉପରେ ବୁଲାବୁଲି କରୁ ଥାଉ ।

କଟକ ଷ୍ଟେସନରେ ଅସୁମାରି ଯାତ୍ରୀ, ଭାରି ଭିଡ଼ । ବତୀଖୁଣ୍ଟରୁ ଝୁଲି ପଡୁଛି ଇଲେକ୍‌ଟ୍ରି ଆଲୁଅ ମାଳା ।

ବିନା ଟିକଟ୍‌ରେ ଗାଡ଼ି ଚଢିଥିବା ଗରିବ ଲୋକଟି ଧରା ପଡିଛି ଷ୍ଟେସନରେ । ପାଖରେ ଆଉ ଅଧିକ ପଇସା ରଖି ନାହିଁ । ଗାଣ୍ଠିଆ ଭିତରୁ କେବଳ ଯୋଡ଼ାଏ ଅଧିଲି କାଢି ଠିଆ ହୋଇଛି । ବଡ଼ ବିକଳ ତାର ମୁହଁ । ଟି ଟି ସି. ବାବୁ ଧମକେଇ ଚମକେଇ ନେଲେଣି ଓଏଟି- କୁମ୍ ଆଡେ଼ ।

ସେହି ଟି ଟି.ସି ବାବୁଙ୍କୁ ଟିକେଟ୍ ଦେଇ ଗେଟ୍ ବାହାରକୁ ଆସିଲୁ । ଆଗରେ ତେଲଙ୍ଗା ରିକ୍‌ସା ବାଲାଟା ଫିଙ୍କା ଟାଣି ରିକ୍‌ସା ଠିଆ କରିଛି ।

ବାପା ପଚାରିଲେ—ଆରେ, ରିକ୍‌ସା ଯିବୁ ?

ଦ'ଚାରିଟା ରିକ୍‌ସାବାଲା ଛୁଟି ଆସିଲେ ଆମ ପାଖକୁ ।

ବାପା ସେଇ ତେଲଙ୍ଗା ବୁଢ଼ାକୁ କହିଲେ—ଆମେ କଲେଜ ଛକ ଯିବୁ । କେତେ ନବୁ ?

ବୁଢା କହିଲା—ବାବୁ, ତିନିଅଣା ପଡିବ ।

ତା'ପରେ ବାପା, ମୁଁ ଦୁହେଁ ରିକ୍‌ସାରେ ବସିଲୁ । ଭିଡ ଭିତରେ ରିକ୍‌ସା କଟେଇ କଟେଇ ବୁଢ଼ା ବଡ଼ିବଡ଼ି ଭିଡ଼ି ଚାଲି ଥାଏ ।

ଆଖି ଆଗରେ ମୋତେ ଦିଶି ଯାଉଥାଏ ପରେଶ ଭାଇଙ୍କର ଗୋଟା ମୁହଁ । କେତେଦିନ ହୋଇ ଗଲାଣି, ଆଜି ମୋତେ ଚିହ୍ନୁଛନ୍ତି କି ନାହିଁ କେଜାଣି !

ସହରର ଜନାକାଣ୍ଡ ରାସ୍ତା ଉପରେ ରିକ୍‌ସା ଆଗେଇ ଚାଲିଛି । ସାମନା ହଲଦିଆ କୋଠା ପାଖରେ ରିକ୍‌ସା ଠିଆ କରାଇ ବାପା ପଚାରିଲେ—ପରେଶ ବାବୁ କୋଉଠି ରହନ୍ତି ?

ବାପାଙ୍କ ଡାକ ଶୁଣି ନାଥିଆ ଘର ଭିତରୁ ଦଉଡ଼ି ଆସିଲା, କହିଲା—ଏଇ ଘର ଅଛି ! ମାଲ ଦେଇ ବ ଅସିଛନ୍ତି ସାଙ୍ଗରେ ।

ବାପା, ମାଉସୀ, ମଉସା ସଭିଏଁ ଚାଲି ଆସିଲେ ବାହାରକୁ । ସମସ୍ତଙ୍କୁ ଦେଖି କାନ୍ଦି କି ମୁଁ କାନ୍ଦ ପକାଇଲି । ରିକ୍ସାବାଲା ପଇସା ନେଇ ବିଦା ହୋଇଗଲା । ମୁଁ ମାଉସୀ, ମଉସାଙ୍କୁ ନାମସ୍କାର ହେଲି ।

ବାପା, ମଉସାଙ୍କୁ ଦେଖି ନମସ୍କାର ହୋଇ କହିଲେ—କେବେ ଆସିଲେ ?

ମଉସା ପ୍ରତି ନମସ୍କାର ହୋଇ କହିଲେ—ଏଇ ଚାରିଦିନ ହେଲା ଆସିଲି ।

ବାପ ପଚାରିଲେ—ପୁଅର ଅବସ୍ଥା କେମିତି ଅଛି । କ'ଣ ହୋଇଛି ତା' ଦେହ ! ଟେଲିଗ୍ରାମ୍‌ଟା ପାଇବା ସାଥେ ସାଥେ ମୁଁ ଚାଲି ଆସିଲି ।

ମଉସା କହିଲେ—ଏବେ ଟିକିଏ ସୁସ୍ଥ ଅଛି । ଆଜି ସକାଳୁ ମେଡ଼ିକାଲ୍‌ରୁ ଡିସ୍‌ଚାର୍ଜ ହୋଇ ଆସିଛି । ଶୁଣିବେ ସବୁ, ସେ ଏକ ବଡ଼ କଥା । ବାବୁଙ୍କର ମୁଣ୍ଡ ଫାଟି ଯାଇଛି, ଡାକ୍ତର ବ୍ୟାଣ୍ଡେଜ୍ କରି ଯାଇଛି । ଡାକ୍ତରଖାନାରେ ଆଠ ଦିନ ରହିଲା ପରେ ଚାରିଆଡ଼କୁ ଟେଲିଗ୍ରାମ୍ ପଠା ଯାଉଛି । ତା'ର ଜଣେ ସାଙ୍ଗ ବ୍ରହ୍ମାନନ୍ଦ ବାବୁ କୌଣସିମତେ ଡାକ୍ତରଖାନାରେ ରଖାଇ ତାକୁ ଏ ବିପଦରୁ ରକ୍ଷା କରିଛନ୍ତି । ତିନି ଦିନ ପର୍ଯ୍ୟନ୍ତ ତା'ର ହୋସ୍ କୁଆଡ଼େ ନ ଥିଲା । ତା'ପର ଯାଇ ସ୍ୱାଡ଼ୁ ପାଗଳଙ୍କ ପରି ଗପୁ ଥିଲା । ଏ ଭଦ୍ରଲୋକ ବିଚାରି କୌଣସିମତେ ତା'ଠୁ ଠିକଣା ସଂଗ୍ରହ କରି ଆମମାନଙ୍କ ପାଖକୁ ଟେଲିଗ୍ରାମ୍ କରିଛନ୍ତି । କ'ଣ ଆଉ ଶୁଣିବେ, କଲିକତା ବାବୁଙ୍କର ତି ମାସରେ ଢ ଗୁଣଅର ଗସ୍ତ ପଡ଼ୁଛି । ଟଙ୍କା ଗୁଡ଼ାକ ହ୍ୱା' ପିଛ ଖର୍ଚ୍ଚ

ନ କରି ବ୍ୟାଙ୍କ୍‌ରେ ଜମା କରିଥିଲେ ହୁଏତ ହଜାର ହଜାର ଟଙ୍କା ସାଇତି ରଖିଥାନ୍ତେ ।

ବାପା ତା'ପରେ ମଉସାଙ୍କୁ କହିଲେ—ହଉ, ସେ କଥା ଥାଉ । ପିଲାଟା କେମିତି ଆଗେ ସୁସ୍ଥ ହୋଇ ଯାଉ ।

ତା ପରେ ଦୁହେଁ ଘର ଭିତରକୁ ପଶିଲେ ।

ଗୋଡ଼ ମୋର ଆଉ ଆଗକୁ ପଡ଼ୁନି ହେଉ ନାହିଁ । ହୃଦୟ ମୋର ଦୁଃଖରେ ମଥିତ ହୋଇ ଯାଉଛି ।

ଉମା ମୋ ହାତ ଧରି ଘରକୁ ନେଲା । ମାଉସୀ ବ୍ୟସ୍ତ ହୋଇ କହିଲେ—ଆଜି କଅଣ ଦେଖିଥାନ୍ତୁ ଲୋ ଝିଅ, ଚଣ୍ଡୀ ମା' ସିନା ଠିକ୍ ବେଳରୁ ଏ ଦେପାସଣାହାସ ପୁଅକୁ ମୋର ପାଇଲି ।

କହୁ କହୁ ମାଉସୀ ଦୀର୍ଘଶ୍ୱାସ ପକାଇଲେ ।

ମଝି ବଖୁରିଟିରେ ଖଟିଆ ଖଣ୍ଡିଏ ପଡ଼ିଥାଏ । ପରେଶ ଭାଇ ଯନ୍ତ୍ରଣାରେ ଚିତ୍କାର କରୁଥାନ୍ତି । ମୁଣ୍ଡରେ ପଟି ଭିଡ଼ା ହୋଇଛି । ଝରକା ବାଟେ ଦମକାଏ ଲେଖାଏଁ ଉତ୍ତର ପବନ ଘର ଭିତରକୁ ପଶି ଆସୁଛି ।

ମାଉସୀ ତା'ପର ଉମାକୁ ଡାକିଲେ—ଆ, ଦାଉଡ଼ି ଦାଉଡ଼ି ଏମାନେ ଆସିଲେଣି । କଣ ଦି'ଟା ଘରେ ଖାଇ ଆସିଥିବେ । ଆଗେ ତାଙ୍କ ପାଇଁ କଣ ବ୍ୟବସ୍ଥା କର । ପରେ ପଛେ ତା' ସାଙ୍ଗରେ ଗପ କରିବୁ ?

ତା'ପରେ ଉମା ମାଉସୀଙ୍କ ପଛେ ପଛେ ଚାଲିଗଲା ।

ମୁଁ କିଛି ସମୟ ପରେଶ ଭାଇଙ୍କ ପାଖରେ ଛିଡ଼ା ହେଲି । ଦେଖିଲି, ସେ ମତେ ଚିହ୍ନି ପାରୁ ନାହାନ୍ତି ।

ତା'ପରେ ତାଙ୍କ ଦେହରେ ଧୀରେ ଧୀରେ ହାତ ମୁଁ ହାତ ମାରିଲି । ସେ ବିଳିବିଳାଉ ଥିଲେ କିଏ ତୁ ? ନିଆଁଗା ଯା ଯା, ମୋ ଆଗରୁ ଯା । ଛୁଇଁ ନାହିଁ ମୋତେ ।

ଦୁଆରେ ସମସ୍ତେ ଗପ ଯୋଡ଼ିଥାନ୍ତି । ପରେଶ ଭାଇଙ୍କ ପାଖରେ ମୁଁ ଏକା ବସିଛି ।

ତାଙ୍କ ମୁଣ୍ଡର କୁଞ୍ଚକୁଞ୍ଚିଆ ବାଳ ଗୁଡ଼ିକ ହାତରେ ମୋର ଘାଉଁଳୁ ଘାଉଁଳୁ କହିଲି—ଚିହ୍ନି ପାରୁନା ମୋତେ ? ମୁଁ ତଲ ନୁହେଁ, ତମର ସେହି ପୂର୍ବ ପରିଚିତା ଆଦରର ନୀଳ । ଆଲୁଅ ଭିତରେ ଥରେ ଭଲ କରି ମୋ ମୁହଁ ଦେଖି ନିଅ ।

ସେ ସେମିତି ବକି ଗୁଳିଥାନ୍ତି ପାଗଳଙ୍କ ପରି—"ମୋ ସର୍ବସ୍ୱ ଲୁଟି ତୋ ମନସାଧ ମେଣ୍ଟିନାହିଁ ! ପୁଣି ହସି ହସି ଲାଗି ଆସୁଛୁ ମୋ ପାଖକୁ । ଅଉ କଣ ପାଇବୁ ମୋଠୁଁ ?

କଥାଟା ଯେ କଣ ଘଟିଛି, ମୋତେ ବୁଝିବାକୁ କ୍ଷଣକରେ ଅଛପା ରହିଲା ନାହିଁ । ଛଳ ଛଳ ଆଖିରେ ତାଙ୍କୁ ମୁଁ ଟିକିଏ ହଲାଇ ଦେଲି । ଓଠଟିକୁ ଧୀରେ ଧରି ପକାଇ କହିଲି—ଚିହ୍ନି ପାରୁନା ? ତମର ନୀଳ ପରି ମୁଁ !

ତଥାପି ତାଙ୍କର ନିଦ ଭାଙ୍ଗିଲା ନାହିଁ ।

ବାହାରୁ ଉମା ଆସି କହିଲା—ନୀଳ ଦେଈ, ତାଙ୍କ ସାଙ୍ଗରେ ତୁ ଆଉ କଥାବାର୍ତ୍ତା କରନା । ଡାକ୍ତର ସବୁ ମନାକରି ଯାଇଛନ୍ତି ।

ତା'ପରେ ମୁଁ ଫେରି ଆସିଲି ଉମା ପାଖକୁ । ନିବୋଳା ଯାଗାକୁ ତାକୁ ଡାକି ନେଇ ଅତି ଆପଣା ଭଳି ପଚାରିଲି—"କଥା କ'ଣ ଉମି ! ସେ କାହିଁକି ଇମିତି ହେଲେ ?"

ଉମା କହିଲା—ଆଲୋ, ତମ ଗାଁ ସେ ତଲମୁହାଁ ଟୋକାଟାର ପେଟ ଭିତରେ ପୁଣି ଏତେ କଥା ଥିଲା ! ତା'ରି ଯୋଗୁଁ ମୋ ଭାଇ ଆଜି ଏତେ ସରି । ଆମେ କିଛି ସିନା ଜାଣି ନ ଥିଲୁ, ତାରି ପଛରେ ଇଏ ଟଙ୍କା ଉଡାଉଛନ୍ତି କଟକରେ । ଭାଇଙ୍କି ଫାଶରେ ପକାଇ କଟକରେ ଆସି ପଡିଲା । ଏଠୁ ଶେଷ କରି ଫେରେ ଗଲା କଲିକତା । ଦୂରରେ

ଉଦ୍ଧ ଶାନ୍ତିନିକେତନରେ ଛିଷି ଆସିବ, ସିଲେଇ, ସଙ୍ଗୀତ କେତେ କଅଣ । ଯାହା ମୁଁ ଶୁଣିଛି, ଶାନ୍ତିନିକେତନ ପରି ପବିତ୍ର ଆଶ୍ରମରେ ଏ ଭଳି ଝିଅ କି ସେ ଗ୍ୟା ? ଛି, ଛି, ଛି, ତମ ଗାଁ ଝିଅ ଇଏ ଗୋଟିଏ ଜାଁ, ଯାର ପରି ଅଉ ଏମିତି କଏ ଉଚ୍ଛୃଙ୍ଖଳର ପଛରେ ଗୋଡ଼ାଉଛନ୍ତି ମ !

ତା ପର ମୁଁ କଥା ବୁଲାଇ କହିଲି—କହନ୍ତୁ ? ମୁଣ୍ଡ ତାଙ୍କର ଭାଇଁଙ୍କ ଏମିତି ଫାଟିଲା ? ଆମ ଗାଁର ଦୋଷ କଅଣ ?

ଉମା କହିଲା – କଲିକତା ଯାଁ ଭିତରେ ବରାବର ଯିବା ଆସିବା ଲାଗିଥିଲା । ଟଙ୍କା ପଇସା ପ୍ରତି କୋଉ ଚିନ୍ତା ଦରକାର ଅଛି ? କଲିକତାର କେଉଁଣ ତାଙ୍କର ସାଙ୍ଗ ତାଙ୍କୁ କଟକ ଡାକ୍ତରଖାନାରେ ନେଇ ରଖାଇଥିଲେ । ଲାଇନ୍ ଆକ୍ସିଡେଣ୍ଟ୍ ରେ ତାଙ୍କର ଏଇ ଦଶା, ଆଉ କଣ ?

ତା'ପର ମୁଁ ପଚାରିଲି—ସେଇଠୁଁ ?

ଉମା ତା'ପର ଗପିଲା—ସାଙ୍ଗଟି ତାଙ୍କର ବ୍ରହ୍ମାନନ୍ଦ ବାବୁ, ଘର ଏଇ ଯାଜପୁର ଭିତରେ । ସେ କହୁଥିଲେ—ହାଓଡ଼ା ଷ୍ଟେସନରେ ଇଏ କୁଆଡ଼େ ଓହ୍ଲାଇ ଏ ପାଖ ସେପାଖ ବୁଲାବୁଲି କରୁଥିଲେ । ସମ୍ନାରୁ ଝିଅଟିଏ କାଏ କୋଉ ଭଦ୍ରଲୋକ ସାଙ୍ଗରେ ଗୋଟିଏ ଟମ୍ ଟମ୍-ଗାଡ଼ିରେ ଆସୁଥିଲେ । ଭଦ୍ର ଲୋକଟି ତାଙ୍କ ଗଳାରେ ହାତ ପକାଇଥାନ୍ତି । ସେଇଠୁଁ କୁଆଡ଼େ ଯାଙ୍କର ମସ୍ତିଷ୍କ ବିକାର ହେଲା । ହାଓଡ଼ା-ପୁରୀ ପାସେଞ୍ଜରରେ ଟିକେଟ କାଟି କଟକ ସାଥେ ସାଥେ ଫେରି ଆସିଲେ । ବ୍ରହ୍ମାନନ୍ଦବାବୁ ସେଦିନ ଗାଁକୁ ଫେରୁଥିଲେ । ରେଲରୁ ଓହ୍ଲାଇ ପ୍ଲାଟଫର୍ମରେ କିଛି ସମୟ ଛିଡ଼ା ହେଲେ । ପୁଣି କ'ଣ ମନକୁ ଆସିଲା କେଜାଣି ଗାଡ଼ି ଚାଲିଲା ବେଳେ ସେ ଆତ୍ମହତ୍ୟା କରିବାକୁ ଦୌଡ଼ିଗଲେ । ଭାଗ୍ୟବଶତଃ ଲାଇନ୍ ଟପୁଁ ପଡ଼ି ମୁଣ୍ଡ ଫାଟି ଗଲା । ସାଙ୍ଗଟି ହଠାତ୍ ଦେଖି ପକାଇ ତାଙ୍କୁ ଉଦ୍ଧାର କରି ନେଲେ ।

ତା'କଥାରୁ ଭଲ ଭାବରେ ବୁଝିହେଲା—ସେ ସ୍ତ୍ରୀ ଲୋକଟି ବାଉଳା ଛଡ଼ା ଅନ୍ୟ କେହି ନୁହେଁ ।

ପଚାରିଲି—ସେ ଭଦ୍ରଲୋକଟି କାହାଁନ୍ତି ?

ଉମା କହିଲା—ସେ ଆଜି ସକାଳେ ପୁରୀ ଏକ୍ସପ୍ରେସ୍‌ରେ କଲିକତା ଗଲେ । ସେ କଲିକତାରେ ଚାକିରି କରନ୍ତି ।

ଭାବୁଥାଏ ମୁଁ ବାଉଳାର କଥା । କେଉଁ ଭଙ୍ଗୀରେ ମନଭୁଲା କଥା କହି, ପର ପୁରୁଷର ମନ ଭୁଲେଇ ତାଙ୍କ ଠୁ ଟଙ୍କା ପଇସା ଶୋଷି, ଶେଷକୁ ତାଙ୍କ ଗଳାରେ ଛୁରୀ ଦେଲା । ଏତେ ଅବିଶ୍ୱାସୀ ଦୁନିଆରେ ସେ ହେଲା ଫେରେ ···।

ରାତଟି ବିତିଲା । ମାଉସୀଙ୍କର ବାଧ୍ୟବାଧକତାରେ ଖାଇଲି ଦି'ଟା ସେ ଦିନ ।

ତହିଁଆରଦିନ ସକାଳ ।

ଡାକଘର୍ ନାଥିଆ ପରେଶ ଭାଇଙ୍କର ଚିଠି ଖଣ୍ଡେ ଆଣି ମୋ ହାତକୁ ଦେଲା । ଉପର ଠିକଣାରୁ ଚିହ୍ନିହେଲି ବାଉଳାର ହସ୍ତାକ୍ଷର । କାହାକୁ କିଛି ନ କହି ଚିଠି ଖଣ୍ଡିକ ଖୋଲି ପଢିଲି । ଗୋଲାପୀ ଲଫାଫା ଖଣ୍ଡିକରୁ ଝରି ପଡୁଥିଲା ସୁରଭି ଝର । ବାଉଳା ଲେଖିଛି ।

ଶାନ୍ତି ନିକେତନ ।

ଅତି ଆଦରର ପରେଶ ବାବୁ ।

ନମସ୍କାର ସାଦରେ ଗ୍ରହଣ କରିବେ ।

ତମର ଦୀର୍ଘ ବିରହରେ ମୁଁ ସର୍ବଦା ବ୍ୟଥିତା । ପନ୍ଦର ଦିନ ପୂର୍ବରୁ କଲିକତା କହିଥିଲ ଆସିବାକୁ, ଆସିଲ ନାହିଁ କାହିଁକି ? ଭାଇଙ୍କର ଗୁଣ୍ଡାମିର ବଦଳା ହୋଇଛି ବୋଲି ମୁଁ ଖବର ପାଇଛି ।

ମୁଁ ବଡ଼ ହରକତରେ ଅଛି । ଟଙ୍କା ପଇସା ମୋ ହାତରେ ବର୍ତ୍ତମାନ ଶୂନ୍ । ଟେଲିଗ୍ରାଫିକ୍ ମନିଅର୍ଡ଼ର୍‌ରେ ଦୟାକରି ଏ ଥରକ ପଚିଶ ଟଙ୍କା ପଠାଇବ । ରାଗିବ ନାହିଁଟି ମୋ ଉପରେ ।

ଆମେ ସବୁ ଦିଲ୍ଲୀ ଭ୍ରମଣରେ ଯିବା ପାଇଁ ମନ କରିଛୁ । ମନ-କଷ୍ଟ କରିବ ନାହିଁ । ମୁଁ ତମରି ଏ ଟଙ୍କାରୁ କିଛି ବାଜେ ଖର୍ଚ୍ଚ କରିବି ନାହିଁ । ଏଠାକାର ଜଣେ ଓଡ଼ିଆ ଭଦ୍ରଲୋକ ମୋ ଖର୍ଚ୍ଚପାଣି ସବୁ ବହନ କରିବେ ବୋଲି କହୁଛନ୍ତି । ଏ ଭଦ୍ରଲୋକଟି ଭାରି ସାଧାରଣ, ଆମ ସ୍ୱାଡ୍‌କାର, ଖୁବ୍ ତରଳ ଦାନ ।

ମୋ ରାଣୀ, ସୁବିଧା ଦେଖି ତମେ ଚାଲି ଆସିବ । ସତେ ତମେ ଏବେ ଭାରି ଅଭିମାନୀ ହୋଇ ଯାଉଛ ? ତମ ପାଇଁ ମୋ ମନ ଯାହା ହୁଏ ତା ଭଗବାନ ଜାଣନ୍ତି । ତମେ ବଡ଼ ନିଷ୍ଠୁର । ହଇହେ, ଅଉ କଉଣ ସିଯ୍ୟାଟେଓ ବଉଳ ଆଡ଼େ ଦୃଷ୍ଟି ପଡ଼ିଲାଣି କି ?

ଟଙ୍କା ବର୍ତ୍ତମାନ ବଡ଼ ଅଭାବ ପଡ଼ୁଛି । ଟଙ୍କା ଚାଲି ପଠାଇବ । ତମ ଉତ୍ତରକୁ ମୁଁ ଚାତକୀ ପରି ଅନାଇ ରହିଲି ।

ଭୁଲିବ ନାହିଁ ପ୍ରିୟ, ମୋ ରାଣୀ । ଇତି ।

ସ୍ନେହର

ତିଲୋତ୍ତମା

ବାଃ, ବେଶ୍ ଚମତ୍କାର ଚିଠି ତ ଲେଖି ଜାଣିଲାଣି ବଉଳ । ଗୋଟାଏ ଘରକୁ ଉଚ୍ଛନ୍ନ କରି ତାର ମନ ତୃପ୍ତି ହେଉନାହିଁ । ପାଖରେ ଥିଲେ ତା' ମଥାରେ ମୁଁ ଦି'ଚାଟା କରି ଦିଅନ୍ତି । ତା' କାନ ଧରି ପଚାରନ୍ତି, ସେ ଏତେ ଚାଲାକ ହେଲା କେଉଁ ଦିନୁ ।

ଚିଠିଟାକୁ ମୁଁ ସାଇତି ରଖିଲି । ଭାବିଲି, ଖୁବ୍ ଭଲ ହୋଇଛି ଏ ଚିଠି ଖଣ୍ଡିକ ମୋ ହାତରେ ପଡ଼ିଛି । ଆଉ କାହା ହାତରେ ପଡ଼ିଥିଲେ ଫେରେ ଦୁନିଆ ପ୍ରଘଟ ହୁଅନ୍ତା । ଏମିତିରେ ସନ୍ଦେହ କରି ଯେ ଯାହା ଭାବନ୍ତୁ ପଛେ ।

ଚିଠି ଖଣ୍ଡିକ ମୋ ସୁଟ୍‌କେଶ୍‌ରେ ରଖି ମୁଁ ନିଶ୍ଚିନ୍ତ ରହିଲି । କ୍ରମେ ଭୁଇ ନେଉଥିଲିଣି ।

. ପରେଶଭାଇ ଆଜି ଟିକେ ଭଲ ଅଛନ୍ତି । କାନ୍ଥକୁ ଆଉଜି ଖଟିଆଟି ଉପରେ ବସିଥିଲେ । ମାଉସୀ ତାଙ୍କୁ ବେଦନା ଛଡ଼େଇ ଖାଇବାକୁ ଦେଉଥାଏ ।

ମଉସାଙ୍କର ଆଉ ଛୁଟି ନାହିଁ । ସରକାରୀ କାମ ଖୁବ୍ ଜୋର ସୋରରେ ଚାଲିଛି । ଅଫିସ୍ କୁଆଡ଼େ ତାଙ୍କର ଅଡ଼ିଟ୍ ଚାଲିଛି । ମାଉସୀଙ୍କି କହିଲେ—ବର୍ତ୍ତମାନ ମୁଁ ପୁରୀ ଚାଲି ଯାଉଛି । ମୋ ପାଖକୁ ବରାବର ଚିଠିପତ୍ର ଦେଉଥିବ । ମାସେ ଖଣ୍ଡେ ସମସ୍ତେ ଏଇଠି ରୁହ, ସେ ଭଲଭାବରେ ଆରୋଗ୍ୟ ହୋଇଗଲେ ଗାଁକୁ ଚାଲିଯିବ ପଛେ ।

ମାଉସୀ ଆଉ ତାଙ୍କୁ ବାଧା ଦେଲ ନାହିଁ ।

ତା'ପର ବାପା ମଉସାଙ୍କୁ କହିଲେ—ଆଉ ତ ଆପଣଙ୍କ ସହିତ ଦେଖା ହେବ ନାହିଁ । ଏକାଠିଆ ମଣିଷ ମୁଁ, ଗାଁରେ ଯୋଉ କାମ ନ କଲେ ସେ କାମ ବନ୍ଦ୍ । ଧାନକଲ କେଇଦିନ ହେଲ ବନ୍ଦ୍ ହୋଇ ଯାଇଛି ।

ମାଉସୀ ଟିକିଏ ଲାଜ ଲାଜ ହୋଇ ବାପାଙ୍କୁ କହିଲେ—ତେବେ ପଛେ ଯାଅ, ନୀଳ ଅବକା ମୋ ପାଖରେ କିଛିଦିନ ରହୁ ।

ମଉସା ବି କହିଲେ—ପୁଅ ଏଠି ଏବେ ଥାଉ । ତା'ର କଣ ଘର ଏଇଠା ନୁହେଁ ? ତା' ନେଇ ଘର କଣ ଅସୁବିଧା ହୋଇ ଯାଉଛି ।

ବାପା ଆଉ କାହାର କଥାକୁ କାଟି ପାରଲେ ନାହିଁ । କହିଲେ ହଉ ସେ ପଛେ ରହୁ । ନାଥିଆ ନ ଗଲେ ଘର ଦେଖେ କିଏ ।

ମଉସା କହିଲେ—ହଉ, ନାଥିଆ ଠିଁ ଅଛି କଣ ? ସେ ବରହମ୍ପୁରିଆ ଗୁଡ଼ିକରଣ ତ ନଙ୍ଗ୍ ପଙ୍ଗ୍ ହେଉଛି । ହାଟ ବଜାର କରି ଦିଦେଲେ ହେଲା ।

ତା'ପର ବାପା ନାଥିଆକୁ ନେଇ ଷ୍ଟେସନ୍ ବାହାରଲେ । ମଉସା ବି ତାଙ୍କ ସାଙ୍ଗରେ କଥା ଭାଷା ହେଇ ହେଇ ଗଲେ, ସିଧାଁତେ ପୁରୀ ଟିକେଟ୍ କାଟିବେ ।

ନାଥିଆ ଗଲାବେଳେ ଭାରି ଖୁସି ହେଉଥାଏ । ମୋର ଏଠାରେ ରହିବାଟାକୁ ସେ ଯେମିତି ଖୁବ୍ ପସନ୍ଦ କରୁଛି । ମୋତେ ଅନାଇ ହସୁ ହସୁ ଉମାକୁ ଡାକି ସେ କହିଲା—ଦେଈ, ଆମ ବଣ ଗାଇଁକୁ ଅରେ ତମେ ଯିବ ନାହିଁ ? ବାଛି ବାଛି ଖାଲି ଗୋଡ଼ଖୋଲ, ଝୁଂପୁରି ଶାଗ, କଇଁଥ ଚଟିଣୀ ସେ ତମ ପାଇଁ ସାଇତି ରଖିଛୁ । ମଉସା ଆସିଛନ୍ତି, ଆସ ତାଙ୍କ ସଙ୍ଗରେ ଯିବ ?

ତା' କଥା ଶୁଣି ଉମା ଭାରି ହସୁଥାଏ, କିଛି କହୁ ନ ଥାଏ । ମୋର କିନ୍ତୁ ମନେ ପଡ଼ୁଥାଏ ବୋଉ କଥା । ଆସିଲାବେଳେ କେତେ କରି କହୁଥିଲା ସାଙ୍ଗେ ସାଙ୍ଗେ ଏଠୁ ଚାଲି ଯିବା ପାଇଁ । ମୁଁ ସହଜରେ ଏଠୁ ଯାଇ ପାରିଲି କୋଉଠୁ ?

ସମସ୍ତେ ବିଦା ହୋଇଗଲେ । ଉମା, ମୁଁ ଦହେଁ ପରେଶଭାଇଙ୍କ ବସା ଭିତରେ ଗପ କରି କରି ଟହଲ ମାରୁ ଥାଉ । ମାଉସୀ ତାଙ୍କ କାମରେ ବ୍ୟସ୍ତ ଥାଏ ।

ଦୁବେଇ ବଉଦ ଭାସି ଚାଲିଥିଲା ନେଳିଆ ଆକାଶ ମଝିରେ ମଝିରେ । ଧବଳସଉଧମାଳିନୀ କଟକ ସହରର ପିଚୁ ରାସ୍ତାଟି ଜନ ସମାଗମରେ କ୍ରମେ ଚଞ୍ଚଳ ହୋଇ ଉଠୁଥିଲା ।

ଦିନ କେତେ ଗଡ଼ିଲାଣି । ମୋ ଆସିବା ଏଠିକି ଦି’ ମାସରୁ ଅଧିକ ହୋଇ ଗଲାଣି । ମାଉସୀ ଉମା ପାଖରୁ ଛାଡ଼ ଦେଉ ନାହିଁ । ଉମା ତ ମୋର ଅନ୍ତରଙ୍ଗ ସାଥୀ । ଆଉ ପରେଶ ଭାଇଙ୍କ କଥା—? ଛାଡ଼ ।

ପରେଶଭାଇ ଭଲ ଭାବରେ ଭଲ ହୋଇ ଗଲେଣି । ଆଠ ଦଶ ଦିନ ହେଲା ଅଫିସ୍ ଯାଉଛନ୍ତି । ‘ଲ’ ପାଠ ଆଉ ଏ ବରଷ ପଢ଼ି ହେଲା ନାହିଁ । ଦେହ ମଝିରେ ଖରାପ ହେଲା, ମନ ବି ଯା’ଡ଼େ ଚଞ୍ଚଳ ।

କାଲିଠୁଁ ତାଙ୍କ କଲିକତାର ସାଙ୍ଗ ବ୍ରହ୍ମାନନ୍ଦବାବୁ ଆସି ପହଞ୍ଚିଛନ୍ତି ବସାରେ । ଖାଲି ପରେଶ ଭାଇଙ୍କି ଦେଖିବା ଆଶାରେ ।

ଖରାଦିନ ଆସି ହେଲାଣି । ସ୍କୁଲ୍ କଚେରି ସବୁ ସକାଳୁଆ ହେଲାଣି । କାଲି ଅନ୍ଧାରରୁ ଉଠି ପରେଶଭାଇ ଉଠି ନିତ୍ୟକର୍ମ ସାରି ପରଠା, ସନ୍ତୁଳା ଟିକେ ଖାଇ ଅଫିସ୍‌କି ଚାଲି ଯାଇଛନ୍ତି । ବ୍ରହ୍ମାନନ୍ଦବାବୁ ବସାରେ ରହିଛନ୍ତି ।

ମୁଁ ଏ ପାଖ ଘରେ ଉମା ସଙ୍ଗରେ ବସି ଗପସପ ଲଗାଇ ଥାଏ । ମାଉସୀ ତା’ର ବ୍ରହ୍ମାନନ୍ଦ ବାବୁଙ୍କ ସାଙ୍ଗରେ ଗପ ଯୋଡ଼ିଥାଏ । କାନ-ପାରି ମୁଁ ଏ ପାଖରେ ସବୁ ଶୁଣୁ ଥାଏ ।

ମାଉସୀ ପଚାରିଲେ—ବାପା, ତମର ବାପା ବୋଉ ଅଛନ୍ତି ନା ?

ସେ ହଁ ମାରିଲେ ।

ତା’ପରେ ମାଉସୀ କହିଲେ—ସେ ଥରକ ଭଲ କରି ଦି’ପଦ ତମ ସହିତ କଥାବାର୍ତ୍ତା ହୋଇ ପାରିଲା ନାହିଁ । ପିଲାଟା ପାଇଁ ମନ ଖରାପ । କଣ ପଢ଼ିଛ, ବାପା ।

ତା’ପର ସେ କହିଲେ—ବି.ଏ. ପାସ୍ କରି ‘ଲ’ ପଢୁଥିଲି ! ଦେଖିଲ, ଆଜି କାଲି ଓକିଲତି ବ୍ୟବସାୟରେ ଲାଭ ନାହିଁ କିଛି ।

ଖବରକାଗଜରେ ବୁଲି ବୁଲି କୋଉଠି ଗୁକିରୀ ଖଣ୍ଡିଏ ଯୋଗାଡ଼ କରି ପାରିଲି ନାହିଁ । ଏଠି ଆମର ପାଠୁଆ ହେଲେଣି ବେଶୀ, ଗୁକିରୀ ହେଲା କମ୍ । ତା'ପରେ ଆମର ସହରଙ୍କ ଉପରେ ଝାଣୁଆ ଲୋକ ତ କେହି ନାହାଁନ୍ତି । ଆମକୁ ଭଲ ଗୁକିରୀ ଦେବ କିଏ ?

ଶୁଣି ଶୁଣି ମାଉସୀ କହିଲା—ତା' ନୁହେଁ ଆଉ କଣ ? ସରୁ ମୋର ଆଇ.ଏ. ପାଶ୍ ପରେ ଗୁକିରୀ କରିବାକୁ ମନା କଲା । ଥରେ ଜଣେ ଉପର ପାହିଆ ଅଫିସର ତାକୁ କହିଲେ—ତମେ ଗୁକିରୀ କାହିଁକି ଖୋଜୁଛ ? ଯାଆ, ତମେ ଗାଁରେ ଗୃହବାସ କର, ମାଟି ବୁହ, କଇଁସ ଚୁରା, ସେଥିରେ ଦେଶର ଉନ୍ନତି ହେବ । ସବୁବେଳେ ଗୁକିରୀ ଗୁକିରୀ କାହିଁକି କହୁଛ ?

ବ୍ରହ୍ମାନନ୍ଦବାବୁ କହିଲେ—ହିଁ, ତା ସେ ନ କହିବେ କାହିଁକି ? ଆମେ ଗରିବ ଲୋକ ସବୁବେଳେ କୁଲି ମଜୁରିଆ ହେବୁ, ଖୁବ୍ ହେଲେ କୋଉଠି ଗୋଟାଏ କିରାଣୀ ହେବୁ । ଆଉ ତାଙ୍କ ପୁଅ ନାତି ଲତା-ବିଲତା ସବୁବେଳେ ହେବେ ଅଫିସର୍ । ଯୁଗ ପରି ହେଲା ଓଲଟା । କହିଲ, ବଡ଼ ଲୋକ ପୁଅ କେଇଟା ଏ ଯୁଗରେ କିରାଣୀ ହେଉଛନ୍ତି, ଗାଁରେ ଯାଇଁ ହଳ ଲଙ୍ଗଳ ଧରୁଛନ୍ତି ? ସବୁ ଦୁଃଖ ଆମର ଏ ଗରିବ-ମାନଙ୍କ ପାଇଁ । ଆଉ ଜଣେ ସାଙ୍ଗ ମୋର ଜଣେ ବଡ଼ବାବୁଙ୍କୁ କହିଲେ—ଆଜ୍ଞା, ଖବରକାଗଜରେ ମୁଁ ଚାରଦିନ କୁଲି କାମ କରିବାକୁ ପ୍ରସ୍ତୁତ ଅଛି । କିନ୍ତୁ ଆପଣ କି ଆପଣଙ୍କର ବି.ଏ. ପଢୁଆ ପୁଅ ଘଣ୍ଟାଏ ମୋ ସହିତ କାମ କରିବାକୁ ଆସନ୍ତୁ ? ସେତିକିରେ ସେ ନୀରବ ରହିଲେ ।

ତା'ପର ମାଉସୀ କହିଲା—କଲିକତାରେ କି କାମ କରୁଛ ?

ବ୍ରହ୍ମାନନ୍ଦବାବୁ ହସି ହସି କହିଲେ—ତମେ ବୁଝି ପାରିବ ନାହିଁ ମାଉସୀ । ସେଠି ଗୋଟିଏ ବଡ଼ ସାହେବୀ କାରଖାନାରେ କିରାଣୀ କାମ କରେ ଦରମା ମାସକୁ ଦୁଇଶ ଖଣ୍ଡେ ମିଳେ ।

ତା'ପର ମାଉସୀ କହୁଲ—ତାହା ହେଲଣି ବାପା ?

ତା'ପରେ ତାଙ୍କ ଆଉ ଗୋଟିଏ ଲଜୁଆ ଉତ୍ତର ମିଳିଲା—ନାଁ ।

ବସିଥିଲା ଉମା ପାଖରେ । ତାକୁ ଚିହ୍ନାଏ ଚିମୁଟି ଦେଇ କହୁଲା—ଏଇଥର ତୋ କର୍ମକୁ ଶିକା ଛିଣ୍ଡିଲା ଲୋ ?

ଉମା ମୋ ଉପରେ ଭାରି ଚିଡ଼ି ଉଠିଲା ।

ମାଉସୀ ମନେ ମନେ ବସି ଭାବୁଥିଲା ।

ବ୍ରହ୍ମାନନ୍ଦବାବୁ ଅପ୍ରସ୍ତୁତ ହୋଇ କହୁଲେ—ମାଉସୀ, କ'ଣ ଦୋକାନରୁ ମାଛପାଚ ଦେଖି ଆଣୁଛୁ । ଯାଉଛି, ମୁଁ ନେଇ ଆସିବ ।

ମାଉସୀ କହୁଲେ ତୁମେ ବସ । ଗୃହକର ପଛେ ଯାଇଁ ନେଇ ଆସିବ ।

ସେ ମାଉସୀ କଥା କାଟି ଦେଇ ଶୀଘ୍ର ବ୍ୟାଗ୍ ନେଇ ବାହାରିଲେ ।

ତା'ପରେ ମାଉସୀ ତାଙ୍କୁ ବାଧ୍ୟ କରି କହୁଲେ—ତା'ହେଲେ ଦ' ଟଙ୍କା ମୋଠୁଁ ନେଇ ଯା, ବାପା ।

ବ୍ରହ୍ମାନନ୍ଦବାବୁ ହସି ଦେଇ କହୁଲେ—ଥାଉ, ମାଉସୀ । ଟଙ୍କା ମୋ ପାଖରେ ଅଛି । ଏଥିରେ ଖରିଦ୍ କରି ଆଣିଲେ କ'ଣ ଚଳିବ ନାହିଁ ।

କହୁ କହୁ ସେ ଖଞ୍ଜାରୁ ବାହାରି ଚାଲିଗଲେ ।

ମାଉସୀ ବସି କେତେ ଗୁଁ ପୁଁ ହେଲେ ।

ହାତରୁ ଟଙ୍କା ପଇସା ଖର୍ଚ୍ଚ କରି ଅଭ୍ୟାଗତି ହିଁଅର ମନ କିଣିବା ଏ ଯୁଗରେ ଧାରାବାହିକ ନିୟମ ହୋଇ ଗଲାଣି । ସ୍ନେହ ମମତା ଅଜଣା ଅଚିହ୍ନା ହୃଦୟ ଭିତରେ ଏମିତ ଛୁଇଁ ଦେଇ ପୁଲକର ଧାରା ବୁହାଇ ଦିଏ । ମିଳନ ଗଢ଼େ ଛନ୍ଦମୟ ଜୀବନ, ବିରହ ଦିଏ ବେଦନାର ତୁମୂଳ ଝଞ୍ଜା । ସଂଯମ ଏଠି ବାଧା ମାନେ ନାହିଁ । ଜୀବନ ଜୀବନ

ସହୃତ ଅସୀମ ସମୁଦ୍ର-ବକ୍ଷ ଭିତରେ ପ୍ରେମର ପାଲ ଉଡ଼ାଇ ଭାସିଯାଏ ଅଶେଷ ବାଧାବିଘ୍ନକୁ ଡେଇଁ ଡେଇଁ ।

ପହିଲି ଜୀବନ ବସନ୍ତରେ ଏମିତି ଝଞ୍ଜା ବହି ଯାଇଥିଲା ମୋ ଜୀବନ ଉପରେ । ତା'ର ଛାପ ଏ ପର୍ଯ୍ୟନ୍ତ ଜୀବନ ଉପରୁ ଲିଭୁ ନାହିଁ । ଏ ଅନାଭି ଦାଗକୁ ଲିଭାଇ ପାରିବ ନାହିଁ ସମାଜର କୌଣସି ବଳିଷ୍ଠ ଶକ୍ତି । ଧନ ଅଗେଇ ଦିବା ସାଙ୍ଗେ ସାଙ୍ଗେ ହୃଦୟର ଦାଗ ଆହୁରି ଉଜ୍ଜ୍ୱଳ, ଅହୁରି ଚୋମା ହୋଇ ଉଠିବ ।

ମାଉସୀ ଘର ଭିତରକୁ ପଶି ଆସି କହିଲା—ଅଲୋ ଝିଅ । ତୋ ମନକୁ କେମିତି ଯାଉଛି ? ଉମା ସାଙ୍ଗରେ ଇଏ ଠିକ୍ ଭାଇ ଭଉଣୀ ପରି ଏକା ଗଢ଼ଣରେ । କହୁଲୁ ଭଲ ହେବ ନାହିଁ ?

ହସି ହସି କହିଲି—ଖୁବ୍ ଭଲ ହେବ ମାଉସୀ । ଠିକ୍ ହରଗୌରୀ । ବୁଅ ରଙ୍ଗକୁ ତାଙ୍କ ରଙ୍ଗ ଠିକ୍ ମିଶିବ ।

ମାଉସୀ କହିଲା—ହଁଠିମ, ମରଦ ପୁଅର ଏତେ ରଙ୍ଗ ବାରଣ ହେଉଛି । ହେଲେ ପିଲାଟି ବଡ଼ ଗୁଣର, ପରୋପକାରୀ ।

ଉମା ସେଠୁ ଲାଜରେ ଉଠି ପଳାଇଲା ।

ମାଉସୀ କହିଲେ—ପରେଶଠୁଁ ଦିନେ ସେହି କଥା ଶୁଣିଥିଲି, ସ୍ତ୍ରୀ' ଉପରେ ବଡ଼ ଭାଇ କୁଆଡେ ବାହା ହୋଇ ନାହାନ୍ତି । ଆଗେ ମୋର ବ ପୁଅ ନମନ୍ତେ କରିବା କଥା ।

ସିଡ଼ିରୁ ଉମା ଡ଼ାକିଲା—ବୋଉ, ଭାତ ବସେଇ ଦେଉଛି ନୀଳ ଦେଇ, ଦେଖ ଖୁବ ପାଖରେ ଦଆସିଲ୍ଟା ଥୁଆ ହୋଇଛି, ଠିକଏ । ଆଣି ଦେଲ୍ଲ ।

କହିଲି—ରହ, ନେଉଛି ଠିକଏ । ତୋ ବାହା ଘର କଥାଟା ଆଗେ ପକା ହୋଇଯାଉ ।

ମଟେ ଆଉ ସେ ବସେଇ ଉଠେଇ ଦେଲା ନାହିଁ । ଧଆସିଲଥା ତା ପାଖକୁ ନେଇଗଲି ।

ତୁନି ତୁନି କହିଲା—ମୋ ସାଙ୍ଗରେ ଜାଗୁଛୁ, ତୋର ସବୁ ଗୁମର ମୁଁ ପଦା'ରେ ପକେଇ ଦେବିଟି । ହୁସିଆର ରହ ।

ପଚାରିଲି—କଣ ମ ?

ସେ କହିଲା—କିଛି ନାହିଁ, ଖାଲି ମୋର ଠିକେ ନଆଁବାଢ଼ ହେବୁ । ଲୁଚିଛି ବା ଗୋଡ ଧ'ଠା ଦଶୁଛି । କାଲେ, ମୁହଁ ଫେରେ କଳା ପଡୁଛି କାହିଁକି ? ମରମ କଥାଟା ତୋର କହି ପକାଇଲି ପରା । କିଛି ଆଉ ତାକୁ କହି ପାରିଲି ନାହିଁ । ତା କଥାରେ ଶଙ୍କି ଗଲି ମୁଁ, ବୁଡ଼ି ବୁଡି ଚାଲିଛି ମୁଁ ସଭିଙ୍କ ଆଖି ଆଗରୁ ନିଜକୁ ଘୋଡ଼ାଇ ଘୋଡ଼ାଇ । କେମିତି ମୁଁ ପଦା'ରେ ଚିହ୍ନା ପଡୁଛି, ବିଶ୍ୱାସ କରୁନି ନିଜକୁ ।

ତାକୁ ଆଉ କିଛି ନ କହି ସାମାନ୍ୟ ମୁହଁ ଫୁଲେଇ ତା' ପାଖରୁ ଚାଲି ଆସିଲି ।

ସେ ରନ୍ଧା ବଢ଼ା ଛାଡିଦେଇ ସିଧା ଚାଲି ଆସିଲା ମୋ ପାଖକୁ । ମୋ ପଣତ କାନିଟିକୁ ଧରି ପକାଇ କହିଲା—ଅଲୋ ରାଗିଲୁକି ମୋ ଉପରେ । କିଏ ଲୋ, ମୋ ସୁନା ଦେଈଟା, ପରା । ତୋ କଥା ସବୁ ଏଇ ପେଟରେ ପୂରାଇ ରଖିଛି । କହିବି କାହାକୁ କହିଲୁ । ଆ, ମୁଁ ରାନ୍ଧିବି, ତୁ ବସିବୁ ମୋ ପାଖରେ ।

ରାଗ ମୋର ଜଳ ବୁଦ୍‌ବୁଦ୍ ପରି ସହସା ମିଳାଇଗଲା । ପୁଣି କାୟା ସାଥେ ଛାୟା ପରି ମିଶି ରହିଲୁ ଦୁହେଁ । ହସ ଖୁସିରେ ଭରି ଉଠିଲା ଆମ ଦୁଇଟି ଜୀବନ ସବୁ ଦିନ ପରି ।

ଜ୍ୟେଷ୍ଠ ମାସିଆ ଝାଞ୍ଜି ଖରାରେ ନିଷ୍ଟି ତ୍ରରେ କେଉଁଠି ଟିକିଏ ଶୋଇ ବସି ହେଉ ନାହିଁ । ଥପ୍ ଥପ୍ ଝାଳ ନିଗିଡ଼ି ପଡ଼ୁଛି ଦେହରୁ । ଗରମ ପବନ ବହି ଆସୁଛି ଖୋଲା ଝରକା ବାଟେ ।

ସଞ୍ଜ ଗୋଧୂଳି, ଜମା ଲଗେଇଲା ନଈ କୂଳ ଆଡ଼େ ବୁଲି ଯିବା ପାଇଁ, ଘରେ ତାଲା ଦେଇ ସଭିଏଁ ମହାନଦୀ ଆଡ଼ ବୁଲି ବାହାରିଲୁ, ଆଗରେ ପରେଶଭାଇ, ବ୍ରହ୍ମାନନ୍ଦବାବୁ ବାଟ କଢ଼ଉ ଥାନ୍ତି ।

କେଡ଼େ ସୁନ୍ଦର ଶାନ୍ତ ଶୀତଳ ସଞ୍ଜ ବହା ପବନ, ବହି ଆସୁଛି ନଈ ଆର ପାରି ଦୂର ଗାଁ ଗହଳରୁ । ସୁବିଧାରେ ଟିକିଏ ବାଟ ଚାଲିଲେ ହେଉ ନାହିଁ ।, ଭିଡ଼ି ଯାଉଛି ପିନ୍ଧା ପଣତ, ସାରା ଦେହଟା ମୋର ଅସଜଡ଼ା ହୋଇ ଯାଉଛି । ଦେହ ମୁଣ୍ଡରେ ସଜ୍ଜିତ ଭାବରେ ଲୁଗା ଟିକିଏ ରଖି ହେଉ ନାହିଁ କୋଉଠି ।

ଏ ସଞ୍ଜବୁଲା ସୁଖ ମୁଁ ଗାଁରେ ପାଉ ନ ଥିଲି । ଆଜି ମୋର ଏଇଟା ଜୀବନରେ ପହିଲି ଅନୁଭୂତି । ଅଥଳ ପାଣି ଭିତରେ ନାଳି ଲହରୀ ତାଳେ ତାଳେ ଖେଳି ଖେଳି ଯାଉଛି, ନାଉରିଆ ଡଙ୍ଗାରେ କାତ ମାରି ମାରି କୂଳ ଅଡ଼େ ଲାଗି ଆସୁଛି । ଦିଶୁଛି ଆଗରେ ଚୌଦ୍ୱାର ଆନିକଟ୍, କୋଉ ଯୁଗର ଶିଳ୍ପ ହାତର ଅମର କୀର୍ତ୍ତି, ଯୁଗ ଯୁଗ ପାଇଁ ବିସ୍ମିତ କରୁଛି ମନକୁ । ନଈ ଘାଟରେ ଲୁଗାପଟା ଶୁଖୁଛି ସଞ୍ଜ ଲାଗି ଆସିଲାଣି ତଥାପି କଟକ ଧୋବାଙ୍କର କାମ ସରିବାକୁ ନାହିଁ ।

ନଈ ବାଲିରେ ଚାଲିଛି ପୁଣି ପିଲାଙ୍କର ଡୁ ଡୁ ହୋହୁଲ୍ଲୋର ଖେଳ । ସାମନା ମହାନଦୀର ରେଳବାଟ ପୋଲ ଉପରେ ମାଲଗାଡ଼ିଟା ଥପ୍ ଥପ୍ ଶବ୍ଦ କରି ଦଉଡ଼ୁଛି ।

ସଞ୍ଜ ଗୋଧୂଳିର ଅପୂର୍ବ ଦୃଶ୍ୟ ଗୁଡ଼ିକ ମହାନଦୀର ବେଳାଭୂମିରେ ଗୁହାଁ ଗୁହାଁ ପେଟେ ମୋର ପୂରି ଉଠୁଛି ।

ଉମା ମାଉସୀ ଦୁହେଁ ନଈ ବନ୍ଧ ଉପରେ ଠିଆ ହୋଇ ଦୃଶ୍ୟ ଦେଖୁଥାନ୍ତି ।

ବୁଲି ବୁଲି ମୁଁ ସେଇଠି ଗୋଟିଏ ବେଞ୍ଚ ଉପରେ ବସିଗଲି । ପରେଶ ଭାଇ, ବ୍ରହ୍ମାନନ୍ଦ ବାବୁଙ୍କ ସାଙ୍ଗରେ ଦୂରରେ ଗପ କରୁଥାନ୍ତି । ତାଙ୍କ କଥା ଆଡେ ମୋର ନଜର ଥାଏ ।

ପରେଶ ଭାଇ କହିଲେ—ରମେଶର ପୁଣି ସ୍ତ୍ରୀ' ଭିତରେ କେତେ ବଦଳି ହୋଇଛି ରେ ! କୋଉଠି ରହୁଛି କେଜାଣି ।

ବ୍ରହ୍ମାନନ୍ଦ ବାବୁ କହିଲେ—ତୋ'ର ତା' ସାଥିରେ ଦେଖା ହୋଇ ନାହିଁ ନା ? ବଡ଼ ଦୁଃଖର କଥା ତା'ହେଲେ— ।

ପରେଶ ଭାଇ ହସି ହସି କହିଲେ—ତୋର ସବୁବେଳେ ଖାଲି ପରିହାସ ।

ବ୍ରହ୍ମାନନ୍ଦ ବାବୁ କହିଲେ—ପରିହାସ କରିବ ନାହିଁ ? ପିଲାର କଣ ଏପର୍ଯ୍ୟନ୍ତ ମନ ଘର ଟେରିଲାଣି ? ଆଜ ଠିକଣେ ସବୁ ପାଠ ସରି ଯାଇଥାନ୍ତା ।

ପରେଶ ଭାଇ କହିଲେ—ଛାଡ଼, ସେ ସବୁ ଜୀବନର ଗୋଟାଏ ଗୋଟାଏ ବେଳା ।

ପରିହାସରେ ବ୍ରହ୍ମାନନ୍ଦ ବାବୁ କହିଲେ—ଖାଲି ବେଳା ନୁହେଁ । ତା ପୂର୍ବରେ କିଛି ଗୋଟାଏ ବିଶେଷଣ ଯୋଗକର । ଯଥା ମାହେନ୍ଦ୍ର ବେଳା । ଏଥର ସବୁ ସମ୍ପର୍କ ତୁଟିଲି ନା ଆଉ ତାଙ୍କ ସକାଶେ ପୁଣି କିଛି ପାଥେୟ ଦରକାର । ମୁଁ ତ କଲିକତା ଚାଲି ଯାଉଛି, ଟଙ୍କା ପଇସା ଥିଲେ କିଛି ନିଃସଙ୍କୋଚରେ ପଠାଇପାରୁ । ସେ ଶାନ୍ତି ନିକେତନ ପଢିବାକୁ ଯାଇ ନାହାନ୍ତି ଯେ ତାଙ୍କ ଜୀବନର ଶାନ୍ତି ନିକେତନ ଗଢିବା ପାଇଁ ଯାଇଛନ୍ତି ।

ପରେଶଭାଇଙ୍କର ଏତେବେଳେକେ ଚେତା ପଶିଲା । ସେ ତଟସ୍ଥ ହୋଇ ତାଙ୍କୁ ଅନାଇ ରହିଥାନ୍ତି ।

ତା ପରେ ବ୍ରହ୍ମାନନ୍ଦ ବାବୁ କହିଲେ—ତାଙ୍କ ବିଷୟ ନେଇ ମୋଠୁଁ ଆଜ କିଛି ପ୍ରମାଣ ନବାକୁ ଚାହୁଁ ?

ପରେଶ ଭାଇ ଆଶ୍ଚର୍ଯ୍ୟ ହୋଇ ପୁଣି ତାଙ୍କୁ ଚାହିଁଲେ !

ବ୍ରହ୍ମାନନ୍ଦ ବାବୁ କହିଲେ—ଇଚ୍ଛା ନ ଥିଲା ତତେ ଦେଖାଇବାକୁ । କାରଣ ତୁ କାଳେ ପୁଣି ଦୁଃଖରେ ଭାଙ୍ଗି ପଡ଼ିବୁ । କିନ୍ତୁ ମୁଁ ବର୍ତ୍ତମାନ ଠିକ୍ ବୁଝିଛି ତୁ ଯା' ଭିତରେ ପୂର୍ବ ବଦଳି ଯାଇଛୁ । ଆଉ ତା ପ୍ରତି ତୋର ସେ ପୂର୍ବ ଆସକ୍ତି ନାହିଁ । ତା ପ୍ରତି ମୁଁ ତୋର ଅଶକ୍ତିଟାକୁ ପୂର୍ଣ୍ଣ ମାତ୍ରାରେ ଭାଙ୍ଗି ଦେବାକୁ ଚାହେଁ । ହଉ, ତୁ ବର୍ତ୍ତମାନ ଏ ଗୁଡ଼ିକ ଦେଖିପାରୁ ।

ମାଉସୀ, ଉମା ତାଙ୍କର ଘର କଥା ପକାଇବାରେ ବ୍ୟସ୍ତ ଥାନ୍ତି । ମୁଁ ତାଙ୍କର କଥା ଆଡ଼େ କାନ ଡେରି ରହିଥାଏ ।

ଖୁବ୍ ଛୋଟ ଛୋଟ ଫଟୋ ଗୁଡ଼ିଏ ସେ ପରେଶ ଭାଇଙ୍କ ହାତକୁ ବଢ଼ାଇ ଦେଲେ । ପରେଶ ଭାଇ ମନ୍ତ୍ର ମୁଗ୍ଧ ଦୃଷ୍ଟିରେ ସେ ଗୁଡ଼ିକୁ ଚାହିଁ ରହିଥାନ୍ତି ।

ବ୍ରହ୍ମାନନ୍ଦ ବାବୁ କହିଲେ—ଏ ଗୋଟିଏ ଯେଉଁଏ ନୁହେଁ । ଦେଖ୍ ସେ କେତେ ଜଣଙ୍କ ସାଙ୍ଗରେ ଫଟୋ ନେଇଛି । ସବୁଯାକ ଏଇ ଓଡ଼ିଆ ଭଦ୍ରଲୋକ । ଜାତିପ୍ରେମ କିଛି କମ୍ ନୁହେଁ ତାଙ୍କର ଯେ !

କହି କହି ସେ ହଃ ହଃ ହୋଇ ହସି ଉଠିଲେ ।

ପରେଶ ଭାଇ ଲାଜରେ ତଳକୁ ମୁଣ୍ଡ ନୁଆଁଇଲେ । କହିଲେ, ତୁ ତା ହେଲେ ଗୋଟା ପକା ସି.ଆଇ.ଡି । ବାସ୍ତବିକ୍ ଏ ମୋର ଗୋଟାଏ ଭୁଲ୍ ବ୍ରହ୍ମାନନ୍ଦ !

ବ୍ରହ୍ମାନନ୍ଦ ବାବୁ ହସି ହସି କହିଲେ—ହଉ, ଭୁଲ୍‌ର ପ୍ରାୟଶ୍ଚିତ୍ତ ପରେ କରୁଥାଅ । ଆଗେ ଆମ ଫଟୋ ଗୁଡିକ ଆମକୁ ଫେରାଇ ଦେବଟି ।

ପରେଶ ଭାଇ କହିଲେ—ନାହିଁ, ଇଏ ମୋ ପାଖରେ ଗଚ୍ଛିତ ରହୁ ।

ବ୍ରହ୍ମାନନ୍ଦବାବୁ ଥଟ୍ଟାରେ କହିଲେ—ଓଓଓ । ଏ ଗୁଡ଼ିକ ବନ୍ଧୁଙ୍କର ସ୍ମୃତି ସଙ୍କଳିତ ପତ୍ର । ଚାଲ୍, ଚାଲ୍ ! ତା ଛଡ଼ା ପୃଥିବୀ ବିଖ୍ୟାତ ତାଜମହଲ ପରି ଯୁଗ ଯୁଗ ପାଇଁ ତମେ ବି ଗୋଟିଏ ସେହିଭଳି ବସ୍ତୁ କୀର୍ତ୍ତି କରୁ ରଖିଯାଅ । ତା'ହେଲେ ପୃଥିବୀ ଇତିହାସରେ ଅମର ସ୍ୱର୍ଣ୍ଣା-କ୍ଷରରେ ତମ ବନ୍ଧୁଙ୍କ ନା ଲିପିବଦ୍ଧ ହୋଇ ରହିବ ।

ପରେଶଭାଇ ବଡ଼ ଅପ୍ରସ୍ତୁତ ହୋଇଗଲେ, କହିଲେ— ଆଉ ଭାଇ ଲାଜ ଦିଅ ନା ମୋତେ ।

ତା'ପରେ ମାଉସୀ ଆସି କହିଲା—ସଞ୍ଜ ଆଳତି ଶୁଭିଲାଣି । ଚାଲ, ଏଥର ବସାକୁ ଯିବା । ଚାକର ଛୋକାଟା ଟହମ ଗଣ୍ଡାକ କଳକୁ ଚରେଇବାକୁ ନେଇଥିଲା, ବସିଥିବ ଆସି ବାହାରେ ।

ଜମା ତା'ପର ମତେ ଡାକି କହିଲା—ଆଲୋ ମାଳ ଦେଖ୍ଛ । ତୁଷ୍ଟେଟା ତୁ ଖାଲି ବସି ବସି ଗଲୁ । ନଈକୂଳେ ବୁଲି କରୁ ଦେଖିଲୁ ନାହିଁ ।

କହିଲି—ଏଇଠି ତ ମତେ ସବୁ ଦିଶୁଛି । ବୁଲିଲେ କ'ଣ ବେଶୀ ହେବ ? ପରେଶ ଭାଇ ଆମକୁ ଅନାଇ କହିଲେ—କ'ଣ ବସାକୁ ଯିବା ?

ବ୍ରହ୍ମାନନ୍ଦବାବୁ କହିଲେ—ହଁ, ଚାଲ ଶୀଘ୍ର ଯିବା । ମତେ ପୁଣି ଷ୍ଟେସନ୍ ଯିବାକୁ ହେବ । ମୋର ଯେ କୌଣସିମତେ ଆଜି କଲିକତା ଯିବା କଥା ।

ମାଉସୀ କହିଲା—ଆଉ ଦିନେ ଖଣ୍ଡେ ରୁହ ବାପା । ତମ କଥା ଗୁଡ଼ାକ ମତେ ଶୁଣିବା ପାଇଁ ଭଲ ଲାଗୁଛି ।

ବ୍ରହ୍ମାନନ୍ଦବାବୁ କହିଲେ—ଛୁଟି ବେଶୀ ଆଣି ନାହିଁ ବୋଲି ଗାଁକୁ ଯାଇ ପାରିଲି ନାହିଁ । ଆରଥରକୁ ଆସିଲେ ତମ ଘରେ ଦି'ଦିନ ଖଣ୍ଡେ ପଡ଼େ ରହିବି, ମାଉସୀ ।

ମାଉସୀ ତା'ପରେ ପରେଶ ଭାଇଙ୍କି କହିଲା—ପରୁ, ପୁଅର ଗାଁ ଠିକଣା ଟିକିଏ ଟିପି ରଖିବୁ, ଚିଠି ପତ୍ର ଖଣ୍ଡେ ତାଙ୍କ ବାପାଙ୍କ ପାଖକୁ ଦିଅନ୍ତେ ପରା ।

ପରେଶ ଭାଇ ହସି ହସି କହିଲେ—କିଛି ଲୁଆଡ଼ୁ ନ ହେଉଣୁ ଝିଅ ବାହାଘର ପାଇଁ ତା ମୁଣ୍ଡ ବଥାଇଲାଣି ।

ମାଉସୀ ନୀରବ ରହିଲେ ।

ହସ ଖୁସିରେ ବାଟ ଚାଲି ଚାଲି ସଭିଏଁ ଆସି ବସା ଦୁଆର ମୁହଁରେ ପହଞ୍ଚିଲୁ ।

ସତକୁସତ ଚାକିରଆ ଚୌକାଠ ପିଣ୍ଡା କାନରେ ବସି ଘୁମଉ ଥିଲା ।

\+ + +

ସେଦିନ ଝିଲ୍ଲୀମୁଖର ଗଭୀର ରାତିର ନିସ୍ତବ୍ଧତା ଭିତରେ ଅନୁଭବ କରୁଥିଲି ମୁଁ ଏକ ବିରାଟ ଶୂନ୍ୟତା । ଉମା ମୋ ପାଖରେ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଛି । ମାଉସୀ ତାର ସପ ଖଣ୍ଡିଏ ପାରି ପିଣ୍ଡାରେ ଶୋଇଛି ।

ମେଲା ଘରେ ପରେଶ ଭାଇ, ବ୍ରହ୍ମାନନ୍ଦବାବୁ ଦୁହେଁ ଶୋଇଥାନ୍ତି ।

ନିଶା ସୁ ସୁ ଗର୍ଜୁଛି । ରାତି ଅଧି ଗୋଟାକରୁ ଗଡ଼ି ଗଲାଣି । କାନ ପାରିଲି କିଏ ଜଣେ କବାଟରେ ଖୁବ୍ ଜୋରରେ ବାଡ଼ଉଛି ।

ପଡ଼ିଲା ନିଦ ମୋର ହଠାତ୍ ଗୁଣୁଁକନା ଭାଙ୍ଗିଗଲା, ସଙ୍ଗେ ସଙ୍ଗେ ଯାଇଁ ମାଉସୀଙ୍କି ଉଠାଇଲି ।

ସେହିକ୍ଷଣି ପରେଶ ଭାଇ, ବ୍ରହ୍ମାନନ୍ଦବାବୁ ଦୁହେଁ ଉଠି ପଡ଼ିଲେ ।

ତା' ପରେ ଆଲୁଅ ନେଇ ଦୁହେଁ ଦାଣ୍ଡ ପଟକୁ ଉଠିଗଲେ । କବାଟ ଶିକୁଳି ଖୋଲା ହେଲା ।

ପରେଶ ଭାଇ ପଚାରିଲେ—କିଏ ସେ ?

ଚିହ୍ନିପାରୁନ, ପରେଶ ? ମୁଁ ତୋର ସାଙ୍ଗ ରମେଶ । ନମସ୍କାରଟା କରିବାପାଇଁ ଆଜି ହାତ ଉଠୁନାହିଁ । ଆଉ ଏ ଦୁଇଜଣ ଥାନାର କନେଷ୍ଟବଲ୍ ।

ଜମାର ନିଦ ଯା' ଭିତରେ ଭାଙ୍ଗି ଗଲଣି । କବାଟ କଣରେ ଆମ୍ଭେ ଦି'ଜଣ ଛିଡ଼ା ହେଇଥାଉ । ମୁଁ ଭୟରେ ଗୋଟିପଣେ ଥରି ଉଠୁଥାଏ । ମାଉସୀ ରମେଶ ଭାଇଙ୍କ ତୁଣ୍ଡ ବାରି ଦାଣ୍ଡକୁ ଗଲେଣି ।

ପରେଶ ଭାଇ କହିଲେ—ହଉ, ଏଠିକି ଆସିବାର ଉଦ୍ଦେଶ୍ୟ ?

ରମେଶ ଭାଇ କହିଲେ—ଉଦ୍ଦେଶ୍ୟ ବୁଝିବା କିଛି ଆବଶ୍ୟକ ନାହିଁ । ତୋତେ ବର୍ତ୍ତମାନ ମୁଁ ଏଇଠୁ ଆରେଷ୍ଟ କରି ନେବି ।

ମୁଁ କାଠ ପିତୁଳାଟି ପରି ଛିଡ଼ା ହୋଇ ରହିଥାଏ ।

ପରେଶ ଭାଇ କହିଲେ—ମୁଁ କିଛି ଚୋରି କରି ନାହିଁ କି କାହାରିକି ମର୍ଡର୍ କରିନାହିଁ ଯେ ପୋଲିସ ମତେ ବାନ୍ଧି ନେଇଯିବ ।

ତା'ପରେ ରମେଶ ଭାଇ ଗର୍ଜି ଉଠି କହିଲେ—ଚୁପ୍ ରହ । ଯାହା ତୁ ଅପରାଧ କରିଛୁ, ତାହା ପୁରାପୁରି ଅକ୍ଷମଣୀୟ । ଏକ ନାରୀ ହରଣ ଦୋଷରେ ତୁ ବର୍ତ୍ତମାନ ଅଭିଯୁକ୍ତ ।

ବ୍ରହ୍ମାନନ୍ଦ ବାବୁ ଠିଆ ହୋଇ ସବୁ ଦୃଶ୍ୟ ଦେଖୁଥାନ୍ତି ।

ମାଉସୀ ଖାଲି କାନ୍ଦୁଥାଏ । ବ୍ରହ୍ମାନନ୍ଦ ବାବୁ ତାଙ୍କୁ ବୁଝେଇ ଶୁଝେଇ ଘର ଭିତରକୁ ପଠାଇ ଦେଲେ ।

ପରେଶ ଭାଇ କହିଲେ—ମୁଁ ନାରୀ ହରଣ କରିଛି ? ଉପଯୁକ୍ତ ପ୍ରମାଣ ଦେଇ ପାରିବ ତ ?

ରମେଶ ଭାଇ କହିଲେ—ମୁଁ ବର୍ତ୍ତମାନ ପଚାରୁ ପାରେ ଉଷା କାହିଁ ? ତାକୁ ଆଧୁନିକତାରେ ପୂର୍ଣ୍ଣତା ହାସଲ କରିବାକୁ ପ୍ରଥମେ ଇସାରା ଦେଇଥିଲା କିଏ ?

ପରେଶ ଭାଇ କହିଲେ—ସେ ସମ୍ବନ୍ଧରେ ତମର ଯୋଗ୍ୟା ଭଉଣୀଙ୍କୁ ତୁମେ ପଚାରି ପାର । ସେ ତାହାର ଯଥାର୍ଥ ଉତ୍ତର ଦେବେ ।

ରମେଶ ଭାଇ ଚିଡ଼ି ଉଠି କହିଲେ—ମୁଁ ବର୍ତ୍ତମାନ ସେ ପିଲାଳିଆ କଥା ସୁଅରେ ଭାସି ଯିବାର ମଣିଷ ନୁହେଁ । ମୁଁ ଆଜି ଆସିଛି ଗୋଟାଏ ସୁଦୂର ଫଇସଲା କରିବା ପାଇଁ । ମୁଁ ଜାଣିବାକୁ ଚାହେଁ ତାକୁ କଲିକତା ଶାନ୍ତି ନିକେତନକୁ ପଠାଇଥିଲା କିଏ ?

ପରେଶ ଭାଇ କହିଲେ—ଥରେ କହିଛି, ସେ ବିଷୟ ତମର ସୁଯୋଗ୍ୟା ଭଉଣୀଙ୍କୁ ତମେ ପଚାର । ଶାନ୍ତି ନିକେତନ ପରି ପବିତ୍ର ଆଦର୍ଶ ଅନୁଷ୍ଠାନକୁ ଉପଯୁକ୍ତ ଷ୍ଟାଇପେଣ୍ଡ୍ ନେଇ ଯାଇ ଯେଉଁ, ସୁକୀର୍ତ୍ତି ଅର୍ଜନ କରିଛନ୍ତି ଆଗେ ତାହାଁର ନିଷ୍ପତ୍ତି ହେଉ । ତା'ପରେ ଫଇସଲାର ପ୍ରଶ୍ନ ଉଠିବ ପଛେ । ମୁଁ ଯେଉଁ ଷ୍ଟାଇପେଣ୍ଡ୍ କରାଇ ଦେଇଥିଲି ତା'ର ପୁରସ୍କାର ମୁଁ ଖୁବ ପାଇ ସାରିଛି ।

ରମେଶ ଭାଇ କହିଲେ—ଏତେ ବଦାନ୍ୟତା ଦେଖାଇବା ପାଇଁ ତୋ ମୁଣ୍ଡ କାହିଁକି ବଥାଇଲା ।

ପରେଶ ଭାଇ ଉତ୍ତର ଦେଲେ—ଅଭାବଗ୍ରସ୍ତ ଲୋକକୁ ସାହାଯ୍ୟ କରିବାକୁ ମୁଁ ଏକ ଗୌରବ ଅନୁଭବ କରେ । ତା' ପରେ ସେ ଜଣେ ମୋର ସାଙ୍ଗର ଭଉଣୀ ।

ରମେଶ ଭାଇ ପୁଣି ପ୍ରଶ୍ନ କଲେ—ଶାନ୍ତି ନିକେତନ ପଢ଼ିଲା ବେଳେ ସେ କି ସର୍ତ୍ତରେ ତୋଠୁଁ ଟଙ୍କା ସାହାଯ୍ୟ ପାଇଛି ?

ମୁଣ୍ଡ କୁଣ୍ଡାଇ କୁଣ୍ଡାଇ ପରେଶ ଭାଇ କହିଲେ— ସତ୍ତି ? ତମ ଭଉଣୀ ସହିତ ମୋର ପୁଣି ସତ୍ତିର ପ୍ରଶ୍ନ ଉଠୁଛି ? ଖୁବ୍ ହସାଇଲ ବନ୍ଧୁ । କଥା କହିବାରେ ତୁମେ ବହୁ ଆଗେଇ ଯାଇଛ । ବର୍ତ୍ତମାନ ଆଉ ଟିକଏ ପଛକୁ ଫେରିଗଲେ ତହିଁରେ କିଛି ଆପତ୍ତି ଅଛି କି ?

ରମେଶ ଭାଇ ନାଲି ଆଖି ଦେଖେଇ କହିଲେ—ଟିକଏ ସଞ୍ଜତ ଭାବରେ କଥାବାର୍ତ୍ତା କର । ପୂର୍ବ ବନ୍ଧୁତାର ସୁଯୋଗ ନେଇ ତୁ ଖୁବ୍ ସୀମା ଲଙ୍ଘନ କରି ଗଲୁଣି । ମୁଁ ଜାଣେ, ତୁ ତାକୁ ବିବାହର ପ୍ରତିଶ୍ରୁତି ଦେଇଛୁ ?

ପରେଶ ଭାଇ କହିଲେ—ମୋର ସେଠା ଖିଆଲ୍ ଆସୁ ନାହିଁ ?

ରମେଶ ଭାଇ ମୁଣ୍ଡ ହଲେଇ କହିଲେ—ସବୁ ବର୍ତ୍ତମାନ ବଲେ ବାହାରିବ । ତା'ପରେ ସେ ଶାନ୍ତି-ନିକେତନରୁ କୁଆଡ଼େ ଗଲା ? ସେଥିପାଇଁ ଦାୟୀ କିଏ ?

ପରେଶ ଭାଇ କହିଲେ—ତାର ଖବର ମୁଁ କିଛି ଏ ପର୍ଯ୍ୟନ୍ତ ରଖିନାହିଁ । ରଖିବା ପାଇଁ ମୋର କିଛି ଦରକାର ପଡ଼ି ନାହିଁ ।

ରମେଶ ଭାଇ ବ୍ୟଙ୍ଗ ଓ ବିଦ୍ରୂପ ଛଳରେ କହିଲେ—କଲିଜା ବେଶ୍ ଦମ୍ଭ ଅଛି ଦେଖୁଛି । ହଉ ଶାନ୍ତି ନିକେତନ ପରେ ତାର ଦଶା କଣ ହେଲା, ତା'ହେଲେ କହି ପାରିବୁନି କିଛି । ସେ ମିଥ୍ୟା ଭଣ୍ଡାମିର ଆଶ୍ରୟ ନେଇ ଏମିତ କେତେଦିନ ଚଳିବ !

ତାର ବର୍ତ୍ତମାନ ଆଉ ଅନ୍ୟ କୌଣସି ସହାୟ ନାହିଁ । ତା' ସାରା ଜୀବନର ଭରଣ ପୋଷଣ ପାଇଁ ତୁ ଏକମାତ୍ର ଦାୟୀ ।

ପରେଶ ଭାଇ କହିଲେ—ମାନେ ?

ବ୍ରହ୍ମାନନ୍ଦବାବୁ ଏତେ ସମୟ ଧୀରସ୍ଥିର ଭାବରେ ଛିଡ଼ା ହୋଇ ଶୁଣୁଥିଲେ । ତା'ପର ପରେଶ ଭାଇଙ୍କି କହିଲେ—ମାନେ କଣ ବୁଝି ପାରୁ ନାହୁଁ ? କଲେଜରେ କି ଫିଲୋସଫି ଏତେ ପଢୁଥିଲୁ ? ବର୍ତ୍ତମାନ

ସେ ଭବୀ ସନ୍ତାନର ମା ହେବାକୁ ଯାଉଛନ୍ତି । ଚରିତ୍ରହୀନା ବୋଲି ଘବନ ଶିକ୍ଷା ବିଭାଗ ତାଙ୍କୁ କାର୍ଯ୍ୟରୁ ଅନ୍ତର କରି ଦେଇଛି ।

ରମେଶଭାଇ କହିଲେ— ତାକୁ ତୁ କୁପଥରେ ବାଟ ଚଲେଇ ଶିଖେଇଛୁ । ବର୍ତ୍ତମାନ ତୁ ତାକୁ ସମାଜରେ ଗ୍ରହଣ କରିବାକୁ ବାଧ୍ୟ । ଶୀଘ୍ର ଏହାର ନିଷ୍ପତ୍ତି କରି ମତେ ଉତ୍ତର ଦେ ।

ପରେଶଭାଇ କହିଲେ—ସେ ଭଳି ଚରିତ୍ରହୀନା କଳଙ୍କିନୀ ମୋର ସ୍ତ୍ରୀ ପଦବାଚ୍ୟ ନୁହେଁ ।

ତା'ପରେ ରମେଶଭାଇ ଚିଡ଼ ଉଠି କହିଲେ—ଏଣିକି ଟିକିଏ ସଂଯତ ଭାବରେ କଥାବାର୍ତ୍ତା କର । ମନେରଖ, ପୂର୍ବରୁ ତୋ ସହିତ ତାର ବିବାହ ପ୍ରସ୍ତାବ ମୁଁ ପକାଇଲି । କଥା ଛଳରେ ମୁଁ ବହୁବାର ସେହି ପ୍ରଶ୍ନ ଉତ୍ଥାପନ କରିଥିଲି । କିନ୍ତୁ ମୋର ଏହି ଦୁର୍ବଳ-ତାର ପ୍ରଶ୍ରୟ ନେଇ ତୁ ବହୁବାଟ ଆଗେଇ ଯାଇଛୁ । ବର୍ତ୍ତମାନ ବେଳ ଅଛି ତୁ ତାକୁ ଗ୍ରହଣ କର । ତା'ପରେ ସେ ବଉଳର ନାଁ ଧରି ଡାକିଲେ ।

କୌତୁକଭରା ଦୃଷ୍ଟିରେ ଗୃହିଁ ରହିଥାଏ । ସେହିଛୁଣି ଦାଣ୍ଡ ପଟରୁ ମଳାଲଗା ଖଣ୍ଡେ ପିନ୍ଧି ବଉଳ ଆସି ଠିଆ ହେଲା ପିଣ୍ଡା ଉପରେ । ବଡ଼ କରୁଣ ତାର ଗୃହାଣି । ହାତରେ ତାର ସୁଟ୍‌କେଶ୍ ଖଣ୍ଡିଏ ଓହଳେଇଛି । ଡ଼ର ଭୟ ତା ଠି କିଛି ନାହିଁ ।

ରମେଶଭାଇ କହିଲେ—ତଥାପି ମୁଁ ଶେଷଥର ପାଇଁ ତତେ ଅନୁରୋଧ କରୁଛି, ତୁ ତାକୁ ଗ୍ରହଣ କର !

ପରେଶଭାଇଙ୍କର ସେହି ଏକା ଜିଦ୍—ନାଁ ।

ବଉଳ କର୍କଶ ସ୍ୱରରେ କହିଲା—ଏତେ ବେଳକୁ—ନାଁ ? ଏତେ ପରିହାସ ଖେଳ ଆପେ ସ୍ୱାର୍ଥପର ପୁରୁଷଙ୍କୁ ।

ପରେଶଭାଇ ଷରମ ଛଡ଼ା ରୁକ୍ଷ ସ୍ୱରରେ ଉତ୍ତର କଲେ—ସ୍ୱାର୍ଥ ପରାୟଣା ନାରୀ ଠାରୁ. ଅବଶ୍ୟ କମ୍ । ଭ୍ରାବଚନ୍ଦ୍ର ଘଟଣା ମୀମାଂସା କର ।

ବକିଲ ତା'ପର ରମେଶ ଭାଇଙ୍କି କହିଲା—ଭାଇ, ଏତେ କଥାରେ କଣ ଅଛି ? ତମେ ମାଜିଷ୍ଟ୍ରେଟ୍ କୋର୍ଟରେ ଖୋରାକି ପୋଷାକି ପାଇଁ ଗୋଟିଏ ମକଦ୍ଦମା ଦାଏର୍ କର । ମୁଁ କାନ ମୋଡ଼ି ସବୁ ଆଦାୟ କରିବି । ଏଇ ସୁଟ୍‌କେଶ୍ ଭିତରେ ମୁଁ ସବୁଟେଠି ସାଇତି ରଖିଛି ।

ରମେଶଭାଇ କହିଲେ—ଏ ଦୁଇଟି ପ୍ରଶ୍ନ ଭିତରୁ ଗୋଟିଏ ବାଛିନେ—ପରେଶ ।

ପରେଶଭାଇ କହି ଉଠିଲେ—ପରେଶ ଏତେ ଭୀରୁ କାପୁରୁଷ ନୁହେଁ ଯେ କାହାର ନାଲି ଆଖି ଦେଖି ସେ ଭୟ କରିଯିବ ।

ବ୍ରହ୍ମାନନ୍ଦବାବୁ ଶୁଣି ଶୁଣି କହିଲେ—ଘଣ୍ଟାଏ କାଳ ଠିଆ ହୋଇ ମୁଁ ଆପଣମାନଙ୍କର କଥୋପ-କଥନ ଶୁଣୁଛି । ମୁଁ ପ୍ରଥମେ ଆପଣମାନଙ୍କୁ ପଚାରେ—ଏ ସ୍ତ୍ରୀ ଲୋକଟି ଆପଣଙ୍କର କପରି ଭାବରେ ଭଉଣୀ ।

ରମେଶଭାଇ କହିଲେ—ମୋର ସହୋଦରା ।

ତା'ପରେ ବ୍ରହ୍ମାନନ୍ଦବାବୁ କହିଲେ—ଦୟାକର ଆପଣ ତେବେ ଶୁଣନ୍ତୁ । ଯା' ହେବାର ହୋଇ ଯାଇଛି, ଆଉ ଏହାଙ୍କ ସକାଶେ ଆପଣ ମୁଣ୍ଡରେ କଳଙ୍କ ପସରା ମୁଣ୍ଡାନ୍ତୁ ନାହିଁ । ଏ ପ୍ରକୃତରେ ଆପଣଙ୍କର କୁଳକଳଙ୍କିନୀ !

ରମେଶ ଭାଇ ଭୀଷଣ ଭାବରେ ରାଗି ଉଠିଲେ, କହିଲେ--ମୋ ଭଉଣୀର ଦୁର୍ନାମ ମୋ ସାମ୍ନାରେ ଆପଣ ବଖାନ୍ କରିବାକୁ ସାହାସ କରୁଛନ୍ତି ? ମୋ ଆଖି ଆଗରେ ମୋ ଭଉଣୀର ଅବମାନନା ?

ବ୍ରହ୍ମାନନ୍ଦବାବୁ ହସି ହସି କହିଲେ—ସତ କଥା କହିବାକୁ ମୁଁ ଆଦୌ ଭୟ କରେ ନାହିଁ । ତା'ପରେ ଆପଣ ବହୁ କଥା କହି ଗଲେଣି । ପଦାକୁ ଗୋଡ଼ କାଢି ଶାନ୍ତି ନିକେତନରେ ଯାଇଁ ବିଦ୍ୟାର୍ଜନ କଲେ ସେଠି ଶିକ୍ଷା ବିଭାଗର ଭୁଲନୁହେଁ । ଭୁଲ ଯାଁଙ୍କର ପର କେତେ ଜଣ ଚରିତ୍ରହୀନାଙ୍କର । ଶିକ୍ଷାର ଦୁଆ ଦେଇ ଆପଣାର ଚରିତ୍ର ଦୂଷିତ କରି ଯେଉଁମାନେ ଶିକ୍ଷାର ଦୁର୍ନାମ ରଟନା କରୁଛନ୍ତି ତାଙ୍କୁ ନିର୍ମମ ହିଟଲରୀ ଚାବୁକ ଦରକାର । ଏମାନଙ୍କୁ ଗୋଟି ଗୋଟି କରି ଫାସିଖୁଣ୍ଟରେ ଝୁଲାଇବା ଉଚିତ । ନର୍ସ, ମାଷ୍ଟ୍ରାଣୀ ପ୍ରଭୃତି ବିଶେଷତଃ ଏଇ ସୁଯୋଗ ପାଇ ଅପହାର ଚରିତ୍ର ନଷ୍ଟ କରି ନିଜର କର୍ତ୍ତବ୍ୟ ପଥରେ ଅବହେଳା କରୁଛନ୍ତି । ଏମାନଙ୍କର ଚରିତ୍ର ସଂଶୋଧନ ନ ହେଲେ ଦେଶ କେବେହେଲେ ଆଗେଇବ ନାହିଁ ।

ରମେଶଭାଇ ଚିଡ଼ି ଉଠି କହିଲେ—ଏ'ଟା ବକ୍ତୃତା ପେଣ୍ଡାଲ୍ ନୁହେଁ । ମୋତେ ବର୍ତ୍ତମାନ ଉପଯୁକ୍ତ ପ୍ରମାଣ ଦେଖାଇ ପାରିବେ ?

ତା'ପର ବ୍ରହ୍ମାନନ୍ଦବାବୁ କହିଲେ—ଖାଲି ଗୋଟାଏ କାହିଁ କି, ଆହୁରି ଦଶ ପାଞ୍ଚଟା ଦେଖାଇ ପାରିବି ।

ତା'ପର ସେ ପରେଶ ଭାଇଙ୍କୁ ଇସାରା ଦେଲେ । ପରେଶଭାଇ ଘର ଭିତରୁ ସବୁ ଫଟୋଯାକ ନେଇଗଲେ ।

ବ୍ରହ୍ମାନନ୍ଦବାବୁ କହିଲେ—ରମେଶବାବୁ, ଟିକିଏ ଯେବେ ଅନୁମତି ଦେବେ, ଆପଣଙ୍କ ଭଉଣୀ ସହିତ ମୁଁ ଦୁ'ଚାରିପଦ କଥାଭାଷା ହେବି ।

ରମେଶଭାଇ ନିରୁତ୍ତର ହେଲେ ।

ବ୍ରହ୍ମାନନ୍ଦବାବୁ ତା'ପର ବଉଳକୁ ଅନାଇ କହିଲେ—ଆପଣ ମୋତେ ଚିହ୍ନି ପାରୁଛନ୍ତି ?

ବଉଳ କହିଲା—ପ୍ରାୟ କଲିକତାରେ ଦେଖିଲା ପରି ଲାଗୁଛି ।

କେତେଥର ଦେଖିଛନ୍ତି ମୋତେ ?

ବଉଳ କହିଲା—ଥରେ ଅଧେ ।

ବ୍ରହ୍ମାନନ୍ଦବାବୁ ପରେଶ ଭାଇଙ୍କ ହାତରୁ ଫଟୋ ଗୁଡ଼ିକ ନେଇ ରମେଶଭାଇଙ୍କ ସାମନାରେ ବଉଳକୁ ଦେଖାଇଲେ । କହିଲେ—ଚିହ୍ନନ୍ତୁ ଏ ଫଟୋ ଗୁଡ଼ିକ । ଏ ଗୁଡ଼ିକ ଆପଣଙ୍କର ନା ଆଉ କାହାର ? ଏ ଭଦ୍ରଲୋକ ଗୁଡ଼ିକ କିଏ ? ତ୍ରିବେଣୀ, କାଳିଘାଟ, ତାରକେଶ୍ବର, ଗଙ୍ଗାକୂଳ, ପାର୍କ ସବୁ ଯାଗାର ଫଟୋ ଗୁଡ଼ିକ ସାଇତା ହୋଇ ରହିଛି ।

ବଉଳ ଚିଡ଼ି ଉଠି କହିଲା—ଏ ସବୁ ମୋର ନୁହେଁ । ଆପଣ ଏ ସବୁ କୁଆଡୁ ଆଣିଲେ । ଆପଣ ଦୁଷ୍ଟଚରିତ୍ର, ଆପଣ ବଡ଼ ଅଭଦ୍ର । ଏ ଫଟୋ ଗୁଡ଼ିକ ଆପଣ ଶୀଘ୍ର ନଷ୍ଟ କରନ୍ତୁ ।

ବଉଳ କହୁ କହୁ କାନ୍ଦି ପକାଇଲା ।

ତା'ପରେ ରମେଶ ଭାଇଙ୍କୁ ବ୍ରହ୍ମାନନ୍ଦବାବୁ ଫଟୋ ଗୁଡ଼ିକୁ ଚିହ୍ନାଇ ଦେଉଥିଲେ, କହୁଲେ—ଦେଖନ୍ତୁ, କିପରି ମଉଜରେ ବସି କଲିକତା ସହରରେ ଅନ୍ନ ଧ୍ୱଂସ କରି ଭଉଣୀ ଆପଣଙ୍କର ଫଟୋ ନେଇଛନ୍ତି । ଆପଣ ପୁଣି ଯୋଗ୍ୟ । ଭଉଣୀଙ୍କ ପାଇଁ ଏତେ କାତର ହୋଇ ପଡୁଛନ୍ତି । ଏ ଭଳି ନାରୀଙ୍କୁ ଶୀଘ୍ର ସମାଜରୁ ବିତାଡ଼ିତ କରିବା ଦରକାର ।

ବଉଳ ତା'ପର ରମେଶ ଭାଇଙ୍କୁ କାନ୍ଦି କାନ୍ଦି କହିଲା—ଭାଇ, ଶୀଘ୍ର ଆପଣ ଚାଲି ଆସନ୍ତୁ । ଯିଏ'ଙ୍କ ନାଁରେ କୋର୍ଟରେ ଶୀଘ୍ର ମକଦ୍ଦମା ଦାଏରେ କରନ୍ତୁ । ସାରା ଜୀବନ ଏଇ ମୋର ଖୋରାକ ପୋଷାକ ପାଇଁ ପୂରା ଦାୟୀ ।

ରମେଶଭାଇଙ୍କ ମୁଣ୍ଡରେ ଯେମିତି ଚେନ୍ଦୁଳିଆ ବଜ୍ର ବାଜୁଥିଲା । ସେ ନିନ୍ଦା ଅପମାନରେ ଆଉ ମୁହଁ ଦେଖାଇବାକୁ କୁଣ୍ଠା ବୋଧ

କରୁଥିଲେ । ସେ ରାଗ ତମ ତମ ହୋଇ ବଉଳକୁ କହି ପକାଇଲେ, କଳଙ୍କିନୀ ? ତାଙ୍କ ଓଠ ଥରିବାକୁ ଲାଗିଲା ।

ସେ ଝଡ଼ପରି ଦାଣ୍ଡରୁ ପଳାଇ ଗଲେ । ସିପାହୀମାନେ ହସାହସି ହୋଇ ତାଙ୍କ ପଛେ ପଛେ ଚାଲିଗଲେ ।

ବଉଳ ଅଧା ପାଗଳୀ ପରି କାନ୍ଦି କାନ୍ଦି ସେଠୁ କୁଆଡ଼େ ଖସି ଚାଲିଗଲା ।

ତା'ପରେ ମୁଁ ଦାଣ୍ଡକୁ ଯାଇ ଅନାଇଲି, ପଦେ ଦିପଦ ତା ସହିତ କୋଉଠି ଠିକିଏ କଥାବାର୍ତ୍ତା ହେବ ବୋଲି । କିନ୍ତୁ ତାର ଚନ୍ଦ୍ରବର୍ଣ୍ଣ କୋଉଠି ଦେଖିଲି ନାହିଁ । ସ୍ତ୍ରୀ ଲୋକଟା ଏକୁଟିଆ କୁଆଡ଼େ ପାଗଳୀ ପରି ରାତି ଅଧରେ ପଳାଇଲାଣି । କୋଉଠି ଯାଇଁ ବଳକରେ ଆତ୍ମହତ୍ୟା କରି ଦେବନି କଣ ? ଏଠି କୋଉଠି ମୁଣ୍ଡ ଗୁଞ୍ଜି ରହିଯାନ୍ତା । ଖଟନ୍ତା ଖାଆନ୍ତା, ନିଶ୍ଚିନ୍ତରେ ମୁଣ୍ଡପାତି ରହି ଅଶ୍ରମ ଜୀବନ ଗଢ଼ନ୍ତା । ଆହା, କାହିଁକି ତାକୁ ଏ ପାପବୁଦ୍ଧି ଦେଖା ହେଲା ।

ମୁଁ ସୁଁ ହୋଇ ମୁଁ କାନ୍ଦି ପକାଇଲି ।

ପରେଶ ଭାଇଙ୍କି ବ୍ରହ୍ମାନନ୍ଦବାବୁ କହିଲେ—ପରେଶ, ଏ ଫଟୋ ଗୁଡ଼ିକୁ ଭଲ ଭାବରେ ଯତ୍ନ କରି ରଖିବୁ । ତଟେ କେତେବେଳେ ସେମାନେ ହୁଏତ ବିପଦରେ ପକାଇ ପାରନ୍ତି ।

ପରେଶଭାଇ କହିଲେ—ବ୍ରହ୍ମାନନ୍ଦ, ତୁ ପ୍ରକୃତରେ ମୋର ଜୀବନର ବନ୍ଧୁ । ତୋ ଋଣ ବାସ୍ତବିକ ମୁଁ ଶୁଝି ପାରିବି ନାହିଁ ।

ବ୍ରହ୍ମାନନ୍ଦବାବୁ ହସି ହସି କହିଲେ—ଦେଖ୍, ମୁଁ ଚାଲି ଯାଉଛି, ଦରକାର ପଡ଼ିଲେ ମୋ ପାଖକୁ ଟେଲିଗ୍ରାମ କରିବୁଟି ।

ପରେଶଭାଇ କହିଲେ—ସେଥିରେ ଆଉ ଭୁଲ କରୁଛି ଅଛି ! ଘଣ୍ଟାକ ପରେ ସମସ୍ତେ ଶୋଇବା ପାଇଁ ଗଲୁ ।

କେଇଟା ଦିନ ଭିତରେ ଦୁନିଆ ବଦଳି ଗଲା । କିନ୍ତୁ ମୁଁ ସବୁ ଦିନ ପରି ସେମିତି କପୋତ ପରି ଝୁର ହେଉଛି । କାହିଁ, କିଛି ତ ମୋର କୋଉଠି ପରିବର୍ତ୍ତନ ହେଉନାହିଁ ।

ଗଛତଳର ଶୀତଳ ଛାଇ, ପବନ ଆଧାର ଆଉ କଣ ଏମୋ ପୋଡ଼ା ଭାଗ୍ୟରେ ରହିଛି ।

ବ୍ରହ୍ମାନନ୍ଦବାବୁ କଲିକତା ଚାଲି ଗଲେଣି, ପରେଶ ଭାଇ ସବୁଦିନ ପରି ଅଫିସ କାମରେ ବ୍ୟସ୍ତ ।

ତା'ପରେ ଦିନେ ଝଣ୍ଟେ ମଉସାଙ୍କ ପାଖରୁ ପୁରୀରୁ ଚିଠି ଆସି ପହଞ୍ଚିଲା । ଚିଠିରେ ଲେଖିଛନ୍ତି, ସବୁ କଥା ମୁଁ ଶୁଣିଲି । ହଁ, ସେ ସବୁ କଥା ବର୍ତ୍ତମାନ ଛାଡ଼ । ବର୍ତ୍ତମାନ ତାଙ୍କର ମଉସା ମୋ ନିକଟ ଲେଖୁଛନ୍ତି—ନୀଳ ସହିତ ତା'ର ସମ୍ବନ୍ଧ ସ୍ଥାପନ ପାଇଁ । ଆମ ସମାଜରେ ଏ ସବୁ ଚଳିବତ ? ଯଦି ମନକୁ ପାଏ, ତା'ହେଲେ ତାଙ୍କୁ ସେହିପରି ଜବାବ ଦେବ । ମୁଁ ଏଥିରେ ପୂର୍ଣ୍ଣ ସମ୍ମତ । ପରେଶଙ୍କୁ ଚିଠି ଲେ ମୁଁ ସଂସାରୀ ହେବାରେ ଦେଖିଲେ ଭାରି ଖୁସି ହେବ ।

ମାଉସୀ ବସି ଚିଠି ଶୁଣୁଥିଲା, ଉମା ତା' ପାଖରେ ବସି ଚିଠି ପଢ଼ୁଥିଲା । ପରେଶ ଭାଇ ଅଫିସକୁ ଯାଇଥିଲେ ।

ଚିଠି ପଢ଼ୁ ପଢ଼ୁ ଉମା ହସିଲା, କହିଲା—ବୋଉ, ଆଉ ସମ୍ବନ୍ଧ କଣ ଦରକାର ? ନୂଆବୋହୂ ପରି ଆମ ଘରେ ରହିଲାଣି ?

ତା'ପରେ ମୋତେ ଡାକିଲା—ନୂଆବୋହୂ ?

ମାଉସୀ ତା' ଉପରେ ଭାରି ଚିଡ଼ି ଉଠିଲେ ।

ଲୋକ ଦେଖାଣିଆକୁ ମୁଁ କାନ୍ଦ ପକାଇଲି, କହିଲି—ମାଉସୀ, ମୁଁ ଗାଁକୁ ଯାଆନ୍ତି ।

ମାଉସୀ—ହସିଲା ।

ଏଟି ରହି ବଡ଼ ଅପଦସ୍ତ ହେଲି ମଣିଷ । ମନେ ମନେ ମୁଁ ପ୍ରମାଦ ଗଣିଲି । ମନହେଲା, ଏ ମୁହୂର୍ତ୍ତରେ ବାପା ଗାଁରୁ ଆସି ପହଞ୍ଚିଲେ ତାଙ୍କ ସାଥିରେ ମୁଁ ପଳାଇଯାନ୍ତି ।

କାନ୍ଥ ଘଣ୍ଟାରେ ଠନ୍ ଠନ୍ ହୋଇ ଦୁଇଟା ବାଜିଲା । ପରେଶ ଭାଇ ଅଫିସରୁ ଫେରିଲେ । ଝାଳଗଳା ଅଣ୍ଡିଆ ହୋଇଛନ୍ତି । ମନ ହେଉଥିଲା ବଅଁଶାରେ ଟିକିଏ ବସି ହେବା ପାଇଁ । ସରମରେ ଆଉ ବସିବାକୁ ଗଲି ନାହିଁ । ଉମା ହାତରେ ବଅଁଶାଟାକୁ ପଠାଇ ଦେଲି ।

ପରେଶ ଭାଇ ହସ ହସ ହୋଇ କହିଲେ—ବୋଉ, ତୁ ଆଉ କନ୍ଦାକଟା କରିବୁ ନାହିଁ । ତୋ ପାଖରୁ ମୁଁ ଦୁଇ ବର୍ଷ ପାଇଁ ଅନ୍ତର ହୋଇ ଯାଉଛି ।

ମାଉସୀ ଅତି ଆଗ୍ରହରେ ପଚାରିଲା—କୁଆଡ଼େ ତୋତେ ମୁଁ ମୁରୁଛି ରହିବ ରେ । ଏ ଆଖି ଦଇଟା ଫୁଟାଇ ଦେଇ କୁଆଡ଼େ ଯିବୁ ?

କହୁ କହୁ ସେ ଆପଣା ଲୁଗା କାନିରେ ତାଙ୍କର ମୁହଁ ପୋଛି ଦେଲା ।

ତା'ପରେ କହିଲେ—ମୁଁ ବିଲାତ ଯାଉଛି ।

ଉଜ୍ଜ୍ୱଳ ଉଠିଲା ମୋର ମୁହଁ । ପରେଶ ଭାଇ ମୋର ବିଲାତ ଯିବେ ।

ମାଉସୀ ମୁହଁ ଶୁଖାଇ କହିଲା—କ'ଣ କହିଲୁ ? ବିଲାତ ଯିବୁ ? ମୋତେ ତା'ହେଲେ ମାଟି ଘୋଡ଼େଇ ଦେଇ ଯାଆ । ତୋ ଆସିଲା ବେଳକୁ ଜୀବନରେ ମୁଁ ଥିଲେ ହେଲା ।

କହୁ କହୁ ମାଉସୀ ଦୁଃଖରେ କାନ୍ଦି ପକାଇଲା ।

ମୁଁ ପାଖକୁ ଯାଇଁ ମାଉସୀର ଲୁହ ପୋଛି ଦେଲି ।

ଉମା କହିଲା—ବୋଉ, ତୁ ଏତେ ଡରିଲୁ ? କିଏ ବିଲାତ ଯିବା ପାଇଁ ଧନ ପାଉ ନାହିଁ, ପର ଟଙ୍କାରେ ଭାଇ ବିଲାତ ଯାଇଁ ବେଶୀ

ପାଠ ପଢ଼ି ଫେରିବେ, ତୁ ତାଙ୍କୁ ବର୍ତ୍ତିମାନ ସିନା କଲ୍ୟାଣ କର ତାଙ୍କର ଶୁଭ ମନାସନ୍ତୁ, ଆହୁରି କାନ୍ଦୁଛୁ ? ଛି—ଛି—ଛି ।

ପରେଶ ଭାଇଙ୍କ କଥାରେ ସେହି ଡୁହା ଦେଲେ । ମାଉସୀ ଚୁପ ହେଲା ।

ତା'ପରେ ପରେଶଭାଇ କହିଲେ—ଓଡ଼ିଆ ଶ୍ରେଷ୍ଠ ବ୍ୟବସାୟୀ ମାଧବ ପଟ୍ଟନାୟକ ବ୍ୟବସାୟ ଧ୍ୱ ସାବ କିତାବରେ ଗୋଟାଏ ଭଲ ଟ୍ରେନିଂ ପାଇବା ପାଇଁ ମୋତେ ବିଲାତ ପଠାଉଛନ୍ତି । ଓଡ଼ିଶାରେ ତାଙ୍କର ଭଲ ସୁଖ୍ୟାତି ରହିଛି । ମୋର ତାଙ୍କ ସହିତ ଘନିଷ୍ଠତା ଯୋଗୁ ସେ ମୋତେ ବିଲାତ ପଠାଉଛନ୍ତି । ଦୁଇ ବରଷ ପରେ ମୁଁ ବିଲାତରୁ ଫେରିଲେ ନିଶ୍ଚୟ ତାଙ୍କ ଫାର୍ମରେ ହଜାରଟଙ୍କା ବେତନ ପାଇବି ।

ଗର୍ବରେ ବୁକୁମୋର କୁବେର୍ମୋଟ ହୋଇ ଯାଉ ଥାଏ । ସବୁଦିନ ଅପେକ୍ଷା ଆଜି ପରେଶଭାଇ ମୋତେ ଖୁବ୍ ସୁନ୍ଦର ଦିଶୁଛନ୍ତି ।

ମାଉସୀ ତାଙ୍କ ମୁହଁକୁ ବଲବଲ କରି ଚାହିଁ ରହିଥାଏ ।

ଉମା କହିଲା—ତମେ ବିଲାତ ଯାଅ । ଏ ସୁଯୋଗ କେବେ ଛାଡ଼ନା । କିଏ ଖୋଜିଲେ ପାଉନାହିଁ, ଆମକୁ ମିଳୁଛି ଯେତେବେଳେ ଆମେ ଛାଡ଼ିବା କାହିଁକି ?

ତା'ପରେ ପରେଶଭାଇ ହସି ହସି କହିଲେ—ମଉସାଙ୍କ ପାଖକୁ, ବାପାଙ୍କ ପାଖକୁ ଟେଲିଗ୍ରାମ ଦୁଇଟା ପଠାଇ ଦେଇ ଆସିଛି । ସେମାନେ କାଲି ରାତିସୁଦ୍ଧା କଟକରେ ଆସି ପହଞ୍ଚିବେ । ତା'ପରେ ତମେ ସମସ୍ତେ ମୋ ସହିତ ବମ୍ବେ ଯାଇଁ ମୋତେ ଜାହାଜ ଚଢ଼ାଇ ଦେଇ ଆସିବ ।

ଉମା କହିଲା—ମୀଲ ଅପା, କାଲେ ଆସୁନୁ ଏଠିକି ? ସମସ୍ତେ ପରା ବମ୍ବେ ବାହାରିଲୁଣି । ବମ୍ବେ ସହର ଦେଖି ଆସିବୁ ନାହିଁ ?

ମୁହଁରୁ ପାଣି ଛଡ଼େଇ ହସି ହସି କହିଲି—ତୁ ତ ଯିବୁ, ମୋ ଠି କଣ ଅଛି ? ତୋର ସିନା ଅଧିକାର ଅଛି, ମୋତେ କାହିଁକି କହୁଛୁ ?

ଏତେ ମାଙ୍କଲ୍ ଠୋକାଇ ସେ । ପରେଶଭାଇଙ୍କ ସାମନାରେ ମୋତେ ଚୁପି ଚୁପି କହିଲା—ନାହିଁ ମ, ମୋର ତ ଭାଇ ସହଜେ, ତୋ ଅଧିକାରଟା ହାତକୁ ସ୍ୱତନ୍ତ୍ର ବେନ୍ଧିଗଲାଣି ପରା ।

ପରେଶଭାଇ ବୁଝି ପାରିଲେ କି କଣ, ଭାରି ହସୁଥିଲେ ।

ତା'ପରେ ଜମା କହିଲା—ଭାଇ, ଆମ ଯିବା ଆସିବା ଖର୍ଚ୍ଚଟା ?

ପରେଶଭାଇ କହିଲେ—ଟଙ୍କା ଯାହା କିଛି ମୋ ପାଖରେ ଅଛି । ବୋଉ ତା' ହାତ ପାଣ୍ଠିରୁ କିଛି କଣ ବାହାର କରିବ ନାହିଁ ?

ମାଉସୀ କହିଲେ—ଗୁଲ ସମସ୍ତେ । ସମସ୍ତଙ୍କର ଖର୍ଚ୍ଚ ମୁଁ ତୁଲାଇବି ।

ତା'ପର ପରେଶଭାଇଙ୍କ ପାଇଁ ଭାତ ବଢ଼ା ହେଲା । ମାଉସୀ ପରେଶଭାଇଙ୍କି ଆପଣା ହାତରେ ଖୁଆଇ ଦେଲେ ।

ଆନନ୍ଦରେ ଲୁହ ଗଡ଼ିକରି ଆସୁଥିଲା ସବୁରି ଆଖିରେ । ଦୁଆର ଅଟାରେ ଶୁଭ କାଉଟିଏ ବସି କା' କା' କରୁଥିଲା । ମନେ କଲି, ବାପା, ମଉସା ଦେହେଁ ଆସି ପହଞ୍ଚିବେ କି କ'ଣ ।

ସଂସାର ମାୟାମମତା କାହାକୁ କାହାଠୁଁ ଅଲଗା କରି ପାରୁ ନାହିଁ । କ୍ଷଣିକ ବିରହ ବୁକୁତଳେ ବେଦନାର ତୁମୂଳ ଝଙ୍କା ବୁହାଇ ଦେଉଛି । ହତାଶାର ମର୍ମଫଟା ଦୀର୍ଘଶ୍ୱାସ ଆଜି ସବୁରି ଛାତିତଳୁ ଘନ ଘନ ଉଠୁଛି ।

ମନତଳେ ଗଢ଼ି ଯାଉଥିଲା ମୋର ସେହି ଗୋଟିଏ ଚିନ୍ତାଧାରା । ପରେଶଭାଇ ବିଲାତ ଯିବେ । ଏଣିକି ମୋତେ ସେ ଦୂର ପ୍ରବାସୀ ପରି ଲାଗିବେ । ଆଖି ତଳେ ତଳେ ଲୁହ ଉକୁଟି ଉଠୁଥିଲା, ମୁହଁରୁ ମୋର ଆଉ ଭାଷା ସ୍ଫୁରୁ ନ ଥିଲା । ପେଟକୁ ମୋର ଆଉ ଦାନା ଗଲା ନାହିଁ ସେଦିନ ।

ସେହିଦିନ ନିଶୂନ ଗମ୍ଭୀର ରାତି । ଆକାଶ ମଥାରେ ରୂପା ଟିକିଲି ପରି ଜହ୍ନ ଉଇଁଛି । ଗୃହଆଡ଼ ନୀରବ, ନିସ୍ତବ୍ଧ ।

ରାତିରେ ଜମା ମୋତେ ନିଦ ପଡୁନାହିଁ, ମନ ମୋର ଚଞ୍ଚଳ ହୋଇ ଉଠୁଛି । ଏ ଘର ଗୋଟାକରେ ସମସ୍ତଙ୍କୁ ଗହମ ନିଦ ଘାରି ଗଲାଣି ।

ଦୁଆର ଅଟଣାରେ ଅଧରାତିରେ ଯାଇଁ ଠିଆହେଲି ମାତ୍ରେ । ମନ ଗହନରେ ତଳେ ମୋର ଧୀରେ ଧୀରେ ଉଇଁ ଆସୁଥିଲା ପରେଶ ଭାଇଙ୍କର ସେହି ସରାଗ ସ୍ମୃତି ।

ଘଡ଼ିକ ପରେ ପରେଶ ଭାଇ ଉଠି ଆସିଲେ ବାହାରକୁ । ମତେ ଅନାଇ ବଡ଼ ଧୀର ଗଳାରେ କହିଲେ—କିଏ ?

ଠିଆ ହୋଇ ତଳକୁ ମୁହଁ ପୋତି କହିଲି—ମୀଳ ।

ଅଧରାତିରେ ଡରଭୟରେ ଦେହ ମୋର ଶୀତେଇ ଉଠୁଥାଏ । ତା'ପର ସେ ଜନ ଜନ ହୋଇ ଧୀରେ ଧୀରେ ମୋ ପାଖକୁ ଆସି ମୋ ହାତଟିକୁ ଧରି ନେଲେ । ସହସା ଦେହରେ ମୋର ଯେମିତି ବିଜୁଳି ଖେଳିଗଲା । ଭୟରେ ଛାତି ମୋର ଦମ୍ ଦମ୍ ପଡୁଥାଏ ।

ତା'ପରେ ଧରେଇଁ ଯାଇ ତାଙ୍କ ବିଛଣାରେ ବସିଲୁ । ଜୋଛନା ଆଲୁଅ ଝଲକାଏ ବାଙ୍କି ହୋଇ ପଡ଼ୁଥାଏ ଆମ ଦୁହିଙ୍କ ମୁହଁ ଉପରକୁ ।

ନୀରବତାରେ ଆଖିରୁ ମୋର ଲୁହଧାର ଗଡୁଥାଏ । ତାଙ୍କ କୋଳରେ ମୁଁ ଶୋଇ ଚାହିଁ ରହିଥାଏ ତାଙ୍କର ପ୍ରେମ-ତୃଷିତ ନୟନ ଯୁଗଳକୁ । ତା'ପରେ ତାଙ୍କର ଗାଢ଼ ବାହୁ-ପାଶ ମଧ୍ୟରେ ବନ୍ଦିନୀ ହୋଇ ମୁଁ ଜୀବନର ସୁନାର ସ୍ୱପ୍ନ ଦେଖୁଥିଲି ।

ଗମ୍ଭୀର ରାତିର ଝିଙ୍କାରୀ ଧ୍ୱନି ମୁଖରିତ କରୁଥିଲା ନିର୍ଜନ କୋଠରୀଟିକୁ । ଦୁର୍ବଳ ହୋଇ ଉଠୁଥିଲା ମୋର ସବୁ ଅଙ୍ଗ ଲତାଟି ।

ତା'ପରେ ମିଠେ ସେ ବୁଝାଇଲେ-ନୀଳ, ମୋ ପୂର୍ବ ଅପରାଧ ପାଇଁ ତୋଠୁଁ ମୁଁ କ୍ଷମା ମାଗି ନେଉଛି ।

ଆନନ୍ଦ ଅଶ୍ରୁସିକ୍ତ ଆଖିବାଲ ଗୁଡ଼ିକ ମୋର ଗୋଟି ଗୋଟି ହୋଇ ଯାଉଥିଲା । ମନ ଧ୍ୟାନ ଦେଇ ତାଙ୍କ ଆଦରବୋଳା କଥା କେଇପଦ ଶୁଣୁଥିଲି ।

ତାଙ୍କର ଓଠ ଟିକୁ ଧରି ପକାଇ କରୁଣ କଣ୍ଠରେ ପଚାରିଲି—କେବେ ବିଲାତରୁ ଫେରିବ ?

ପରେଶ ଭାଇ ମୋ ଲୁହ ପୋଛିଲେ । କହିଲେ—ବ୍ୟସ୍ତ ହୋନା ନୀଳ । ଅନଉଁ ଅନଉଁ ବର୍ଷ ଦୁଇଟା କୁଆଡ଼େ ପାଣି ପରି ବୋହିଯିବ । ଯେତେଦୂର ମୁଁ କାର୍ତ୍ତିକ ନଟେଡ଼ା ବେଳକୁ ତମମାନଙ୍କ ପାଖକୁ ସୁରୁଖୁରୁରେ ଫେରି ଅସିବ ।

ପଚାରିଲି—ସତେ ଆଉ ମତେ ଭୁଲିବ ନାହିଁ ? ମୋ ଦେହ ଛୁଇଁଲ ?

ପରେଶ ଭାଇ ମୋ ଓଠଟିକୁ ଧରି ଚୁମ୍ବନ ଦେଲେ । କହିଲେ—ଖସଡ଼ା ପଥରୁ ମୁଁ ଉଦ୍ଧାର ହୋଇ ଆସିଛି, ମୋର ଜୀବନ-ନାୟିକା ମୁଁ ବାଛିନେଇ ସାରିଲିଣି । ଏଥିପାଇଁ ଯଦି ପୁଣି ସମାଜରେ ବିପ୍ଳବ ହୁଏ, ତା'ହେଲେ ନିଶ୍ଚୟ ମୁଁ ତାର ସମ୍ମୁଖୀନ ହେବି । ନିଶ୍ଚୟ ତତେ ମୁଁ ଜୀବନରେ ମୋର ଅର୍ଦ୍ଧାଙ୍ଗିନୀ ରୂପେ ଗ୍ରହଣ କରିବି । ଏହା ମୋର ଧ୍ରୁବ ସତ୍ୟ ।

ବସି ବସି କହିଲି—ମୁଁ ଶୁଣିଛି, ବିଲାତର ମେମମାନେ କୁଆଡ଼େ ଭାରତୀୟମାନଙ୍କ ପ୍ରତି ଆକୃଷ୍ଟ । ଚପ୍, କଟ୍ଲେଟ୍, ଗୁଡ଼ ତାଙ୍କ ସାଥିରେ ଏକା ଟେବୁଲ୍‌ରେ ଖାଇ, ଡ୍ୟାନ୍ସିଙ୍ଗ୍ ହଲରେ ତାଙ୍କ ସହିତ ଫୂର୍ତ୍ତି ମଉଜ କରି ଆଉ କାହାରି ପ୍ରେମରେ ପଡ଼ିବ ନାହିଁ ତ ?

ପରେଶ ଭାଇ ମୋ କଥା ଶୁଣି ହସିଲେ, କହିଲେ—ନୀଳ, ପରେଶ ଆଜ ସେ ପୂର୍ବ ପରେଶ ହୋଇ ନାହିଁ । ତୋ ଚେଷ୍ଟାରୁ ଆଜ ସେ ପ୍ରକୃତ ପରଶମଣି ହୋଇ ପାରିଲାଣି । ତୁ ଭଗବାନଙ୍କୁ ପ୍ରାର୍ଥନା କର, ସେ ଖାଲି କୁଶଳରେ କେମିତି ବିଲାତରୁ ଫେରି ଆସୁ ।

ତାଙ୍କ ମୁହଁ ଖୋଲି କହିଲି—ତମପାଇଁ ଭଗବାନଙ୍କୁ ସୁମରଣା କରିବି ନାହିଁ ତ ଆଉ ମୁଁ କାହାପାଇଁ ସୁମରଣା କରିବି । ଏ ଜୀବନର ଦେବତା ତୁମେ । ବିଲାତ ଯାଉଛ, ହୁସିଆର ହୋଇ ରହିବ, ଦେହ ମୁଣ୍ଡର ଯତ୍ନ ନେବ ଭଲ କରି ।

ଧୀରେ ଧୀରେ ସେ ମୋର ବେଣୀଟିକୁ ସାଉଁଳୁ ଥାନ୍ତି ।

ମନ ଭିତରେ ମୋର ଚହଟି ଆସୁଥାଏ ଆସନ୍ତା ଭବିଷ୍ୟତର ପୁନେଇଁ ରାତିର ଧୋବ ଫର ଫର ଜୋଛନା ଆଲୁଅ । କାର୍ତ୍ତିକ ପୁନେଇଁର ଶୁଭ-ଆଗମନୀ ଉଷା ଗୋଧୂଳି ।

ଆଜି ମୁଁ ତାଙ୍କ ସହିତ ବମ୍ବେ ଯାଇ ଯାହାଜ ଚଢ଼େଇ ଦେଇ ଆସିବି, କିନ୍ତୁ ଆସିଲା ବେଳକୁ ହୁଏତ ମୁଁ ଯାଇଁ ମୋର ସେହି ସୁଦୂର ପାହାଡ଼ୀ ପଲ୍ଲୀଗାରେ କୋଉ ଅନ୍ଧାରୁଆ କୁଟୀର ତଳେ ଆଶ୍ରୟ ନେଇଥିବି ।

ସେଦିନ ଯେବେ କାର୍ତ୍ତିକ ପୁନେଇଁ ପଡ଼ୁଥିବ, ମୁଁ ଘୃତ ପ୍ରଦୀପ୍ତ ବୋଇତ ମାଳିନୀ ଚନ୍ଦ୍ରଭାଗା ଜଳ ସୁଅରେ ଭସାଉଥିବି କଦଳୀ ପଟୁଆର ଛୁଆଁ ବୋଇତ । ଘିଅ ଦୀପ ମୋର ଅଗ୍ନିଶିଖା ତୋଳି ଧୀରେ ଧୀରେ ତା' ଦେହରେ ଭାସି ଯାଉଥିବ ଲହରୀ ଧାରେ ଧାରେ ଦୂର ଦିଗ୍‌ବଳୟ ତଳେ ଆକାଶ ଚୁମ୍ବୀ ପର୍ବତ ମାଳା ନୀଳ ଲହରୀ ପରି ଦିଶୁଥିବ ଆକାଶ ମଝିରେ । ଦୀପ ଜାଳି ଦେଇ ବନ୍ଦାପନା କରୁଥିବି ବିଲାତ ଫେରନ୍ତା ପରେଶ ଭାଇଙ୍କି । ମୁଁ ସେହି ଓଡ଼ିଆ ସାଧବ ଘରର ଝିଅ ।

ଏତେ ପରି ଧନରତ୍ନ ବୋଇତରେ ନଦୀ ଯାଭା, ସୁମାତ୍ରା, ବାଲି ଦ୍ୱୀପରୁ ପତ୍ର ତାର ଫେରି ଆସିଲା ବେଳେ ସାଧବ ବୋହୂ ହସି ହସି ତୋଳି ଦେଉଥିଲା ଆଗେ ପୂଜାଅର୍ଘ୍ୟ । ଆଜି ଓଡ଼ିଆ ସାଧବ କଲିକତା କଲ କାରଖାନାରେ, ଆସାମ ଚା ବଗିଚାରେ କୁଲି ପାଲଟିଛି । କିନ୍ତୁ ବଞ୍ଚି ରହିଛି ସାଧବାଣୀର ସେହି ବୋଇତ ସ୍ମୃତି ଯୁଗ ଯୁଗ ପାଇଁ ।

ମୁଁ ଓଡ଼ିଆ ସାଧବ ଘରର ଝିଅ । ବୋହୂ ହେବା ପାଇଁ ମନରେ ପ୍ରବଳ ବାସନା ଜାଗେ ଗୁପ୍ତକାମୀ ପରି ଗୁହାଁ ରହିଛି । ପୂର୍ବେ ସାଧବ ମାନେ ଧନରତ୍ନ, ଟଙ୍କା ପଇସା ବୋଇତରେ ବୋହି ଆଣୁଥିଲେ, କିନ୍ତୁ ଏବେରଣ ଭାଇ ମୋର ବିଲାତରୁ ବିଦ୍ୟା ଧନ ବୋହି ଆଣିବେ । ଏଇ କାର୍ତ୍ତିକ ମାସରେ ଦାଣ୍ଡରେ ଆମର ଆକାଶ-ଦୀପ ମୁକ୍ତସାକ୍ଷୀ ରୂପେ ଛିଡ଼ା ହୋଇଥିବ । ମୁଁ ଶତେକପୂଜାରେ ଗାଲୁକା ପୂଜା ଭସାଉଥିବି ତାଙ୍କର ପାଇଁ ବୋଇତ ।

ଆଜିର ଏ ନିର୍ଜନ ରାତିଟି ପରି ବିବାହ ପରେ ବିତି ଯିବ ଆମର ଅଗଣିତ ମଧୁମୟ ଯାମିନୀ । ଏମିତି ଆକାଶରେ ଦେଖୁଥିବି ଭରା ଚନ୍ଦ୍ର ଲୁଚିପଳା ରାତି—ମନରେ ଏମିତି ପରଶ ଦେଉଥିବ ଶୀତଳ ଶିହରଣ ।

ମୋ ହୋଲମାଳ ଦୁନିଆ ଲୋକଙ୍କ ଦେଖି କେତେ କଏ ଖୁସି ହେଉଥିବେ । କେତେକଙ୍କର ବା ଦେହ ସହିବ ନାହିଁ, ନାକ ଟେକିବେ ।

ରାତି ଖୁବ୍ ଗମ୍ଭୀର ହେଲାଣି । ଅନାଇଲି, ଗୃହର ଦୋକାଠା ଦୁଆରକୁ ଉଠିଛି ।

ଇଚ୍ଛା ନ ଥିଲା ତାଙ୍କ ପାଖରୁ ଅନ୍ତର ହେବାପାଇଁ—କିନ୍ତୁ କାଣ୍ଡିବଂଶର ବାଧ୍ୟବାଧକତାରେ ଉଠି ଆସିଲି ବିଛଣାରୁ ।

ମାୟା ତାଙ୍କର ଛାଡ଼ି ନ ଥିଲା ମୋତେ, ତାଙ୍କ ଆକୁଳ ଆଖି ଦୁଇଟି ଅଶ୍ରୁ ଛଳ ଛଳ ହୋଇ ଯାଉଥିଲା । ବାଷ୍ପ ଗଦଗଦ କଣ୍ଠରେ ଡାକିଲା ନାଁ ଧରି । ଘଡ଼ିଏ ପର୍ଯ୍ୟନ୍ତ ଦେହ ସାଥିରେ ଦେହ ଯାଇ ପଡ଼ିଗଲା ।

ସେ ମୋ ଡ଼ାହାଣ ହାତ ପାପୁଲିଟିକୁ ସଧୀରେ ଆଉଁସୁ ଥିଲେ ।

ଧୀର ପଦକ୍ଷେପରେ ଚାଲି ଆସୁ ଆସୁ ପୁଣି ତାଙ୍କ ଓଠଟିକୁ ଧରି ପକାଇ କହିଲି—ଯାଉଛୁ ' ଏ ଜୀବନଟା ଜାଣି ତମରି ସାଥିରେ ଗଲା । ଖାଲି ମାଟି ପିଣ୍ଡଟା ଯାହା ପଡ଼ି ରହିଲା ଏଇଠି ।

ରାତି ପାହାନ୍ତା ହୋଇ ଆସୁଛି । ଛୁଆଁ ମୁଁ ବହୁତ ହେଇ ପଡ଼ିଲି ।

ପାହାନ୍ତା ପହରର ଫିକା ଆଲୁଅ ଦୂରରେ ଝାପ୍‌ସା ଦିଶିଲାଣି । ରାସ୍ତା ଉପରେ ବଗୀ ଗାଡ଼ିଟା ଚାଲି ଯାଉଛି, ଘୋଡ଼ା ଟାପୁ ଘଣ୍ଟାର କମ୍ପାଇ ଦେଉଛି । ବାହାରେ କାହାର ନିଦ ଭାଙ୍ଗି ଗଲାଣି, କାଶ ଶୁଭୁଛି । ରାତି ପାହାନ୍ତାରେ ଗଳାର ସ୍ୱର ତାର ଶୁଭୁଛି ଏ ଖଞ୍ଜା ମହଲ ।

ଅଶ୍ରୁ ଛଳ ଛଳ ଆଖିରେ ତାଙ୍କୁ ବିଦାୟ ଦେଇ ଝରକା ଦୁଆରକୁ ମୁଁ ଚାଲିଆସିଲି ।

ତା'ପର ।

ଧୀରେ ଧୀରେ ଯାଇଁ ସୁନା ଟିଲାଟି ପରି ଉର୍ମୀ ପାଖରେ ଯାଇଁ ଶୋଇ ପଡ଼ିଲି । ସେ କିଛୁ ଜାଣି ପାରି ନାହିଁ କିଛି ।

କିମେ ରାତି ପାହିଲା । ଦର୍ବଲପୂ ତଳେ ସନ୍ଧ୍ୟା ଫାଟିଲା ।

ତା'ପର··· ?

\+ \+ \+

ବମ୍ବେ ସହର ଖୁବ୍ ଜନାକୀର୍ଣ୍ଣ; ନଉଷ୍ଟୁମୀ ସୁରମ୍ୟ ପ୍ରାସାଦମାଳା ଗୃହଆଡ଼େ ଇନ୍ଦ୍ରଭୁବନ ପରି ଦିଶୁଛି । ପରେଶ ଭାଇଙ୍କ ସହିତ ସଭିଏଁ ଆସି ବମ୍ବେରେ ପହଞ୍ଚୁଛୁ ।

ଆଦ୍ୟ ଆଷାଢ଼ର ପହିଲ ଝର ପିଟିଛି, ଆଗରେ ସୁବିସ୍ତୀର୍ଣ୍ଣ ଆରବ ସାଗର । ମୁକୁଳା ସାଗରର ଅନନ୍ତ ନୀଳିମା ଆଡେ ଦୃଷ୍ଟି ବୁଲାଇଲି । ଚାରିଆଡ଼େ ଫେନିଳ ଲହରୀମାଳା ବହୁ ଉଚ୍ଚରୁ ଉଠି ବେଳାଭୂମିରେ ଲମ୍ଫ ଦେଉଥିଲା । ଦିବସର ଶେଷ ଅସ୍ତୋନ୍ମୁଖ ସୂର୍ଯ୍ୟର ବିଭାସ ଝରି ପଡ଼ୁଥିଲା ସାଗର କୋଳରେ ।

ସମ୍ମୁଖରେ ବମ୍ବେ ବନ୍ଦର । ଦୂରରେ ଜାହାଜ ନଙ୍ଗର ପକାଇଛି । ପରେଶ ଭାଇ ଜାହାଜରେ ବିଲାତ ଯାତ୍ରା କରିବେ ।

କ୍ରମେ ବର୍ଷା ବନ୍ଦ ହେଲା ।

ଆମେ ସବୁ ବେଳାଭୂମିରେ ବୁଲାଚଲା କରୁଥାଉ । ବାପା ମଉସାଙ୍କୁ କହିଲେ—ଈଶ୍ୱର ତାକୁ ଖୁବ୍ ଆନନ୍ଦରେ ବିଲାତରୁ ଫେରାଇ ଆଣନ୍ତୁ, ତା ପର··· ।

ମଉସା ବାପାଙ୍କ ତୁଣ୍ଡରୁ କଥା ନ ସରୁଣୁ କହିଲେ—ଆପଣ କିଛି ମନେ କରନ୍ତୁ ନାହିଁ, ନୀଳକୁ ମୁଁ ବୋହୂ ରୂପେ କେବେଠୁଁ ମନୋନୀତ କରିସାରିଛି । ପରେଶ ବିଲାତରୁ ଫେରିଲେ ମୋର ସେ ଇଚ୍ଛା ପୂରଣ ହେବ ।

ପରେଶ ଭାଇ ଯିବା’ ଭିତରେ ଡାକ୍ତର ମଇନା ହେଲେ । ତାଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ଆଶାନୁରୂପ ବୋଲି ଜଣା ହେଲା ।

ତା ପରେ ତାଙ୍କୁ ବିଲାତ ଯିବାପାଇଁ ଟିକେଟ୍ ଖଣ୍ଡିଏ ମିଳିଲା । ଆମେ ସମସ୍ତେ ଏକ ଲକ୍ଷ୍ୟରେ ସେଠି ଛିଡ଼ା ହେଇ ସବୁ ଦେଖୁଥାଉ ।

ବାପା, ମଉସା, ମାଉସୀ ତାଙ୍କୁ ସମସ୍ତେ ଆଶୀର୍ବାଦ କଲେ । ସେ ସେମାନଙ୍କୁ ନମସ୍କାର କଲେ । ମାଉସୀ ଜାହାଜ ପାଖରେ ଭୋ, ଭୋ, ହୋଇ ରଡ଼ି ଛାଡ଼ିଲେ ।

ତା' ପରେ ଉମା, ମୁ ଦହେଁ ତାଙ୍କୁ ନମସ୍କାର ହେଲୁ । ଲୁହ ଛଳ ଛଳ ଆଖିରେ ମୁଁ ତଳକୁ ମୁହଁ ପୋତି ଛିଡ଼ା ହେଲି ।

ପରେଶ ଭାଇ କ'ଣ ମନକୁ ପାଞ୍ଚି କହିଲେ—ବାପା, ଉମା ବାହାଘର ବ୍ରହ୍ମାନନ୍ଦ ସାଥୀରେ ହେବ, ତା'ର ସେଥିରେ ସମ୍ମତି ଅଛି । ଆପଣ ତା ପାଖକୁ ଚିଠି ଲେଖିଦେ । ମୁଁ ବିଲାତରୁ ତା ପାଖକୁ ଲେଖିବି । ଗଲାବେଳେ ତା' ସହିତ ମୋର ଦେଖା ହୋଇ ପାରିଲା ନାହିଁ ।

ଦୂରରେ ସମୁଦ୍ରର ଭୀଷଣ ଗର୍ଜନ ଶୁଭୁଥାଏ ।

ତା ପରେ ପରେଶ ଭାଇ ମାଉସୀଙ୍କୁ କହିଲେ—ବୋଉ, କାନ୍ଦବୁ ନାହିଁ, ଚିଠି ଦେଉଥିବୁ । ବର୍ଷେ ଦୁଇଟା କୁଆଡ଼େ ପାଣି ପରି ବହିଯିବ ।

ମାଉସୀ କିଛି ନ କହି ସୁଁ ସୁଁ ହୋଇ କାନ୍ଦୁଥାନ୍ତି ।

ତା ପରେ ପରେଶ ଭାଇଙ୍କର ବାପାଙ୍କ ଆଡ଼େ ଆଖି ପଡ଼ିଲା । କହିଲେ—ଏଥର ବୋଧହୁଏ ନୀଳକୁ ଆପଣ ସାଙ୍ଗରେ ନେଇଯିବେ । ମଝିରେ ମଝିରେ ଆମ ଘରକୁ ତାକୁ ପଠାଉଥିବେ । ନହେଲେ ବୋଉ ମନ ଭାରି ଦୁଃଖ ହେବ । ମୁ ମାଉସୀ ପାଖକୁ ପରେ ଚିଠି ଦେବି ।

ବାପା ତାଙ୍କୁ ଆଶୀର୍ବାଦ କଲେ ।

ପରେଶ ଭାଇ ତା'ପରେ ଉମାକୁ ଅନାଇଲେ—ତା' ହାତରେ ଟଙ୍କା ତିରିଶିଟି ଧରାଇ କହିଲେ—ଛି, କାନ୍ଦୁଛୁ ? ମୋ ସୁନାଭଉଣୀଟା ପରା ! ଚିଠି ଆଠ ଦିନେ ପଠଉଥିବୁ, ମୁଁ ଅଳ୍ପଦିନେ ଫେରି ଆସିବି ଯେ—

ଉମା ପିଲାଙ୍କ ପରି କାହିଁ କାହିଁ ହୋଇ କାନ୍ଦି ଉଠିଲା ।

ସବା ଶେଷକୁ ତାଙ୍କର ଦୃଷ୍ଟି ପଡ଼ିଲା ମୋ ଆଡ଼େ । ମୋର ଧୈର୍ଯ୍ୟ ନ ଥିଲା ଆଦୌ । ମୁହଁରେ ରୁମାଲ୍‌ଟିକୁ ଦେଇ କାହିଁ କାହିଁ ହୋଇ ମୁଁ ଛୋଟ ପିଲାଙ୍କ ପରି କାନ୍ଦି ଉଠୁଥାଏ ।

ସେ ମୋ ପାଖକୁ ଧୀର ପଦକ୍ଷେପରେ ଆସି ମତେ ଆଶ୍ୱାସନା ଦେଲେ । ହାତରେ ମୋର ସେହି ଟଙ୍କା କେଇଟି ଧରାଇ ଧରାଇ କହିଲେ—ଗାଁକୁ ଗଲେ ମୋ ଚିଠି ପାଇବୁ । ଚିଠି ଦେବୁଟି, ନୀଳ ?

ସହାନୁଭୂତିରେ ମୁଣ୍ଡ ମୋର ତଳକୁ ନଇଁ ଆସିଲା । ଟଙ୍କା ତାଙ୍କୁ ଫେରାଇ ଦେଉଥିଲି କିନ୍ତୁ ସେ ମୋ ଠୁଁ ନେଲେ ନାହିଁ ।

କହିଲି—ନିଅ, ବାଟରେ ଟଙ୍କା ତମର ଅଭାବ ହେବ !

ସେ ଜମା ନେଲେ ନାହିଁ ।

ସେ ସମସ୍ତଙ୍କ ଠୁଁ ବିଦାୟ ନେଇ ଯାଇଁ ଜାହାଜରେ ବସିଲେ । ଅନାଇଲି ତାଙ୍କ ଗୋରା ତକ ତକ ମୁହଁଟିକୁ, ମତେ ଅନାଇଁ ସେ ଗୋପନରେ ଅଶ୍ରୁ ଢାଳୁଛନ୍ତି ।

ତା' ପରେ ଜାହାଜ ବନ୍ଦର ଛାଡ଼ିଲା ।

ବେଳାଭୂମିରେ ଠିଆ ହୋଇ ମୁଁ ଜାହାଜ ଭିତରେ ତାଙ୍କର ସ୍ନିଗ୍ଧ ରୂପକାନ୍ତିଟିକୁ ନିରେଖି ଦେଖୁଥାଏ । ଆରବସାଗରର ଫେନିଳ ତରଙ୍ଗମାଳା ମଧ୍ୟରେ ଜାହାଜ ଦୂରକୁ ଭାସି ଭାସି ଚାଲିଛି, ତା'ର ଭିତରେ ଲୁଚି ଯାଉଛନ୍ତି ମୋ ଜୀବନ-ଆକାଶର ଲକ୍ଷ୍ୟ ଧ୍ରୁବ ତାରା । ସବୁ କୁଆଡ଼େ ଲୁଚି ଗଲାଣି, ଲୁଚି ଗଲାଣି ଜାହାଜ, ଲୁଚି ଗଲାଣି ପରେଶ ଭାଇଙ୍କର ମଧୁଭରା ବାଙ୍କ ଚାହାଣି । କେତେ ଦୂରେ, କେତେ ଦୂରରେ ଯାଇଁ ସେ ରହିଲେଣି, ଆଉ କ'ଣ ସତେ ମୁଁ ତାଙ୍କର କମନୀୟ ମୁଖଶ୍ରୀ ଥରେ ଦେଖି ପାରିବି ନାହିଁ । ମୁଁ ଆଜି ଏ ରୁକ୍ଷ ଜୀବନ ମରୁ ବେଳାଭୂମିରେ କାହିଁକି ଏତେବେ ଛିଡ଼ା ହୋଇ ରହିଛି ? ଅଥଳ ଜଳରାଶି ଭିତରେ କୁଆଡ଼େ ହଜି ଗଲେଣି ମୋର ପରେଶ ଭାଇ ।

ଏଇଠୁ ମୁଁ ଫେରିଯିବି ମୋର ଜନ୍ମଭୂମି ସୁଦୂର ଓଡ଼ିଶାକୁ । ଦୂର ପାହାଡ଼ ସଫସଲ ଗାଁର ସେହି ନଡ଼ାଛଣିଆ କୁଟୀର ତଳେ ବସି ଦୀର୍ଘ ଦୁଇବରଷ କାଳ ତାଙ୍କ ରୂପ-ସ୍ମୃତିର ଭଜନ କରୁଥିବି ।

ହୃଦୟ ତଳର ଅବୁଝା କୋହ ମତେ ବେଳୁବେଳ ଉନ୍ମାଦ କରୁଛି ? ଏ ଦୁନିଆଁ ମତେ ଫାମ୍ପା, କୁହେଳିକାମୟ ଦିଶୁଛି । ଦୁନିଆରେ ମତେ ଆଉ ଶାନ୍ତି କିଛି ଲାଗୁ ନାହିଁ ।

କେବେ ସେ ଦିନ ଆସିବ ! ପରେଶ ଭାଇଙ୍କ ସହିତ ମୋର ସୁନାର ସଂସାର ଗଢା ହେବ । ନୂଆ ଦୁନିଆର ନୂଆ ଆଶା-ଆଲୁଅରେ ହସି ଉଠିବ ଆମ ବିକଶିତ ଭରା ଯୌବନ । ରଙ୍ଗିନ୍ ସ୍ୱପ୍ନର ମହୁଆ ନିଶାରେ ଦୁହେଁ ଆତ୍ମହରା ହୋଇ ଟଳ ଟଳ ବୁକୁ ଭିତରେ ଆନନ୍ଦର ନିର୍ଝରିଣୀ ଫିଟାଇବୁ । ହସି ଉଠିବ ଆମ ସରସ ଦୁନିଆ, ପୁଲକିତ ହେବ ଯୁଗଳ ଜୀବନ ।

ବିଂଶ ଶତାବ୍ଦୀର ନବଯୁଗ-ଅରୁଣ ଆଲୋକରେ ସଂସ୍କୃତି ଆମର ହସି ଉଠିବ । ପାରମ୍ପରିକ ପୁରୁଣା ପ୍ରଥା ସବୁ ବଦଳି ଯିବ । ନବ-ପ୍ରେମରେ ବିଭୋର୍ ହୋଇ ସମାଜ ବନ୍ଧନରୁ ମୁକ୍ତ ହୋଇ ଦୁହେଁ ବିହଙ୍ଗ ବିହଙ୍ଗିନୀ ପରି ସ୍ୱାଧୀନ ବସା ରଚନା କରି ରହିବୁ ।

ଜୀବନ ହେବ ସରସ ମୟ ।

ରଙ୍ଗିନ୍ ସ୍ୱପ୍ନ ସଫଳ ହେବ ।

କେବେ ଫେରିବ, ପ୍ରିୟ ! ଅଶ୍ରୁ ଛଳ ଛଳ ଆଖି ନେଇ ଆଜି ମୁଁ ଏଠୁଁ ସୁଦୂର ପଲ୍ଲୀ ଗାଁକୁ ଫେରି ଯାଉଛି । ଜୀବନର ଅଶେଷ ଝଡ଼ ଝଞ୍ଜା ଭିତରେ ନିନ୍ଦା ଅପମାନ ଭିତରେ ତୁମରି ମଧୁମୟ ନାଁ ଟିକୁ ମୁଁ ଏଣିକି ଅହରହ ଜପାମାଳି କରୁଥିବି । ବାପା, ମଉସା, ମାଉସୀ, ଉମା ଆମେ ସମସ୍ତେ ଫେରୁଛୁ ଏଇଠୁ । ହୃଦୟର ଭଗ୍ନ-ବୀଣା ତାର ମୋର ଛିନ୍ନ କରି ଯାଉଛି । ମୁଁ ଫେରି ଯାଉଛି ଏଇଠୁ । ତମେ ନିଭିଗଲଣି ମୋ ଆଖି ଓଢ଼ାଳରୁ, ଆଉ ମୁଁ ଚାହିଁ ପାରୁ ନାହିଁ ଆରବ ସାଗରର ନୀଳଭରା ଜଳ ରାଶିକୁ ।

ହୃଦୟ ମୋର ଶତଧାରା ହୋଇ ଯାଉଛି, ଆଉ କି ମୁଁ ସତେ ଏଠୁ ଫେରି ଯାଇ ପାରିବ ନାହିଁ… !

ଜୀବନଟାକୁ ଛଡ଼ାଇ ନେଇଗଲା ସାଙ୍ଗରେ, ଖାଲି ଜଡ଼ ପିଣ୍ଡଟା ରହିଗଲା ପଛରେ ।

ଏ ଜୀବନରେ ଅଉ ମୁଁ ଆଶା ରଖି ନାହିଁ । ତଥାପି ତମ ଆସିବା ପର୍ଯ୍ୟନ୍ତ ବୃତକାମୀ ପରି ଗୁହାଁ ରହିଥିବ ଘନ ଗଛ ମଳ ବଣୁଆ ପଲ୍ଲୀ ଗାଁ ଧାରେ । ସେଇଠି ନିତ ସୂର୍ଯ୍ୟ ଉଇଁବ, ଚନ୍ଦ୍ର ଉଇଁବ, ତାରା ଦଳ ଦଳ ଫୁଟି ଉଠିବ ଗୋଟି ଗୋଟି ହୋଇ । ସ୍ୱପ୍ନର କୁହେଳି ଭିତରେ ତମର ଛବି ନିତି ନିତି ମୋ ମନ ଗହନ ତଳେ ରୂପାୟିତ ହେଉଥିବ । ଏ ଅଶ୍ରୁଳ ଆଖିରେ ମୁଁ ଦେଖି ଦେଖି ଆନନ୍ଦ ଅନୁଭବ କରୁଥିବି ।

ସତେ ଫେରିବ ପରେଶ ଭାଇ ?

ରୂପ-ଦୀପାଳି ଜାଳି ଯୁଗ ଯୁଗ ପାଇଁ ତମରି ଆଶା-ପଥ ମୁଁ ଚାହିଁ ରହିବି । ତମରି ପ୍ରୀତି କଥା ଶୁଣି ଏ କଣ୍ଠ ମୋର ପବିତ୍ର ହେବ ! ସତେ ମୋର ବିଦାୟ ବେଳେ ତମରି ମୁରଲୀ ଧ୍ୱନି ଶୁଣି ଏ ଅଠେଢ଼ଇ ଧନିଆ ମଣିଷ ଜୀବନ ମୋର ସାର୍ଥକ ହେବ !

ଆରବ ସାଗରର ବେଳା ଭୂମିରୁ ବିଦାୟ ନେଇ ଫେରି ଆସିଲି ମୋର ଜନ୍ମ ଭୂମିକୁ !

\+ + + +

ତା'ପର ଏକ ସୁନେଲି ଉଷା ଗୋଧୂଳି ।

ଆମ ଘର ଦରଜା ମୁହଁରେ ବନ୍ଧ ଧରି ଛିଡ଼ା ହୋଇଥିଲି । ଲୁହ ଛଳ ଛଳ ଆଖି ତଳେ ଦିଶି ଯାଉଥିଲା ପରେଶ ଭାଇଙ୍କର ହସ ହସ ମୁହଁ । ପଣତ ଧରି ଲୁହ ପୋଛିବାକୁ ଆଉ ମୋର ହାତ ଉଠୁ ନାହିଁ ।

ଟକଟକ ସୁନେଲି ଉଷା ଆଲୋକରେ ଶୁଭ୍ର କାଉଟିଏ ଉଡ଼ି ଉଡ଼ି ଆସି ବସିଲା ଆମ ଛପର ଘରର ମଥାନ ଉପରେ ।

ଘର ଭିତରୁ ଚୂଡ଼ା ଗଣ୍ଡିଏ ଆଣି ଦୁଆର ଅଧାରେ ଥୋଇ-ଦେଇ କାଉଟିକୁ ବାରମ୍ବାର ଅନାଇ ରହିଲି ।

ପୁଲକଭରା ପ୍ରାଣରେ ଶୁଭ୍ର କାଉଟି ମତେ ଅନାଇ ମୁଣ୍ଡ ନୁଙ୍ଗାରୁ ଥିଲା ।

ଅସଂଯତ ଉତ୍ତରୀଟି ମୋର ଅଧା ମୁଣ୍ଡରୁ କେତେବେଳେ ଖସି ଆସିଲାଣି...... ।

ଶାନ୍ତ, ସ୍ନିଗ୍ଧ ବାଉଳା ସମୀରଣ ତାଳେ ତାଳେ ବହି ଆସୁଥିଲା ଦୂର ଦିଗ୍‌ବଳୟ ଭିତରୁ । ମୋ ମନ-ଗଗନର ତଳେ ତଳେ ଭସି ସୁନ୍ଦର ଉଦୟ ହୋଇଛି ଏଇ ସବୁଜ ବଣୁଆ ପଲ୍ଲୀ ଗାଁ ଧାରେ ।

—ଶେଷ